# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୯/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, August 19/2025 | Page 14 | ₹ 7.00

୫୧ଶ ଭାଗ ୨୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 264 | ମୂଲ୍ୟ ₹୭/-




## ଈଶ୍ୱରନ ପୂର୍ବାଞ୍ଚଳ ଅଧିନାୟକ

ବେଙ୍ଗଲର ଟପ୍ ଅର୍ଡର ବ୍ୟାଟର ଅଭିମନ୍ୟୁ ଈଶ୍ୱରନଙ୍କୁ ପୂର୍ବାଞ୍ଚଳ ଦଳର ଅଧିନାୟକ ମନୋନୀତ କରାଯାଇଛି।

୧୪

୦୨

## ପୋଲିସ ଭୂମିକାରେ ଅଲି ଫଜଲ୍

ଇନ୍‌ଭେଷ୍ଟିଗେଟିଭ୍ କ୍ରାଇମ ଥ୍ରୀଲର ୱେବ୍ ସିରିଜ୍ 'ରାଖ୍'ରେ ଅଭିନେତା ଅଲି ଫଜଲ୍ ଜଣେ ପୋଲିସ ଅଧିକାରୀଙ୍କ ଭୂମିକାରେ ନଜରକୁ ଆସିବେ।





ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ଯୋଗୁ କାଲିମେଲା ବ୍ଲକ ୩୨୬ ନଂ. ଜାତୀୟ ରାଜପଥ ପୋଟେରୁ ନଦୀ ପୋଲ ଉପରେ ପାଣି ପ୍ରବାହିତ ହେଉଛି। ଉଭୟ ପାର୍ଶ୍ୱରେ ଗାଡି ଓ ଲୋକେ ଅଟକି ରହିଛନ୍ତି।

# ଯୁଦ୍ଧ ବନ୍ଦ ପାଇଁ ପୁଟିନ୍‌ଙ୍କ ସହ ହୋଇପାରେ ତ୍ରିପାକ୍ଷିକ ଆଲୋଚନା

## ଟ୍ରମ୍ପ, ଜେଲେନ୍‌ସ୍କି ଆଶାବାଦୀ

ୱାଶିଂଟନ,୧୮।୮

ୟୁକ୍ରେନ୍‌ରେ ଯୁଦ୍ଧ ବନ୍ଦ କରିବା ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ତ୍ରିପାକ୍ଷିକ ଆଲୋଚନା ଲାଗି ସୋମବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କି ଆଶାବାଦୀ ଥିବା କହିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ୟୁକ୍ରେନ୍ ଏବଂ ୟୁରୋପୀୟ ନେତାମାନଙ୍କ ସହ ଟ୍ରମ୍ପ୍ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ୟୁକ୍ରେନ୍ ପାଇଁ ୟୁରୋପୀୟ ସୁରକ୍ଷା ଗ୍ୟାରେଣ୍ଟିକୁ ଟ୍ରମ୍ପ୍ ସମର୍ଥନ କରିବେ ବୋଲି କହିଛନ୍ତି। ନାଟୋ ଭଳି ଏକ ସୁରକ୍ଷା ବଳ ଉପସ୍ଥିତ ରହିବ ବୋଲି ସେ କହିଥିବାବେଳେ ୟୁରୋପୀୟ ୟୁନିୟନ ନେତାମାନଙ୍କ ସହ ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଗତ ଶୁକ୍ରବାର ଟ୍ରମ୍ପ୍ ଆଲାସ୍କାରେ ପୁଟିନ୍‌ଙ୍କ ସହ ଆଲୋଚନା କରିବା ପରେ ଯୁଦ୍ଧ ବନ୍ଦ ନିଷ୍ପତ୍ତି ଜେଲେନ୍‌ସ୍କିଙ୍କ ଉପରେ ଛାଡ଼ିଥିଲେ। ଯଦି ସବୁକିଛି ଠିକ୍‌ଠାକ୍ ଚାଲେ ତେବେ ସମ୍ଭାବ୍ୟ ତ୍ରିପାକ୍ଷିକ ଆଲୋଚନା ହେବ। ଏଥିପାଇଁ ଆମେ ରୁଷିଆ ଓ ୟୁକ୍ରେନ୍ ସହ ଏକାଠି କାମ କରିବାକୁ ଯାଉଛୁ ବୋଲି ଟ୍ରମ୍ପ୍ କହିଛନ୍ତି। ଜେଲେନ୍‌ସ୍କି ମଧ୍ୟ ତ୍ରିପାକ୍ଷିକ ଆଲୋଚନା ପାଇଁ ପ୍ରସ୍ତୁତ ଥିବା ଜଣାଇଛନ୍ତି।



ହ୍ୱାଇଟ୍ ହାଉସ୍‌ରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

# ନାବାଳିକାଙ୍କୁ ଗଣବଳାତ୍କାର

## ଜଣେ ଗିରଫ, ଧରାପଡ଼ିଲେ ୨ ନାବାଳକ, ୨ଫେରାର

ଯୁବଗୋଷ୍ଠୀ ମଧ୍ୟରେ ବଢ଼ିଚାଲିଛି ଅପରାଧ ପ୍ରବଣତା। ବିଶେଷ କରି ଅପରାଧରେ କିଶୋରମାନଙ୍କ ସମ୍ପୃକ୍ତି ସମ୍ପ୍ରତି ଏକ ଚିନ୍ତାର କାରଣ ପାଲଟିଛି। ସମ୍ବଲପୁର ଜିଲା ଧୁଙ୍କୁଡ଼ାରେ ରବିବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ଜଣାପଡ଼ିଛି। ଏଥିରେ ମୋଟ ୫ଜଣଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨ଜଣ ନାବାଳକ। ପୋଲିସ ମୁଖ୍ୟ ଅଭିଯୁକ୍ତ ଶୀତଲେନପାଲି ଦୁନ୍ଦୁରୀପଡ଼ାର ସୁଶାନ୍ତ ମିର୍ଦ୍ଧା(୨୧)ଙ୍କୁ ଗିରଫ କରିଥିବାବେଳେ ୨ ନାବାଳକଙ୍କୁ ଧରିଛି। ଅନ୍ୟ ୨ ଅଭିଯୁକ୍ତ ଫେରାର ଥିବା ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି।

ସମ୍ବଲପୁର,୧୮।୮(ପ୍ରମୋଦ ବହିଦାର)

ଧୁଙ୍କୁଡ଼ା ଥାନା ଅନ୍ତର୍ଗତ ଶୀତଲେନପାଲି ଅଞ୍ଚଳରେ ରହୁଥିବା ପୀଡ଼ିତା ନାବାଳିକା ନବମ ଶ୍ରେଣୀରେ ପଢ଼ୁଛନ୍ତି। ରବିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ସେ ପଡ଼ା ନିକଟସ୍ଥ ନାଳକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ସେଠାରେ ଥିବା ମୁଖ୍ୟ ଅଭିଯୁକ୍ତ ମିର୍ଦ୍ଧା ଓ ଅନ୍ୟ ୪ଜଣ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ଟେକି ନେଇଥିଲେ। ଏହାପରେ ସେମାନେ ତାଙ୍କୁ ବଳାତ୍କାର କରି ସେଠାରୁ ଫେରାର ହୋଇଯାଇଥିଲେ। ନାବାଳିକା ଘରକୁ ଫେରି ପରିବାର ଲୋକଙ୍କୁ ସମସ୍ତ ବିଷୟ ଜଣାଇବା ପରେ ରାତିରେ ପୀଡ଼ିତାଙ୍କ ସହିତ ପରିବାର ଲୋକେ ଧୁଙ୍କୁଡ଼ା ଥାନାକୁ ଯାଇ ଏତଲା ଦେଇଥିଲେ। ଏତଲା ଓ ପୀଡ଼ିତାଙ୍କ ବୟାନ ଆଧାରରେ ଥାନାରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ଦଫା ୭୦(ଗଣବଳାତ୍କାର) ଏବଂ ପୋକ୍‌ସୋ ଆଇନର ଦଫା ୬(ଗୁରୁତର ଭାବେ ଯୌନ ନିର୍ଯାତନା) ରେ ଏକ ମାମଲା(ନଂ. ୧୭୪/୨୫)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତୁରନ୍ତ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଥିଲା। ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେରଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୋଲିସ ବିଳମ୍ବିତ ରାତିରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ☞ପୃଷ୍ଠା-୪

# ସେପ୍ଟେମ୍ବରରୁ ଓଡ଼ିଶାରେ ଏସ୍‌ଆଇଆର୍

**ଦୀର୍ଘ ୨୪ବର୍ଷ ପରେ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) ଆସନ୍ତା ସେପ୍ଟେମ୍ବରରୁ ଆରମ୍ଭ ହେବାକୁ ଯାଉଛି। ଏହା ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ପକ୍ଷରୁ କରାଯାଉଛି। ଏଥିଲାଗି ଘରକୁ ଘର ଯାଞ୍ଚବେଳେ ୧୧ଟି ପ୍ରମାଣପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ଦେଖାଇବାକୁ ପଡ଼ିବ। ଆବଶ୍ୟକସ୍ଥଳେ ଏହି ପ୍ରମାଣପତ୍ର ତାଲିକାରେ ଆଉ କିଛି ସଂଯୋଗ ହୋଇପାରେ। କିନ୍ତୁ ଯାଞ୍ଚବେଳେ ଆଧାର କାର୍ଡ, ଭୋଟର ପରିଚୟପତ୍ର ଏବଂ ରାଶନ କାର୍ଡକୁ ଗ୍ରହଣ କରାଯିବ ନାହିଁ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର୍.ଏସ୍. ଗୋପାଳନ ସୂଚନା ଦେଇଛନ୍ତି।**

ଭୁବନେଶ୍ୱର,୧୮।୮
(ରବିନାରାୟଣ ଜେନା)

ମତଦାନ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ନିମନ୍ତେ ନିର୍ଭୁଲ୍ ଭୋଟର ତାଲିକା ଜରୁରୀ। ତେଣୁ ଏସ୍‌ଆଇଆର୍ ମାଧ୍ୟମରେ ନକଲି ଭୋଟର ଏବଂ ମତଦାତାଙ୍କ ଏକାଧିକ ନାଁକୁ ତାଲିକାରୁ ବାଦ୍ ଦିଆଯାଇପାରିବ। ଏହାସହ ନୂଆ ଭୋଟରଙ୍କୁ ସୁବ୍ୟବସ୍ଥିତ ଭାବେ ଯୋଡ଼ାଯାଇପାରିବ। ଏହାକୁ ଦୃଷ୍ଟିରେ ରଖି ଇସିଆଇ ପକ୍ଷରୁ ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ଏସ୍‌ଆଇଆର୍ କରାଯାଇଛି। ତେବେ ବିରୋଧୀ କଂଗ୍ରେସ, ଆର୍‌ଜେଡି ସମେତ ଅନେକ ଦଳ ପକ୍ଷରୁ ନିର୍ବାଚନ କମିଶନଙ୍କ ଏଭଳି ହଠାତ୍ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଯିବା ସହ ତ୍ରୁଟିଗୁଡ଼ିକୁ ଦର୍ଶାଯାଉଛି। ନିର୍ବାଚନ କମିଶନଙ୍କ ଉପରେ ଭୋଟ୍ ଚୋରି ଭଳି ସଙ୍ଗିନ ଅଭିଯୋଗ ଆସିଛି। ଏଭଳିସ୍ଥଳେ ବିହାର ପରେ ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଏସ୍‌ଆଇଆର୍ ପାଇଁ ପ୍ରଚେଷ୍ଟା କରାଯାଉଛି, ଯାହାକି ଓଡ଼ିଶାରେ ସେପ୍ଟେମ୍ବରରୁ ଆରମ୍ଭ ହେବାକୁ ଯାଉଛି। ତେବେ ୫୦ବର୍ଷ ପୂର୍ବରୁ ଯେଭଳି ଭୋଟଗ୍ରହଣ ନୀତି ଆପଣା ଯାଉଥିଲା, ଏବେ ସେଥିରେ ବହୁ ସଂସ୍କାର ଆସିଛି। ଲୋକଙ୍କ ବିଶ୍ୱାସ ଯେଭଳି ☞ପୃଷ୍ଠା-୪

### ଯାଞ୍ଚ ପାଇଁ ଆବଶ୍ୟକ ପ୍ରମାଣପତ୍ର

- ପେନ୍‌ସନ ପ୍ରମାଣପତ୍ର କିମ୍ବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଦତ୍ତ ଚାକିରି ସମ୍ପର୍କିତ ପ୍ରମାଣପତ୍ର
- ଜୁଲାଇ ପହିଲା ୧୯୮୭ ସୁଦ୍ଧା କେନ୍ଦ୍ର ସରକାରଙ୍କ ଅଧୀନ ବ୍ୟାଙ୍କ, ପୋଷ୍ଟ ଅଫିସ୍, ଏଲ୍‌ଆଇସି କିମ୍ବା ପିଏସ୍‌ୟୁର କର୍ମଚାରୀ ପରିଚୟପତ୍ର
- ଜନ୍ମ ପ୍ରମାଣପତ୍ର
- ପାସ୍‌ପୋର୍ଟ
- ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ମାଟ୍ରିକ୍ କିମ୍ବା ଶିକ୍ଷା ସାର୍ଟିଫିକେଟ୍
- ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ସ୍ଥାୟୀ ଆବାସିକ ପ୍ରମାଣପତ୍ର
- ଜଙ୍ଗଲ ଜମି ଅଧିକାର ପ୍ରମାଣପତ୍ର
- ଜାତିଗତ ପ୍ରମାଣପତ୍ର
- ଜାତୀୟ ନାଗରିକତ୍ୱ ପ୍ରମାଣପତ୍ର (ଏନ୍‌ଆର୍‌ସି) (ଓଡ଼ିଶାରେ ହୋଇନାହିଁ)
- ରାଜ୍ୟ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ପରିବାର ପଞ୍ଜୀକରଣ
- ଜମି କିମ୍ବା ଘର ଆବଣ୍ଟନ ପ୍ରମାଣପତ୍ର

### ବାଦ୍ ପଡ଼ିଲେଣି ୧୨ ଦଳ

ଭୁବନେଶ୍ୱର,୧୮।୮
(ରବିନାରାୟଣ ଜେନା)

ରାଜ୍ୟରେ ରାଜନୈତିକ ଦଳ ବୋଲି ନାଁ ରହିଛି। ହେଲେ ବାସ୍ତବକ୍ଷେତ୍ରରେ ରାଜନୀତି ମୈଦାନରେ ଦେଖିବାକୁ ମିଳୁନାହିଁ। ଏହିଭଳି ଭାବେ ରାଜ୍ୟର ୧୨ଟି ରାଜନୈତିକ ଦଳ ଚିହ୍ନଟ ହେଲେଣି। ଆଗାମୀ ଦିନରେ ଏହି ସଂଖ୍ୟା ବଢ଼ିପାରେ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନ ସୂଚନା ଦେଇଛନ୍ତି।

ସୋମବାର ଅପରାହ୍ନରେ ସିଇଓ କାର୍ଯ୍ୟାଳୟରେ ଗଣମାଧ୍ୟମକୁ ଗୋପାଳନ କହିଛନ୍ତି, ଦେଶରେ ବହୁ ରାଜନୈତିକ ଦଳ ନିର୍ବାଚନ ନିୟମ ଉଲ୍ଲଂଘନ କରୁଥିବା ଜଣାପଡ଼ିଛି। ପିପୁଲ ଆକ୍ଟ-୧୯୫୧ର ଅନୁଚ୍ଛେଦ-୨୯ ଏ ଅନୁଯାୟୀ, ଯେଉଁ ଦଳଗୁଡ଼ିକ ୬ବର୍ଷ ଧରି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ନ ଥିବେ ସେମାନଙ୍କୁ ବାଦ୍ ଦିଆଯାଇପାରିବ। ଏହିକ୍ରମରେ ଅଗଷ୍ଟ ୯ରେ ପ୍ରଥମ ପର୍ଯ୍ୟାୟରେ ଦେଶରେ ୩୩୪ଟି ରାଜନୈତିକ ଦଳକୁ ତାଲିକାରୁ ବାଦ୍ ଦିଆଯାଇଛି। ସେଥିମଧ୍ୟରେ ଓଡ଼ିଶାରେ ୫ଟି ରାଜନୈତିକ ଦଳ ରହିଥିଲା। ଏହି ରାଜନୈତିକ ଦଳ ବାଦ୍ ପରେ ଦେଶରେ ରାଜନୈତିକ ଦଳ ସଂଖ୍ୟା ୨୮୫୪ରୁ ୨୫୨୦କୁ ଖସି ଆସିଛି।

ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଦେଶରେ ୪୭୬ଟି ରାଜନୈତିକ ଦଳ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମଧ୍ୟ ତାଲିକାରୁ ବାଦ୍ ଦିଆଯାଇଛି, ଯେଉଁଥିରେ ଓଡ଼ିଶାର ୭ଟି ଦଳ ରହିଛି। ଆଗାମୀ ☞ପୃଷ୍ଠା-୪

## ସମ୍ବଲପୁରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ

ଭୁବନେଶ୍ୱର,୧୮।୮(ସୁନିତ୍ ମିଶ୍ର)

କୃଷି ଏବଂ କୃଷି ଆନୁସଙ୍ଗିକ ନୂତନ ମହାବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ ସମ୍ପର୍କରେ ସୋମବାର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ଏବଂ କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରେ କୃଷି ଏବଂ କୃଷିଭିତ୍ତିକ ଆନୁସଙ୍ଗିକ କଲେଜ ଖୋଲିବା ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। କୃଷି ଏବଂ ଆନୁସଙ୍ଗିକ କୃଷିକ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ଏବଂ ସ୍ଥାୟୀ ଓ ଲାଭଦାୟକ କୃଷି ବ୍ୟବସ୍ଥା ବିକାଶ କରିବାରେ ସାହାଯ୍ୟ କରିବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ତ୍ରୁଟି ଘୋଡ଼ାଉଛନ୍ତି

# କେମ୍ବ୍ରିଜ୍ ଡିକ୍ସନାରିରେ ଯୋଡ଼ିହେଲା ୬ ହଜାର ନୂଆ ଶବ୍ଦ

ଲଣ୍ଡନ,୧୮।୮

କେମ୍ବ୍ରିଜ୍ ଡିକ୍ସନାରି ନିଜର ଅନ୍‌ଲାଇନ ସଂସ୍କରଣରେ ୬ ହଜାର ନୂତନ ଶବ୍ଦକୁ ସ୍ଥାନିତ କରିଛି। ଏଥିମଧ୍ୟରୁ ଅନେକ ହେଉଛି ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ବ୍ୟବହୃତ ହେଉଥିବା ଶବ୍ଦ। ସାଧାରଣତଃ ଜେନ୍ ଜେଡ୍ ଏବଂ ଜେନ୍ ଆଲ୍‌ଫା ଦ୍ୱାରା ଲୋକପ୍ରିୟ ହୋଇଥିବା ଶବ୍ଦ 'delulu', 'skibidi', 'tradwife'କୁ କେମ୍ବ୍ରିଜ୍ ନିଜ ଶବ୍ଦକୋଷରେ ସ୍ଥାନିତ କରିଛି। ଏନେଇ ଡିକ୍ସନାରର ପ୍ରକାଶକ ସୋମବାର ସୂଚନା ଦେଇଛନ୍ତି।

କେମ୍ବ୍ରିଜ୍ ୟୁନିଭର୍ସିଟି ପ୍ରେସ୍ ପକ୍ଷରୁ ସୂଚନା ଦିଆଯାଇ କୁହାଯାଇଛି, ସାମ୍ପ୍ରତିକ ସ୍ଥିତିରେ 'tradwife'କୁ ଇନ୍‌ଷ୍ଟାଗ୍ରାମ ଏବଂ ଟିକ୍‌ଟକ୍ ପରି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଟ୍ରାଡିସିନାଲୱାଇଭ୍ ବଦଳରେ ବ୍ୟାପକ ଭାବେ ବ୍ୟବହାର କରାଯାଉଛି। ତେଣୁ ଉକ୍ତ ଶବ୍ଦକୁ ଡିକ୍ସନାରି ନିଜ ଶବ୍ଦକୋଷରେ ସ୍ଥାନିତ କରିଛି। ସେହିପରି 'skibidi' ଶବ୍ଦକୁ ବ୍ୟାପକ ଭାବରେ ବିଭିନ୍ନ ଅନ୍‌ଲାଇନ ମିମ୍ସରେ ବ୍ୟବହାର କରାଯାଉଛି। ଏହି ଶବ୍ଦର କୌଣସି ନିର୍ଦ୍ଦିଷ୍ଟ ଅର୍ଥ ନ ଥିବା ବେଳେ ବିଭିନ୍ନ ସ୍ଥିତିରେ ଭଲ କିମ୍ବା ଖରାପ ଦର୍ଶାଇବା ପାଇଁ ଜେନ୍ ଜେଡ୍ ଏବଂ ଜେନ୍ ଆଲ୍‌ଫାର ୟୁଜର୍ସ ଏହାକୁ ବ୍ୟବହାର କରୁଛନ୍ତି। ସେହିପରି 'delulu' ଡିଲ୍ୟୁଶନାଲ ଶବ୍ଦରୁ ଆସିଛି। ୨୦୨୫ରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲ୍‌ବାନିଜ୍ ଦେଶର ପାର୍ଲାମେଣ୍ଟରେ ଭାଷଣ ଦେବାବେଳେ 'delulu' ଶବ୍ଦର ବ୍ୟବହାର କରିଥିଲେ। ଏକ ସତ୍ୟ ହୋଇ ନ ଥିବା କଥାରେ ବିଶ୍ୱାସ କରିବାକୁ ନେଇ ସମ୍ପ୍ରତି 'delulu' ଶବ୍ଦର ବହୁଳ ବ୍ୟବହାର କରାଯାଉଛି। ଅନନ୍ୟ ଫ୍ୟାଶନ ଲୁକ୍‌କୁ ବର୍ଣ୍ଣନା କରିବା ପାଇଁ ସମ୍ପ୍ରତି ବ୍ୟବହୃତ ହେଉଥିବା 'lewk', ଇନ୍‌ସ୍ପାରେଶନ ବଦଳରେ ସଂକ୍ଷିପ୍ତ ଭାବେ ବ୍ୟବହୃତ ହେଉଥିବା 'inspo' ଶବ୍ଦକୁ ମଧ୍ୟ କେମ୍ବ୍ରିଜ୍ ଡିକ୍ସନାରିର ଶବ୍ଦକୋଷରେ ଯୋଡ଼ାଯାଇଛି। ସେହିପରି କୌଣସି କାର୍ଯ୍ୟ କରୁ ନ ଥିବା ସମୟରେ କାମ କରିବା ପରି ଦେଖେଇ ହେବା ପାଇଁ ସମ୍ପ୍ରତି ବ୍ୟବହୃତ ହୋଇଥିବା 'mouse jiggler' ଶବ୍ଦକୁ ମଧ୍ୟ ଡିକ୍ସନାରି ଶବ୍ଦକୋଷରେ ଯୋଡ଼ାଯାଇଛି। ବୈବାହିକ ସମ୍ପର୍କ ପରି କର୍ମକ୍ଷେତ୍ରରେ ନିଜ ସହକର୍ମୀଙ୍କ ସହ ନିବିଡ଼ ଏବଂ ବିଶେଷ ସମ୍ପର୍କ ପାଇଁ ସମ୍ପ୍ରତି ବ୍ୟାପକ ଭାବେ ବ୍ୟବହୃତ ହେଉଥିବା 'work spouse' ଶବ୍ଦ ମଧ୍ୟ କେମ୍ବ୍ରିଜ୍‌ର ଶବ୍ଦକୋଷରେ ସ୍ଥାନ ପାଇଛି। ଡିକ୍ସନାରି ପକ୍ଷରୁ କେବଳ ସେହି ଶବ୍ଦଗୁଡ଼ିକୁ ନିଜ ଅନ୍‌ଲାଇନ ସଂସ୍କରଣରେ ଯୋଡ଼ାଯାଇଛି, ଯାହାକୁ ଦୀର୍ଘଦିନ ହେବ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଭାବେ ବ୍ୟବହାର କରାଯାଉଛି। ସମୟ ସହ ଇଣ୍ଟରନେଟ ସଂସ୍କୃତି ଇଂରାଜୀ ଭାଷାରେ ପରିବର୍ତ୍ତନ ଆଣୁଛି। ତେଣୁ ଏହାର ପ୍ରଭାବକୁ ପର୍ଯ୍ୟବେକ୍ଷଣ କରିବା ପରେ ସେଥିମଧ୍ୟରୁ କେତେକ ଶବ୍ଦକୁ ଗ୍ରହଣ କରାଯାଇଥିବା ନେଇ କେମ୍ବ୍ରିଜ୍ ଡିକ୍ସନାରିର ଲେକ୍ସିକାଲ ପ୍ରୋଗ୍ରାମ ମ୍ୟାନେଜର କୋଲିନ୍ ମ୍ୟାକ୍‌ଇଣ୍ଟୋଶ କହିଛନ୍ତି।






**ଦିଲ୍ଲୀର ୩ ସ୍କୁଲକୁ ବୋମା ଧମକ**

ଦିଲ୍ଲୀ ଦ୍ୱାରକା ଅଞ୍ଚଳର ୩ ସ୍କୁଲକୁ ବୋମାରେ ଉଡ଼ାଇଦେବାକୁ ସୋମବାର ଧମକ ମିଳିଛି। ଦ୍ୱାରକାସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ, ମଡର୍ନ କନ୍‌ଭେଣ୍ଟ ସ୍କୁଲ, ଶ୍ରୀରାମ ୱାର୍ଲ୍ଡ ସ୍କୁଲକୁ ଇ-ମେଲ୍ ଯୋଗେ ଧମକ ମିଳିବାମାତ୍ରେ ଛାତ୍ରୀଛାତ୍ରଙ୍କୁ ଖାଲି କରାଯାଇଥିଲା। ଦିଲ୍ଲୀ ପୋଲିସର ଅନେକ ଟିମ୍, ବୋମା ନିରୋଧୀ ଦଳ ଓ ଡଗ୍ ସ୍କ୍ୱାଡ୍ ପହଞ୍ଚି ସର୍ଚ୍ଚ ଅପରେଶନ କରିଥିଲେ। ତେବେ ଯାଞ୍ଚ ବେଳେ କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନାହିଁ।



## ସଂକ୍ଷେପରେ

### ଚାଇନା ଉପରେ ଟାରିଫ୍ ଲଗାଇଲେ ଅନ୍ତର୍ଜାତୀୟ ବଜାରରେ ତେଲ ମହଙ୍ଗା ହେବ: ରୁବିଓ

ୱାଶିଂଟନ, ୧୮।୮

ରୁଷିଆରୁ ତେଲ କିଣୁଥିବା ଭାରତ ଉପରେ ଆମେରିକା ୨୫ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ଅତିରିକ୍ତ ୨୫ ପ୍ରତିଶତ କଷିବାକୁ ନିଷ୍ପତ୍ତି ନେଇଛି। ଅଥଚ ସେଠାରୁ ଅଧିକ ତୈଳ କିଣୁଥିବା ଚାଇନାକୁ ଟାରିଫ୍‌ରୁ ବାଦ୍ ଦେବାର କାରଣ ସମ୍ପର୍କରେ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ସ୍ପଷ୍ଟ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ରୁଷିଆରୁ ବେଜିଂ କିଣୁଥିବା ଅଧିକାଂଶ ତୈଳକୁ ବିଶୋଧନ କରି ୟୁରୋପକୁ ବିକ୍ରି କରୁଛି। ୟୁରୋପ ମଧ୍ୟ ସେଠାରୁ ପ୍ରାକୃତିକ ଗ୍ୟାସ୍ କିଣୁଛି। ଚାଇନାର ତୈଳ ବିଶୋଧନକାରୀ କମ୍ପାନୀଗୁଡ଼ିକ ଉପରେ ଅତିରିକ୍ତ ଟାରିଫ୍ ଲଗାଇଲେ, ଏହାର ପରିଣାମ ବିଶ୍ୱ ତୈଳ ବଜାରରେ ପଡ଼ିବ। ଚାଇନା କେବଳ ରୁଷିଆ ତେଲକୁ ବିଶୋଧନ କରି ବିଶ୍ୱ ବଜାରରେ ବିକ୍ରି କରୁଛି। ଟାରିଫ୍ ଲଗାଇଲେ, ଯେଉଁମାନେ ବେଜିଂରୁ ତେଲ କିଣୁଛନ୍ତି, ସେମାନଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡ଼ିବ ବୋଲି ରୁବିଓ କହିଛନ୍ତି। ବେଜିଂ ଉପରେ ଦଣ୍ଡାତ୍ମକ ଶୁଳ୍କକୁ ଅନେକ ୟୁରୋପୀୟ ଦେଶ ବିରୋଧ କରିଥିବା ଆମେ ଶୁଣିବାକୁ ପାଇଛୁ। ସେଥିପାଇଁ ଭାରତ ଉପରେ ଟାରିଫ୍ ଲଗାଯାଇଥିବାବେଳେ ଚାଇନାକୁ ବାଦ୍ ଦିଆଯାଇଥିବା ଆମେରିକା ପରରାଷ୍ଟ୍ର ସଚିବ କହିଛନ୍ତି।

### ପ୍ରଶିକ୍ଷଣ ବେଳେ ଭିନ୍ନକ୍ଷମ ହେଉଥିବା ସେନା କ୍ୟାଡେଟ୍‌ଙ୍କୁ ବୀମାଭୁକ୍ତ କରାଯାଉ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୮।୮(ପି.ଟି.)

ସାମରିକ ପ୍ରଶିକ୍ଷଣ ବେଳେ ଆହତ କିମ୍ବା ଭିନ୍ନକ୍ଷମ ହେଉଥିବା ବୀର କ୍ୟାଡେଟ୍‌ମାନଙ୍କୁ ପ୍ରତିରକ୍ଷା ବଳ ବାଦ୍ ଦେବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ ଚାହୁଁଥିବା ସୋମବାର କହିଛନ୍ତି। ଏଭଳି ଅନିବାର୍ଯ୍ୟତା ପାଇଁ ସେମାନଙ୍କୁ ବୀମାଭୁକ୍ତ କରିବା ନିମନ୍ତେ ସମ୍ଭାବନା ବାହାର କରିବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ପ୍ରଶିକ୍ଷଣ ବେଳେ ଭିନ୍ନକ୍ଷମ ହେବା କାରଣରୁ ଅନୁପଯୁକ୍ତ ଦର୍ଶାଇ ବାଦ୍ ଦିଆଯାଇଥିବା କ୍ୟାଡେଟ୍‌ମାନଙ୍କ ସମସ୍ୟାକୁ ନିଜଆଡ଼ୁ ବିଚାର ପାଇଁ ଗ୍ରହଣ କରି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଆର୍. ମାଧବନ୍‌ଙ୍କ ଖଣ୍ଡପୀଠ ଏହା ଉପରେ କେନ୍ଦ୍ର ସରକାର ଓ ସେନାବାହିନୀକୁ ଜବାବ ମାଗିଛନ୍ତି। ସେମାନଙ୍କୁ ସେନାରେ ସାମିଲ କରାଯିବା ଆମେ ଚାହୁଁ। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରଶିକ୍ଷଣ ବେଳେ ଭିନ୍ନକ୍ଷମ ହୋଇଥିଲେ ସେମାନଙ୍କୁ ବାଦ୍ ଦିଆଯିବା ଆମେ ଚାହୁଁନାହୁଁ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ସେମାନଙ୍କୁ ବୀମାଭୁକ୍ତ କରାଗଲେ ସରକାରଙ୍କ ଉପରେ ଆର୍ଥିକ ବୋଝ ନ ପଡ଼ି ବୀମା କମ୍ପାନୀ ଉପରେ ପଡ଼ିବ। ସେଥିପାଇଁ ବିପଦପୂର୍ଣ୍ଣ ପ୍ରଶିକ୍ଷଣ ନେଉଥିବା ପ୍ରତ୍ୟେକ କ୍ୟାଡେଟ୍‌ଙ୍କୁ ବୀମାଭୁକ୍ତ କରାଯିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।

### ପରବର୍ତ୍ତୀ ପିଢ଼ି ସଂସ୍କାର ଉପରେ ପ୍ରଧାନମନ୍ତ୍ରୀଙ୍କ ବୈଠକ

ନୂଆଦିଲ୍ଲୀ, ୧୮।୮(ପି.ଟି.)

ପରବର୍ତ୍ତୀ ପିଢ଼ିର ସଂସ୍କାର ଉପରେ ବିଚାରବିମର୍ଶ ପାଇଁ ସୋମବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ସ୍ୱାଧୀନତା ଦିବସ ଭାଷଣରେ ଏହି ସଂସ୍କାର ନେଇ ଘୋଷଣା କରିଥିଲେ। ବୈଠକରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଅମିତ୍ ଶାହା, ନୀତିନ ଗଡ଼କରୀ, ନିର୍ମଳା ସୀତାରାମନ୍, ଶିବରାଜ ସିଂ ଚୌହାନ, ପୀୟୂଷ ଗୋୟଲ ଏବଂ ଲଲନ ସିଂଙ୍କ ସମେତ ବିଭିନ୍ନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଓ ଅର୍ଥନୀତିଜ୍ଞ ଉପସ୍ଥିତ ଥିଲେ। ସବୁ ସେକ୍ଟରରେ ତ୍ୱରିତ୍ ସଂସ୍କାର ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏହା ଜୀବନଯାପନ ଓ ବ୍ୟବସାୟକୁ ଅଧିକ ସହଜ କରିବା ସହ ସମୃଦ୍ଧି ବଢ଼ାଇବ ବୋଲି ମୋଦି Xରେ ଲେଖିଛନ୍ତି। ପରିବର୍ତ୍ତୀ ପିଢ଼ିର ସଂସ୍କାର ପାଇଁ ଏକ ଟାସ୍କଫୋର୍ସ ଗଠନ ସହ ଜିଏସ୍‌ଟି ଆଇନରେ ସଂଶୋଧନ ହେବ ବୋଲି ଗତ ୧୫ ତାରିଖରେ ଲାଲ୍‌କିଲ୍ଲାରୁ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ।

**ଦିଲ୍ଲୀରେ ଆଜି**



ଭୋଟ ଚୋରି ଓ ଏସ୍‌ଆଇଆର୍ ପ୍ରସଙ୍ଗକୁ ନେଇ (ବାମରୁ) ଇଣ୍ଡିଆ ବ୍ଲକ୍‌ର କଂଗ୍ରେସ ନେତା ଗୌରବ ଗୋଗୋଇ, ଏସ୍‌ପି ନେତା ରାମଗୋପାଳ ଯାଦବ, ଆପ୍ ନେତା ସଞ୍ଜୟ ସିଂ, ଆର୍‌ଜେଡି ନେତା ମନୋଜ ଝା ପ୍ରମୁଖ ସୋମବାର ନୂଆଦିଲ୍ଲୀସ୍ଥିତ କନ୍‌ଷ୍ଟିଚ୍ୟୁଶନ କ୍ଲବ୍‌ରେ ଖବରଦାତା ସମ୍ମିଳନୀ କରୁଛନ୍ତି। (ଫଟୋ-ଚମନ ଗୌତମ)

# ବର୍ଷାରେ ମୁମ୍ବାଇ ବେହାଲ

- ସ୍କୁଲ ବନ୍ଦ, ବିଭିନ୍ନ ଅଞ୍ଚଳ ଜଳମଗ୍ନ
- ବିମାନ, ଟ୍ରେନ୍ ସେବା ପ୍ରଭାବିତ
- ମହାରାଷ୍ଟ୍ରର ୧୫ ଜିଲାକୁ ରେଡ୍, ଅରେଞ୍ଜ ୱାର୍ନିଂ

ମୁମ୍ବାଇ, ୧୮।୮

ଭୀଷଣ ବର୍ଷା ଯୋଗୁ ସୋମବାର ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇର ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ସହରର ଅନେକ ସ୍ଥାନ ବର୍ଷାପାଣିରେ ଜଳମଗ୍ନ ହୋଇଯାଇଥିବା ବେଳେ ସ୍ଥିତିକୁ ଦୃଷ୍ଟିରେ ରଖି ବ୍ରିହନ୍ ମୁମ୍ବାଇ ମ୍ୟୁନିଶପାଲ କର୍ପୋରେଶନ (ବିଏମ୍‌ସି) ପକ୍ଷରୁ ସୋମବାର ସହରର ସମସ୍ତ ସ୍କୁଲ ଏବଂ କଲେଜକୁ ବନ୍ଦ କରିବା ପାଇଁ ଘୋଷଣା କରାଯାଇଥିଲା। ସେହିପରି ଲଗାଣ ବର୍ଷାରେ ମୁମ୍ବାଇରେ ବିମାନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ସହରର ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ଲାଣ୍ଡିଂ ପୂର୍ବରୁ ୯ ବିମାନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେହିପରି ଖରାପ ପାଗ ଯୋଗୁ ମୁମ୍ବାଇରେ ଲାଣ୍ଡିଂ ହେବାକୁ ଥିବା ଏକ ଫ୍ଲାଇଟକୁ ଗୁଜରାଟର ସୁରଟରେ ଜରୁରୀ ଅବତରଣ କରାଯାଇଥିଲା। ବର୍ଷାକୁ ଦୃଷ୍ଟିରେ ରଖି ଜରୁରୀ କାର୍ଯ୍ୟ ନ ଥିଲେ ଘରୁ ନ ବାହାରିବାକୁ ବିଏମ୍‌ସି ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ସହରର ଅନ୍ଧେରୀ, ଲୋଖଣ୍ଡୱାଲା ପରି ତଳିଆ ଅଞ୍ଚଳରେ ପାଣି ଜମା ହୋଇ ରହିଥିଲା, ଯାହା ଗମନାଗମନକୁ ପ୍ରଭାବିତ କରିବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିଥିଲା। ସେହିପରି ସହରର ବିଭିନ୍ନ ଟ୍ରେନ୍ ବିଳମ୍ବରେ ଚାଲୁଥିବା ନେଇ ସ୍ଥାନୀୟ ଅଧିକାରୀ କହିଛନ୍ତି। ସୋମବାର ମାତ୍ର ୬ରୁ ୮ ଘଣ୍ଟାର ସମୟ ମଧ୍ୟରେ ମୁମ୍ବାଇରେ ୧୭୭ ମିଲିମିଟର ବର୍ଷା ହୋଇଥିବା ନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ସୂଚନା ଦେଇଛନ୍ତି। ଲଗାଣ ବର୍ଷାରେ ନାନ୍ଦେଡ଼ ଜିଲାର ମୁଖେଡ ଅଞ୍ଚଳରେ ୫ ଜଣ ନିଖୋଜ ରହିଛନ୍ତି। ସେହିପରି ଜିଲାରେ ଭୀଷଣ ବର୍ଷା ଯୋଗୁ ସୃଷ୍ଟି ହୋଇଥିବା ବନ୍ୟାରେ ୨୦୦ ଜଣ ଫସି ରହିଥିବା ନେଇ ସେ ସୂଚନା ଦେଇଛନ୍ତି। ସେମାନଙ୍କୁ ଉଦ୍ଧାରକରିବା ପାଇଁ ଭାରତୀୟ ସେନାର ଏକ ୟୁନିଟ୍‌କୁ ଡକାଯାଇଛି। ସମ୍ପ୍ରତି ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଘଟଣା ସ୍ଥଳରେ ଫସିରହିଥିବା ଲୋକଙ୍କୁ ଉଦ୍ଧାର ପାଇଁ ପ୍ରୟାସ ଜାରି ରଖିଥିବା ଫଡ୍‌ନବିସ୍ କହିଛନ୍ତି।

ମୁମ୍ବାଇ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ରାଇଗଡ଼ ଜିଲାରେ ମଙ୍ଗଳବାର ପର୍ଯ୍ୟନ୍ତ ଭୀଷଣ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ରେଡ୍ ୱାର୍ନିଂ ଜାରି କରିଛି। ସେହିପରି ଆସନ୍ତା ୨ ଦିନ ପର୍ଯ୍ୟନ୍ତ ମହାରାଷ୍ଟ୍ରର ୧୫ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ଏବଂ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।



ମୁମ୍ବାଇର କୁର୍ଲାଠାରେ ସୋମବାର ଲଗାଣ ବର୍ଷା ମଧ୍ୟରେ ଯାତ୍ରୀମାନେ ଏକ ପାଣି ଜମି ରହିଥିବା ରାସ୍ତା ଦେଇ ଯାତାୟାତ କରୁଛନ୍ତି।

### ଆଲାସ୍କା ସମିଟ୍ ନେଇ ମୋଦିଙ୍କୁ ଅବଗତ କରାଇଲେ ପୁଟିନ୍

ନୂଆଦିଲ୍ଲୀ, ୧୮।୮(ପି.ଟି.)

ୟୁକ୍ରେନ୍‌ରେ ଯୁଦ୍ଧ ବନ୍ଦ ନେଇ ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍ କରିଥିବା ଆଲୋଚନା ସମ୍ପର୍କରେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ ଯୋଗେ ଅବଗତ କରାଇଛନ୍ତି। ଗତ ଶୁକ୍ରବାର ଆଲାସ୍କାରେ ଟ୍ରମ୍ପ ଓ ପୁଟିନ୍‌ଙ୍କ ମଧ୍ୟରେ ଦୀର୍ଘ ୩ ଘଣ୍ଟା ଧରି ଆଲୋଚନା ହୋଇଥିଲେ ମଧ୍ୟ ଯୁଦ୍ଧ ବନ୍ଦ ନେଇ କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା। ପୁଟିନ୍‌ଙ୍କ ଫୋନ୍ କଲ୍ ପରେ ମୋଦି କହିଛନ୍ତି, ୟୁକ୍ରେନ୍ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତ କ୍ରମାଗତ ଭାବେ ଆହ୍ୱାନ ଦେଇଆସିବା ସହ ଏ ଦିଗରେ ସମସ୍ତ ଉଦ୍ୟମକୁ ସମର୍ଥନ ଜଣାଇଛି। ବନ୍ଧୁ ପୁଟିନ୍ ଫୋନ୍ କରି ଆଲାସ୍କା ଆଲୋଚନା ସମ୍ପର୍କରେ ଅବଗତ କରାଇଥିବାରୁ ଧନ୍ୟବାଦ ବୋଲି ମୋଦି ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି।

### ଜନ୍ମାଷ୍ଟମୀ ଉତ୍ସବ ବେଳେ ବିଦ୍ୟୁତ୍ ଆଘାତରେ ୫ ମୃତ

ହାଇଦ୍ରାବାଦ, ୧୮।୮

ହାଇଦ୍ରାବାଦରେ ଜନ୍ମାଷ୍ଟମୀ ଉତ୍ସବ ଅବସରରେ ଶୋଭାଯାତ୍ରା ବେଳେ ଏକ ରଥ ପରି ସଜ୍ଜିତ ଗାଡ଼ି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ କରେଣ୍ଟ ଲାଗି ୫ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪ ଜଣ ଆହତ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ରାମଥପୁର ଅଞ୍ଚଳରେ ଜନ୍ମାଷ୍ଟମୀ ଶୋଭାଯାତ୍ରା ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପୋଲିସ ସୂଚନା ଦେଇଛି। ରଥ ଉପରେ ୯ ଜଣ ବ୍ୟକ୍ତି ରହିଥିଲେ। ଘଟଣାକୁ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଭାରତ-ଚାଇନା ସମ୍ପର୍କରେ ଉନ୍ନତି ପାଇଁ ସୀମାରେ ଶାନ୍ତି ଗୁରୁତ୍ୱପୂର୍ଣ୍ଣ

**ୱାଙ୍ଗ୍ ୟି'ଙ୍କୁ କହିଲେ ଜୟଶଙ୍କର**

ନୂଆଦିଲ୍ଲୀ, ୧୮।୮

ଭାରତ ଓ ଚାଇନା ମଧ୍ୟରେ ସମ୍ପର୍କରେ ଉନ୍ନତି ପାଇଁ ସୀମାରେ ଶାନ୍ତି ଜରୁରୀ ବୋଲି ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟିଙ୍କୁ ଭାରତୀୟ ପ୍ରତିପକ୍ଷ ଏସ୍. ଜୟଶଙ୍କର ସୋମବାର କହିଛନ୍ତି। ୨ ଦେଶ ଏବେ ଏକ କଠିନ ସମୟ ଦେଇ ଗତି କରୁଛନ୍ତି। ତେଣୁ ଏକ ସ୍ପଷ୍ଟ ଏବଂ ସହଯୋଗୀ ଆଭିମୁଖ୍ୟ ନେଇ ଆଗକୁ ବଢ଼ିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସୀମା ପ୍ରସଙ୍ଗ ଉପରେ ଆଲୋଚନା ଗୁରୁତ୍ୱପୂର୍ଣ୍ଣ, କାରଣ ଆମ ସମ୍ପର୍କର ଯେକୌଣସି ସକାରାତ୍ମକ ଗତିର ଆଧାର ହେଉଛି ସୀମାନ୍ତ ଅଞ୍ଚଳରେ ମିଳିତ ଭାବେ ଶାନ୍ତି ବଜାୟ ରଖିବା। ଉତ୍ତେଜନା ହ୍ରାସ ପଦକ୍ଷେପକୁ ଆଗେଇନେବାରେ ମଧ୍ୟ ଏହା ଜରୁରୀ। ଏଥିପାଇଁ ଉଭୟ ପକ୍ଷ ସ୍ପଷ୍ଟ ଏବଂ ଗଠନମୂଳକ ଆଭିମୁଖ୍ୟ ରଖିବା ସହ ପାରସ୍ପରିକ ସମ୍ମାନ, ସମ୍ବେଦନଶୀଳତା ଏବଂ ପାରସ୍ପରିକ ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ହେବ। ମତପାର୍ଥକ୍ୟ କଦାପି ବିବାଦ ବା ପ୍ରତିଦ୍ୱନ୍ଦ୍ୱିତାରେ ପରିଣତ ନ ହେଉ ବୋଲି ଜୟଶଙ୍କର କହିଛନ୍ତି।



ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଚାଇନା ପ୍ରତିପକ୍ଷ ୱାଙ୍ଗ୍ ୟି।

### ନୂଆ ଅସ୍ତ୍ରବିରତି ପ୍ରସ୍ତାବରେ ହମାସ୍ ରାଜି

ଗାଜା ସିଟି, ୧୮।୮

ଗାଜା ପାଇଁ ନୂଆ ଅସ୍ତ୍ରବିରତି ପ୍ରସ୍ତାବରେ ହମାସ୍ ରାଜି ଥିବା ନେଇ ଇଜିପ୍ଟ ଓ କାତାର ମଧ୍ୟସ୍ଥଙ୍କୁ ଜଣାଇଛି। ପ୍ରସ୍ତାବ ଅନୁଯାୟୀ, ବଞ୍ଚିଥିବା ଇସ୍ରାଏଲ୍‌ର ୧୦ ପଣବନ୍ଦୀଙ୍କୁ ହମାସ୍ ମୁକ୍ତ କରିବ। ଏହା ବଦଳରେ ଇସ୍ରାଏଲ୍ ଗାଜାରେ ୬୦ ଦିନ ଆକ୍ରମଣ ବନ୍ଦ ରଖିବା ସହ ଆଜୀବନ ଜେଲଦଣ୍ଡ ଭୋଗୁଥିବା ୧୫୦ ଆତଙ୍କବାଦୀଙ୍କୁ ମୁକ୍ତ କରିବ ବୋଲି ଦି ଜେରୁଜେଲମ୍ ପୋଷ୍ଟରେ ପ୍ରକାଶିତ ଖବରରୁ ଜଣାପଡ଼ିଛି। ଯୁଦ୍ଧ ବନ୍ଦ ପାଇଁ ବିସ୍ତୃତ ଚୁକ୍ତିନାମାରେ ପହଞ୍ଚିବା ଦିଗରେ ଏହା ସହାୟକ ହୋଇପାରେ। ଇସ୍ରାଏଲ୍‌କୁ ଏହି ପ୍ରସ୍ତାବ ଦିଆଯାଇଛି।

## 'ନିର୍ବାଚନ ଅବୈଧ ଘୋଷଣା କରିବାକୁ ତରବରିଆ ନିଷ୍ପତ୍ତି ନ ନିଅନ୍ତୁ ଅଦାଲତ'

ନୂଆଦିଲ୍ଲୀ, ୧୮।୮(ପି.ଟି.)

କୌଣସି ପ୍ରାର୍ଥୀ ନିଜ ସମ୍ପତ୍ତି ସମ୍ପର୍କିତ କେତେକ ତଥ୍ୟ ଘୋଷଣା କରି ନ ଥିଲେ, ଯଦି ତାହା ନିର୍ବାଚନ ଫଳାଫଳକୁ ପ୍ରଭାବିତ କରି ନ ଥାଏ, ତେବେ ଅଦାଲତଗୁଡ଼ିକ କେବଳ ନିୟମ ଉପରେ ଅତ୍ୟଧିକ ଧ୍ୟାନ ଦେଇ ବିଜୟୀ ଘୋଷିତ ପ୍ରାର୍ଥୀଙ୍କ ନିର୍ବାଚନକୁ ଅବୈଧ ଘୋଷଣା କରିବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏ ସମ୍ପର୍କିତ ତେଲଙ୍ଗାନା ହାଇକୋର୍ଟଙ୍କ ୨୦୨୪ ଅକ୍ଟୋବରର ଏକ ରାୟ ବିରୋଧରେ ହୋଇଥିବା ଆବେଦନକୁ ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ୨୦୨୩ ତେଲଙ୍ଗାନା ବିଧାନସଭା ନିର୍ବାଚନ ସମ୍ପର୍କିତ ଏକ ପିଟିଶନ୍‌କୁ ତେଲଙ୍ଗାନା ହାଇକୋର୍ଟ ଖାରଜ କରିଥିଲେ। ବିଜୟୀ ପ୍ରାର୍ଥୀ ଫର୍ମ-୨୬ ସତ୍ୟପାଠରେ ନିଜର ଆୟ ଘୋଷଣା କଲାବେଳେ ୫ ଆର୍ଥିକ ବର୍ଷ ମଧ୍ୟରୁ ୪ଟିର ଆୟକର ରିଟର୍ନ ତଥ୍ୟ ଦେଇ ନ ଥିଲେ, ଯାହା ଏକ ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟ ବୋଲି ଖଣ୍ଡପୀଠ କହିଛନ୍ତି। ତେବେ ପ୍ରାର୍ଥୀ ୪ ବର୍ଷର ଆୟକର ରିଟର୍ନ ତଥ୍ୟ ନ ଦେବା ଚାରିତ୍ରିକ ଦୋଷ ଦର୍ଶାଇବା ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି ତଥ୍ୟ ଅନୁଧ୍ୟାନ କରିବା ପରେ ଖଣ୍ଡପୀଠ କହିଛନ୍ତି।

### ଭୋଟର ତାଲିକାରୁ ନାଁ କଟିଥିବା ଅଭିଯୋଗ: ବିବରଣୀ ମାଗିଲେ ଇସି

ପାଟନା, ୧୮।୮(ପି.ଟି.)

ବିହାରରେ ଚିଠା ଭୋଟର ତାଲିକାରୁ ଭୁଲ୍‌ରେ ନାଁ କଟିଥିବା ନେଇ କଂଗ୍ରେସର 'ଭୋଟ ଅଧିକାର ଯାତ୍ରା' ବେଳେ କେତେଜଣ ଅଭିଯୋଗ ଆଣିଥିଲେ। ଏହାର ଏକ ଭିଡିଓ ଦଳର ନେତା ରାହୁଲ ଗାନ୍ଧୀ ଶେୟାର କରିଥିବାରୁ ନିର୍ବାଚନ କମିଶନ ସୋମବାର ଏହା ଉପରେ ସବିଶେଷ ବିବରଣୀ ମାଗିଛନ୍ତି। ବିହାରରେ ଗତ ୪ରୁ ୫ଟି ନିର୍ବାଚନରେ ଭୋଟ ଦେଇଥିବା ଲୋକଙ୍କ ଭୋଟ ଚୋରି ହୋଇଛି। ଏଥିପାଇଁ ଉପରୁ ନିର୍ଦ୍ଦେଶ ଆସିଥିବା ଅନୁଧ୍ୟାନରୁ ଜଣାପଡ଼ିଛି ବୋଲି ରାହୁଲ Xରେ ଲେଖିଥିଲେ। ଭିଡିଓରେ ଥିବା ଲୋକମାନଙ୍କ ଭୋଟର ପରିଚୟ ନମ୍ବର ଓ ଅନ୍ୟାନ୍ୟ ବିବରଣୀ ସହ ଉପଯୁକ୍ତ ଫର୍ମାଟରେ ପ୍ରଦାନ କଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିହାର ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ସେପ୍ଟେମ୍ବର ୧ ସୁଦ୍ଧା ନିଜେ ଭୋଟର କିମ୍ବା ରାଜନୈତିକ ଦଳର ବୁଥ୍‌ସ୍ତରୀୟ ଏଜେଣ୍ଟ ଅଭିଯୋଗ କରିପାରିବେ ବୋଲି ସିଇଓ କହିଛନ୍ତି।

## ଯାତ୍ରୀ ଜାମ୍‌ରେ ଫସିଲେ ଟୋଲ୍ ଫି ଦେବେ କାହିଁକି

**ଏନ୍‌ଏଚ୍‌ଏଆଇକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**

ନୂଆଦିଲ୍ଲୀ, ୧୮।୮ (ପି.ଟି.)

ତ୍ରିଶୂରସ୍ଥିତ ଜାତୀୟ ରାଜପଥ ୫୪୪ରେ ୬୫ କି.ମି. ଦୂରତା ଅତିକ୍ରମ କରିବାକୁ ଯଦି ୧୨ ଘଣ୍ଟା ଲାଗୁଛି, ତେବେ ଜଣେ ଯାତ୍ରୀ କାହିଁକି ୧୫୦ ଟଙ୍କା ଟୋଲ୍ ଫି' ଦେବେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଗତ ୬ ତାରିଖରେ କେରଳର ଉକ୍ତ ରାଜପଥ ଅନ୍ତର୍ଗତ ଏଡାପଲ୍ଲୀ-ମନୁଥୀ ସେକ୍ସନରେ ଖରାପ ରାସ୍ତା ଏବଂ ନିର୍ମାଣ କାର୍ଯ୍ୟ ଯୋଗୁ ଗୁରୁତର ଟ୍ରାଫିକ ଜାମ୍‌କୁ କାରଣରୁ ଟୋଲ୍ ଆଦାୟ ବନ୍ଦ ପାଇଁ କେରଳ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଓ ଗୁରୁଭାୟୁର ଇନ୍‌ଫ୍ରାଷ୍ଟ୍ରକ୍ଚର ଉକ୍ତ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୋମବାର ପ୍ରଧାନ ବିଚାରପତି ବି. ଆର୍. ଗଭାଇଙ୍କ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ କରିଛନ୍ତି।

## ଶୁଭାଂଶୁଙ୍କୁ ସମ୍ମାନିତ କଲା ସଂସଦ

ନୂଆଦିଲ୍ଲୀ, ୧୮।୮

ବିରୋଧୀ ସଦସ୍ୟମାନଙ୍କ ଅନୁପସ୍ଥିତି ମଧ୍ୟରେ ସଂସଦ ସୋମବାର ଭାରତୀୟ ବାୟୁସେନା ପାଇଲଟ୍ ତଥା ଗ୍ରୁପ୍ କ୍ୟାପ୍‌ଟେନ ଏବଂ ମହାକାଶଚାରୀ ଶୁଭାଂଶୁ ଶୁକ୍ଳାଙ୍କୁ ସମ୍ମାନିତ କରିଛି। ନିକଟରେ ସେ ଆକ୍ସିଓମ୍-୪ ମିଶନରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)କୁ ସଫଳତାର ସହ

**ବିରୋଧୀ ଯୋଗ ଦେଲେନି**

ଯାତ୍ରା କରି ଦେଶ ପାଇଁ ଗର୍ବ ଆଣିଥିଲେ। ଭାରତୀୟ ମହାକାଶ ଅନ୍ୱେଷଣରେ ଏହା ଏକ ନୂଆ ଅଧ୍ୟାୟ ବୋଲି ପାର୍ଲାମେଣ୍ଟ କହିଛି।

ଶୁଭାଂଶୁ ରବିବାର ଆମେରିକାରୁ ନୂଆଦିଲ୍ଲୀ ଫେରିବା ପରେ ବିମାନବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କ ମହାକାଶ ଯାତ୍ରାର ସଫଳତା ଉପରେ ସଂସଦରେ ସୋମବାର ସ୍ୱତନ୍ତ୍ର ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ତେବେ ବିରୋଧୀ ସଦସ୍ୟମାନେ ସ୍ୱତନ୍ତ୍ର ଆଲୋଚନାକୁ ବର୍ଜନ କରିଥିଲେ। କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ସ୍ମରଣୋତ୍ସବର ନେତୃତ୍ୱ ନେଇ ଶୁକ୍ଳାଙ୍କ ସଫଳତାର ଉଚ୍ଚ ପ୍ରଶଂସା କରିବା ସହ ଭାରତର ମହାକାଶ ଆକାଂକ୍ଷା ପାଇଁ ଏହା ଉଲ୍ଲେଖନୀୟ ଘଟଣା ବୋଲି କହିଥିଲେ। କଂଗ୍ରେସ ଏମ୍‌ପି ଶଶୀ ଥରୁର Xରେ ଏକ ପୋଷ୍ଟ ଜରିଆରେ ଗ୍ରୁପ୍ କ୍ୟାପ୍‌ଟେନ ଶୁଭାଂଶୁଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଶୁଭାଂଶୁ ସୋମବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ସେ ଆକ୍ସିଓମ୍-୪ ମିଶନ ପ୍ୟାଚ୍ ପ୍ରଧାନମନ୍ତ୍ରୀଙ୍କୁ ଉପହାର ଦେବା ସହ ଆଇଏସ୍‌ଏସ୍‌ରୁ ଉଠାଇଥିବା ପୃଥିବୀର ଫଟୋ ଦେଖାଇଥିଲେ।




ଶୁଭାଂଶୁ ଶୁକ୍ଳା ପ୍ରଧାନମନ୍ତ୍ରୀଙ୍କୁ ଆକ୍ସିଓମ୍-୪ ମିଶନ୍‌ର ପ୍ୟାଚ୍ ଉପହାର ଦେଉଛନ୍ତି।

## ପୋଲିସ ଭୂମିକାରେ ଅଲି ଫଜଲ୍

**ମୁମ୍ବାଇ:** କ୍ରାଇମ ଥ୍ରୀଲର ୱେବ୍ ସିରିଜ୍ 'ମିର୍ଜାପୁର'ରେ ଗୁଡ୍ଡୁ ଭୈୟା ଚରିତ୍ର ନିଭାଇ ଦର୍ଶକଙ୍କର ପ୍ରଶଂସା ସାଉଣ୍ଟିଥିବା ଅଭିନେତା ଅଲି ଫଜଲ୍ ଖୁବ୍‌ଶୀଘ୍ର ୱେବ୍ ସିରିଜ 'ରାଖ୍'ରେ ନଜର ଆସିବେ। ଏହି ଇନ୍‌ଭେଷ୍ଟିଗେଟିଭ୍ କ୍ରାଇମ ଥ୍ରୀଲର ସିରିଜ୍‌ରେ ଅଲିଙ୍କ ସମେତ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ଓ ଅଭିନେତା ଆମିର ବସିର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବେ। ବିଭିନ୍ନ ଅପରାଧ ମାମଲାରେ ନ୍ୟାୟ ପାଇବା ପାଇଁ ଲୋକେ କିପରି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାହାକୁ ନେଇ ଏହି ସିରିଜ୍‌ର କାହାଣୀ ପର୍ଯ୍ୟବସିତ। ବର୍ତ୍ତମାନ ସୁଦ୍ଧା 'ରାଖ୍'ର ରିଲିଜ୍ ତାରିଖ ଉପରୁ ପରଦା ଉଠି ନ ଥିବା ବେଳେ ୨୦୨୬ରେ ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ ଭିଡିଓରେ ଏହି ସିରିଜ୍ ରିଲିଜ୍ ହେବ। ସୋମବାର ପ୍ରାଇମ ଭିଡିଓ ପକ୍ଷରୁ ଏନେଇ ଘୋଷଣା କରାଯିବା ସହ 'ରାଖ୍'ର ପ୍ରଥମ ପୋଷ୍ଟରକୁ ଜାରି କରାଯାଇଛି, ଯେଉଁଥିରେ ଅଲି ପୋଲିସ ଅଧିକାରୀ ଭାବେ ନଜରକୁ ଆସିଛନ୍ତି। ପ୍ରୋସିତ ରୟଙ୍କ ନିର୍ଦ୍ଦେଶନାରେ 'ରାଖ୍' ସିରିଜ୍‌ର ନିର୍ମାଣ ହେବ। ଆୟୁଷ ତ୍ରିବେଦୀ ଏହି ସିରିଜ୍‌ର ସଂଳାପ ଲେଖିଛନ୍ତି।



**ପରିଚାଳନା ଖର୍ଚ୍ଚ କମ୍ ଦର୍ଶାଇଛି ରେଲ୍‌ୱେ**

ଆର୍ଥିକବର୍ଷ ୨୦୨୨-୨୩ରେ ରେଲ୍‌ୱେ ନିଜ ପରିଚାଳନା ଖର୍ଚ୍ଚକୁ ପ୍ରାୟ ୫ ହଜାର କୋଟି ଟଙ୍କା କମ୍ ଦର୍ଶାଇଥିବା ନେଇ ସଂସଦରେ ସଦ୍ୟ ଉପସ୍ଥାପିତ ଭାରତର ମହାଲେଖା ନିୟନ୍ତ୍ରକ (ସିଏଜି) ରିପୋର୍ଟରେ ପ୍ରକାଶ ପାଇଛି। ରେଲ୍‌ୱେର ପରିଚାଳନାଗତ ମୋଟ ଆୟ ଏବଂ ଖର୍ଚ୍ଚକୁ ଏହାର କ୍ରସ୍ ସବ୍‌ସିଡାଇଜିଂ ରେକର୍ଡ ସହ ତୁଳନାରୁ ଏହା ଜଣାପଡ଼ିଛି। ରିପୋର୍ଟରେ କୁହାଯାଇଛି, ରେଲ୍‌ୱେ ନିଜ ଆୟ ଏବଂ ଖର୍ଚ୍ଚ ଆଧାରରେ ଆର୍ଥିକ ବର୍ଷ ୨୨-୨୩ରେ ୨,୫୧୭.୩୮ କୋଟି ଟଙ୍କାର ଲାଭ ଦେଖାଇଛି। ଯାତ୍ରୀସେବାରେ କ୍ଷତିକୁ ମାଲ ପରିବହନରୁ ହୋଇଥିବା ଲାଭ ସହ ତୁଳନା କରାଗଲେ ୫୨୫୭.୦୭ କୋଟି ଟଙ୍କାର ସମୁଦାୟ କ୍ଷତି ହୋଇଛି।




# ନିଯୁକ୍ତ ହେବେ ୧୮୪୦ ଡାକ୍ତର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୮ (ସୁନିତ୍ ମିଶ୍ର)

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମୀକ୍ଷା ବୈଠକ



ଲୋକସେବା ଭବନଠାରେ ଆୟୋଜିତ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଅନ୍ୟ ଅଧିକାରୀ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ଲୋକସେବା ଭବନଠାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରି ରାଜ୍ୟରେ ଖାଲିପଡ଼ିଥିବା ବିଭିନ୍ନ ଡାକ୍ତର ଓ ପ୍ରଫେସର ପଦବୀ ପୂରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ବୈଠକର ଆଲୋଚନାରୁ ଜଣାପଡ଼ିଛି, ଖୁବ୍‌ଶୀଘ୍ର ରାଜ୍ୟରେ ୧୮୪୦ ଡାକ୍ତର ତଥା ମେଡିକାଲ ଅଫିସର ନିଯୁକ୍ତି ପାଇବେ। ୫ ହଜାରରୁ ଊର୍ଦ୍ଧ୍ୱ ପାରାମେଡିକାଲ ଷ୍ଟାଫ୍ ମଧ୍ୟ ନିଯୁକ୍ତ ହେବେ। ରାଜ୍ୟର ସମସ୍ତ ସ୍ଥାନରେ ଉପଯୁକ୍ତ ସଂଖ୍ୟାରେ ମେଡିକାଲ ଅଫିସର ନିଯୁକ୍ତି ନିମନ୍ତେ ସୁବ୍ୟବସ୍ଥାକରଣ ପ୍ରକ୍ରିୟା କରାଯିବା ସହିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଅଧିକରୁ ଅଧିକ ଡାକ୍ତର ନିଯୁକ୍ତି ପ୍ରଦାନ କରିବା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ମେଡିକାଲ କଲେଜରେ ଖାଲିପଡ଼ିଥିବା ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ପ୍ରଫେସର ପଦବୀ ଖୁବ୍‌ଶୀଘ୍ର ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ମେଡିକାଲ କଲେଜରେ ପିଜି ସିଟ୍ ସଂଖ୍ୟା ବୃଦ୍ଧି, ମେଡିକାଲ କଲେଜ ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟସେବା ଛଡ଼ା ଅନ୍ୟାନ୍ୟ ଆବଶ୍ୟକ ପଦବୀ ପୂରଣ ଓ ଟେକ୍ନିକାଲ ଷ୍ଟାଫ୍‌ଙ୍କ ନିଯୁକ୍ତି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ଉକ୍ତ ବୈଠକରେ ଆଲୋଚନା କରି ଏଥିନିମନ୍ତେ ବିଭାଗୀୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଦୁର୍ଘଟଣାପ୍ରବଣ ଅଞ୍ଚଳରେ ଇଣ୍ଟିଗ୍ରେଟେଡ୍ ଟ୍ରମା କେୟାର ସେଣ୍ଟର ସ୍ଥାପନ ପାଇଁ ଗୁରୁତ୍ୱ ଦେବା, ଯେଉଁ ସ୍ଥାନକୁ ଡାକ୍ତରମାନେ ଯିବା ପାଇଁ ଅରାଜି ହେଉଛନ୍ତି ସେହି ସ୍ଥାନଗୁଡ଼ିକରେ ଡାକ୍ତରଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି କରିବା ଏବଂ ଆୟୁଷ ଡାକ୍ତରଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଛି। ଡାକ୍ତରଙ୍କ ସମସ୍ୟା, ନିଯୁକ୍ତି, ବେତନ, ମେଡିକାଲ ଶିକ୍ଷାରେ ସିଟ୍ ବୃଦ୍ଧି ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବା ପାଇଁ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ ଅଶ୍ୱଥି ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ବୃନ୍ଦା ଡି, ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶିକା ପୋମା ଟୁଡୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ବର୍ଷା ପାଇଁ ୩ ଜିଲାକୁ ରେଡ୍ ୱାର୍ନିଂ

ଭୁବନେଶ୍ୱର, ୧୮।୮ (ଅନୁରାଧା ମହାରଣା)

## ସୃଷ୍ଟି ହେଲା ଅବପାତ

ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳସ୍ଥ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସୋମବାର ଅବପାତର ରୂପ ନେଇଛି। ଏହା ପ୍ରଭାବରେ ରାଜ୍ୟରେ ସାରାଦିନ ବର୍ଷା ଲାଗିରହିଛି। କୋରାପୁଟରେ ସର୍ବାଧିକ ୬୪.୦ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ପାରଳାଖେମୁଣ୍ଡିରେ ୪୯.୬ ମିମି, ନବରଙ୍ଗପୁରରେ ୩୩.୨ ମିମି, ଢେଙ୍କାନାଳରେ ୨୬.୪ ମିମି, ମାଲକାନଗିରିରେ ୨୧.୨ ମିମି, ଭବାନୀପାଟଣାରେ ୧୦.୨ ମିମି ଏବଂ ତାଳଚେରରେ ୧୦.୦ମିମି ବର୍ଷା ରେକର୍ଡ ହୋଇଛି। ମଙ୍ଗଳବାର ମଧ୍ୟାହ୍ନରେ ଅବପାତ ଦକ୍ଷିଣ ଓଡ଼ିଶା ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ତେଣୁ ରାଜ୍ୟର କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିପାଇଁ ଏହି ୩ ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିଭଳି କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ଓ ଗଜପତି ଜିଲାରେ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଏବଂ ପ୍ରବଳ ବର୍ଷା ନେଇ ଗଞ୍ଜାମ, ନୟାଗଡ଼, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, ପୁରୀ, ଖୋର୍ଦ୍ଧା ଓ କଟକ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବଜ୍ରପାତ ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଓ ସୋନପୁରକୁ ୟେଲୋ ୱାର୍ନିଂ ରହିଛି।

# ଆଜି ଦେଶର ନିର୍ବାଚନ କମିଶନଙ୍କୁ ଭେଟିବ ବିଜେଡି ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର, ୧୮।୮ (ସୁନିତ୍ ମିଶ୍ର)

ଗତ ସାଧାରଣ ନିର୍ବାଚନ-୨୦୨୪ରେ ଭୋଟ୍ ଗଣତିରେ ଏପଟସେପଟ ଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହାସହ ନିର୍ବାଚନ ଫଳାଫଳ ବାହାରିବା ପରେ ଦଳ ପକ୍ଷରୁ ୧୭ସି ଫର୍ମ ଦେବା ଲାଗି ବିଜେଡି ପକ୍ଷରୁ ଆବେଦନ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ନିର୍ବାଚନ କମିଶନଙ୍କ ପକ୍ଷରୁ ୧୭ସି ଫର୍ମ ପ୍ରଦାନ କରାଯାଇନାହିଁ, ଯେଉଁଥିଲାଗି ଦେଶର ନିର୍ବାଚନ କମିଶନଙ୍କୁ ଭେଟିବା ଲାଗି ବିଜେଡି ପକ୍ଷରୁ ସମୟ ଲୋଡ଼ାଯାଇଥିଲା। ନିର୍ବାଚନ କମିଶନ ମଙ୍ଗଳବାର ଭେଟିବା ଲାଗି ବିଜେଡି ପ୍ରତିନିଧିମଣ୍ଡଳୀକୁ ସମୟ ଦେଇଥିବା ଜଣାପଡ଼ିଛି। ରାଜ୍ୟରୁ ୫ ଜଣ ବିଜେଡି ନେତା ତଥା ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ଅମର ପଟ୍ଟନାୟକ, ପ୍ରମିଳା ମଲ୍ଲିକ ପ୍ରମୁଖ ସୋମବାର ଦିଲ୍ଲୀ ଗସ୍ତ କରିଛନ୍ତି। ସେଠାରେ ସେମାନେ ନିର୍ବାଚନ କମିଶନଙ୍କୁ ଭେଟିବା ସହ ୧୭ସି ଫର୍ମ ଦେବା ଲାଗି ଆବେଦନ କରିବେ ବୋଲି ଜଣାପଡ଼ିଛି।

# ଓଡ଼ିଶାରେ ହୋଇପାରେ ପୋସ୍କୋ-ଜେଏସ୍‌ଡବ୍ଲ୍ୟୁ ମିଳିତ ଷ୍ଟିଲ୍ ପ୍ଲାଣ୍ଟ

ଭୁବନେଶ୍ୱର, ୧୮।୮

ଦକ୍ଷିଣ କୋରିଆର ପୋସ୍କୋ ହୋଲ୍‌ଡିଂସ ଭାରତର ଇସ୍ପାତ ବଜାରରେ ତୃତୀୟ ଥର ନିମନ୍ତେ ପ୍ରବେଶ ପାଇଁ ପ୍ରୟାସ କରୁଛି। ଏଥର ଜେଏସ୍‌ଡବ୍ଲୁ ଷ୍ଟିଲ୍ ସହ ମିଳିତ ଭାବେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ଲାଗି ଯୋଜନା ରହିଛି। ଉଭୟ କମ୍ପାନୀ ୬ ନିୟୁତ ଟନ୍ ବାର୍ଷିକ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଛନ୍ତି। କାରଖାନା ନିର୍ମାଣର ଅନ୍ୟତମ ମୁଖ୍ୟ ସ୍ଥାନ ଭାବେ ଓଡ଼ିଶା ରହିଛି। ଉଲ୍ଲେଖଯୋଗ୍ୟ, ପୋସ୍କୋ ଓଡ଼ିଶାରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ୨୦୦୫ରେ ପ୍ରଥମେ ଉଦ୍ୟମ କରିଥିଲା। ଉଭୟ କମ୍ପାନୀର ମିଳିତ ବିବୃତିରେ ନିବେଶ ରାଶି ସମ୍ପର୍କରେ କୌଣସି ତଥ୍ୟ ଦିଆଯାଇ ନାହିଁ। ତେବେ ଯୋଜନା ସହ ଜଡ଼ିତ ୨ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସୂଚନା ଅନୁସାରେ, ଏହି ପ୍ଲାଣ୍ଟ ପାଇଁ ପାଖାପାଖି ୭୦,୦୦୦ରୁ ୮୦,୦୦୦ କୋଟି ଟଙ୍କା (୮ରୁ ୯ ବିଲିୟନ ଡଲାର) ନିବେଶ କରାଯିବ। ଏହି ପ୍ରକଳ୍ପ ଓଡ଼ିଶାର ଅର୍ଥନୀତି ଓ ଔଦ୍ୟୋଗିକ ବିକାଶକୁ ନୂଆ ଗତି ପ୍ରଦାନ କରିବ ବୋଲି ଆଶା କରାଯାଉଛି।

# ସିଇସିଙ୍କ ବିରୋଧରେ ମହାଭିଯୋଗ ଆଣିପାରନ୍ତି ବିରୋଧୀ

ନୂଆଦିଲ୍ଲୀ, ୧୮।୮

## ଭୋଟର ତାଲିକା ଠିକ୍ ଥିବା ନେଇ ପ୍ରଥମେ ଇସି ସତ୍ୟପାଠ ଦାଖଲ କରନ୍ତୁ: କଂଗ୍ରେସ

ଭୋଟ ଜାଲିଆତି ଅଭିଯୋଗକୁ ନେଇ ନିର୍ବାଚନ କମିଶନ ଏବଂ ବିରୋଧୀ ଇଣ୍ଡିଆ ବ୍ଲକ୍ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ମୁଖ୍ୟ ନିର୍ବାଚନ କମିଶନ (ସିଇସି) ଜ୍ଞାନେଶ କୁମାରଙ୍କୁ ବିଦା କରିବା ପାଇଁ ପାର୍ଲାମେଣ୍ଟରେ ପ୍ରସ୍ତାବ ଆଣିବା ନିମନ୍ତେ ବିରୋଧୀ ବିଚାର କରୁଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପାର୍ଲାମେଣ୍ଟ ପରିସରରେ ସୋମବାର ସକାଳେ ଇଣ୍ଡିଆ ବ୍ଲକ୍ ନେତାମାନଙ୍କ ବୈଠକରେ ଏନେଇ ଆଲୋଚନା ହୋଇଛି। ସୁପ୍ରିମକୋର୍ଟ ବିଚାରପତିଙ୍କ ଭଳି ମୁଖ୍ୟ ନିର୍ବାଚନ କମିଶନଙ୍କୁ ବହିଷ୍କାର କରିବା ଲାଗି ମହାଭିଯୋଗ ପ୍ରସ୍ତାବ ଆଣିବାକୁ ହୋଇଥାଏ। ତାଙ୍କ ବିରୋଧରେ ଦୁର୍ବ୍ୟବହାର କିମ୍ବା ଅପାରଗତାର ପ୍ରମାଣ ପାଇଁ ପାର୍ଲାମେଣ୍ଟର ଉଭୟ ଗୃହରେ ଦୁଇ-ତୃତୀୟାଂଶ ଭୋଟରେ ପ୍ରସ୍ତାବ ଗୃହୀତ ହେବା ଆବଶ୍ୟକ। ପ୍ରସ୍ତାବ ଗୃହୀତ କରାଇବା ପାଇଁ ବିରୋଧୀଙ୍କ ପାଖରେ ଆବଶ୍ୟକ ସଂଖ୍ୟା ନ ଥିବାରୁ ଏହା କେବଳ ଏକ ଚାପ କୌଶଳ ଭଳି ଜଣାପଡୁଛି।

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭୋଟ ଚୋରି ଅଭିଯୋଗ ଆଣିଥିବାବେଳେ ଏଭଳି ଶବ୍ଦ ବ୍ୟବହାର କରିବା ସମ୍ବିଧାନ ପ୍ରତି ଅପମାନ ବୋଲି ସିଇସି ରବିବାର କହିଥିଲେ। ରାଜନୈତିକ ଉଦ୍ଦେଶ୍ୟ ପାଇଁ ଭାରତର ଭୋଟରମାନଙ୍କୁ ଟାର୍ଗେଟ କରିବାକୁ ନିର୍ବାଚନ ଆୟୋଗଙ୍କୁ ଏକ ଲଞ୍ଚ୍‌ପ୍ୟାଡ୍ ଭାବେ ବ୍ୟବହାର କରାଯାଉଛି। ଇସି ଭୋଟରମାନଙ୍କ ସହ ରହିଛନ୍ତି ବୋଲି ଜ୍ଞାନେଶ କହିବା ସହ ଅଭିଯୋଗ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ରାହୁଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯଦି ସତ୍ୟପାଠ ଜରିଆରେ ୭ ଦିନ ମଧ୍ୟରେ ଘୋଷଣାନାମା ଦାଖଲ କରା ନ ଯାଏ, ତେବେ ଅଭିଯୋଗକୁ ଭିତ୍ତିହୀନ ଓ ଅବୈଧ ଧରାଯିବ ବୋଲି ସିଇସି କହିଥିଲେ। ଏହା ଉପରେ ପ୍ରତିକ୍ରିୟା ରଖି କଂଗ୍ରେସ କହିଛି, ଭୋଟର ତାଲିକା ସମ୍ପୂର୍ଣ୍ଣ ସ୍ୱଚ୍ଛ ବୋଲି ସିଇସି ପ୍ରଥମେ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରନ୍ତୁ। ତା'ପରେ ତାଲିକାରେ ଅନିୟମିତତା ରହିଥିବା ନେଇ ଆମେ ସତ୍ୟପାଠ ଦେବୁ ବୋଲି କଂଗ୍ରେସ ବିହାରର ଗୟାଠାରେ ଭୋଟର ଅଧିକାର ଯାତ୍ରା ଅବସରରେ କଂଗ୍ରେସ ନେତା କହ୍ନେୟା କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ରବିବାର କଂଗ୍ରେସ ଭୋଟର ଅଧିକାର ଯାତ୍ରା ଆରମ୍ଭ କରିବା ଦିନ ସିଇସି ଖବରଦାତା ସମ୍ମିଳନୀ କରିଥିଲେ। ସିଇସି ଭାଜପାର ମୁଖପାତ୍ର ସାଜିଥିବା କଂଗ୍ରେସର ଗଣମାଧ୍ୟମ ଓ ପ୍ରଚାର ବିଭାଗ ମୁଖ୍ୟ ପବନ ଖେରା କହିଛନ୍ତି।

ବିହାର ଠିଠା ଭୋଟର ତାଲିକା ଅନିୟମିତତା ସମ୍ପର୍କିତ ପ୍ରଶ୍ନ ଉପରେ ନିର୍ବାଚନ କମିଶନ ଉତ୍ତର ଦେବାରେ ବିଫଳ ହୋଇଥିବା ନେଇ ଇଣ୍ଡିମେଣ୍ଟର ୮ ପ୍ରମୁଖ ଦଳ ସୋମବାର ଏକ ମିଳିତ ଖବରଦାତା ସମ୍ମିଳନୀ କରି କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନୂତନ ଭବିଷ୍ୟତ ନିର୍ମାଣରେ ସୂତ୍ରଧର ଟ୍ରଷ୍ଟ ପକ୍ଷରୁ ୪ର୍ଥ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଫଟୋଗ୍ରାଫି ଦିବସ ଓ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱଫଟୋଗ୍ରାଫି ଦିବସ ଉପଲକ୍ଷେ ଆଲୋଚନାଚକ୍ର ଓ ପ୍ରଦର୍ଶନୀ ଉତ୍ସବ, ସ୍ଥାନ: ସଂସ୍କୃତି ବିହାର, ସମୟ: ଅପରାହ୍ନ ୩ ଟା।
- ଲିପିତତ୍ତ୍ୱବିତ୍ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ଜୟନ୍ତୀ, ସ୍ଥାନ: ରାଜ୍ୟ ସଂଗ୍ରହାଳୟ, ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ଆଧ୍ୟାତ୍ମିକ କବିତା ପୁସ୍ତକ ପ୍ରୀତିମଗ୍ନା ଲୋକାର୍ପିତ, ସ୍ଥାନ: ବୁଦ୍ଧମନ୍ଦିର ସଭାଗୃହ, ସମୟ: ଅପରାହ୍ନ ୪ଟା।
- ୟୁରୋ କିଡ୍‌ନୀ କେୟାର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗଜପତି ନଗର, ପ୍ଲଟ୍ ନମ୍ବର ୭୭୯୮, ସୈନିକ ସ୍କୁଲ୍ ସାମ୍ନା, ସମୟ: ଅପରାହ୍ନ ୪ଟା।
- ସାରସ୍ୱତ ସମାଜ ପକ୍ଷରୁ ରାଜ୍ୟସ୍ତରୀୟ ଚତୁର୍ଦ୍ଦଶ ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା ୩୦।
- ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲୌହମାନବୀ ସରଳା ଦେବୀଙ୍କ ୧୨୧ତମ ଜୟନ୍ତୀ ସମାରୋହ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ଶରଧାପୁର ଫୁଟବଲ ଲିଗ୍, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

## ପୁରୀ
- ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ, ପୁରୀ ବେଳାଭୂମି ସଫେଇ, ସ୍ଥାନ: ବିବେକାନନ୍ଦ ମୂର୍ତ୍ତି ସମ୍ମୁଖ ବେଳାଭୂମି, ସମୟ: ସକାଳ ୭ଟା।
- ଟେନିସ୍ କ୍ରିକେଟ ବଲ୍ ଖେଳ ପାଇଁ ଚୟନ ପ୍ରତିଯୋଗିତା, ସ୍ଥାନ: ଜଗନ୍ନାଥ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୌରସଦନ, ସମୟ: ସନ୍ଧ୍ୟା ୬ଟା।
- ଧେନୁକା ଅସୁର ବଧ ନୀତି, ସ୍ଥାନ: କୁଣ୍ଢେଇ ବେଣ୍ଟ ସାହି ଆଖଡ଼ା, ସମୟ: ସନ୍ଧ୍ୟା ୬ଟା।
- କାଳୀୟ ଦଳନ ନୀତି, ସ୍ଥାନ: ମାର୍କଣ୍ଡ ପୁଷ୍କରିଣୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ସୂଚନା ଅଧିକାର ଆଇନ ସଂଘ ବାଲିଆପାଳ ଶାଖା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସର, ବାଲିଆପାଳ, ସମୟ: ସକାଳ ୯ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଏଡିଏମ୍ ସ୍କୋୟାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଗଣଧାରଣା, ସ୍ଥାନ: ଜିଲାପାଳଙ୍କ ଦପ୍ତର ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ରାଜ୍ୟପାଳଙ୍କ ସହ ଜିଲାସ୍ତରୀୟ ଅଧିକାରୀଙ୍କ ଆଲୋଚନା, ସ୍ଥାନ: ସର୍କିଟ ହାଉସ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟପାଳଙ୍କ ଗ୍ରାମାଞ୍ଚଳ ପାର୍କ ପରିଦର୍ଶନ ଓ ଏସ୍‌ଏଚ୍‌ଜି ମହିଳାଙ୍କ ସହ ଆଲୋଚନା, ସ୍ଥାନ: ବଡ଼ବର୍ଷିକୟାଁ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା ୫।
- ସ୍ୱଚ୍ଛସାଥୀଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା, ସ୍ଥାନ: ହରିପୁର, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।
- ରାଜ୍ୟପାଳଙ୍କ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ, ସ୍ଥାନ: ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ର, ଭଦ୍ରକ, ସମୟ: ଅପରାହ୍ନ ୫ଟା ୦୫।

## କେନ୍ଦୁଝର
- ସଂଗ୍ରାମ କେଶରୀ ଜେନାଙ୍କ ସ୍ମୃତି ସାଂସଦ ୪ର୍ଥ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ହ୍ୟାଣ୍ଡଲୁମ୍ ଫେବ୍ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ବିଶ୍ୱ ଫଟୋଗ୍ରାଫି ଦିବସ, ସ୍ଥାନ: ଗ୍ରୀନ କୋର୍ଟିୟାର୍ଡ, ହରିଡାଖଣ୍ଡି ଛକ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ଖରିଫ ଫସଲ ସର୍ଭେ ଉପରେ ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ମକା ମିଶନ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା, ସ୍ଥାନ: ସଦ୍ ଭାବନା ସଭାଗୃହ, ସମୟ: ୧୧.୩୦।
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଉପରେ ବୈଠକ, ସ୍ଥାନ: ସଦ୍ ଭାବନା ସଭାଗୃହ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ
- ଆସ ସ୍କୁଲ ଯିବା ସଚେତନତା ଶୋଭାଯାତ୍ରା, ସ୍ଥାନ : ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ : ଅପରାହ୍ନ ୩ଟା।
- ଆଇନଗତ ସଫେଇ ସୁରକ୍ଷିତ ସଫେଇ କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ୱାର୍ଡ ନଂ. ୨, ସମୟ : ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର
- ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସଂକ୍ରାନ୍ତୀୟ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ଜାତୀୟ ଗୁଣାବତ୍ତା ନିଶ୍ଚିତତା ମାନଦଣ୍ଡ ଓ ସାଧାରଣ ନିର୍ମାଣ ସଂକ୍ରାନ୍ତୀୟ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## କେନ୍ଦ୍ରାପଡ଼ା
- ନନ୍ଦୋତ୍ସବ, ସ୍ଥାନ: ଆୟେବା ଓ କଂସାର, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବନ୍ଧକଟା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- କାଳୀୟ ଦଳନ ଏକାଦଶୀ ଓ ଲବଣି ଖିଆ ଉତ୍ସବ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ ସମୟ: ପୂର୍ବାହ୍ନ ୧୧ଟା।
- ଫଟୋଗ୍ରାଫି ଦିବସ ପାଳନ, ସ୍ଥାନ: ଶରଣକୁଳ ଖାଡେଶ୍ୱରୀ ପୀଠ, ସମୟ: ଅପରାହ୍ନ ୧ଟା।

## ରାୟଗଡ଼ା
- ଜାତୀୟ ସ୍ତରୀୟ ଭଲିବଲ, ଟେବୁଲ ଟେନିସ ପ୍ରତିଯୋଗିତା ଉଦ୍‌ଯାପନୀ ଦିବସ, ସ୍ଥାନ: ଏକଲବ୍ୟ ବିଦ୍ୟାଳୟ, ବିକ୍ରମପୁର, ଗୁଣପୁର, ସମୟ: ସନ୍ଧ୍ୟା ୬ଟା ୩୦।

## ନବରଙ୍ଗପୁର
- ହର୍ଷ ଟ୍ରଷ୍ଟ ଅନୁଷ୍ଠାନ ପକ୍ଷରୁ ମାଣ୍ଡିଆ ପ୍ରଣାଳୀ ଘନତା ନେଇ ତାଲିମ୍, ସ୍ଥାନ: ଝରିଗାଁ ବ୍ଲକ ଚାରକୁଟିଆ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ବିଭିନ୍ନ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ପଦବୀ ପାଇଁ ସାକ୍ଷାତକାର, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ରାଜସ୍ୱ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରୋଗୀ କଲ୍ୟାଣ ସମିତି ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ଖରିଫ ଚାଷ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ମାଲକାନଗିରି
- ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ସ୍ମୃତି ସମାରୋହ, ସ୍ଥାନ:ୟୁନିଅନ ବ୍ୟାଙ୍କ ନିକଟ ଯୋଗ ଗୃହ,ସମୟ: ଅପରାହ୍ନ ୪ଟା ୩୦।

## ସମ୍ବଲପୁର
- ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ଜୁନିୟର ବାଳକ କ୍ରିକେଟ ଟୁର୍ନାମେଣ୍ଟରେ ଫୋରସି ବନାମ ସ୍ପୋର୍ଟିଂ ୟୁନିୟନ ମ୍ୟାଚ, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ସହ ଜିଲା କୃଷକ ସୁରକ୍ଷା ସଙ୍ଗଠନର ଆଲୋଚନା, ସ୍ଥାନ : ଜିଲାପାଳ ଅଫିସ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ସାମ୍ବାଦିକ ସଂଘ ଆୟୋଜନରେ ବିଶ୍ୱ ଫଟୋଗ୍ରାଫି ଦିବସ ଓ ଫଟୋ ପ୍ରଦର୍ଶନୀର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ରାଜସ୍ୱ ଅମଲା ସଂଘର ଧାରଣା ଜାରି, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା
- ମନସାଦେବୀ ପୂଜା ଶୁଭାରମ୍ଭ ଓ ସାନ୍ଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୬ ଲୁଆକେରା ବସ୍ତି, ସମୟ: ସକାଳ ୭ଟା।
- କଂଗ୍ରେସ ବୁଥ୍‌ସ୍ତରୀୟ ବୈଠକ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାସଦେବ ବିଦ୍ୟାମନ୍ଦିରରେ ବୃକ୍ଷରୋପଣ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୧ଟା।
- ଗୋପବନ୍ଧୁ ସାହିତ୍ୟ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁନ୍ଦରଗଡ଼
- ସୁନ୍ଦରଗଡ ଖ୍ରୀଷ୍ଟିୟାନ କାଉନସିଲ ପକ୍ଷରୁ ରାଲି, ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ନାରୀ କଲ୍ୟାଣ କେନ୍ଦ୍ର ପଡିଆ, ସମୟ ପୂର୍ବାହ୍ନ: ୧୦ଟା।

## ବରଗଡ଼
- ମୃତ୍ତିକା ସଂରକ୍ଷଣ ଉପରେ ଆଲୋଚନା ଚକ୍ର, ସ୍ଥାନ:ଚକୁଳି ପଞ୍ଚାୟତ କୃଷକ ସଂଘ ସଭା କକ୍ଷ, ସରଣ୍ଡା,ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ଅମଲା ସଂଘର କାର୍ଯ୍ୟବନ୍ଦ ପ୍ରତିବାଦ ସଭା, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପିଡବ୍ଲ୍ୟୁଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଭବାନୀପାଟଣା ସବ୍‌ଡିଭିଜନ ଅଫିସ-୨, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- ୟୁଥ ରେଡକ୍ରସର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ସୋନପୁର କଲେଜ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା
- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ୯ମ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଥାନା ଘେରାଉ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଧରମବନ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ ଆନ୍ଦୋଳନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ସକାଳ ୮ଟା।
- ୧୭ତମ ଇଣ୍ଡିପେଣ୍ଡେଣ୍ଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ପିଏମ୍-ଜନମନ ଯୋଜନାର ଗୃହ ପ୍ରବେଶ ଉତ୍ସବ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତ ଭରୁଆମୁଣ୍ଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ପଞ୍ଚ ଉପଚାର ପୂଜା ଓ ଚାଳିଶା ପଠନ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଏକ ଦିବସୀୟ କ୍ରିକେଟ୍ ମ୍ୟାଚ, ସ୍ଥାନ: ଗୌରଡ଼ିହି, ସମୟ:ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମଭାବରୁ ଷଷ୍ଠସ୍ଥ ଚନ୍ଦ୍ର ଯୋଗୁ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ, କିନ୍ତୁ କିଛିବି କରିବେ ନାହିଁ। ନିଜର ଲୋକମାନଙ୍କୁ ବୃଥା ସନ୍ଦେହକରି ନିଜେ ହିଁ କ୍ଷତିରେ ପଡ଼ିବେ। କ୍ରୀଡ଼ା, ଚଳଚ୍ଚିତ୍ର, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବା ସୂଚନା ରହିଛି।

**ବୃଷ** ଶାରୀରିକ ଦୁର୍ବଳତା ହେତୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। କେତୁଯୁକ୍ତ ରବିଙ୍କ ଯୋଗୁ ପାରସ୍ପରିକ ବୁଝାମଣାର ଅଭାବ ପରିଲକ୍ଷିତ ହୋଇପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମିଥୁନ** ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣକଲେ କେତେକାଂଶରେ ଉପକୃତ ହେବେ। ପାପଗ୍ରହଯୁକ୍ତ ତୃତୀୟାଧିପ ଯୋଗୁ ପ୍ରିୟଜନଙ୍କ ସହଯୋଗ ଅଭାବରୁ କାର୍ଯ୍ୟ ସ୍ଥଗିତ ରହିଯାଇପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବାକୁ ମନ ବଳାଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟପୂରଣ ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ।

**କର୍କଟ** ଆଲୋଚନା ପରିସରରେ ଦୀର୍ଘଦିନରୁ ଭାଙ୍ଗିପଡ଼ିଥିବା କୌଣସି ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ଭାବପ୍ରବଣ ବଶତଃ ଓଲଟା କଥା କହି ପରିବାରରେ ସମାଲୋଚିତ ହୋଇପାରନ୍ତି। ଚନ୍ଦ୍ର ଓ ଶୁକ୍ର ଦ୍ୱାଦଶସ୍ଥ ଯୋଗୁ ସଂସାର ଯାତ୍ରା କ୍ଷେତ୍ରରେ ବ୍ୟତିକ୍ରମ ଲାଗି ରହିବ। ବନ୍ଧୁଙ୍କ ସହଯୋଗ ହେତୁ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି।

**ସିଂହ** ଲାଭଭାବରେ ଶୁଭଗ୍ରହ ରହିଥିବାରୁ ଆଶାପୂରଣ ଦିଗରେ ବନ୍ଧୁଙ୍କ ସହ ପରାମର୍ଶ ହିତକର ହେବ। ପରିସ୍ଥିତିରେ ପଡ଼ି ଗୁଡିଏ ଟଙ୍କା ଖର୍ଚ୍ଚକରି ଦୁଃଖପ୍ରକାଶ କରିପାରନ୍ତି। ଈର୍ଷାପରାୟଣ ବ୍ୟକ୍ତିମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ସାମାଜିକ ସ୍ତରରେ ପ୍ରତିଯୋଗିତା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ।

**କନ୍ୟା** ତୃତୀୟ ଅଷ୍ଟମାଧିପ ମଙ୍ଗଳଙ୍କ କୁପ୍ରଭାବରେ କୃତକାର୍ଯ୍ୟ ହେବା କଷ୍ଟକର ହୋଇପାରେ । ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଏଜେନ୍ସିପ୍ରରୁ ଖୁସି ରହିବେ। ଅଚାନକ ଭାବରେ ବନ୍ଧୁଙ୍କ ନିକଟରୁ ଶୁଭ ଖବର ଶୁଣି ଖୁସି ହେବେ। ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବା ସହ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**ତୁଳା** ଭାଗ୍ୟ ସ୍ଥାନରେ ଗୁରୁଶୁକ୍ର ଥିବାରୁ କର୍ମକ୍ଷେତ୍ର ଓ ପରିବାରର ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହେବ। ବନ୍ଧୁଙ୍କ ଆଦର ଅଭ୍ୟର୍ଥନା ସହ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ କରିବେ। ବାଣିଜ୍ୟ ଓ ପରିବହନରେ ଉନ୍ନତମାନର ଫଳ ପାଇପାରନ୍ତି। ପ୍ରିୟଜନଙ୍କ ପରାମର୍ଶରେ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସମ୍ଭାବନା ରହିଛି।

**ବିଛା** କେତୁଙ୍କ ସହ ରବିଙ୍କ ଦୃଷ୍ଟି ପ୍ରଭାବରେ ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ଅପ୍ରୀତିକର ପରିସ୍ଥିତି ସୃଷ୍ଟିହେବ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବାରୁ ମାନସିକ ଗ୍ଳାନି ଅନୁଭବ କରିପାରନ୍ତି। ଦୂରଯାତ୍ରାରେ ଲକ୍ଷ୍ୟପୂରଣ ହେବ ଓ ଅଭିଳଷିତ ଜିନିଷ ପାଇବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାର୍ଯ୍ୟ ସମ୍ପନ୍ନକରି ଖୁସି ମନାଇ ପାରନ୍ତି।

**ଧନୁ** ଆଜି ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ସରକାରୀ ଅନୁକମ୍ପା ଲାଭକରି କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କମିପାରେ। ଶନିଙ୍କ ସ୍ଥିତିଜନିତ ପାରିବାରିକ କ୍ଷେତ୍ରରେ ଠିକ୍ ଭୁଲ୍‌ର ବିଚାର ନ କରି କାମକଲେ ପ୍ରତାରିତ ହେବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଏବଂ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର** ତୃତୀୟାଧିପଙ୍କ ଦୃଷ୍ଟି ହେତୁ ଆତ୍ମୀୟସ୍ୱଜନଙ୍କ ସାହାଯ୍ୟ ଫଳରେ କାମ କରିବାର ସ୍ପୃହା ଜାଗ୍ରତ ହେବ। ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମକରି ମଧ୍ୟ ନିନ୍ଦା ଶୁଣିପାରନ୍ତି।

**କୁମ୍ଭ** ନୀଚାଭିମୁଖୀ ଶନିଙ୍କ ପ୍ରଭାବରୁ ସ୍ୱାସ୍ଥ୍ୟ ପରୀକ୍ଷା କରିବାର ଆବଶ୍ୟକତାକୁ ନେଇ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟାର ଆଶଙ୍କା ରହିଛି। ବିବାଦୀୟ ସ୍ଥିତିର ବିଳୟ ଘଟି ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବାରୁ ଖୁସି ରହିବେ। ପ୍ରିୟ କଥା କହି ବୁଦ୍ଧିଜୀବୀଙ୍କ ପ୍ରିୟଭାଜନ ହୋଇପାରନ୍ତି।

**ମୀନ** ଯେତେ ଭଲ କାମ କରନ୍ତୁନା କାହିଁକି ପରିବାରରେ ସମାଲୋଚିତ ହେବେ। ରବି ଓ ରାହୁଙ୍କ ପ୍ରଭାବରୁ ରାଜନୀତିରେ ଲକ୍ଷ୍ୟ ହାସଲ କରିବେ ଓ ସାମାଜିକ ପ୍ରତିଷ୍ଠା ବଢ଼ିବ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ, କିନ୍ତୁ ଋଣ ପରିଶୋଧ ପାଇଁ ବ୍ୟାକୁଳତା ପ୍ରକାଶ କରିପାରନ୍ତି। ସନ୍ତାନଙ୍କ ନିମ୍ନମାନର ଶିକ୍ଷା ଓ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ।

ଆଜି ଅଗଷ୍ଟ ୧୯ ତାରିଖ, ବିଶ୍ୱ ଫଟୋଗ୍ରାଫି ଦିବସ, ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କାଳୀୟଦଳନ ବେଶ, ଧେନୁକାସୁର ବଧ ପ୍ରସ୍ତାବ, ଭାଦ୍ରବ କୃଷ୍ଣପକ୍ଷର ଅଜା/କାଳୀୟଦଳନ ଏକାଦଶୀ ମଙ୍ଗଳବାର। ରାଶିନକ୍ଷତ୍ର- ଆରଦ୍ରା/ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୪୦ ଗତେ, ଘ.୧୦।୩୪ ମଧ୍ୟେ, ଘ.୦୧।୦୫ ଗତେ, ଘ.୦୧।୨୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୯ ଗତେ, ଘ.୦୪।୩୪ ମଧ୍ୟେ ରାହୁକାଳ।

# ଯେଉଁମାନେ ଦେଖା କରିବାକୁ ଚାହୁଁଛନ୍ତି ନବୀନ ନିବାସ ଆସନ୍ତୁ: ନବୀନ

**ଆଇସିୟୁରୁ କ୍ୟାବିନ୍‌କୁ ସିଫ୍ଟ ହେଲେ**

ଭୁବନେଶ୍ୱର,୧୮।୮(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଡିହାଇଡ୍ରେସନ୍ ସମସ୍ୟା ଯୋଗୁ ରବିବାର ସ୍ଥାନୀୟ ଏକ ଘରୋଇ ହସ୍ପିଟାଲ ସମ୍ ଅଲ୍‌ଟିମେଟ୍‌ରେ ଆଡ୍‌ମିଟ୍ ହୋଇଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା ଜଣାପଡ଼ିଛି। ଜଣେ ବରିଷ୍ଠ ବିଜେଡି ନେତାଙ୍କ ସୂତ୍ରରୁ ଜଣାପଡ଼ିଛି ଯେ, ନବୀନ ବର୍ତ୍ତମାନ ଆଇସିୟୁରୁ କ୍ୟାବିନ୍‌କୁ ସିଫ୍ଟ ହୋଇଛନ୍ତି। ହସ୍ପିଟାଲରୁ ନବୀନ ଏକ ଭିଡିଓ ଜାରି କରି କହିଛନ୍ତି, ଡାକ୍ତରମାନଙ୍କ ଚିକିତ୍ସା ଏବଂ ସେବା ଯୋଗୁ ସେ ଏବେ ଭଲ ଅଛନ୍ତି। ଯେଉଁମାନେ ତାଙ୍କୁ ଦେଖିବାକୁ ଚାହୁଁଛନ୍ତି ସେମାନେ ନବୀନ ନିବାସ ଆସିପାରିବେ ବୋଲି ସେ କହିଛନ୍ତି। ଏଭଳି ସ୍ୱାସ୍ଥ୍ୟାବସ୍ଥା ଭିତରେ ଭିଡିଓ ବାର୍ତ୍ତା ଜାରି କରିବା ଲାଗି କାହିଁକି ତାଙ୍କୁ ଆବଶ୍ୟକ ପଡ଼ିଲା ବୋଲି ଅନେକ ନେତା ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି ନବୀନବାବୁ ସୁସ୍ଥ ଅଛନ୍ତି, ସେ ସକାଳ ଜଳଖିଆ କରିଛନ୍ତି। କିଛିଦିନ ଭିତରେ ସେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଯିବେ ବୋଲି ଦେବୀ କହିଛନ୍ତି।

# ଯୁବପିଢ଼ିଙ୍କ କାନ୍ଧରେ ରହିବ କଂଗ୍ରେସ: କାଡାମ

ଭୁବନେଶ୍ୱର,୧୮।୮(ରବିନାରାୟଣ ଜେନା)

ରାଜ୍ୟରେ ମହିଳା, ଚାଷୀ, ଆଦିବାସୀ ଓ ପଛୁଆବର୍ଗଙ୍କ ପାଇଁ କଂଗ୍ରେସ ସ୍ୱର ଉତ୍ତୋଳନ କରୁଥିବାରୁ କଂଗ୍ରେସ ପ୍ରତି ଦିନକୁ ଦିନ ଜନସମର୍ଥନ ବଢ଼ିବାରେ ଲାଗିଛି। ଆଗାମୀ ଦିନରେ ଏହାକୁ ନେଇ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ତରରେ ଓ ବିଭିନ୍ନ ପର୍ଯ୍ୟାୟରେ ଜନଆନ୍ଦୋଳନ କରାଯିବ। ଛାତ୍ର ଓ ଯୁବ ସଙ୍ଗଠନକୁ ଅଧିକ ଶକ୍ତିଶାଳୀ କରି ତାଙ୍କ କାନ୍ଧରେ ଗୁରୁଦାୟିତ୍ୱ ପ୍ରଦାନ କରାଯିବ ବୋଲି ସୋମବାର ରାଜ୍ୟ କଂଗ୍ରେସଭବନରେ ଅନୁଷ୍ଠିତ ରାଜନୈତିକ ବ୍ୟାପାର କମିଟି ସମେତ ୫ ବୈଠକରୁ ଜଣାଯାଇଛି।

ବୈଠକ ପରେ କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଯେଉଁ 'ଭୋଟ ଚୋର ଗାଦି ଛାଡ୍' ଆନ୍ଦୋଳନରେ ବାହାରିଛନ୍ତି ତାକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ। ଆସନ୍ତା ସେପ୍ଟେମ୍ବର ୪ରେ କଂଗ୍ରେସ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ। ଏହାସହିତ ଦଳକୁ ସୁସଙ୍ଗଠିତ କରିବା ପାଇଁ ନୂତନ ଯୁବପିଢ଼ିଙ୍କୁ ଅଗ୍ରାଧିକାର ଦିଆଯିବ। ରାଜ୍ୟ ସରକାର ପଛୁଆବର୍ଗ, ଏସ୍‌ସି/ଏସ୍‌ଟି ବର୍ଗଙ୍କୁ କିଭଳି ଉଚ୍ଚଶିକ୍ଷା କ୍ଷେତ୍ରରେ ଅବହେଳିତ କରୁଛନ୍ତି ତାକୁ ନେଇ ଆନ୍ଦୋଳନ କରାଯିବ।

କାଡାମ କହିଛନ୍ତି, ଚଳିତମାସ ୨୧ରୁ ବ୍ଲକ ଓ ଜିଲାସ୍ତରରେ ନାରୀ ନ୍ୟାୟ ଯାତ୍ରା କରାଯିବ। ଗାଁରୁ ସହର ପର୍ଯ୍ୟନ୍ତ ସବୁସ୍ତରରେ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ କରାଯିବ। ସେ କହିଥିଲେ, ସୋମବାର ରାଜନୈତିକ ବ୍ୟାପାର କମିଟି ସହିତ ମହିଳା କଂଗ୍ରେସ, ସେବାଦଳ, ଯୁବ, ଛାତ୍ର ଏବଂ ପଛୁଆବର୍ଗ କମିଟିର ସମୀକ୍ଷା କରାଯାଇଥିଲା। ଏହି ଅବସରରେ କଂଗ୍ରେସର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ସାମାଜିକ ନ୍ୟାୟ କମିଟି ପକ୍ଷରୁ ସଂଗୃହୀତ ତଥ୍ୟ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଏହି ସମସ୍ତ ବୈଠକରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଜବାବ ଦାଖଲ ପାଇଁ ୨ ସପ୍ତାହ ମହଲତ ନେଲେ ସରକାର

**ରକ୍ତ କେନ୍ଦ୍ରରେ ନାଟ୍-ପିସିଆର୍ ପରୀକ୍ଷା ମାମଲା**

କଟକ,୧୮।୮(କାର୍ତ୍ତିକ ସାହୁ)

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ ହୋଇ ନ ଥିବା ୪୫ଟି ରକ୍ତ ସଂଗ୍ରହ କେନ୍ଦ୍ରରେ ଗତ ମାର୍ଚ୍ଚ ପହିଲା ସୁଦ୍ଧା ନିଉକ୍ଲିକ ଏସିଡ ଆମ୍ପ୍ଲିଫିକେଶନ ଟେଷ୍ଟ-ପଲିମର୍ ଚେନ ରିଆକ୍ସନ(ନାଟ୍-ପିସିଆର୍) ପରୀକ୍ଷା ଆରମ୍ଭ ହୋଇ ପାରିନାହିଁ। ଏ ନେଇ ହାଇକୋର୍ଟରେ ରୁଜୁ ଅଦାଲତ ଅବମାନନା ମାମଲାରେ ଆବେଦନକାରୀ ପ୍ରବୀର କୁମାର ଦାସ ପ୍ରତିଜବାବ ଦାଖଲ କରିଛନ୍ତି। ସେ ନାଟ୍-ପିସିଆର୍ ଉପଯୋଗିତା ଉପରେ ସବିଶେଷ ତଥ୍ୟ ଦେଇଛନ୍ତି। ସେହିପରି ରାଜ୍ୟ ସରକାର ଦେଇଥିବା ଗତ ସତ୍ୟପାଠରେ ନାଟ୍-ପିସିଆର୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଅତି କମ୍‌ରେ ୯ ମାସ ସମୟ ଲାଗିବ ବୋଲି ଦର୍ଶାଇଥିବାରୁ ଆବେଦନକାରୀ ଜନସ୍ୱାର୍ଥ ଦୃଷ୍ଟିରୁ ସମୟସୀମା ହ୍ରାସ କରିବାକୁ ନିବେଦନ କରିଛନ୍ତି। ତେବେ ରାଜ୍ୟ ସରକାର ଏ ବାବଦରେ ଜବାବ ଦାଖଲ ପାଇଁ ୨ ସପ୍ତାହ ମହଲତ ନେଇଛନ୍ତି। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ନିମନ୍ତେ ସେପ୍ଟେମ୍ବର ୨କୁ ଧାର୍ଯ୍ୟ କରିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେବେ ପୂରିଥାଏ ଡୋଲି,**
**ସୁସାର ବଚନ ବୋଲି ।**

ଡୋଲିର ଅର୍ଥ ପେଟ। ପେଟ ପୂରିଥିଲେ ପାଟିରୁ ମଧୁର କଥା ବାହାରେ। ପେଟ ଶାନ୍ତି ତ ମନ ଶାନ୍ତି। ପରନ୍ତୁ ପେଟ ପୂରି ନ ଥିଲେ, ଭୋକରେ ପେଟ ଜଳୁଥିଲେ ମୁଣ୍ଡକୁ ପିତ୍ତ ଚଢ଼ିଯାଇଥାଏ। ମନରେ ଅହେତୁକ କ୍ରୋଧ ଭାବନା ଆସିଯାଇଥାଏ। ପାଟିରୁ ଯାହା ଇଚ୍ଛା ତାହା ବାହାରିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ରତନି, ପାଟ ପତନି,**
**ବରଗଛ ମୂଳେ ଘର;**
**ବାପ ଜାଣି ନାହିଁ, ମା' ଜାଣି ନାହିଁ,**
**ନେଇଗଲା ବୁଢ଼ା ବର।**

ପ୍ରେମ ଅନ୍ଧ। ବେଳେବେଳେ ପ୍ରେମରେ ପଡ଼ିଲେ ମଣିଷ ନିଜ ହିତାହିତ ଜ୍ଞାନ ହରାଇ ବସିବା ସହ ରଙ୍ଗିନ ସ୍ୱପ୍ନରେ ଭାସି ଯାଇ ଆଗତ ଭବିଷ୍ୟତ କଥା ପାସୋରି ଦେଇଥାଏ। ମାତାପିତାଙ୍କ ଅଗୋଚରରେ ଯୁବତୀ ଝିଅଟି ପର ପୁରୁଷ ସହ ଗୋପନରେ ଘରୁ ପଳାଇଯାଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ସେପ୍ଟେମ୍ବରରୁ ଓଡ଼ିଶାରେ...

ନ କମିବ, ତାକୁ କମିଶନ ଗୁରୁତ୍ୱ ଦେଉଛନ୍ତି ବୋଲି ସିଇଓ ଗୋପାଳନ କହିଛନ୍ତି। ସୋମବାର ଭୁବନେଶ୍ୱରସ୍ଥିତ ସିଇଓଙ୍କ କାର୍ଯ୍ୟାଳୟରେ ଏସ୍‌ଆଇଆର୍ ଓ ନିର୍ବାଚନ ପ୍ରକ୍ରିୟା ସୁଦୃଢ଼ୀକରଣ ନେଇ ସିଇଓ ଗୋପାଳନ କହିଛନ୍ତି, ଶେଷଥର ପାଇଁ ୨୦୦୨ରେ ଭୋଟର ତାଲିକା ସଂଶୋଧନ କରାଯାଇଥିଲା। ଓଡ଼ିଶାର ୭ହଜାର ଏପିକ୍ ନମ୍ବର ଥିବା ଭୋଟର କାର୍ଡ ପରିବର୍ତ୍ତନ କରି ନୂଆ ଭୋଟର କାର୍ଡ ପ୍ରଦାନ କରାଯାଇଛି। ଏଥିରୁ କେବଳ ୫ହଜାର ଏପିକ୍ ନମ୍ବର ବାଙ୍କୀରେ ରହିଥିଲା, ଯେଉଁମାନଙ୍କର ନାଁ ଗୁଜରାଟ ଭୋଟର ତାଲିକାରେ ରହିଛି ବୋଲି ଜଣାପଡ଼ିବା ପରେ ସେଗୁଡ଼ିକୁ ବାଦ୍ ଦିଆଯାଇଛି। ବାକି ୨ହଜାର ଏପିକ୍ ନମ୍ବର କର୍ଣ୍ଣାଟକ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସହିତ ମିଶୁଥିଲା। ଏହି ଏପିକ୍ ନମ୍ବର କେବଳ ଭୋଟ ପରିଚୟ ପତ୍ର ପାଇଁ ଦିଆଯାଇଥିଲା। ଏହି ଏପିକ୍ ନମ୍ବରରେ କେହି ଭୋଟ ଦେଇପାରିବେ ନାହିଁ। ବର୍ତ୍ତମାନ ସ୍ୱତନ୍ତ୍ର ଏପିକ୍ ନମ୍ବର ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରଦାନ କରାଯିବ।

ଗୋପାଳନ କହିଛନ୍ତି, ବିରୋଧୀ ଦଳ ପକ୍ଷରୁ ଭୋଟ୍ ଚୋରି ନେଇ ଅଣାଯାଇଥିବା ବିଭିନ୍ନ ଅଭିଯୋଗ ଭିତ୍ତିହୀନ ବୋଲି ପ୍ରମାଣିତ ହୋଇଛି। ରାଜ୍ୟରେ ବିଜେଡି ଏବଂ ଅନ୍ୟ ଦଳ ପକ୍ଷରୁ ଆସିଥିବା ଅଭିଯୋଗର ସମ୍ପୂର୍ଣ୍ଣ ଉତ୍ତର ରଖାଯାଇଛି। ଏହାବାଦ୍ ବିଜେଡି ପକ୍ଷରୁ ଯେଉଁ ଅଭିଯୋଗ ରହିଛି, ତାହା ଇସିଆଇ ନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟସୀମାଠାରୁ ବାହାରେ ରହିଛି। ଯଦି କୌଣସି ଦଳ ଚାହିଁବେ ତେବେ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟଙ୍କଠାରୁ ନିର୍ଦ୍ଦେଶ ଆଣିଲେ ତାହାକୁ ଆୟୋଗ ଗୁରୁତ୍ୱର ସହ ଅନୁଧ୍ୟାନ କରିବ। ସେ ଆହୁରି କହିଛନ୍ତି, ଜଣେ ଭୋଟର ବିଧାନସଭାରେ ଭୋଟ ଦେଇ ଲୋକ ସଭାରେ ଦେଇ ନ ପାରନ୍ତି। ନଚେତ୍ କେଉଁଠି ନ ଦେଇ ଚାଲି ଯାଇପାରନ୍ତି। ସେଭଳି କ୍ଷେତ୍ରରେ ଭୋଟ୍‌ର ଅସାମଞ୍ଜସ୍ୟ କିମ୍ବା ପାର୍ଥକ୍ୟ ରହିବ; ଯେଉଁଥିପାଇଁ ଲୋକ ସଭା ଏବଂ ବିଧାନସଭା ଭୋଟିଂରେ ତାରତମ୍ୟ ଦେଖିବାକୁ ମିଳିଛି। ଭୋଟ ଗ୍ରହଣ ସରିବା ପରେ ବିଳମ୍ବିତ ରାତିରେ ଦିଆଯାଉଥିବା ଭୋଟ ହାର ଏବଂ ଭୋଟ ଗ୍ରହଣ ପରଦିନ ଦିଆଯାଉଥିବା ଭୋଟ ହାରରେ ଥିବା ତଫାତ୍‌କୁ ନେଇ ନିର୍ବାଚନ ଅଧିକାରୀ କହିଛନ୍ତି, ଏକ ସମୟରେ ସବୁ ବୁଥ୍‌ରୁ ମତଦାନ ସଂଖ୍ୟା ଆସି ନ ଥାଏ। ତେଣୁ ହାରରେ ପାର୍ଥକ୍ୟ ରହିବା ସ୍ୱାଭାବିକ ପ୍ରକ୍ରିୟା। ପୂର୍ବରୁ ଏସବୁ ଫୋନ ମାଧ୍ୟମରେ ରିଟର୍ନିଂ ଅଧିକାରୀଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇ ଅବଗତ କରାଯାଇଥାଏ। ଭୋଟ ଗ୍ରହଣ ପରଦିନ ଯେଉଁ ଭୋଟ ହାର ପ୍ରଦାନ କରାଯାଏ ତାହା ଠିକ୍ ଭୋଟ ହାର। ତେବେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏବେ ଇସିଆଇ-ନେଟ୍ ପୋର୍ଟାଲ କାର୍ଯ୍ୟକ୍ଷମ ହୋଇଛି, ଯାହା ମାଧ୍ୟମରେ ଏକାଥରକେ ସବୁ ବୁଥର ତଥ୍ୟ ଏକସଙ୍ଗରେ ଜାଣିହେବ। ଏହି ଅବସରରେ ସିଇଓ ଗୋପାଳନ 'ଫର୍ମ ୧୭-ସି'କୁ ନେଇ କହିଛନ୍ତି, ଭୋଟ ଗ୍ରହଣ ସରିବା ପରେ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ଦିଆଯାଇଥାଏ। ଯେଉଁ ରାଜନୈତିକ ଦଳ ଏନେଇ ଅଭିଯୋଗ ଆଣୁଛନ୍ତି, ସେମାନେ ପ୍ରଥମେ ତାଙ୍କ ଏଜେଣ୍ଟଙ୍କୁ ଏକଥା ପଚାରନ୍ତୁ। ସେମାନେ ନିର୍ବାଚନ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ଥିଲେ କି ନାହିଁ? ତାହା ହେଲେ ସେମାନେ ବୁଝିପାରିବେ, ତାଙ୍କ ପ୍ରତିନିଧି ବାସ୍ତବରେ ସତ କହୁଛନ୍ତି କି ନାହିଁ।

## ବାଦ୍ ପଡ଼ିଲେଣି...

ଦିନରେ ଏହି ସଂଖ୍ୟା ବଢ଼ିପାରେ ବୋଲି ସେ କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଆସନ୍ତା ସେପ୍ଟେମ୍ବରରୁ ହେବାକୁ ଥିବା ସ୍ୱତନ୍ତ୍ର ସଂଘନ ସଂଶୋଧନ(ଏସ୍‌ଆଇଆର୍) ପ୍ରକ୍ରିୟା ଲାଗି କେବଳ ବ୍ଲକସ୍ତରରେ ୪୫ହଜାର ଅଧିକାରୀ ସାମିଲ ହେବେ। ଏହାବାଦ୍ ଜିଲା ଓ ରାଜ୍ୟସ୍ତରରେ ଅଧିକାରୀ ରହିଛନ୍ତି। ତେବେ ଦେଶରେ ନିର୍ବାଚନ ସଂସ୍କାର ଆଣିବାପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ୧୦୦ ଦିନରେ ୨୧ଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ଭୋଟର ବ୍ୟବସ୍ଥାକୁ କିଭଳି ଅଧିକ ଶୃଙ୍ଖଳିତ ଓ ସ୍ୱଚ୍ଛ କରାଯାଇ ପାରିବ ସେନେଇ ଉଦ୍ୟମ କରାଯାଉଛି। ଏହି ବୈଠକରେ ସିଇଓ କାର୍ଯ୍ୟାଳୟର ବହୁ ବରିଷ୍ଠ ଅଧିକାରୀ, ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଗଣବଳାତ୍କାର...

୩ ଜଣଙ୍କୁ ଧରିଥିଲା। ଫେରାର ୨ ଅଭିଯୁକ୍ତଙ୍କୁ ଗିରଫ କରାଯିବ ଏବଂ ଯଥାଶୀଘ୍ର ଚାର୍ଜସିଟ୍ ଦାଖଲ ପୂର୍ବକ କୋର୍ଟରେ ଏହି ମାମଲାର ତୁରନ୍ତ ଫଇସଲା ପାଇଁ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ ପ୍ରମାଣ ଉପସ୍ଥାପନ କରିବାକୁ ପୋଲିସ ପ୍ରୟାସ କରିବ ବୋଲି କହିଛନ୍ତି ଏସ୍‌ପି ଭାମୁ। ସୋମବାର ଗିରଫ ମୁଖ୍ୟ ଅଭିଯୁକ୍ତ ମିର୍ଦ୍ଧାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଧରାପଡିଥିବା ୨ ନାବାଳକଙ୍କୁ ଜୁଭେନାଇଲ୍ କୋର୍ଟରେ ହାଜର କରାଯାଇଥିବା ଏସ୍‌ପି ଭାମୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ସମ୍ବଲପୁରରେ କୃଷି...

ଉପମୁଖ୍ୟମନ୍ତ୍ରୀ ସିଂଦେଓ ରାଜ୍ୟର ବିଭିନ୍ନ ସ୍ଥାନରେ କୃଷି ଏବଂ ଆନୁସଙ୍ଗିକ ବିଜ୍ଞାନ କଲେଜ ପ୍ରତିଷ୍ଠା ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିଥିଲେ। ଏହାବ୍ୟତୀତ ନିର୍ବାଚନୀ ସଂକଳ୍ପ ଅନୁଯାୟୀ, ସମ୍ବଲପୁରରେ ଏକ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ବୈଠକରେ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଅର୍ଥ ବିଭାଗ ସଚିବ ସଞ୍ଜୀବ କୁମାର ମିଶ୍ର, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଉପସ୍ଥିତ ଥିଲେ।

# ଓଡ଼ିଆରେ ଇଗ୍ନୁ ଡିଇସିଇ ପାଠ୍ୟକ୍ରମ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟମାନେ ଡିଇସିଇ ପାଠ୍ୟକ୍ରମର ୨ ଓଡ଼ିଆ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୮।୮(ସୁଚିସ୍ମିତା ସାହୁ)

### ପ୍ରକାଶିତ ୨ ପୁସ୍ତକ ଉନ୍ମୋଚନ କଲେ ଉପମୁଖ୍ୟମନ୍ତ୍ରୀ

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ)ରେ ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା ପାଠ୍ୟକ୍ରମ(ଡିଇସିଇ) ଇଂଲିଶ, ହିନ୍ଦୀ ଓ ତାମିଲ ଭାଷାରେ ଦିଆଯାଉଥିବା ବେଳେ ଏବେ ଓଡ଼ିଆ ଭାଷାରେ ପ୍ରଦାନ କରାଯିବ। ଏଥିପାଇଁ ପାଠ୍ୟକ୍ରମର ପୁସ୍ତକଗୁଡ଼ିକୁ ଓଡ଼ିଆ ଭାଷାରେ ଅନୁବାଦ କରାଯାଇଛି। ସୋମବାର ଲୋକସେବା ଭବନଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦୁଇ ପୁସ୍ତକ 'ବିକାଶ ଏବଂ ପ୍ରାରମ୍ଭିକ ଶିଶୁ ଜୀବନରେ ଶିଖିବା' ଓ 'ଶିଶୁ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର'କୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଲେ, ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବାଲ୍ ବାଟିକା ଏବଂ ଅଙ୍ଗନୱାଡିରେ କାର୍ଯ୍ୟ କରୁଥିବା କର୍ମୀ ଓ ପ୍ରଶିକ୍ଷକମାନେ ନିଜକୁ ଉକ୍ତ ପାଠ୍ୟକ୍ରମରେ ପଞ୍ଜୀକୃତ କରି ଉପକୃତ ହୋଇପାରିବେ। ଓଡ଼ିଆ ଭାଷାରେ ପାଠ୍ୟକ୍ରମ ପ୍ରଚଳନ ଦ୍ୱାରା ସମସ୍ତେ ଅତି ସହଜ ଓ ସରଳ ପଦ୍ଧତିରେ ପଢ଼ିପାରିବେ। ଉକ୍ତ ପାଠ୍ୟକ୍ରମଟି ଶିଶୁ ଶିକ୍ଷା ଓ ପୋଷଣ ଦିଗରେ ରୁଚି ରଖୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ସହାୟକ ହେବ ବୋଲି ସେ କହିଛନ୍ତି।

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଲେ, ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେଲେ ଆମର ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ଏହି ଓଡ଼ିଆ ପାଠ୍ୟକ୍ରମ ଦ୍ୱାରା ସମସ୍ତ କର୍ମୀ ଓ ପ୍ରଶିକ୍ଷକମାନେ ସରଳ, ସୁଗମ ଓ ପ୍ରୟୋଗାତ୍ମକ ଶିକ୍ଷା ପଦ୍ଧତି ମାଧ୍ୟମରେ ଶିଶୁଙ୍କୁ ଶିକ୍ଷା ପ୍ରଦାନ କରିପାରିବେ। ଜାତୀୟ ଶିକ୍ଷା ନୀତି-୨୦୨୦ରେ ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ପ୍ରାରମ୍ଭିକ ଶିକ୍ଷାଠାରୁ ନେଇ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଶିକ୍ଷାଦାନ ପଦ୍ଧତିକୁ ମାତୃଭାଷାରେ ପ୍ରଚଳନ କରିବା ପାଇଁ ପ୍ରୋତ୍ସାହିତ କରାଯାଇଛି। ମାତୃଭାଷାରେ ଶିକ୍ଷା ଲାଭ ଦ୍ୱାରା ଛାତ୍ରୀଛାତ୍ରଙ୍କ ସୃଜନଶୀଳତାର ବିକାଶ ହୋଇପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ମୋନିଷା ବାନାର୍ଜୀ, ଇଗ୍ନୁ କୁଳପତି ପ୍ରଫେସର ଉମା କାଞ୍ଜିଲାଲ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଇଗ୍ନୁର ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆରେ ପ୍ରଚଳନ କରିବା ପାଇଁ ଗତ ଜୁନ ୯ରେ ଉଚ୍ଚଶିକ୍ଷା ବିଭାଗ ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ତେବେ ଓଡ଼ିଆରେ ପ୍ରଥମଥର ପାଇଁ ପ୍ରଚଳନ ହୋଇଥିବା ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା ପାଠ୍ୟକ୍ରମ ହେଉଛି ୧ ବର୍ଷିଆ କୋର୍ସ। ବିଦ୍ୟାର୍ଥୀମାନେ ଯୁକ୍ତ୨ ପରେ ଏହି ପାଠ୍ୟକ୍ରମରେ ନାମ ଲେଖାଇପାରିବେ। ଏଥିରେ ମୁଖ୍ୟତଃ ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା, ଶିଶୁ ସ୍ୱାସ୍ଥ୍ୟ ଓ ପୋଷଣ ଆଦି ଉପରେ ଶିକ୍ଷା ପ୍ରଦାନ କରାଯିବ। ପାଠ୍ୟ ପୁସ୍ତକ ସହ ଶିକ୍ଷାର୍ଥୀଙ୍କୁ ଅଡିଓ କ୍ୟାସେଟ୍ ଏବଂ ଭିଡିଓ ଟ୍ୟୁଟୋରିଆଲ ପ୍ରଦାନ କରାଯିବ। ଉଭୟ ଥିଓରି ଓ ପ୍ରାକ୍ଟିକାଲ ବିଷୟବସ୍ତୁକୁ ଉକ୍ତ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି।

# ନବୀନଙ୍କ ସହ ରାଜନାଥ କଥା ହୋଇଥିବା ଚର୍ଚ୍ଚା

ଭୁବନେଶ୍ୱର, ୧୮।୮(ସୁନିତ୍ ମିଶ୍ର)

### ଉପରାଷ୍ଟ୍ରପତି ଉପନିର୍ବାଚନ

ଜଗଦୀପ ଧନକର ଅସୁସ୍ଥ କାରଣରୁ କିଛିଦିନ ତଳେ ଦେଶର ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ସେ ଇସ୍ତଫା ଦେବାପରେ ଉପରାଷ୍ଟ୍ରପତି ପଦବୀ ଲାଗି ଆସନ୍ତା ୨୧ ତାରିଖ ନାମାଙ୍କନ ଦାଖଲର ଶେଷ ସମୟ ରହିଛି। ଏହାରି ଭିତରେ ସିପି ରାଧାକ୍ରିଷ୍ଣନଙ୍କୁ ଏନ୍‌ଡିଏ ପକ୍ଷରୁ ପ୍ରାର୍ଥୀ କରାଯାଇଛି। ତେଣୁ ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ସମର୍ଥନ ଦେବା ଲାଗି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କଥା ହୋଇଛନ୍ତି ବୋଲି ଏବେ ଚର୍ଚ୍ଚା ହେଉଛି। ମାତ୍ର ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଯେପରି ରହିଛି ଏଭଳି ସ୍ଥିତିରେ ରାଜନାଥ ଟେଲିଫୋନ୍ କରି ବିଜେଡି ସଭାପତିଙ୍କ ସହ କଥା ହୋଇଥିବେ ଏହାକୁ ଅନେକ ଦଳୀୟ ନେତା ଗ୍ରହଣ କରିନାହାନ୍ତି। ଅନେକ ବିଷୟରେ କେନ୍ଦ୍ରର ଭାଜପା ସମର୍ଥିତ ଏନ୍‌ଡିଏ ସରକାରକୁ ସମର୍ଥନ କରିଥିବା ଯୋଗୁ ବିଜେଡି ଭିତରେ ଭୟଙ୍କର ଅସନ୍ତୋଷ ରହିଛି। ତେଣୁ ଏଭଳି ସ୍ଥିତିରେ ବିଜେଡିର ୭ ରାଜ୍ୟ ସଭା ସଦସ୍ୟ ରହିଥିବା ଯୋଗୁ ଦଳର ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିଛି। ଅନ୍ୟପଟେ ବିରୋଧୀ ମେଣ୍ଟ ପକ୍ଷରୁ ଏଯାଏ ଉପରାଷ୍ଟ୍ରପତି ପ୍ରାର୍ଥୀ କାହାକୁ କରାଯିବ ସେନେଇ କୌଣସି ଆଲୋଚନା ହୋଇନାହିଁ। ଜଣେ ବରିଷ୍ଠ ରାଜନେତାଙ୍କ କହିବାନୁଯାୟୀ, ସଂଖ୍ୟା ଦୃଷ୍ଟିରୁ ଏଥର ଏନ୍‌ଡିଏ ପ୍ରାର୍ଥୀଙ୍କ ଲାଗି ବିଜେଡି ଭୋଟ୍‌ର ଆବଶ୍ୟକତା ପଡ଼ି ନ ପାରେ।

# ନୂଆଦିଲ୍ଲୀ ଗସ୍ତରେ ମନମୋହନ

### ଏପର୍ଯ୍ୟନ୍ତ ଗଠନ ହୋଇନି ନୂଆ କମିଟି, ବୋର୍ଡ ଓ ନିଗମରେ ନିଯୁକ୍ତି ପାଇଁ ନେତାଙ୍କ ଅପେକ୍ଷା

ଭୁବନେଶ୍ୱର, ୧୮।୮(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୋମବାର ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ସେ ଦିଲ୍ଲୀରେ ପହଞ୍ଚିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଛନ୍ତି। ଏନେଇ ସେ ତାଙ୍କ ଏକ୍ସ ଆକାଉଣ୍ଟରେ ସୂଚନା ଦେଇଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି, ରାଜ୍ୟର ବିକାଶ, ସାଙ୍ଗଠନିକ ଦୃଢ଼ୀକରଣ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ତେବେ ନିକଟରେ ଦିଲ୍ଲୀ ଗସ୍ତରେ ଯାଇ ମନମୋହନ ଫେରିଥିଲେ। ଫେରିବା ପରେ ବିମାନବନ୍ଦରଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ମନ୍ତ୍ରିମଣ୍ଡଳ ବିଷୟରେ ଚର୍ଚ୍ଚା ହୋଇନାହିଁ। ୨୦ ତାରିଖ ଭିତରେ ନିଗମ ଓ ବୋର୍ଡର ପଦବୀ ପୂରଣ ହେବା ସହିତ ସାଙ୍ଗଠନିକ ପୁନର୍ଗଠନ ହେବ ବୋଲି କହିଥିଲେ। ଏହାପରେ ଓଡ଼ିଶା ଗସ୍ତରେ ଦଳର କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଆସି ୨ ଦିନ ରହିଥିଲେ। ଏହି ସମୟରେ ସେ ଦଳ ଭିତରେ ଏକ ବୈଠକ କରି ବିଭିନ୍ନ ପଦପଦବୀ ବଣ୍ଟନ ନେଇ ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବା ଚର୍ଚ୍ଚା ହୋଇଥିଲା। ବର୍ତ୍ତମାନ ପୁଣି ମନମୋହନ ଦିଲ୍ଲୀ ଗସ୍ତରେ ଯିବାପରେ ଏହିସବୁ ନିଯୁକ୍ତି ପ୍ରକ୍ରିୟା ଦଳ ପକ୍ଷରୁ ତୁରନ୍ତ ଶେଷ ହୋଇପାରେ ବୋଲି ଶୁଣିବାକୁ ମିଳୁଛି। ଅନ୍ୟପଟେ ଆସନ୍ତା ମାସ ୯ରେ ଉପରାଷ୍ଟ୍ରପତି ପଦ ଲାଗି ନିର୍ବାଚନ ହେବାର ଅଛି। ତେଣୁ ଏହା ପୂର୍ବରୁ ଓଡ଼ିଶାର ସମସ୍ତ ଭାଜପା ଏମ୍‌ପିଙ୍କ ସହ ମନମୋହନ ବୈଠକ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ମଙ୍ଗଳବାର ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ଏନ୍‌ଡିଏ ବୈଠକ ଅନୁଷ୍ଠିତ ହେବ।

# ୪ ସପ୍ତାହ ମଧ୍ୟରେ ଶାରୀରିକ ପରୀକ୍ଷା କର: ହାଇକୋର୍ଟ

କଟକ,୧୮।୮(କାର୍ତ୍ତିକ ସାହୁ)

### ଏସ୍‌ସିଏଫ୍, ଫରେଷ୍ଟ ରେଞ୍ଜର ନିଯୁକ୍ତି ମାମଲାର ରାୟ ପ୍ରକାଶ

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ଶାରୀରିକ ମାନଦଣ୍ଡରେ ବେଆଇନ ଭାବେ ଉଚ୍ଚ ରକ୍ତଚାପ ଦର୍ଶାଇ ୯ଜଣଙ୍କୁ ଅଯୋଗ୍ୟ ଘୋଷଣା ନେଇ ହାଇକୋର୍ଟରେ ରୁଜୁ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ରାୟ ପ୍ରକାଶ କରି ଆବେଦନକାରୀଙ୍କୁ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ପରୀକ୍ଷାର୍ଥୀ ଶାରୀରିକ ପରୀକ୍ଷାରୁ ବଞ୍ଚିତ ହୋଇପାରିବେ ନାହିଁ। ତେଣୁ ଅଯୋଗ୍ୟ ଘୋଷିତ ହୋଇଥିବା ୯ ଆବେଦନକାରୀଙ୍କ ଶାରୀରିକ ପରୀକ୍ଷା ଆସନ୍ତା ୪ ସପ୍ତାହ ମଧ୍ୟରେ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଓପିଏସ୍‌ସି ପକ୍ଷରୁ ଓଡ଼ିଶା ବନ ସେବାର ସହାୟକ ବନ ସଂରକ୍ଷକ (ଏସ୍‌ସିଏଫ) (ଗ୍ରୁପ୍-ଏ) ଏବଂ ଫରେଷ୍ଟର ରେଞ୍ଜର (ଗ୍ରୁପ୍-ବି) ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଏହି ପଦ ପାଇଁ ଅନୁଷ୍ଠିତ ଲିଖିତ ପରୀକ୍ଷାରେ ସଫଳ ହୋଇଥିବା ୫୩୩ଜଣ ପ୍ରାର୍ଥୀଙ୍କୁ ଶାରୀରିକ ପରୀକ୍ଷା ପାଇଁ ୨୦୨୫ ଜୁଲାଇ ୧୫ରେ ଡକାଯାଇଥିଲା। ସେମାନଙ୍କ ମଧ୍ୟରୁ ୯ଜଣଙ୍କୁ ଉଚ୍ଚରକ୍ତଚାପ ଥିବା ଦର୍ଶାଇ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହି ରକ୍ତଚାପ ରେକର୍ଡିଂ ଏକ ଡିଜିଟାଲ ଉପକରଣ ଆଧାରରେ କରାଯାଇଥିଲା। ସାଧାରଣ ମରକ୍ୟୁରି ମିଟରରେ ରକ୍ତଚାପ ମାପ କରିବା ବଦଳରେ ଡିଜିଟାଲ ମିଟରରେ ମାପ କରାଯାଇଥିଲା। ଓପିଏସିର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ଆବେଦନକାରୀମାନେ ଶାରୀରିକ ସହନଶୀଳତା ପରୀକ୍ଷାରୁ ବଞ୍ଚିତ ହୋଇଥିବା ହାଇକୋର୍ଟରେ ଅଭିଯୋଗ କରିଥିଲେ। ତେଣୁ ସେମାନଙ୍କୁ ଶାରୀରିକ ସହନଶୀଳତା ପରୀକ୍ଷା ପାଇଁ ତୁରନ୍ତ ଅନୁମତି ଦେବା ଏବଂ ଉପଯୁକ୍ତ ରକ୍ତଚାପ ମାପ ଉପକରଣ ଦ୍ୱାରା ପୁନଃରକ୍ତଚାପ ପରୀକ୍ଷା କରାଇବା ପାଇଁ ଦେବାଶିଷ ଦାସ ଓ ଅନ୍ୟ ୮ଜଣଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା। ଏଥିରେ ଭୁବନେଶ୍ୱର ମୁଖ୍ୟ ବନ ସଂରକ୍ଷକ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଓପିଏସ୍‌ସି ଅଧ୍ୟକ୍ଷଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଜୁଲାଇ ୨୪ରେ ମାମଲାର ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ।

# ସୂଚନା ଅଧିକାରୀଙ୍କୁ ୨୫ହଜାର ଜରିମାନା

ଭୁବନେଶ୍ୱର,୧୮।୮
(ରବିନାରାୟଣ ଜେନା)

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ତଦନ୍ତ ନିର୍ଦ୍ଦେଶ

ସୂଚନା ପ୍ରଦାନରେ ପ୍ରତିବନ୍ଧକ ପାଇଁ ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ ମହାନ୍ତି ସୋମବାର ପୁରୀ ଜିଲା ଗୋପ ବ୍ଲକ ତାରାକୋରେ ପଞ୍ଚାୟତର ପୂର୍ବତନ ସୂଚନା ଅଧିକାରୀ ଦେବରଞ୍ଜନ ନାୟକଙ୍କୁ ୨୫ହଜାର ଟଙ୍କା ଜରିମାନା କରିଛନ୍ତି। ଏହାସହିତ ସମ୍ପୃକ୍ତ ମାମଲା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଜରିମାନା ଅର୍ଥ ଏକ ମାସ ମଧ୍ୟରେ ଦାଖଲ ନ ହେବ, ତେବେ ନାୟକଙ୍କ ଦରମାରୁ କାଟିବା ପାଇଁ ସୂଚନା ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ବିବରଣୀରୁ ପ୍ରକାଶ ଯେ, ତାରାକୋରେ ଗ୍ରାମପଞ୍ଚାୟତ କାହ୍ନପୁର ନିବାସୀ ବିଷ୍ଣୁଚରଣ ବେହେରା ୨୦୨୨ ଜୁନ୍ ୨୭ରେ ଗୋପ ବିଡିଓଙ୍କ କାର୍ଯ୍ୟାଳୟରୁ 'ଏମ୍‌ଜିଏନ୍‌ଆର୍‌ଇଜିଏସ୍' କାର୍ଯ୍ୟ ସମ୍ପର୍କିତ କେତେକ ତଥ୍ୟ ଜାଣିବାକୁ ଚାହିଁଥିଲେ। ହେଲେ ତତ୍କାଳୀନ ସୂଚନା ଅଧିକାରୀ ଦେବରଞ୍ଜନ ସମ୍ପୃକ୍ତ ଫାଇଲ ଦେଇ ନ ଥିଲେ। ଏନେଇ ବର୍ତ୍ତମାନର ସୂଚନା ଅଧିକାରୀ ଚଳିତମାସ ୧୩ରେ ଶୁଣାଣି ବେଳେ ଆୟୋଗଙ୍କୁ ଅବଗତ କରିଥିଲେ। ଏନେଇ ଆୟୋଗଙ୍କ ପକ୍ଷରୁ ସ୍ୱଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ସୂଚନା ଅଧିକାରୀ ଫାଇଲ ଦେଉ ନ ଥିବାରୁ ସୋମବାର ଆୟୁକ୍ତ ମହାନ୍ତି ସମ୍ପୃକ୍ତ ସୂଚନା ଅଧିକାରୀ ଦେବରଞ୍ଜନଙ୍କୁ ୨୫ହଜାର ଟଙ୍କା ଜରିମାନା କରିଛନ୍ତି। ଏହାସହିତ 'ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଉକ୍ତ ବର୍ଷରେ ହୋଇଥିବା କାର୍ଯ୍ୟର ଟିକିନିଖି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଅନ୍ତରୀଣ ରିପୋର୍ଟ ପ୍ରଦାନକଲେ ଷଷ୍ଠ ରାଜ୍ୟ ଅର୍ଥ କମିଶନ

ଭୁବନେଶ୍ୱର, ୧୮।୮(ସୁନିତ୍ ମିଶ୍ର)

ଲୋକସେବା ଭବନରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୋମବାର ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛନ୍ତି। କମିଶନ୍‌ର ଅଧ୍ୟକ୍ଷ ଅରୁଣ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟଗଣ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ରିପୋର୍ଟ ପ୍ରଦାନ କରିଛନ୍ତି। କମିଶନଙ୍କ ବିଭିନ୍ନ ସୁପାରିସ୍ ସମ୍ପର୍କରେ ଆଲୋକପାତ କରିଛନ୍ତି। ଅଧ୍ୟକ୍ଷ ପଣ୍ଡାଙ୍କ ସହିତ କମିଶନର ସଦସ୍ୟଗଣ ପ୍ରଫେସର ଅସିତ୍ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ ଏବଂ ବିଭୁ ପ୍ରସାଦ ନାୟକ, ସଦସ୍ୟ ସଚିବ ସତ୍ୟପ୍ରିୟ ରଥ, କମିଶନର ପଦାଧିକାରୀ ସଦସ୍ୟ ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କମିଶନ ଏହି ରିପୋର୍ଟକୁ ପୂର୍ବରୁ ଅପରାହ୍ନରେ ରାଜଭବନରେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କୁ ଭେଟି ପ୍ରଦାନ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସହ ହୋଇଥିବା ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ରବି ନାରାୟଣ ନାଏକ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ପଞ୍ଚାୟତିରାଜ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟପାଳ ଭାରତୀୟ ସମ୍ବିଧାନର ଧାରା ୨୪୩-ଆଇ ଏବଂ ଧାରା ୨୪୩-ୱାଇ ଅନୁଯାୟୀ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଗଠନ କରିଛନ୍ତି। ଏହି କମିଶନ ରାଜ୍ୟ ଏବଂ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରପାଳିକାଗୁଡ଼ିକ ମଧ୍ୟରେ ରାଜ୍ୟ ଦ୍ୱାରା ଆଦାୟ ହେଉଥିବା କର, ଶୁଳ୍କ, ଟୋଲ୍ ଏବଂ ଫିସ୍ ବିତରଣ ଏବଂ ଏପରି ଆୟର ସେମାନଙ୍କ ଅଂଶର ଆବଣ୍ଟନକୁ ନିୟନ୍ତ୍ରଣ କରୁଥିବା ନୀତିଗୁଡ଼ିକୁ ସୁପାରିସ୍ କରିବେ। ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରପାଳିକାଗୁଡ଼ିକର ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ସୁପାରିସ୍ କରିବେ। ଷଷ୍ଠ ରାଜ୍ୟ ଅର୍ଥ କମିଶନ ସରକାରଙ୍କୁ ଏକ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛନ୍ତି, ଯାହାକି ଷୋଡ଼ଶ ଅର୍ଥ କମିଶନଙ୍କ ବିଚାର ନିମନ୍ତେ ପ୍ରେରଣ କରାଯିବ। ତଥାପି କମିଶନ ସ୍ଥାନୀୟ ସଂସ୍ଥାଗୁଡ଼ିକର ସମସ୍ୟା ଏବଂ ଆହ୍ୱାନଗୁଡ଼ିକୁ ଆହୁରି ଗଭୀର ଭାବେ ଅନୁଧ୍ୟାନ କରିବେ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବେ।

# ଆଇଇଡି ବିସ୍ଫୋରଣ: ଜଣେ ଯବାନ ଶହୀଦ, ୩ ଗୁରୁତର

ମାଲକାନଗିରି,୧୮।୮(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ଆଇଇଡି ବିସ୍ଫୋରଣ ଘଟି ଜଣେ ଯବାନ ଶହୀଦ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଶହୀଦ ଯବାନ ଜଣକ ହେଲେ ଦିନେଶ ନାଗ। ରବିବାର ବିଜାପୁର ଡିଆର୍‌ଜି ଯବାନ କୋମ୍ବିଂ ଲାଗି ବିଜାପୁର ନ୍ୟାଶନାଲ ପାର୍କ ଅଞ୍ଚଳକୁ ଯାଇଥିଲେ। ସୋମବାର ସକାଳେ ଯବାନମାନେ ଉକ୍ତ ଅଞ୍ଚଳରେ କୋମ୍ବିଂ କରୁଥିବା ବେଳେ ଯବାନଙ୍କୁ ଟାର୍ଗେଟକରି ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବିସ୍ଫୋରଣ ହୋଇଥିଲା। ଫଳରେ ଘଟଣାସ୍ଥଳରେ ଜଣେ ଯବାନ ଶହୀଦ ହୋଇଥିବା ବେଳେ ଅନ୍ୟ ୩ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ବିଜାପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।






# ତ୍ରୁଟି ଘୋଡ଼ାଉଛନ୍ତି

ଭାରତର ନିର୍ବାଚନ କମିଶନ (ଇସି) ଏକ ସାମ୍ବିଧାନିକ ସଂସ୍ଥା। ୧୯୫୧ ସାଧାରଣ ନିର୍ବାଚନ ବେଳୁ ନିର୍ବାଚନଗୁଡ଼ିକୁ ପରିଚାଳନା କରିଆସୁଥିବା ଏହି ସଂସ୍ଥାର ଗୁରୁତ୍ୱ ଟି.ଏନ୍. ଶେଷାନ ମୁଖ୍ୟ ନିର୍ବାଚନ କମିଶନର ହେବା ପରେ ବଢ଼ିଥିଲା। ତାଙ୍କ କାର୍ଯ୍ୟକାଳ ସମୟରେ ୧୯୯୩ରେ ଭୋଟରମାନଙ୍କୁ ସଚିତ୍ର ଭୋଟର ପରିଚୟପତ୍ର ଦିଆଯିବା ପରେ ଆଶା କରାଯାଇଥିଲା ଯେ ନିର୍ବାଚନ ପ୍ରକ୍ରିୟାରେ ଜାଲିଆତି ହ୍ରାସ କରାଯାଇପାରିବ। କିନ୍ତୁ ଆଜିଯାଏ ନିର୍ବାଚନ ପରିଚାଳନାକୁ ନେଇ ଅସରନ୍ତି ପ୍ରଶ୍ନ ଉତ୍ଥାପନ ହୋଇଚାଲିଛି। ଏବେ ସମଗ୍ର ଦେଶରେ ଯେଉଁ ବିଷୟଟି ବିତର୍କର ଶୀର୍ଷରେ ରହିଛି ତାହା ସେହି ଇସିଙ୍କ ଭୂମିକାକୁ ଇଙ୍ଗିତ କରୁଛି। ୭ ଅଗଷ୍ଟରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ଖବରଦାତା ସମ୍ମିଳନୀରେ କର୍ଣ୍ଣାଟକର ମହାଦେବପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାରେ ବ୍ୟାପକ ହେରଫେର ହୋଇଥିବା ନେଇ ଅଭିଯୋଗ କରିଥିଲେ। ପୂର୍ବରୁ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭୋଟ ଜାଲିଆତି ଓ ଆସନ୍ତା ନଭେମ୍ବରରେ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଇସିଙ୍କ ଦ୍ୱାରା କରାଯାଇଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ ବା ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ଆଇଆର୍)କୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ଅଣ-ଭାଜପା ଦଳଗୁଡ଼ିକର ପ୍ରମୁଖ ନେତାମାନେ ଇସି ଓ ଭାଜପାକୁ ବିଭିନ୍ନ ପ୍ରଶ୍ନମାନ ପଚାରି ଚାଲିଛନ୍ତି। ବିରୋଧୀଙ୍କ ଅଭିଯୋଗ ହେଉଛି ଯେ, ଭାଜପାକୁ ସୁହାଇଲା ଭଳି ଇସି କାର୍ଯ୍ୟ କରୁଛି। ଏହା ପଛରେ କାରଣ ହେଉଛି ଯେ ମୁଖ୍ୟ ନିର୍ବାଚନ କମିଶନର ଓ ୨ ନିର୍ବାଚନ କମିଶନର ମୋଟ ୩ ଜଣ ଅବସରପ୍ରାପ୍ତ ସରକାରୀ ଅଫିସର, ଯେଉଁମାନେ ଏକ ସାମ୍ବିଧାନିକ ପଦବୀ ପାଇଯାଇ ଶାସକ ଦଳ ପାଖରେ କୃତକୃତ୍ୟ ହେଉଛନ୍ତି। ଏହି ଦୋଷାରୋପ ବିଶ୍ୱାସଯୋଗ୍ୟ ମଧ୍ୟ ହେଉଛି। କାରଣ ମୁଖ୍ୟ ନିର୍ବାଚନ କମିଶନର ଓ ୨ କମିଶନର ଯେଉଁଭଳି ଭାବରେ ଗଣମାଧ୍ୟମରେ ମତ ପ୍ରକାଶ କରୁଛନ୍ତି, ସେଥିରୁ ସେମାନଙ୍କର ଏକତରଫା ଚିନ୍ତାଧାରା ସ୍ପଷ୍ଟ ବୁଝାପଡୁଛି। ଆଶା କରାଯାଇଥାଏ ଯେ ଏଭଳି ପଦବୀ ପାଉଥିବା ବ୍ୟକ୍ତି କେବଳ ସମ୍ବିଧାନକୁ ନିଜର କୃତଜ୍ଞତା ଜ୍ଞାପନ କରିବା କଥା, କିନ୍ତୁ ଆଜିର ଭାରତରେ ତାହା ସବୁବେଳେ ନୁହେଁ।

ଭୋଟ ଜାଲିଆତି ପ୍ରସଙ୍ଗ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଓ ନିର୍ଦ୍ଦେଶ ପର୍ଯ୍ୟନ୍ତ ଯାଇଛି। ଏବର ଘଟଣାକ୍ରମକୁ ଦେଖିଲେ ୧୭ ଅଗଷ୍ଟରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ଏକ ଖବରଦାତା ସମ୍ମିଳନୀରେ ଲୋକ ସଭା ବିରୋଧୀ ଦଳ ନେତା ଆଣିଥିବା 'ଭୋଟ ଚୋରି' ଅଭିଯୋଗ ସପକ୍ଷରେ ୭ ଦିନ ମଧ୍ୟରେ ସେ ସତ୍ୟପାଠ ସମ୍ବଳିତ ଘୋଷଣାନାମା ଦାଖଲ କରନ୍ତୁ ବୋଲି କହିଛନ୍ତି। ଜ୍ଞାନେଶ କହିଛନ୍ତି, ଯଦି କୌଣସି ବ୍ୟକ୍ତି ଏକ ନିର୍ବାଚନମଣ୍ଡଳୀର ଭୋଟର ନ ଥାଇ ସମ୍ପୃକ୍ତ ଆସନ ଉପରେ ଅଭିଯୋଗ ଦାଖଲ କରନ୍ତି, ତେବେ ସେ କେବଳ ଜଣେ ସାକ୍ଷୀ ହିସାବରେ ଏହା କରିପାରିବେ। ସେଥିପାଇଁ ତାଙ୍କୁ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ଯଦି ସତ୍ୟପାଠ ଜରିଆରେ ୭ ଦିନ ମଧ୍ୟରେ ଘୋଷଣାନାମା ଦାଖଲ କରା ନ ଯାଏ, ତେବେ ଅଭିଯୋଗକୁ ଭିତ୍ତିହୀନ ବୋଲି ଧରାଯିବ। ଏପରି ଅଭିଯୋଗ ଆଣୁଥିବା ବ୍ୟକ୍ତିମାନେ ଦେଶକୁ କ୍ଷମା ମାଗିବା ଉଚିତ ବୋଲି ସେ ସିଇସି କହିଛନ୍ତି। ଏହି ଅବସରରେ ସେ ଉଦାହରଣ ଦେଇଛନ୍ତି, ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୁଅନ୍ତି, ଏ କଥାକୁ ଅସ୍ୱୀକାର କରିଦେଲେ ସୂର୍ଯ୍ୟୋଦୟର ଦିଗ ପରିବର୍ତ୍ତନ ହୋଇ ନ ଥାଏ। ତେବେ ଭୋଟ ଜାଲିଆତି ଅଭିଯୋଗକୁ ନେଇ ଜ୍ଞାନେଶଙ୍କ ମନ୍ତବ୍ୟକୁ ବିରୋଧୀ ଇଣ୍ଡିଆ ବ୍ଲକ୍ ସମାଲୋଚନା କରିଛି। ତାଙ୍କୁ ବିଦା କରିବା ପାଇଁ ପାର୍ଲାମେଣ୍ଟରେ ମହାଭିଯୋଗ ପ୍ରସ୍ତାବ ଆଣିବା ନିମନ୍ତେ ବିରୋଧୀ ବିଚାର କରୁଥିବା ବିଷୟ ଚର୍ଚ୍ଚାର ବିଷୟ ପାଲଟିଛି।

ସିଇସି ଯେଉଁଭଳି ଢଙ୍ଗରେ ନିର୍ବାଚନ କମିଶନଙ୍କ ପ୍ରଦର୍ଶନ କରିଛନ୍ତି, ଲାଗୁଛି ଯେମିତି ଭୋଟିଂ ପ୍ରକ୍ରିୟାରେ କେବେ କେଉଁଠାରେ ଗଡ଼ବଡ଼ ହୋଇ ନାହିଁ। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଇସି ଏସ୍ଆଇଆର୍ କରିବାର ସମୟକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇବା ସ୍ୱାଭାବିକ। ତେଣୁ ଇସି ନିଜର ସ୍ୱଚ୍ଛତା ଦର୍ଶାଇବାକୁ ଯାଇ ଅଭିଯୋଗ ହେଉଥିବା ସ୍ଥାନଗୁଡ଼ିକ ଉପରେ ତଦନ୍ତ ଧ୍ୟାନ କେନ୍ଦ୍ରିତ କରିବା କଥା। ହେଲେ ଅଭିଯୋଗକାରୀଙ୍କ ମୁହଁ ବନ୍ଦ କରିଦେବାକୁ ଯାଇ ସତ୍ୟପାଠ କରିବା ଲାଗି କହୁଛନ୍ତି। ଜଣେ ବ୍ୟକ୍ତି ନିର୍ବାଚନମଣ୍ଡଳୀର ଭୋଟର ହୋଇ ନ ଥିଲେ ମଧ୍ୟ ଦେଶର ଯେଉଁଠାରେ ପାରିବେ ନିର୍ବାଚନ ଲଢ଼ିପାରୁଛନ୍ତି। ସେହି କ୍ରମରେ ଦେଖିଲେ ଅନ୍ୟ ନିର୍ବାଚନମଣ୍ଡଳୀରେ ହୋଇଥିବା ନିର୍ବାଚନ ସଂକ୍ରାନ୍ତରେ ଜଣେ ଯଦି କିଛି ଅସଙ୍ଗତି ଥିବା ଅନୁଭବ କରନ୍ତି, ସେହି ବିଷୟରେ ସ୍ୱର ଉଠାଇବାରେ କେଉଁଠାରେ ଅସ୍ୱାଭାବିକତା ରହିଲା ବୋଲି କୁହାଯାଇପାରେ। ପ୍ରତିଜ୍ଞାରେ ସତ୍ୟପାଠ ଭଳି ଆଇନଗତ ବିଷୟକୁ ଛାଡି ଦେଇ ଇସି ନିଜ ଦାୟିତ୍ୱରୁ ଦୂରେଇଯିବା ଅନେକଙ୍କ ମନରେ ଭିନ୍ନ ଆଶଙ୍କା ସୃଷ୍ଟି କରିବା ସ୍ୱାଭାବିକ। ବିଧାନସଭାରେ ସମ୍ପୃକ୍ତ ନ ଥିଲେ ମଧ୍ୟ ଏକ ଦୃଷ୍ଟାନ୍ତକୁ ଏଠାରେ ଉପସ୍ଥାପନ କରାଯାଇପାରେ। ନିଆଁ ଲାଗିଲା ବେଳେ ଯେଉଁ ବ୍ୟକ୍ତି ଦମକଳକୁ ଖବର ଦେବ ସିଏ ନିଜେ ସେହି ବସ୍ତିର ବାସିନ୍ଦା ବୋଲି ପ୍ରଥମେ ଦମକଳ କର୍ମଚାରୀଙ୍କ ସାମ୍ନାରେ ନିଜର ବାସସ୍ଥାନ ପ୍ରମାଣ ଦେବା ନିହାତି ଆବଶ୍ୟକ ବୋଲି କହିବା ଭଳି ଜ୍ଞାନେଶ କୁମାରଙ୍କ ଯୁକ୍ତି ଶୁଣାଯାଉଛି। ଅବାସ୍ତବ କଥା କହିବା ମାତ୍ରକେ ଜଣାପଡୁଛି ଯେ, ସେଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ସତ୍ୟତା ରହିଛି, ଯାହାକୁ ଘୋଡ଼ାଇବା ପାଇଁ ଅଯୁକ୍ତିକର ବିଷୟର ଆଶ୍ରା ନିଆଯାଉଛି। ଜ୍ଞାନେଶଙ୍କ କଥାକୁ ଆହୁରି ତର୍ଜମା କଲେ ଅନ୍ୟ ଏକ ଦିଗ ଦେଖାଯାଇପାରେ। ଯିଏ ଯେଉଁ ନିର୍ବାଚନମଣ୍ଡଳୀର ହୋଇ ନ ଥିଲେ ଯେଭଳି ପ୍ରଶ୍ନ ପଚାରିବାକୁ ଅଛୁଆଁ ଭାବେ ଦର୍ଶାଯାଉଛି, ତେବେ ନିର୍ବାଚନ ପର୍ଯ୍ୟବେକ୍ଷକମାନେ ସମ୍ପୃକ୍ତ ଅଞ୍ଚଳର ହୋଇ ନ ଥିଲେ ମଧ୍ୟ ସେମାନଙ୍କୁ ପରିଚାଳନା ଦାୟିତ୍ୱ ସଅଁପି ଦେବା କେତେ ଯୁକ୍ତିଯୁକ୍ତ ତାହାକୁ ମଧ୍ୟ ଗଭୀର ଭାବେ ଅନୁଶୀଳନ କରାଯିବା ଦରକାର। କୁହାଯାଇପାରେ ସେମାନେ ସରକାରୀ ଅଧିକାରୀ ହୋଇଥିବାରୁ ନିଜ କାର୍ଯ୍ୟ ତୁଲାଇଥାଆନ୍ତି। ମୋଟାମୋଟି ଦେଖିଲେ ସେମାନେ ତ ଜଣେ ଜଣେ ବ୍ୟକ୍ତି ଓ କୌଣସି ନା କୌଣସି ରାଜନୈତିକ ଦଳ ପ୍ରତି ଶ୍ରଦ୍ଧା ରଖିଥାଆନ୍ତି। ଏଠାରେ ଇସିଙ୍କ ନିର୍ଦ୍ଦେଶକୁ ସମାଲୋଚନା କରାଯାଉ ନାହିଁ, ବରଂ ପ୍ରସ୍ତାବ ଦିଆଯାଇପାରେ ଯେ, ଗୋଟେ ସଂସ୍ଥା ବା ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖିବାକୁ ହେଲେ ଅଭିଯୋଗଗୁଡ଼ିକୁ ସକାରାତ୍ମକ ଦୃଷ୍ଟିରେ ଦେଖାଯିବା ଦରକାର। ଏବଂ ଅଭିଯୋଗକାରୀଙ୍କଠାରୁ ପ୍ରମାଣ ମାଗିବାର କ୍ଷମତା ଇସିଙ୍କ ପାଖରେ ରହିବା କଥା ନୁହେଁ। ଯଦି ମଗାଯାଉଛି, ତେବେ ତାହାର ସ୍ପଷ୍ଟ ଅର୍ଥ ହେଲା ସମସ୍ୟାର ସମାଧାନ ପରିବର୍ତ୍ତେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟକୁ ଜାଣିଶୁଣି ଘୋଡ଼ାଇବାର ଉଦ୍ୟମ ହେଉଛି।

# ଟ୍ରମ୍ପଙ୍କ ଶ୍ୱେନଦୃଷ୍ଟି ଅନ୍ତରାଳେ



ହରେକୃଷ୍ଣ ପଣ୍ଡା

ବିଶ୍ୱ ରାଜନୈତିକ ଆକାଶରେ ଏବେ ଯେଉଁ ଝଡ଼ ସୃଷ୍ଟି ହୋଇଛି ତା'ର ଅନ୍ତରାଳେ ବହୁ ଅକୁହା କାରଣ ରହିଛି। ଆମେରିକା ତା'ର ପୂର୍ବ ରାଜନୈତିକ ଓ ଅର୍ଥନୈତିକ ସ୍ଥିତି ହରାଇ ବସିଲାଣି। ଏବେ ଟ୍ରମ୍ପ ଆମେରିକୀୟମାନଙ୍କ କିପରି ଆସ୍ଥାଭାଜନ ହୋଇ ପାରିବେ ସେଥିପାଇଁ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ରୁଷିଆରୁ ତୈଳ ଆମଦାନୀ ଜାରି ରଖିବା ଉପରେ ଭାରତୀୟ ସାମଗ୍ରୀରେ ଅଯଥା ଶୁଳ୍କ ବୃଦ୍ଧି କରିବା, ଭାରତୀୟ ଅର୍ଥନୀତିକୁ ମୃତ ଅର୍ଥନୀତି ଘୋଷଣା କରି ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ଅର୍ଥନୀତିକୁ ଆକ୍ରମଣ କରିବା ଆଦି କାର୍ଯ୍ୟକ୍ରମ ଟ୍ରମ୍ପ ଗ୍ରହଣ କରିଛନ୍ତି। ଆମେରିକା ଜାଣି ପାରୁନାହିଁ ଯେ ତା'ର ଦୋମୁହାଁ ନୀତିକୁ ଏସିଆ ମହାଦେଶର ଅଧିକାଂଶ ରାଷ୍ଟ୍ର ଘୃଣା କରନ୍ତି। ଦୁଇମାସ ପୂର୍ବରୁ ଭାରତ ଆମେରିକା ମଧ୍ୟରେ ପ୍ରତିରକ୍ଷା ସହଭାଗିତା ବୃଦ୍ଧି ପାଇଁ ଏକ ରୋଡ୍ ମ୍ୟାପ ତିଆରି ହୋଇଥିଲା। ଭାରତ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ରକ୍ଷା ପାଇଁ ଦୁଇଦେଶ ମଧ୍ୟ ବିଚାର ଆଲୋଚନା କରିଛନ୍ତି। ଏହା ବ୍ୟତୀତ ଲଢୁଆ ବିମାନ ଇଞ୍ଜିନ, ସ୍ଥଳସେନାର ଲଢୁଆ ଯାନ, କମାଣ ଓ ଗୁଳିଗୋଳା ଦୁଇଦେଶ ମିଳିତ ଭାବେ ଉତ୍ପାଦନ କରିବା ନେଇ ଗତ ମାସରେ ୱାଶିଂଟନଠାରେ ଆମେରିକା–ଭାରତ ଡିଫେନ୍ସ ପଲିସି ଗ୍ରୁପ୍ ବୈଠକରେ ଆଲୋଚନା ହୋଇଥିଲା। ସେ କଥାକୁ ଭୁଲି ଟ୍ରମ୍ପ ପୁଣି ଭାରତକୁ ନାଲିଆଖି ଦେଖାଇବା ମୂଳର କାରଣ କ'ଣ ହୋଇପାରେ?

ଭାରତ ପ୍ରତି ସତରେ ହେଉ କିମ୍ବା ଛଳନାତ୍ମକ ଭାବେ ହେଉ ଆମେରିକା ମିତ୍ରତାର ହାତ ବଢ଼ାଇ ପୁଣି ହାତ ଫେରାଇନେବା ବରାବର ଦେଖାଯାଉଛି। ୨୦୧୬ରେ ଭାରତକୁ ଆମେରିକା ତାହାର ପ୍ରତିରକ୍ଷା ସହଯୋଗୀ ଭାବେ ଘୋଷଣା କରିଥିଲା। କାହିଁ ସେ ଘୋଷଣାର ମୂଲ୍ୟବୋଧ? ହୁଏତ ତାହା ବାଣିଜ୍ୟ କ୍ଷେତ୍ରରେ ପ୍ରତିଫଳିତ ହୋଇଥାଆନ୍ତା। ଗୋଟିଏ ସହଯୋଗୀ ରାଷ୍ଟ୍ରକୁ ତା'ର ପ୍ରତିରକ୍ଷା ସହିତ ଅର୍ଥନୀତିକୁ ଦୃଷ୍ଟିଦେବା ପ୍ରଥମ କର୍ତ୍ତବ୍ୟ। କିନ୍ତୁ ସେଭଳି କର୍ତ୍ତବ୍ୟକୁ ଭୁଲିଯିବା ଯେଉଁ ରାଷ୍ଟ୍ରର ନୀତି ସେଭଳି ରାଷ୍ଟ୍ରକୁ କେବେ ଭାରତ ବିଶ୍ୱାସ କରେ ନାହିଁ। ୨୦୦୮ରେ ଭାରତ ଆମେରିକା ମଧ୍ୟରେ ପ୍ରତିରକ୍ଷା ବାଣିଜ୍ୟ ଅତି ନଗଣ୍ୟ ଥିବା ବେଳେ ୨୦୨୦ରେ ଏହା ୨୦ ବିଲିୟନ ଡଲାରକୁ ବୃଦ୍ଧି ପାଇଥିଲା। ଦେଖିବାକୁ ଗଲେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଠିକ୍ ଥିଲା। ଏହା ବ୍ୟତୀତ ଚାଇନାର ଶକ୍ତି ବୃଦ୍ଧି ଏବଂ ଭାରତ ସହ ସୀମା ବିବାଦ ବଢୁଥିବାରୁ ଗତ ୫ ବର୍ଷ ମଧ୍ୟରେ ଭାରତ ଆମେରିକା ସମ୍ପର୍କ ବୃଦ୍ଧି ପାଇଛି। କ୍ୱାଡ୍ ସୁରକ୍ଷା ଗ୍ରୁପର



ଅଂଶବିଶେଷ ରୂପେ ଭାରତ ଓ ଆମେରିକା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତି କରିବା ସହ ସହଯୋଗର ହାତ ବଢ଼ାଇ ଆସିଛନ୍ତି। ଭାରତ ସହ ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ରହିଛି। ଆମେରିକା ସହ ଭାରତର ସମ୍ପର୍କ ବୃଦ୍ଧି ଓ ଅନ୍ୟପକ୍ଷେ ରୁଷିଆ ସହିତ ଭାରତ ନିବିଡ଼ ସମ୍ପର୍କ ଉଭୟ ରାଷ୍ଟ୍ରକୁ ଯେ ଜଣା ନ ଥିଲା ତା' ନୁହେଁ। ଆମେରିକା ଭଲଭାବେ ଜାଣିଥିଲା ଭାରତ ରୁଷିଆଠାରୁ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର କାରବାର କରୁଛି। ଏହା ଜାଣି ମଧ୍ୟ ଆମେରିକା ଏପରି କ୍ରୋଧାନ୍ୱିତ ହେଉ ନ ଥିଲା। ରୁଷିଆ ଆଉ ୟୁକ୍ରେନ୍ ମଧ୍ୟରେ ଦୀର୍ଘ ଦିନ ଧରି ଯୁଦ୍ଧ ଲାଗି ରହିଥିଲା ବେଳେ ଆମେରିକା କେବେହେଲେ ଭାରତର ଭୂମିକାକୁ ନେଇ ସନ୍ଦେହ ପ୍ରକଟ କରି ନ ଥିଲା। କିନ୍ତୁ ଏବେ ୟୁକ୍ରେନ୍ ଭାରତର ଭୂମିକା ସମ୍ପର୍କରେ ଅଭିଯୋଗ କରି କହିଛି ଯେ ରୁଷିଆ ଡ୍ରୋନ୍‌ରେ ଭାରତୀୟ ଯନ୍ତ୍ରାଂଶ ମିଳିଛି। ତାହା ସମ୍ପୂର୍ଣ୍ଣ ରୂପେ ପ୍ରମାଣିତ ହୋଇ ନାହିଁ। ଏ କଥାକୁ ନେଇ ଆମେରିକା ଭାରତ ଉପରେ କ୍ରୁଧ ହେବା ଆଦୌ ଉଚିତ ନୁହେଁ। ଆମେରିକା ଯୁଦ୍ଧ ବିମାନ ଓ ଅସ୍ତ୍ରଶସ୍ତ୍ର ଯୋଗାଇ ଚାଲିଥିବା ବେଳେ ରୁଷିଆ ବାରମ୍ବାର ପ୍ରତିବାଦ କରିବା ପରେ ବି ଆମେରିକା କୌଣସି ପ୍ରତିକ୍ରିୟା ନ ଦେବା କ'ଣ ଆମେରିକାର ଠିକ୍ ନିଷ୍ପତ୍ତି ବୋଲି କୁହାଯିବ କି? ଉଭୟ ଦେଶ ମଧ୍ୟରେ ଶାନ୍ତି ଓ ସ୍ଥିରତା ଆଣିବା ପାଇଁ ଭାରତ କହିଥିବା ବେଳେ ଆମେରିକା କାହିଁକି ଉତ୍ତେଜନା ସୃଷ୍ଟି କରିଚାଲିଛି? ତାହା ହିଁ ଅନ୍ତର୍ଜାତୀୟ ସ୍ତରରେ ବଡ ପ୍ରଶ୍ନବାଚୀ। ଏହାକୁ ଏଡ଼ାଇବାକୁ ଯାଇ ଆମେରିକା ଭାରତ ସମେତ ୭୭ଟି ଦେଶକୁ ଯେଉଁ ବାଣିଜ୍ୟିକ ଧମକ ଦେଇଛି। ସେଥିରେ କୌଣସି ପ୍ରାସଙ୍ଗିକତା ନ ଥିଲା ବେଳେ କେବଳ ଟ୍ରମ୍ପଙ୍କ ଅସୂୟା ମନୋଭାବକୁ ପ୍ରମାଣିତ କରୁଛି। ରୁଷିଆରୁ ଭାରତ ପ୍ରଚୁର ପରମାଣରେ ତୈଳ ଆମଦାନୀ କରୁଥିବା ଏବଂ ତାହାକୁ ବିଭିନ୍ନ ଦେଶକୁ ବିକ୍ରି କରୁଥିବା ଅଭିଯୋଗ କରୁଛି ଆମେରିକା। ଏଥି ପାଇଁ ସେ ଟାରିଫ୍ ଲଗାଇଥିବା କୁହାଯାଉଛି। ଏହି ଶୁଳ୍କ ବୃଦ୍ଧି ଯେ ସମଗ୍ର ଏସିଆ ମହାଦେଶକୁ ପ୍ରଭାବିତ କରିବ ଏପରିକି ବିଶ୍ୱକୁ ମଧ୍ୟ ପ୍ରଭାବିତ କରିବା କଥା ଟ୍ରମ୍ପଙ୍କୁ ଭଲଭାବେ ଜଣା।

ଚାଇନାର ଅଭିବୃଦ୍ଧିକୁ ରୋକିବାକୁ ଯାଇ ଭାରତ ସହ ହାତ ମିଳାଇଥିବା ଆମେରିକା ଏବେ ରଙ୍ଗ ବଦଳାଇ ଦେଇ ଭାରତକୁ ପ୍ରତିପକ୍ଷ କରିବା ତାଙ୍କର ବୋକାମି। ଆମେରିକା ପାଇଁ ତାହା ଅସଲ କଥା ନୁହେଁ। ଅସଲ କଥା ହେଉଛି ଆମେରିକା ତା'ର ନିଜ ଦେଶରୁ ରାଜନୈତିକ ଆସ୍ଥା ହରାଇବାକୁ ବସିଛି। ଆମେରିକୀୟ ନାଗରିକ ଟ୍ରମ୍ପଙ୍କ ପ୍ରତି ସନ୍ତୁଷ୍ଟ ନାହାନ୍ତି। ବୁଦ୍ଧି ବିଚାରି କାର୍ଯ୍ୟ ନ କରିବାର ପରିଣତି ଏବେ ଆମେରିକାକୁ ଭୋଗ କରିବାକୁ ପଡୁଛି। ମୋଟ ଉପରେ କହିବାକୁ ଗଲେ ଭାରତ ପ୍ରତିରକ୍ଷା ଏବଂ ବାଣିଜ୍ୟିକ କ୍ଷେତ୍ରରେ ଯଥେଷ୍ଟ ଆଗକୁ ଯାଇଛି। ପାକିସ୍ତାନ ଉପରେ ଭାରତର ସିନ୍ଦୂର ଅପରେଶନ ପରେ ଭାରତର ଶକ୍ତିକୁ ଦେଖି ଆମେରିକା ଈର୍ଷାନ୍ୱିତ ହୋଇଥିବା ସହଜରେ ଅନୁମେୟ। ଏହା ପରେ ଭାରତ ବ୍ରିକ୍ସ ରାଷ୍ଟ୍ରଗୋଷ୍ଠୀ ସହିତ ମିଶି ଯେଉଁ ଅର୍ଥନୈତିକ ବ୍ୟବସ୍ଥା ଗ୍ରହଣ କରିବାକୁ ଯାଉଛି ତାହା ହେଲା ମୂଳକାରଣ। ଏସୀୟ ସଂଗଠନ, ବ୍ରିକ୍ସ ଓ ସାର୍କ ସଂଗଠନ ସମ୍ପ୍ରତି ପାଶ୍ଚାତ୍ୟ ଅର୍ଥନୀତିକୁ ମୁକାବିଲା କରିବାକୁ ବସିଥିବା ବେଳେ ଏହାର ମୂଳ ସୂତ୍ରଧର ହେଉଛି ଭାରତ। ସେଥିପାଇଁ ଆମେରିକା ଖୁବ୍ କ୍ରୋଧିତ ହୋଇଛି। ଏ କଥା ମଧ୍ୟ ପ୍ରକାଶ୍ୟରେ କହିସାରିଛି। ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ବେଳେ ସେ ଡଲାର ବଦଳରେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ସାର୍କ ସମ୍ମିଳନୀରେ ପ୍ରସ୍ତାବ ଆଗତ କରିଥିଲେ। ଯାହର ଆବଶ୍ୟକତା ଏବେ ଅନୁଭୂତ ହୁଏ। ଏହା ବ୍ୟତୀତ ଏସୀୟ ଓ ଗରିବ ରାଷ୍ଟ୍ରଙ୍କ ପାଇଁ ଅନ୍ୟ ବିକଳ୍ପ ରାସ୍ତା ନାହିଁ। ଏହି ପ୍ରସ୍ତାବରେ ଯଦି ଚାଇନା ସମ୍ମତ ହୋଇଯାଏ ତେବେ ଆମେରିକାର ଡଲାରର ମୂଲ୍ୟ ବହୁତ ତଳକୁ ପଳାଇବା ସହିତ ଅର୍ଥନୀତିରେ ଘୋର ବିପର୍ଯ୍ୟୟ ସୃଷ୍ଟି ହେବ। ସମଗ୍ର ବିଶ୍ୱରେ ତୈଳ ବାଣିଜ୍ୟ ଯେପରି ଗୁରୁତ୍ୱ ବହନ କରିଛି, ସେହିପରି ଆଗକୁ ସମଗ୍ର ବିଶ୍ୱ ପାଇଁ ଖାଦ୍ୟଦ୍ରବ୍ୟର ଗୁରୁତ୍ୱ ବୃଦ୍ଧି ପାଇବା କଳନା କରାଯାଉଛି। ଏ କ୍ଷେତ୍ରରେ ଭାରତ ନିଶ୍ଚିତ ଗୁରୁତ୍ୱ ବହନ କରିବ। ଆମେରିକା ଭଳି ରାଷ୍ଟ୍ର ଯେଉଁ ରାଷ୍ଟ୍ର କେବଳ ସାମରିକ ସରଞ୍ଜାମକୁ ନେଇ ମୁଣ୍ଡ ଟେକିଛନ୍ତି ସେମାନେ ବିକାଶଶୀଳ ରାଷ୍ଟ୍ରଙ୍କ ଉପରେ ନିର୍ଭରଶୀଳ ହୋଇପଡ଼ିବେ। ଏଥିପାଇଁ ଟ୍ରମ୍ପଙ୍କ ଚାଲ୍ କେବଳ ତାଙ୍କ ଦେଶର ନାଗରିକଙ୍କୁ ସନ୍ତୁଷ୍ଟ କରିବା ପାଇଁ ଉଦ୍ଦିଷ୍ଟ। ଏହି ନୀତି ବେଶିଦିନ ନୁହେଁ। ଟ୍ରମ୍ପ ଜାଣିଶୁଣି ଭାରତ ପ୍ରତି ପ୍ରତିକ୍ରିୟାଶୀଳ ହୋଇ ଯାହା କରୁଛନ୍ତି ତାହା ପାଣିଫୋଟକାଭଳି ମିଳାଇଯିବା ସୁନିଶ୍ଚିତ। କିନ୍ତୁ ସେ ନିଜ ଗୋଡ଼କୁ ନିଜେ କୁରାଢ଼ିରେ ହାଣୁଛନ୍ତି ବୋଲି କେତେଜଣ ରାଷ୍ଟ୍ରନୀତିଜ୍ଞ ତାଙ୍କୁ ଚେତେଇ ଦେଇସାରିଲେଣି। ଭାରତଠାରୁ ଚାଇନା ଅଧିକ ପରିମାଣରେ ତୈଳ ରୁଷିଆରୁ ଆମଦାନୀ କରୁଥିବା ବେଳେ ପାଶ୍ଚାତ୍ୟ ରାଷ୍ଟ୍ର ତାକୁ କିଛି କହିପାରୁ ନାହାନ୍ତି। ଅଥଚ ଭାରତ ପ୍ରତି ଓ ଗରିବ ରାଷ୍ଟ୍ର ପ୍ରତି ଏପରି ପଦକ୍ଷେପ କାହିଁକି? ଭାରତର ଅର୍ଥନୀତି ସାମୟିକ ଭାବେ ପ୍ରଭାବିତ ହୋଇ ପାରେ। କିନ୍ତୁ ତାହା ଅଟକି ଯିବ ନାହିଁ। ଏହା ଟ୍ରମ୍ପ ଜାଣି ରଖିବା ଉଚିତ।

ସୟେଦପୁର, ଯାଜପୁର
ମୋ:୯୪୩୭୩୧୫୬୨୩

# ଜୀବନ ଓ ଜଗନ୍ନାଥ



ଡ. ଭାରତ ଭୂଷଣ ରଥ

ଜୀବନ ଜିଇବା ପାଇଁ ସୃଷ୍ଟିରେ ଅନେକ ଶିକ୍ଷଣୀୟ ତତ୍ତ୍ୱ ରହିଛି। ପ୍ରତ୍ୟକ୍ଷ ଏବଂ ପରୋକ୍ଷ ରୂପରେ ସମାଜ ଆମକୁ ଅନେକ କିଛି ଶିଖାଇଥାଏ। ସେଥିପାଇଁ ବିଶ୍ୱର ପ୍ରତିଟି ସୃଷ୍ଟି ସ୍ୱତନ୍ତ୍ର ଉଦ୍ଦେଶ୍ୟମୂଳକ। ଯେମିତି ଭଗବାନ୍ ଶ୍ରୀଜଗନ୍ନାଥଙ୍କର ଆବିର୍ଭାବ ଏବଂ ଦୈନନ୍ଦିନ ରୀତିନୀତି ମାନବୀୟ ଜୀବନର ଏକ ପ୍ରମୁଖ ମାର୍ଗଦର୍ଶକ। ଶ୍ରୀଜଗନ୍ନାଥ ମାନବୀୟ ଲୀଳା କରିବା ପାଇଁ ଶ୍ରୀମନ୍ଦିରରେ ବିରାଜମାନ କରିଛନ୍ତି। ତେଣୁ ଶାସ୍ତ୍ରରେ କୁହାଯାଇଛି – ଶ୍ରୀଶୋ ମାନୁଷ ଲୀଳୟା। ମାନବୀୟ ଲୀଳା କହିଲେ ମନୁଷ୍ୟମାନଙ୍କର ଦୈନନ୍ଦିନ ବ୍ୟବହାର ଭଳି ଶ୍ରୀଜଗନ୍ନାଥଙ୍କର ଦୈନନ୍ଦିନ ରୀତିନୀତିକୁ ବୁଝାଏ। ବର୍ତ୍ତମାନର ବିଜ୍ଞାନ ଏବଂ ମେଡିକାଲ ସାଇନ୍ସର କିଛି ତତ୍ତ୍ୱ କେମିତି ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ରୀତିନୀତିରେ ସହସ୍ର ସହସ୍ର ବର୍ଷ ଧରି ପ୍ରଚଳିତ ଅଛି ତାହା ଆଶ୍ଚର୍ଯ୍ୟ ଲାଗେ। ମହାପ୍ରଭୁ ସର୍ବଦା ବ୍ରାହ୍ମ ମୁହୂର୍ତ୍ତରେ ଅର୍ଥାତ୍ ସୂର୍ଯ୍ୟୋଦୟ ସମୟରେ ନିଦ୍ରା ତ୍ୟାଗ କରନ୍ତି। ଏହାପରେ ମଙ୍ଗଳ ଆଳତି,ଅବକାଶ,ତଡ଼ପଲାଗି ଏବଂ ଗୋପାଳ ବଲ୍ଲଭ ହୁଏ। ସୂର୍ଯ୍ୟପୂଜା ଶ୍ରୀମନ୍ଦିରର ଏକ ଦୈନନ୍ଦିନ ନୀତି। ଏହି ସମସ୍ତ ପ୍ରାତଃକାଳୀନ ନୀତି ଆମର ଶରୀର ବିଜ୍ଞାନ ସହ ଜଡ଼ିତ, ଯେଉଁ ପ୍ରଣାଳୀକୁ ଡାକ୍ତରମାନେ ଉପଦେଶ ଦିଅନ୍ତି। ରାତିରେ ଶୀଘ୍ର ନିଦ୍ରା ଯାଇ ସକାଳେ ଶୀଘ୍ର ଶଯ୍ୟା ତ୍ୟାଗ କରିବା ପାଇଁ ଡାକ୍ତର ଉପଦେଶ ଦିଅନ୍ତି। ଶ୍ରୀମନ୍ଦିରର ପରମ୍ପରାରେ ରାତ୍ରି ଦଶଟା ଭିତରେ ପହଡ଼ ପଡ଼ି ମହାପ୍ରଭୁ ନିଦ୍ରା ଯାଆନ୍ତି। ଯଦ୍ୟପି ଭକ୍ତଙ୍କ ଭିଡ଼କୁ ଦେଖି ନୀତିକାନ୍ତିରେ ବେଳେବେଳେ ସମୟ ଅନୁପାଳନ କରାଯାଇପାରୁନାହିଁ କିନ୍ତୁ ଶ୍ରୀମନ୍ଦିରର ନିୟମ ସର୍ବଦା ମାନବର ଜୀବନଶୈଳୀକୁ ଶୃଙ୍ଖଳିତ କରିବାର ଉପଦେଶ ଦିଏ। ପ୍ରାତଃ ଅବକାଶ ସମୟରେ ମୁତୁରୀ ଦାନ୍ତକାଠିରେ ଦାନ୍ତ ଘଷନ୍ତି ମହାପ୍ରଭୁ। ଦାନ୍ତକାଠି ଦାନ୍ତକୁ ଯେତିକି ଶକ୍ତ ରଖେ ବୃକ୍ଷ ରସର ପ୍ରଭାବ ଦାନ୍ତକୁ ସେତିକି ସୁସ୍ଥ ରଖେ। ତା'ପରେ ଶ୍ରୀବିଗ୍ରହଙ୍କର ଦର୍ପଣ ସ୍ନାନ ହୁଏ। ଏହା ମାନବକୁ ପ୍ରାତଃ ସ୍ନାନ ପାଇଁ ଉପଦେଶ ଦିଏ। ସୂର୍ଯ୍ୟପୂଜାରୁ ଆମେ ସୂର୍ଯ୍ୟ ନମସ୍କାର, ଯୋଗ ଏବଂ ଧ୍ୟାନ ଇତ୍ୟାଦିର ଉପଦେଶ ପାଉ। ଡାକ୍ତରୀ ବିଦ୍ୟା କୁହେ, ସୂର୍ଯ୍ୟଙ୍କଠାରୁ ମାନବ ଅତ୍ୟନ୍ତ ଉପାଦେୟ ଭିଟାମିନ୍ ପାଇଥାଏ ଯାହା ଶରୀରକୁ ସୁସ୍ଥ ରଖେ। ତେଣୁ ପ୍ରତିଦିନ ସୂର୍ଯ୍ୟୋଦୟ ରଶ୍ମି ଶରୀରରେ ପଡ଼ିବାପାଇଁ ଉପଦେଶ ରହିଛି।

ମହାପ୍ରଭୁଙ୍କୁ ସକାଳୁ ସକାଳୁ ଗୋପାଳ ବଲ୍ଲଭ ପ୍ରସାଦ ଭୋଗ ହୁଏ। ସେଥିରେ ସୁଜିନିର୍ମିତ ପ୍ରସାଦ, ଫଳ, ଖଇକୋରା ଇତ୍ୟାଦି ପ୍ରସାଦ ଲାଗେ। ଏହାକୁ ମାନବୀୟ ଭାଷାରେ ଜଳଖିଆ କହୁ। ପ୍ରତିଦିନ ଜଳଖିଆ ଦୀର୍ଘ ସମୟର ବ୍ୟବଧାନରେ ଖିଆଯାଉଥିବାରୁ ଖୁବ୍ ଗୁରୁତ୍ୱ ବହନକରେ। ଡାକ୍ତରମାନେ କୁହନ୍ତି, ଏକା ସାଙ୍ଗରେ ଭୋଜନ ନ କରି ଅଳ୍ପ ଅଳ୍ପ କରି ଦିନରେ ବାରମ୍ବାର ଭୋଜନ କରାଯିବ ଏବଂ ବିବିଧ ପୁଷ୍ଟିକର ଖାଦ୍ୟ ଗ୍ରହଣ କରାଯିବ। ଶ୍ରୀଜଗନ୍ନାଥଙ୍କର ବଲ୍ଲଭ, ସକାଳ ଧୂପ, ମଧ୍ୟାହ୍ନ ଧୂପ, ଭଣ୍ଡ, ସନ୍ଧ୍ୟା ଧୂପ, ବଡ଼ ସିଂହାର ଇତ୍ୟାଦି କ୍ରମରେ ଦିନରେ ଅନେକ ଥର ଭୋଜନ ବ୍ୟବସ୍ଥା ଏହାକୁ ହିଁ ସୂଚାଇଥାଏ। ସନ୍ଧ୍ୟା ଧୂପ ପରେ ରାତ୍ରିରେ ବଡ଼ସିଂହାରରେ ମହାପ୍ରଭୁ ଅଳ୍ପ ପ୍ରସାଦ ଗ୍ରହଣ କରନ୍ତି। ରାତ୍ରିଭୋଜନ ସ୍ୱଳ୍ପ ହେବା ଉଚିତ୍। ଏହାଦ୍ୱାରା ହଜମ ପ୍ରକ୍ରିୟା ଉପରେ ଚାପ



ପଡ଼ିବନାହିଁ ଏବଂ ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ବିଶ୍ରାମ ନେବାରେ ସମସ୍ୟା ହେବନାହିଁ। ତେଲ, ମସଲା, ରାଗ, ମିଠା, ଲୁଣ ଇତ୍ୟାଦି ବର୍ତ୍ତମାନ ମାନବ ପାଇଁ ବିଷ ତୁଲ୍ୟ। ଶାରୀରିକ ସୁସ୍ଥତା ଏବଂ ମାନସିକ ସୁସ୍ଥତା ପାଇଁ ମେଡିକାଲ ସାଇନ୍ସ ଏ ସବୁର ନିୟନ୍ତ୍ରିତ ବ୍ୟବହାର ପାଇଁ ଉପଦେଶ ଦିଏ ; ଯାହା ଶ୍ରୀଜଗନ୍ନାଥ ମନ୍ଦିରରେ ସର୍ବଦା ଅନୁପାଳନୀୟ। ଶ୍ରୀମନ୍ଦିର ପ୍ରସାଦ ନିର୍ମାଣରେ ଲଙ୍କା, ତେଲ, କ୍ଷତିକାରକ ମସଲା, ଚିନି, ଆଳୁ ଇତ୍ୟାଦି ବ୍ୟବହାର ହୁଏନାହିଁ। ଲୁଣ ସ୍ଥାନରେ ପୂର୍ବରୁ ସୈନ୍ଧବ ଲବଣ ବ୍ୟବହୃତ ଥିଲା। କ୍ଷୀର, ଗୁଡ଼, ଘିଅ, ଦହି, ଗୋଲମରିଚ, ଜିରା, ସୋରିଷ, ନବାତ, ଲହୁଣି, ଅଦା ଇତ୍ୟାଦି ସ୍ୱାସ୍ଥ୍ୟକର ଦ୍ରବ୍ୟରେ ଶ୍ରୀମନ୍ଦିର ରୋଷଶାଳ ତଥା ରୀତିନୀତି ପରିଚାଳିତ।

ଶ୍ରୀମନ୍ଦିର ରୋଷେଇରେ କୂପଜଳ ଏବଂ ମାଟିପାତ୍ର ହିଁ ବ୍ୟବହାର ହୁଏ। ପିତ୍ତଳ, ରୌପ୍ୟ ତଥା ପ୍ରସ୍ତର ପ୍ରଭୃତି ବ୍ୟବହାର ବ୍ୟତୀତ ପ୍ଲାଷ୍ଟିକ୍ ଇତ୍ୟାଦିର ବ୍ୟବହାର ଶ୍ରୀମନ୍ଦିରରେ ହୁଏ ନାହିଁ। ଏହା ବ୍ୟଞ୍ଜନକୁ ଶୁଦ୍ଧ ରଖେ ଏବଂ ଶରୀରରେ ବିବିଧ ରୋଗର ପ୍ରବେଶ କରାଏ ନାହିଁ। ମୋଟାମୋଟି ଭାବରେ ସାତ୍ତ୍ୱିକ ଏବଂ ପୌଷ୍ଟିକ ଆହାର ହିଁ ମାନବର ବୁଦ୍ଧି ତଥା ଶରୀରକୁ ସୁସ୍ଥ ରଖେ– ଏହି ବାର୍ତ୍ତା ଦିଏ ଶ୍ରୀମନ୍ଦିର। ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରେ ଅଣସର ସମୟରେ ଫୁଲୁରୀ ତେଲ ସାଙ୍ଗରେ ରାଶି ତେଲ, କେତକୀ, ବେଣାଚେର ଇତ୍ୟାଦି ଘର୍ଷଣ ହୁଏ। ଏତଦ୍ ବ୍ୟତୀତ ଦଶମୂଳ ଔଷଧରେ ବିବିଧ ବୃକ୍ଷଲତାର ମୋଦକ ପ୍ରସ୍ତୁତ ହୁଏ, ଯାହା ପ୍ରାକୃତିକ ଚିକିତ୍ସା ପଦ୍ଧତିକୁ ସମ୍ମାନ ଦିଏ। ଅଧରପଣାରେ ବ୍ୟବହୃତ ନବାତ, କଦଳୀ, କର୍ପୂର, ଛେନା, ଗୋଲମରିଚ ଇତ୍ୟାଦିର ମିଶ୍ରଣ ଶରୀରର ବାତ ଏବଂ ପିତ୍ତ ଦୋଷକୁ ନିୟନ୍ତ୍ରଣକରେ ବୋଲି ଶାସ୍ତ୍ର ମତ ଦିଅନ୍ତି। ଆଜିକାଲି ବିବିଧ ଅପମିଶ୍ରିତ କସ୍‌ମେଟିକ୍ ଦ୍ରବ୍ୟ କ୍ୟାନ୍‌ସର ଏବଂ ଚର୍ମରୋଗର କାରଣ ବୋଲି ଅନୁସନ୍ଧାନରୁ ଜଣାପଡ଼େ। ତେଣୁ କସ୍‌ମେଟିକ୍ ବ୍ୟବହାର ଉପରେ ମାନବ ସତର୍କ ରହିବା ପାଇଁ ଡାକ୍ତରୀ ବିଦ୍ୟା ଉପଦେଶ ଦିଏ। ଶ୍ରୀଜଗନ୍ନାଥଙ୍କର ଶୃଙ୍ଗାରରେ ଚନ୍ଦନ, ଗୋରଚନା, କସ୍ତୁରୀ, ଝୁଣା, ହଳଦୀ, ଶଙ୍ଖ ଗୁଣ୍ଡ, ହରିତାଳ, ହିଙ୍ଗୁଳ, କର୍ପୂର, ବିବିଧ ପୁଷ୍ପ, ଲତା, ପତ୍ର ଇତ୍ୟାଦି ବ୍ୟବହୃତ ହୁଏ। ବନକଲାଗି ସେବାରେ ମହାପ୍ରଭୁଙ୍କର ଶ୍ରୀମୁଖ ଶୃଙ୍ଗାର ସମୟରେ ବିବିଧ ପ୍ରାକୃତିକ ଦ୍ରବ୍ୟ ବ୍ୟବହାର ହୁଏ। ଶ୍ରୀଜଗନ୍ନାଥ ଯେବେ ରଥଯାତ୍ରାରେ ଯାଆନ୍ତି ସେତେବେଳେ କେବଳ ଖେଚୁଡ଼ି ପ୍ରସାଦ ପାଇଥାଆନ୍ତି। ଯାତ୍ରା ସମୟରେ ସ୍ୱଳ୍ପ ଏବଂ ପୁଷ୍ଟିକର ଖାଦ୍ୟ ଗ୍ରହଣକଲେ ଉଦରଜନିତ ସମସ୍ୟା ନ ରହି ଯାତ୍ରା ସୁଖପ୍ରଦ ରୁହେ। ଖେଚୁଡ଼ି ଶୀଘ୍ର ପ୍ରସ୍ତୁତି ହୋଇପାରେ ଏବଂ ପୁଷ୍ଟିକର ଯାହା ଯାତ୍ରା ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ମହାପ୍ରଭୁ ବିବିଧ ରତ୍ନର ମାଳିକ ହୋଇ ମଧ୍ୟ ସେ ଦାରୁ ଦେବତା ଏବଂ କାଠ ନିର୍ମିତ ରଥରେ ଉପବେଶନ କରନ୍ତି। ମହାପ୍ରଭୁ ଉପଦେଶ ଦେଇଛନ୍ତି 'ବୃକ୍ଷ ହିଁ ଜୀବନ'। ଯେଉଁ ବୃକ୍ଷକୁ ଆଧାରକରି ସ୍ୱୟଂ ମହାପ୍ରଭୁ ଶରୀର ଧାରଣ କରନ୍ତି ସେହି ବୃକ୍ଷର ସୁରକ୍ଷା ଆବଶ୍ୟକ। ଆଜି ସମଗ୍ର ବିଶ୍ୱ ବୃକ୍ଷ ସୁରକ୍ଷା ପାଇଁ ଚିନ୍ତିତ। ଶ୍ରୀଜଗନ୍ନାଥ ଜଣେ ମାତ୍ର ଦେବତା ଯିଏ ନବକଳେବର ସମୟରେ ଜନ୍ମମୃତ୍ୟୁର ରହସ୍ୟକୁ ନିଜ ରୀତିନୀତିରେ ପ୍ରତିଫଳିତ କରନ୍ତି। ଏହା ହିଁ ଜୀବନ ଦର୍ଶନ। ଆମେ ଓଡ଼ିଆ ନିଶ୍ଚୟ ଧନ୍ୟ ଯେ ମହାପ୍ରଭୁ ଓଡ଼ିଶା ମାଟିରେ ଆବିର୍ଭୂତ ହୋଇଛନ୍ତି।

ଉପନିର୍ଦ୍ଦେଶକ,ଦୂରଶିକ୍ଷା ନିର୍ଦ୍ଦେଶାଳୟ
ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ
ତିରୁପତି, ଆନ୍ଧ୍ରପ୍ରଦେଶ
ମୋ:୮୮୯୭୪୨୬୨୪୩

## ଏଇ ଭାରତରେ

ସମାଜରେ କୌଣସି କ୍ଷେତ୍ରରେ ପରିବର୍ତ୍ତନ କେବଳ ବଡ଼ ସଙ୍ଗଠନ କିମ୍ବା ବୃହତ୍ କମ୍ପାନୀଗୁଡ଼ିକ ଦ୍ୱାରା ହୋଇ ନ ଥାଏ, ବରଂ ବ୍ୟକ୍ତିଗତ ଉଦ୍ୟମରେ ଏହା ସମ୍ଭବ ହୋଇପାରେ। ଏହାର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ସିକିମ୍‌ରେ। ସେଠାରେ ଏକ ସ୍କୁଲର ଭବିଷ୍ୟତ ବଦଳାଇ ଦେଇଛନ୍ତି ଅଶ୍ୱିନୀ ଥାପା। ୩୦ ଦିନ ମଧ୍ୟରେ ସେ ରିଲ୍ ପ୍ରସ୍ତୁତକରି ବିଭିନ୍ନ ଉତ୍ସରୁ ୧୦ ଲକ୍ଷରୁ ଅଧିକ ଟଙ୍କା ଦାନ ଆକାରରେ ଯୋଗାଡ଼ କରିଛନ୍ତି ସ୍କୁଲ ପାଇଁ। ବିଶେଷକରି ପିଲାମାନଙ୍କ ଅଭାବକୁ ନେଇ ସେ ପ୍ରସ୍ତୁତ କରିଥିବା ଭିଡିଓଗୁଡ଼ିକ ଅନ୍ୟମାନଙ୍କ ହୃଦୟକୁ ଛୁଇଁପାରିଥିଲା। ପାଇଥିବା ଟଙ୍କାରେ ସେ ସିକିମ୍‌ର ସର୍ଡୋଙ୍ଗ ଗାଁର ଗ୍ରେସ୍ ଏକାଡେମୀ ନାମକ ସ୍କୁଲର ଅନେକ ବିକାଶ କରିଛନ୍ତି। ଏହି ସ୍କୁଲକୁ ପର୍ବତାରୋହୀଙ୍କୁ ଗାଇଡ୍ କରୁଥିବା ଲପକା ଧଭା ଶେର୍‌ପା ପ୍ରତିଷ୍ଠା କରିଥିଲେ। ସେ ସ୍କୁଲ ପାଇଁ ତାଙ୍କ କ୍ୟାରିୟରକୁ ଛାଡ଼ିଦେଇଥିଲେ। ବିଶେଷକରି କୃଷକ, ଦିନ ମଜୁରିଆ ଓ ସିଙ୍ଗଲ ମଦରଙ୍କ ପିଲାଙ୍କୁ ପଢ଼ାଇବା ସକାଶେ ଶେର୍‌ପା ଏହି ସ୍କୁଲ ଆରମ୍ଭ କରିଥିଲେ। ଏପରିକି ସେ ତାଙ୍କ ଘରକୁ ହଷ୍ଟେଲ କରିଦେଇଥିଲେ। ଏବେ ଏହି ସ୍କୁଲରେ ଅଶ୍ୱିନୀ ଲାଇବ୍ରେରି, କମ୍ପ୍ୟୁଟର ଲାବ୍, ବିଶୁଦ୍ଧ ପିଇବା ପାଣି, ଆଲୋକ ବ୍ୟବସ୍ଥା କରିପାରିଛନ୍ତି। ବିଶେଷକରି ପିଲାମାନଙ୍କ ଅଭାବକୁ ନେଇ ସେ ପ୍ରସ୍ତୁତ କରିଥିବା ଭିଡିଓଗୁଡ଼ିକ ଅନ୍ୟମାନଙ୍କ ହୃଦୟକୁ ଛୁଇଁପାରିଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଅଗଷ୍ଟ ୧୯୭୬

- ଦେଶର ୬୦ ହଜାର ରେଳ କର୍ମଚାରୀଙ୍କ ଦରମା ବୃଦ୍ଧି କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ନାଗାଲାଣ୍ଡରେ ରାଷ୍ଟ୍ରପତି ଶାସନର ମିଆଦ ଆଉ ୬ ମାସ ବଢ଼ାଇବା ସଂକ୍ରାନ୍ତ ପ୍ରସ୍ତାବ ରାଜ୍ୟ ସଭାରେ ଅନୁମୋଦିତ।

## ଚିରନ୍ତନୀ

ମରଣ ଅମା ଯେବେ ଆସେ ଘୋଟି ଚଉଦିଗ
ଶ୍ରାବଣ ନିଶା ସମ
ପ୍ରାଣେ ମମ ସଜନି ଗୋ !
ବିକଟ ଆଖି ତା'ର ରଖେ ମୋର ବାତୟନେ
ଆସଇ ଧୀରେ ଧୀରେ
ସଜନି ରେ ! ମୋ ଆଗଣେ ।
–(ମରଣ ପାଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 1 | | | 6 | | | |
| | 7 | | 2 | 8 | | | 1 | |
| | | | | | | | 3 | |
| | | 3 | | | | | | 1 |
| | | | 5 | | | 4 | | 8 |
| 2 | | 7 | | | | | | |
| 4 | | | | | | | 8 | 9 |
| | 3 | | | | | | 4 | |
| 6 | | 5 | | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 4 | 9 | 1 | 7 | 5 | 3 | 8 |
| 7 | 1 | 3 | 6 | 8 | 5 | 4 | 9 | 2 |
| 5 | 8 | 9 | 4 | 3 | 2 | 7 | 6 | 1 |
| 1 | 3 | 5 | 8 | 2 | 6 | 9 | 4 | 7 |
| 9 | 2 | 6 | 7 | 5 | 4 | 1 | 8 | 3 |
| 8 | 4 | 7 | 1 | 9 | 3 | 2 | 5 | 6 |
| 3 | 5 | 8 | 2 | 4 | 1 | 6 | 7 | 9 |
| 6 | 9 | 1 | 5 | 7 | 8 | 3 | 2 | 4 |
| 4 | 7 | 2 | 3 | 6 | 9 | 8 | 1 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଦୁର୍ନୀତି ସାଥୀ ବାବୁଆଣୀ

ମହାଶୟ,

ଗଣମାଧ୍ୟମରୁ ଦୁର୍ନୀତିଗ୍ରସ୍ତ ବାବୁଙ୍କ କଳା ସମ୍ପତ୍ତି ସମ୍ପର୍କରେ ଜାଣୁଛୁ। ବସ୍ତା ବସ୍ତା ନୋଟ୍ ଆଉ ମାଳ ମାଳ ପ୍ଲଟ୍ ଏସବୁ କିପରି ସେମାନେ ଉପାର୍ଜନ କରୁଛନ୍ତି ତାହା ଆଖି ତରାଟିବା ଭଳି ଖବର। ମଝିରେ ଜଣେ ବାବୁଙ୍କ ବାବୁଆଣୀ ଗଣମାଧ୍ୟମକୁ ଭିଜିଲାନ୍ସ ବିରୋଧରେ କହୁଥିବାର ଖବର ଦେଖିଥିଲୁ। ତେବେ ଗିରଫ ହେଉଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଠୁଳ କରିଥିବା ସମ୍ପତ୍ତିର ଏକ ବଡ଼ ଅଂଶ ନିଜ ସ୍ତ୍ରୀଙ୍କ ନାମରେ କରିଥିବା ପ୍ରମାଣ ମିଳୁଛି। ତେଣୁ ବାବୁମାନଙ୍କୁ ଦୁର୍ନୀତି କରିବାରେ ସେମାନଙ୍କ ସ୍ତ୍ରୀମାନେ ପ୍ରୋତ୍ସାହିତ କରୁଥିବା କୁହାଯାଉଛି। ଗତ ଦେଢ଼ ବର୍ଷ ମଧ୍ୟରେ ଲାଞ୍ଚ ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୫୦ ଅଧିକାରୀଙ୍କ ସହ ସେମାନଙ୍କ ସ୍ତ୍ରୀଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ମାତ୍ର ବାବୁମାନେ ଗିରଫ ହୋଇ ଜେଲ ଯାଉଛନ୍ତି ସିନା ଆଜିଯାଏ ବାବୁଙ୍କ ଦୁର୍ନୀତି ସାଥୀ ବାବୁଆଣୀଙ୍କ ମଧ୍ୟରୁ ଜଣକୁ ବି ଭିଜିଲାନ୍ସ ଗିରଫ କରିପାରିନାହିଁ ।

–ଶ୍ୟାମସୁନ୍ଦର ସାମଲ, ବିଡ଼ାନାସୀ ବନ୍ଧଛକ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୁଣି ୬ ଆକ୍ରାନ୍ତ, ସ୍ଥିତି ଅନୁଧ୍ୟାନ କଲା ଡାକ୍ତରୀ ଟିମ୍

## କୃଷ୍ଣପୁରରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା
### ଗାଁରେ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା

ଆନନ୍ଦପୁର,୧୮।୮ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଗଡ଼ବାନ୍ଧଗୋଡ଼ା ପଞ୍ଚାୟତ କୃଷ୍ଣପୁର ଗାଁରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଗତ ୨ ଦିନରେ ଗାଁରୁ ୨୫ ଜଣ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ବେଳେ ସୋମବାର ଆଉ ୬ ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ସାଇଁକୁଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରଶାସନ ପକ୍ଷରୁ ଗାଁରେ ଡାକ୍ତରୀ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ବେଳେ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଛି।

ପ୍ରକାଶ ଯେ, ଗାଁରେ ଗତ ଦୁଇ ଦିନ ଧରି ଝାଡ଼ାବାନ୍ତିରେ ୨୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ସାଇଁକୁଲ ଏବଂ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୋମବାର ପୁଣି ଗାଁର ପ୍ରେମାନନ୍ଦ ନାୟକ, ସୁକାନ୍ତି ନାୟକ, ରୁବିନା ନାୟକ, ସଂଯୁକ୍ତା ମାଝୀ, ଝୁନ ମାଝୀ, ବିନୋଦ ବିହାରୀ ମାଝୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ସାଇଁକୁଲ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ବିଜେଡି ନେତା ଦେବାଶିଷ ପାତ୍ର, ଭାଜପା ବିଧାୟକ ପ୍ରାର୍ଥୀ ଡ. ଶମ୍ଭୁନାଥ ରାଉତ, ସାଇଁକୁଲ ଗୋଷ୍ଠୀ ଚିକିତ୍ସାକେନ୍ଦ୍ରର ଚିକିତ୍ସାଧିକାରୀ ଡା. ରାଜେନ୍ଦ୍ର ମୁର୍ମୁ, ଜିଲା ସ୍ୱାସ୍ଥ୍ୟ ବିଭାଗର ରାପିଡ ଟିମ୍ ପୀଡ଼ିତଙ୍କ ଘରକୁ ଘର ବୁଲି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଗାଁରେ ଡାଇରିଆ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ରୋଗୀଙ୍କୁ ତୁରନ୍ତ ଡାକ୍ତରଖାନାରେ ପହଞ୍ଚାଇବାକୁ ଗାଁରେ ସୋମବାରଠାରୁ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଇବାକୁ ଡାକ୍ତରୀ ଟିମ୍ ସୁପାରିସ କରିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଟିମ୍ ପାନୀୟ ଜଳ ପରୀକ୍ଷଣ ନିମନ୍ତେ ନମୁନା ସଂଗ୍ରହ କରିଥିଲା। ଏଥିସହିତ ପାନୀୟ ଜଳ ଉତ୍ସଗୁଡ଼ିକୁ ସଫା କରିବାର ବନ୍ଦୋବସ୍ତ କରିଛି। ତେବେ ଗାଁ ଲୋକେ ପାଣି ଫୁଟାଇ ପିଇବା ସହିତ ଆବଶ୍ୟକସ୍ଥଳେ ହାଲୋଜେନ ବଟିକା ପକାଇ ପାଣି ପିଇବାକୁ ଡାକ୍ତରୀ ଟିମ୍ ପରାମର୍ଶ ଦେଇଥିଲା। ଏଥିସହ ଖୋଲା ସ୍ଥାନରେ ମଳତ୍ୟାଗ ନ କରିବାକୁ ବାରଣ କରାଯାଇଛି। ଗାଁର ଡ୍ରେନେଜ୍ ବ୍ୟବସ୍ଥା ସଫାସୁତୁରା ନ ଥିବାରୁ ପ୍ରତ୍ୟେକ ଡ୍ରେନ୍‌କୁ ସଫା କରାଯାଇ ବ୍ଲିଚିଂ ପକାଇବାକୁ ସ୍ୱେଚ୍ଛାସେବୀ ଏବଂ ଆଶାକର୍ମୀଙ୍କୁ ନିୟୋଜିତ କରାଯାଇଛି। ଗାଁରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଏକପ୍ରକାର ଭୟର ବାତାବରଣ ଖେଳିଯାଇଛି।

# ଭୁଶୁଡ଼ିଲା ମାଲକାନଗିରି ବିମାନବନ୍ଦର ପାଚେରି

ମାଲକାନଗିରି, ୧୮।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମାଠାରୁ ୫ କି.ମି. ଦୂରରେ ନିର୍ମାଣ ହୋଇଥିବା ବିମାନବନ୍ଦର ପାଚେରି ସୋମବାର ଭୁଶୁଡ଼ି ପଡ଼ିଛି। ରବିବାର ରାତିରୁ ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ବିମାନବନ୍ଦରର ପ୍ରାୟ ୩୦ ଫୁଟ ପାଚେରି ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ବିମାନବନ୍ଦର ଉଦ୍‌ଘାଟନର ଦେଢ଼ ବର୍ଷ ହୋଇଥିବା ବେଳେ ଏହା ମଧ୍ୟରେ ଏହାକୁ ମିଶାଇ ୩ ଥର ପାଚେରି ଭାଙ୍ଗିଛି। ପ୍ରଥମ ଥର ପାଚେରି ଭାଙ୍ଗିବା ସମୟରେ ବହୁ ଲୋକ ଆହତ ହୋଇଥିଲେ। ପରେ ପରେ ଦ୍ୱିତୀୟ ଥର ମଧ୍ୟ ପାଚେରି ଭାଙ୍ଗିଥିଲା। ଏହାକୁ ନେଇ ଜିଲାର ବିଭିନ୍ନ ରାଜନୈତିକ ଦଳ ବିମାନବନ୍ଦର କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଥିଲେ।

# ମହାବଳ ବାଘ ଆତଙ୍କ, ଲୋକେ ଭୟଭୀତ

ଝାରସୁଗୁଡ଼ା, ୧୮।୮ (ଆଶିଷ ରଞ୍ଜନ ଦାଶ)


ବନବିଭାଗ ଅଧିକାରୀ ବାଘ ପାଦଚିହ୍ନ ପରୀକ୍ଷା କରୁଛନ୍ତି।

ଝାରସୁଗୁଡ଼ା ଜିଲା ବାଗଡିହି ରେଞ୍ଜ ଅଧୀନ ଭୁକୁଲାପଡ଼ା, ଗଞ୍ଜୁଡିହି, କର୍ଲାଖମନ ଓ ଜାମମାଲ ଅଞ୍ଚଳରେ ସୋମବାର ସକାଳେ ମହାବଳ ବାଘର ପାଦଚିହ୍ନ ଦେଖିବାକୁ ମିଳିଛି। ଏହାକୁ ନେଇ ଲୋକମାନେ ଭୟଭୀତ ହୋଇପଡିଛନ୍ତି। ଖବରପାଇ ବାଗଡିହି ଓ ପଡୋଶୀ ବାମରା ରେଞ୍ଜର ବନବିଭାଗ ଅଧିକାରୀ ପହଞ୍ଚି ପାଦଚିହ୍ନ ପରୀକ୍ଷା କରିବା ସହ ବାଘକୁ ଖୋଜାଖୋଜି କରିଛନ୍ତି। ରିପୋର୍ଟ ଲେଖାଯିବା ସୁଦ୍ଧା ବାଘକୁ ଠାବ କରାଯାଇପାରି ନାହିଁ। ଏନେଇ ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ଅଶୋକ ମନୁଭଇ କହିଛନ୍ତି, ମିଳିଥିବା ପାଦଚିହ୍ନରୁ ମହାବଳ ବାଘ ବୋଲି ଜଣାପଡ଼ିଛି। ରବିବାର ସୁନ୍ଦରଗଡ଼ ଅଞ୍ଚଳରୁ ମିଳିଥିବା ବାଘର ପାଦଚିହ୍ନ ସହ ସୋମବାର ଝାରସୁଗୁଡ଼ା ଅଞ୍ଚଳରେ ଦେଖିବାକୁ ମିଳିଥିବା ପାଦଚିହ୍ନ ସମାନ। ଝାରସୁଗୁଡ଼ା ଜିଲାରେ ପ୍ରଥମଥର ମହାବଳ ବାଘ ପ୍ରବେଶ କରିଛି। ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ୨୦ଟି ଟ୍ରାପ୍ କ୍ୟାମେରା ଲଗାଯାଇ ବାଘର ଗତିବିଧି ଉପରେ ନଜର ରଖାଯାଇଛି। ଝାରସୁଗୁଡ଼ା ବନଖଣ୍ଡ ଓ ବାମରା ରେଞ୍ଜର ଅଧିକାରୀଙ୍କ ସମେତ କର୍ମଚାରୀ ପାଟ୍ରୋଲିଂ କରୁଛନ୍ତି। ସକାଳେ ଓ ସନ୍ଧ୍ୟାରେ ଏକୁଟିଆ ଘରୁ ବାହାରକୁ ନ ବାହାରିବା ପାଇଁ ମନୁଭଇ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

# ଶୋକାକୁଳ ପରିବେଶରେ ଯବାନ ମନୋଜଙ୍କ ଶେଷକୃତ୍ୟ

ପରଜଙ୍ଗ,୧୮।୮ (ନିଗମାନନ୍ଦ ଦଳବେହେରା)


ଯବାନ ମନୋଜ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ୨ ଝିଅ।

ଜମ୍ମୁ-କଶ୍ମୀର କିସ୍ତୱାରରେ ଗତ ୧୪ ତାରିଖରେ ବାଦଲ ଫଟା ବର୍ଷା ସହ ଭୂ-ସ୍ଖଳନ ଯୋଗୁ ପ୍ରାଣ ହରାଇଥିବା ସିଆଇଏସ୍ଏଫ୍ ଯବାନ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମାଣିକମରା ଗାଁର ମନୋଜ ବିଶ୍ୱାଳଙ୍କ ଶେଷକୃତ୍ୟ ସୋମବାର ପୈତୃକ ଗାଁରେ ସମ୍ପନ୍ନ ହୋଇଛି। ତାଙ୍କ ପାର୍ଥିବ ଶରୀର ମାଣିକମରା ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବୀର ଯବାନ ମନୋଜ ବିଶ୍ୱାଳ ଅମର ରହେ ସ୍ଲୋଗାନ ଭିତରେ ତାଙ୍କ ପାର୍ଥିବ ଶରୀର ପଞ୍ଚଭୂତରେ ବିଲୀନ ହୋଇଯାଇଥିଲା।

ଗାଁର ବୀରପୁଅ ମନୋଜଙ୍କୁ ବିଦାୟ ଦେବା ପାଇଁ ଗାଁ ମଶାଣିକୁ ପ୍ରସ୍ତୁତ କରାଯାଇଥିବା ବେଳେ ଗ୍ରାମବାସୀ ବିରାଟ ଶୋଭାଯାତ୍ରାରେ ମୃତ ଶରୀରକୁ ଗ୍ରାମ ପରିକ୍ରମା କରି ଶ୍ମଶାନକୁ ନେଇଥିଲେ। ସେଠାରେ ସିଆଇଏସ୍ଏଫ୍ ତରଫରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଯବାନ ମନୋଜଙ୍କ ବଡ଼ଝିଅ ମୁଖାଗ୍ନି ଦେଇଥିଲେ। ପରଜଙ୍ଗର ପୂର୍ବତନ ବିଧାୟକ ଡ. ନୃସିଂହ ଚରଣ ସାହୁ, ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ, ବିଡିଓ ସୌଭାଗ୍ୟ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ଆବଶ୍ୟକ ସମ୍ମାନ ପ୍ରଦର୍ଶନ କରାଯାଇ ନ ଥିବା ପୂର୍ବତନ ଏମ୍‌ପି ମହେଶ ସାହୁ ଅଭିଯୋଗ କରିବା ସହ ଏହାକୁ କଡ଼ା ନିନ୍ଦା କରିଥିଲେ।

# ଭାଜପାରେ ଯୋଗଦେଲେ ବିଜେଡି ନେତା, କର୍ମୀ

ଭୁବନେଶ୍ୱର, ୧୮।୮ (ସୁନିତ୍ ମିଶ୍ର)

ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ ସୋମବାର ବିଜେଡି ଛାଡ଼ି ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ପଦ୍ମଧରିଛନ୍ତି। ତାଙ୍କ ସହ ସମିତିସଭ୍ୟ ଅଂଶୁମତି ସାହୁ, ପ୍ରଦୀପ ନାୟକ, ଭାଗବତ ନାୟକ, ଉତ୍ତମ ଚନ୍ଦ୍ର ବେହେରା, ଦ୍ରୁପଦୀ ମହନ୍ତ, ସଞ୍ଜୁ ମହନ୍ତ, ଜମ୍ବୁ ନାୟକ, ଜୟନ୍ତୀ ନାଏକ, ଚନ୍ଦ୍ରମଣି ପାତ୍ର, ଗୋଲକ ବିହାରୀ ନାଏକ ଏବଂ ସରପଞ୍ଚ ଝୁମିତା ନାୟକ, ଭାମମଣି ଦାଶ, ରାଉତ ମୁଣ୍ଡା, ହରିଶଙ୍କର ଦେହୁରୀ, ସୁଲେଖା ନାଏକ, ମମତା ନାଏକ, ହେମଲତା ନାଏକ, ସୁଜାତା ସର୍ଦ୍ଦାର, ସୁଧାଂଶୁ ଶେଖର ନାଏକ ପ୍ରମୁଖ ନିର୍ବାଚିତ ଜନପ୍ରତିନିଧିଙ୍କ ସମେତ ଶତାଧିକ ବିଜେଡି କର୍ମୀ ଦଳ ତ୍ୟାଗକରି ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ସାହାରପଡ଼ା ବ୍ଲକର ସମିତିସଭ୍ୟ ଦିପୁ ମହନ୍ତ, ପରେଶ ଚନ୍ଦ୍ର ସେଠୀ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଦଳର ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଛନ୍ତି।

# ନୀହାରଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କ ଜାମିନ ଶୁଣାଣି ଘୁଞ୍ଚିଲା

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା

କଟକ,୧୮।୮ (କାର୍ତ୍ତିକ ସାହୁ)

ଓଡ଼ିଶା ଟିଚର୍ସ ଇଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହୋଇ ଜେଲରେ ଥିବା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ପୂର୍ବତନ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ଜାମିନ ଆବେଦନ ଶୁଣାଣିକୁ ଘୁଞ୍ଚାଇ ଦିଆଯାଇଛି। କଟକ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ମାମଲାର ଶୁଣାଣି ସୋମବାର ହେବାକୁ ଥିବା ବେଳେ ତାହା ସ୍ଥଗିତ ହୋଇ ଅଗଷ୍ଟ ୨୨ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଅନୁରୂପ ଭାବେ ଅନ୍ୟ ଅଭିଯୁକ୍ତମାନଙ୍କ ଜାମିନ ଆବେଦନ ମଧ୍ୟ ଘୁଞ୍ଚାଇ ଦିଆଯାଇଛି। ମାମଲାର ତଦନ୍ତ କରୁଥିବା ଓଡ଼ିଶା କ୍ରାଇମବ୍ରାଞ୍ଚ ଉପସଭାପତି ମହାନ୍ତି ଓ ଅନ୍ୟ ୬ ଜଣଙ୍କୁ ଗିରଫ କରିଥିଲା। ପରେ କ୍ରାଇମବ୍ରାଞ୍ଚ ୨ ଅଭିଯୁକ୍ତ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ଓ ରାଜ୍ୟ ପୂର୍ବତନ କ୍ୟାଡର ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ରଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ସହ ଅଧିକ ତଥ୍ୟ ସଂଗ୍ରହ କରିଛି।

# ସ୍ମୃତିରଞ୍ଜନଙ୍କୁ ଦଳରୁ ନିଲମ୍ବନ କଲା ଭାଜପା

ଭୁବନେଶ୍ୱର, ୧୮।୮ (ସୁନିତ୍ ମିଶ୍ର)

ଭୁବନେଶ୍ୱର ସାଙ୍ଗଠନିକ ଜିଲା ଅନ୍ତର୍ଗତ ଶ୍ରୀକୃଷ୍ଣ ମଣ୍ଡଳ ସଭାପତି ସ୍ମୃତିରଞ୍ଜନ ଦାସଙ୍କୁ ଭାଜପାରୁ ନିଲମ୍ବନ କରାଯାଇଛି। ସେ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗ ଯୋଗୁ ଦଳର ଭାବମୂର୍ତ୍ତି କ୍ଷୁଣ୍ଣ ହୋଇଛି। ଏଥିଲାଗି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ସ୍ମୃତିରଞ୍ଜନଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ସୂଚନା ଦିଆଯାଇଛି। ଏନେଇ ଶୃଙ୍ଖଳା କମିଟି ରାଜ୍ୟ ଆବାହକ ସୁଦର୍ଶନ ନାୟକ ସୋମବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

# ୭ ବଗି ଛାଡ଼ି ପଳାଇଲା ମାଲ୍‌ଗାଡ଼ି ଇଞ୍ଜିନ

ସିମୁଳିଆ, ୧୮।୮ (ସନ୍ତୋଷ ନାୟକ)


ଲେଭଲ କ୍ରସିଂ ନିକଟରେ ଅଟକି ରହିଥିବା ଟ୍ରେନ।

ଦକ୍ଷିଣ ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନ ଅଧୀନ ମାର୍କୋଣା ଷ୍ଟେଶନର ଲେଭଲକ୍ରସିଂ ନିକଟରେ ସୋମବାର ଅପରାହ୍ଣରେ ଡାଉନ ଲାଇନରେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନ ଇଞ୍ଜିନ ବଗିରୁ ଅଲଗା ହୋଇ ସୋର ଅଭିମୁଖେ ଚାଲିଯାଇଥିଲା। ପରେ ଟ୍ରେନ ପଛକୁ ଫେରି ୭ଟି ବଗିଗୁଡ଼ିକୁ ଯୋଡ଼ି ଆଗକୁ ଯାଇଥିଲା।

ଟ୍ରେନଟି ଲେଭଲକ୍ରସିଂ ଅତିକ୍ରମ କରିବା ବେଳେ ହଠାତ୍ ପଛପଟୁ ୭ଟି ବଗି ଛିଡି ଅଲଗା ହୋଇଯାଇଥିଲା। ପରେ ଇଞ୍ଜିନ ସହିତ ସଂଯୋଗ ଥିବା ଅନ୍ୟ ବଗିଗୁଡିକ କିଛି ବାଟ ଆଗକୁ ଚାଲିଯାଇଥିଲା। ବଗି ଛିଡ଼ିଥିବା ସମ୍ପର୍କରେ ଜାଣିବା ପରେ ଲେଭଲକ୍ରସିଂ ସିଗନାଲ ଅଫିସର, ଲୋକୋ ପାଇଲଟ ଏବଂ ଷ୍ଟେସନ ମାଷ୍ଟର ଉଭୟ ପରସ୍ପର ଯୋଗାଯୋଗ କରିଥିଲେ। ତୁରନ୍ତ ରେଲୱେ ପୋଲିସ ମୁତୟନ କରାଯାଇ ଲେଭଲକ୍ରସିଂକୁ ବନ୍ଦ ରଖାଯାଇଥିଲା। ଲୋକୋ ପାଇଲଟ ଇଞ୍ଜିନକୁ ପଛକୁ ଆଣି ଛିଡିଯାଇଥିବା ବଗି ନିକଟକୁ ନେଇଥିଲେ ଏବଂ ଯାନ୍ତ୍ରିକ ଟିମ୍ ଉଭୟକୁ ସଂଯୋଗ କରିବା ପରେ ଟ୍ରେନଟି ସମସ୍ତ ବଗି ନେଇ ଆଗକୁ ଗଡିଥିବା ସୂଚନା ମିଳିଛି। ଏଥିପାଇଁ ଲେଭଲକ୍ରସିଂ ନିକଟରେ ପ୍ରାୟ ୩୦ ମିନିଟ୍‌ରୁ ଅଧିକ ସମୟ ଧରି ଉଭୟ ପାର୍ଶ୍ୱ ଫାଟକକୁ ବନ୍ଦ ରଖାଯାଇଥିଲା। ଉଭୟ ପାର୍ଶ୍ୱରେ ଗମନାଗମନ ବନ୍ଦ ରହିଥିଲା। ସେହିପରି ବିଭିନ୍ନ ଟ୍ରେନ ମଧ୍ୟ ବିଳମ୍ବରେ ଚାଲିଥିଲା।

# ବ୍ରଜରାଜନଗର ଷ୍ଟେଶନରୁ ୨୦ ଇମ୍ପୋର୍ଟେଡ୍ ପର୍ସିଆନ ବିଲେଇ ଜବତ

ବ୍ରଜରାଜନଗର, ୧୮।୮ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ରେଳଷ୍ଟେଶନରୁ ରବିବାର ବିଳମ୍ବିତ ରାତିରେ ୨୦ଟି ଇମ୍ପୋର୍ଟେଡ୍ ପର୍ସିଆନ ବିଲେଇକୁ ଆର୍‌ପିଏଫ୍ ଜବତ କରିଛି। ସୂଚନା ଅନୁଯାୟୀ, ମୁମ୍ବାଇର ଆମିନ ସୟଦ୍, ସ୍ତ୍ରୀ ଓ ୪ ମାସର ଶିଶୁପୁତ୍ର ସହିତ ଏହି ବିଲେଇକୁ ନେଇ ମୁମ୍ବାଇ-ସାଲିମାର୍ ଟ୍ରେନ୍‌ରେ ମୁମ୍ବାଇରୁ କୋଲକାତାର ସାନ୍ତ୍ରାଗାଛି ଅଭିମୁଖେ ଯାଉଥିଲେ। ଟ୍ରେନ୍‌ଟି ବ୍ରଜରାଜନଗର ଷ୍ଟେଶନରେ ରାତି ପ୍ରାୟ ସାଢ଼େ ୨ଟାରେ ପହଞ୍ଚିବା ପରେ ଆର୍‌ପିଏଫ୍ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ ଦମ୍ପତିଙ୍କ ପାଖରେ ୨୦ଟି ବିଲେଇ ଥିବା ଜଣାପଡିଥିଲା। ପରେ ଦମ୍ପତିଙ୍କୁ ଅଟକ ରଖାଯିବା ସହ ଉକ୍ତ ବିଲେଇ ଜବତ କରାଯାଇଛି। ସାନ୍ତ୍ରାଗାଛିର ଏକ ଫାର୍ମରେ ଏହି ବିଲେଇକୁ ବିକ୍ରି ଉଦ୍ଦେଶ୍ୟରେ ନିଆଯାଉଥିବା ଅନୁମାନ କରାଯାଉଛି। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏନେଇ ସହ ତଦନ୍ତ ଜାରି ରହିଛି।

# ମୋ ପ୍ରିୟ ଫଟୋ

## ବିଶ୍ୱ ଫଟୋଗ୍ରାଫି ଦିବସ ଆଜି

ପ୍ରତିବର୍ଷ ଅଗଷ୍ଟ ୧୯ରେ ପାଳନ ହୋଇଆସୁଛି ବିଶ୍ୱ ଫଟୋଗ୍ରାଫି ଦିବସ। ଏହା ଫଟୋଗ୍ରାଫିର କଳା, ବିଜ୍ଞାନ ଏବଂ ଇତିହାସକୁ ପ୍ରଶଂସା କରିବା ପାଇଁ ଉତ୍ସର୍ଗୀକୃତର ଏକ ଦିନ। ୧୮୩୭ ମସିହାରେ ବିକଶିତ ଏକ ଫଟୋଗ୍ରାଫିକ୍ ପ୍ରକ୍ରିୟା, ଡାଗୁରେଓଟାଇପର ଉଦ୍ଭାବନକୁ ସ୍ମରଣକରିବା ଲାଗି ୧୯୯୧ ମସିହାରେ ଏହି ଦିବସକୁ ପ୍ରଥମେ ସ୍ୱୀକୃତି ଦିଆଯାଇଥିଲା। ତେବେ ଚଳିତ ବର୍ଷ ଉକ୍ତ ଦିବସର ବିଷୟବସ୍ତୁ ରହିଛି ‘ମୋ ପ୍ରିୟ ଫଟୋ’। ଏହି ବିଷୟବସ୍ତୁ ଲୋକମାନଙ୍କୁ ସେମାନଙ୍କ ଦ୍ୱାରା ଉଠାଯାଇଥିବା ଏକ ଫଟୋଗ୍ରାଫି ଶେୟାର କରିବା ସହ ଏହା ପଛରେ ଥିବା କାହାଣୀକୁ ମଧ୍ୟ ଶେୟାର କରିବାକୁ ଉତ୍ସାହିତ କରେ, ଯାହା ଫଟୋଗ୍ରାଫର ଏବଂ ସେମାନଙ୍କ କାମ ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କକୁ ପ୍ରୋତ୍ସାହିତ କରିଥାଏ। ତେବେ ଏହା ବିଭିନ୍ନ କାରଣର ଏକ ଉତ୍ସବ ଯାହା ଲୋକମାନେ ଫଟୋଗ୍ରାଫି ପ୍ରତି ଆକର୍ଷିତ ହୁଅନ୍ତି, ଜୀବନକୁ ଡକ୍ୟୁମେଣ୍ଟେସନ କରିବା, ସୌନ୍ଦର୍ଯ୍ୟକୁ କଏଦ କରିବା କିମ୍ବା ଏକ ମୁହୂର୍ତ୍ତକୁ ସଂରକ୍ଷଣ କରିବା ପାଇଁ ଉଦ୍ଦିଷ୍ଟ।








## ସେଚ୍ଛାକୃତ ରକ୍ତଦାନ ଶିବିରରେ ୯୮ ୟୁନିଟ ସଂଗ୍ରହ

**କଟକ ସଦର, (ସୁଶାନ୍ତ କୁମାର ଜେନା):** ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ଆନୁକୂଲ୍ୟରେ ସୋମବାର କଳପଡ଼ାସ୍ଥିତ କାର୍ଯ୍ୟାଳୟରେ ଏକ ସେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଭାପତି ମନୋଜ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ କଳପଡ଼ାର ପୂର୍ବତନ ସରପଞ୍ଚ ସରୋଜ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଶିବିରରେ ୯୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିର ବିଜୟ କୁମାର ନାୟକ, ଉଦୟ ସାସମଲ, ଜ୍ଞାନରଞ୍ଜନ ମହାନ୍ତି, ସୁଦର୍ଶନ ଜେନା, କାମିନୀ କାନ୍ତ ଭୋଳ, ସୁଶାନ୍ତ ପରିଡ଼ା, ପ୍ରିୟରଞ୍ଜନ ପରିଡ଼ା, ପ୍ରସନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୂଜା ମଣ୍ଡପରେ ଅଗ୍ନିନିର୍ବାପକ ଯନ୍ତ୍ର ବାଧ୍ୟତାମୂଳକ

**କମିଶନରେଟ ପୋଲିସ ପକ୍ଷରୁ ଦୁର୍ଗାପୂଜା, ଭସାଣି ଉତ୍ସବ ପ୍ରସ୍ତୁତି ବୈଠକ**

- ଭସାଣି ସମୟରେ ସାଉଣ୍ଡ ବକ୍ସରେ ଲିମିଟର ମେଶିନ ଲାଗିବ
- ଗଣେଶ ମୂର୍ତ୍ତି କଦର୍ଯ୍ୟ ନ କରିବାକୁ ପରାମର୍ଶ
- ତୁଟିଲା ଗଣେଶ ପୂଜା ଭସାଣି ତାରିଖ ଦ୍ୱନ୍ଦ୍ୱ


କମିଶନରେଟ ପୋଲିସ ପକ୍ଷରୁ ଦୁର୍ଗାପୂଜା, ଭସାଣି ଉତ୍ସବ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୮।୮(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସହରରେ ଗଣେଶ ପୂଜା ଓ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଦିଗରେ କମିଶନରେଟ ପୋଲିସ ପକ୍ଷରୁ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କ ସହ ସୋମବାର ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଛି। ସାରଳା ଭବନରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ସୌଭିକ ବିଶ୍ୱାଳ, ମେୟର ସୁବାସ ସିଂ, ସିଏମ୍‌ସି କମିଶନର କିରଣଦୀପ କୌର ସହୋତା, ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଯୋଗଦେଇଥିଲେ। ଗଣେଶ ପୂଜାରୁ ପାର୍ବଣ ଋତୁ ଆରମ୍ଭ ହେଉଥିବାରୁ ପୂଜା କମିଟି କର୍ମକର୍ତ୍ତାମାନେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ପୂଜା ମଣ୍ଡପର ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଲୋଚନା ହୋଇଥିଲା। ବହୁ ପୂଜା ମଣ୍ଡପ ପୁରୁଣା ତଥା ଛିଣ୍ଡା ତାରରେ ବିଦ୍ୟୁତ୍ ସଂଯୋଗ କରୁଥିବାବେଳେ ଏଥିପାଇଁ ଅଗ୍ନିକାଣ୍ଡ ଘଟିବାର ଆଶଙ୍କା ରହୁଛି, ତେଣୁ ସବୁ ପୂଜା ମଣ୍ଡପରେ ନୂଆ ତାର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଏହାସହ ସବୁ ମଣ୍ଡପରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖିବା ବାଧ୍ୟତାମୂଳକ କରାଯାଇଛି। ସେହିପରି ପୂର୍ବବର୍ଷ ଭଳି ଚଳିତବର୍ଷ ସବୁ କମିଟି ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣି ପାଇଁ ସ୍ଥାନୀୟ ଥାନାରୁ ଅନୁମତି ଆଣିବେ। ମୁଖ୍ୟତଃ କୌଣସି ପୂଜା ମଣ୍ଡପ ଗଣେଶଙ୍କ ପ୍ରତିମୂର୍ତ୍ତିକୁ କଦର୍ଯ୍ୟ କରି ଗଢିବେ ନାହିଁ। ପୌରାଣିକ ଦୃଶ୍ୟପଟକୁ ନେଇ ମୂର୍ତ୍ତି ଗଢା ଯାଇପାରିବ। କୌଣସି ଜାତି, ବର୍ଗ କିମ୍ବା ଧର୍ମକୁ ଆକ୍ଷେପ କଲାଭଳି ପୂଜାରେ କିଛି ବି କରିବେ ନାହିଁ। ରାତି ୧୦ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଭସାଣିରେ ଯଥାସମ୍ଭବ ଶୋଭାଯାତ୍ରାକୁ ଛୋଟ ରଖାଯିବ। ସାମିଲ ହେଉଥିବା ବ୍ୟାଣ୍ଡ କିମ୍ବା ସାଉଣ୍ଡ ବକ୍ସରେ ଏକ ସ୍ୱତନ୍ତ୍ର ଲିମିଟର ମେଶିନ ଲାଗିବା ବାଧ୍ୟତାମୂଳକ। ଏହି ସବୁକୁ ଯଦି ବ୍ୟାଣ୍ଡ ପାର୍ଟି କିମ୍ବା ସାଉଣ୍ଡ ଗାଡି ଏହି ନିୟମକୁ ନ ମାନନ୍ତି ତେବେ ଉକ୍ତ ସଂସ୍ଥା ନାମରେ ମାମଲା ରୁଜୁ କରାଯିବା ସହ ବ୍ୟାଣ୍ଡ ଏବଂ ସାଉଣ୍ଡକୁ ଜବତ କରାଯିବ। ପୂଜା କମିଟିଗୁଡିକ ନିକଟସ୍ଥ ଅସ୍ଥାୟୀ ଜଳାଶୟରେ ପ୍ରତିମା ବିସର୍ଜନ କରିବେ। ପୂଜାକୁ ଏକ ଆଧ୍ୟାତ୍ମିକ ପରିବେଶ ଭିତରେ କରିବା ପାଇଁ ସିପି ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷେ, କଟକରେ ଗଣେଶ ପୂଜା କମିଟି ଦିନକୁ ଦିନ ବଢିବଢି ଚାଲୁଛି। ତେଣୁ କଟକର ଭାଇଚାରକୁ ବଜାୟ ରଖି ପୂଜା ଓ ଭସାଣି ସାରିବାକୁ ସମସ୍ତେ ସଂକଳ୍ପ ନେବାକୁ ସିପି ପରାମର୍ଶ ଦେଇଛନ୍ତି। ଏହାସହ ପୂଜା ପାଇଁ ଜୋରଜବରଦସ୍ତ ଚାନ୍ଦା ଆଦାୟ, ଭସାଣି ଶୋଭାଯାତ୍ରାରେ ବିଶୃଙ୍ଖଳା କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି କହିଛନ୍ତି। ତେବେ ଗଣେଶ ପୂଜାର ଭସାଣିର ତାରିଖକୁ ନେଇ ଯେଉଁ ଦ୍ୱନ୍ଦ୍ୱ ରହିଥିଲା ତାହା ଦୂର ହୋଇଛି। ଗଣେଶ ପୂଜା ୨୭ ତାରିଖରେ ହେବା ପରେ ୩୧ ତାରିଖ (ରବିବାର) ପ୍ରଥମ ପର୍ଯ୍ୟାୟ ଭସାଣି ହେବ। ସେପ୍ଟେମ୍ବର ୭ ଓ ୧୪ରେ ଆଉ ଦୁଇ ପର୍ଯ୍ୟାୟରେ ଭସାଣି କରାଯିବ। ତେବେ ବୁଢା ଗଣେଶଙ୍କୁ ନେଇ ଏକ ସ୍ୱତନ୍ତ୍ର ତାରିଖ ସ୍ଥିର କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ପରିଚାଳନା କରିଥିଲେ। ବୈଠକରେ ବରିଷ୍ଠ ନେତା ନୟନ କିଶୋର ମହାନ୍ତି, କଂଗ୍ରେସ ନଗର ସଭାପତି ସୁରେଶ ମହାପାତ୍ର, ମହାନଗର ପୂଜା କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ଅମରେନ୍ଦ୍ରୁ ମହାନ୍ତିଙ୍କ ସମେତ ଶତାଧିକ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଅଟୋରେ ନାବାଳିକାଙ୍କୁ ଅସଦାଚରଣ: ଡ୍ରାଇଭର ଅଟକ

କଟକ,୧୮।୮(କାର୍ତ୍ତିକ ସାହୁ)

ଚାଉଳିଆଗଞ୍ଜ ଥାନା ପୋଲିସ ଅଟୋରେ ଯାଉଥିବା ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ସମ୍ପୃକ୍ତ ଅଟୋ ଡ୍ରାଇଭର(୫୫)ଙ୍କୁ ଥାନାରେ ଅଟକ ରଖିଛି। ଡ୍ରାଇଭରଙ୍କ ଘର ଜଗତ୍‌ସିଂହପୁର ଅଞ୍ଚଳରେ ହୋଇଥିବା ବେଳେ ସେ ସିଆର୍‌ଆର୍‌ଆଇ ଥାନା ଅଞ୍ଚଳରେ ରହନ୍ତି। ପୋଲିସ ଅଟୋକୁ ଜବତ କରିବା ସହ ଘଟଣା ସମ୍ପର୍କରେ ଅଟୋ ଡ୍ରାଇଭରଙ୍କୁ ପଚରାଉଚରା କରୁଛି। ପୋଲିସ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୀଡ଼ିତାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। ଘଟଣା ଘଟିଥିବା ଅଞ୍ଚଳର କିଛି ସିସିଟିଭି ଫୁଟେଜ୍ ମଧ୍ୟ ପୋଲିସ ଯାଞ୍ଚ କରୁଛି।

ସୂଚନା ଅନୁସାରେ, ଗତ ୮ ତାରିଖରେ ଘଟଣା ଘଟିଥିବା ବେଳେ ପ୍ରାୟ ୯ ଦିନ ପରେ ପୀଡ଼ିତା ତାଙ୍କ ମା'ଙ୍କ ସହ ଆସି ଚାଉଳିଆଗଞ୍ଜ ଥାନାରେ ଏତଲା ଦେଇଛନ୍ତି। ଜଗତପୁର ଥାନା ଅଞ୍ଚଳର ୧୬ ବର୍ଷର ନାବାଳିକା ଜଣକ ସେଦିନ ପୂର୍ବାହ୍ନ ପ୍ରାୟ ୧୦ଟାରେ ଜଣେ ସାଙ୍ଗ ସହ ବାଦାମବାଡ଼ି ଆସିଥିଲେ। ଦୁହେଁ କାମ ସାରିବା ପରେ ପ୍ରାୟ ସାଢ଼େ ୧୨ଟା ବେଳେ ବାଦାମବାଡ଼ିରୁ ଏକ ଅଟୋ ଯୋଗେ ଘରକୁ ଫେରୁଥିଲେ। ବାଟରେ ନାବାଳିକାଙ୍କ ମୁଣ୍ଡ ବୁଲାଇଥିଲା। ସେ ଅଟୋ ଚାଳକଙ୍କୁ ଗାଡ଼ି ଅଟକାଇବାକୁ କହିଲେ। ଏଥିସହ ନିକଟ ଦୋକାନରୁ ପାଣି ଆଣିବା ପାଇଁ ସାଙ୍ଗକୁ ପଠାଇଥିଲେ। ସାଙ୍ଗ ଝିଅ ପାଣି ଆଣିବାକୁ ଯାଇଥିବା ବେଳେ ନାବାଳିକାଙ୍କୁ ଏକୁଟିଆ ପାଇ ଅଟୋ ଡ୍ରାଇଭର ମୁଣ୍ଡ ଚିପିଦେବା ବାହାନାରେ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ନାବାଳିକା ଅସୁସ୍ଥ ଥିବାରୁ କୌଣସି ବିରୋଧ କରିପାରିଲେ ନାହିଁ। ହେଲେ ସାଙ୍ଗ ପାଣି ନେଇ ଆସିବା ପରେ ନାବାଳିକା ତାଙ୍କୁ ସବୁକଥା କହିଥିଲେ। ଦୁହେଁ ଏ ନେଇ ଡ୍ରାଇଭରଙ୍କୁ ପଚାରିବାରୁ ସେ ଧମକ ଦେଇଥିଲେ।

## ଉଦ୍ୟୋଗପତିଙ୍କୁ ସମ୍ମାନିତ କଲେ ମୋହନ ଭାଗବତ



ଉଦ୍ୟୋଗପତି ଶଙ୍କର ଗୁପ୍ତାଙ୍କୁ ଆର୍‌ଏସ୍‌ଏସ୍ ପ୍ରମୁଖ ମୋହନ ଭାଗବତ ସମ୍ମାନିତ କରୁଛନ୍ତି।

କଟକ,୧୮।୮(କାର୍ତ୍ତିକ ସାହୁ)

ବିଶିଷ୍ଟ ଉଦ୍ୟୋଗପତି ତଥା ଏସ୍‌ଜିବିଏଲ୍ ମୁଖ୍ୟ ଶଙ୍କର ଗୁପ୍ତାଙ୍କୁ ଆର୍‌ଏସ୍‌ଏସ୍ ପ୍ରମୁଖ ମୋହନ ଭାଗବତ ସମ୍ମାନିତ କରିଛନ୍ତି। ଗୌଡ଼ିୟ ମିଶନର ସଂସ୍ଥାପକ ଶ୍ରୀଲ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୧ତମ ଜୟନ୍ତୀ ଅବସରରେ ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ବୈଷ୍ଣବ ସମ୍ମିଳନୀରେ ଗୁପ୍ତାଙ୍କୁ ସମ୍ମାନିତ କରାଯାଇଛି। ଅଗଷ୍ଟ ୧୩ ଓ ୧୪ ତାରିଖ ଦୁଇ ଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ବହୁ ସାଧୁସନ୍ଥ ଯୋଗଦେଇଥିଲେ। ଏହି ସମ୍ମାନ ନିଶ୍ଚିତ ଭାବେ ଆଗାମୀ ଦିନରେ ଆହୁରି ଅଧିକ ସାମାଜିକ କଲ୍ୟାଣ କାର୍ଯ୍ୟ କରିବାକୁ ପ୍ରେରଣା ଦେବା ବୋଲି ଏକ ପ୍ରେସ ବିବୃତି ଶଙ୍କର ଗୁପ୍ତା ମତବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ରାସ୍ତା ମରାମତି ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ କର୍ପୋରେଟର

**କଟକ,୧୮।୮(ଶିଳ୍ପା ପ୍ରିୟଦର୍ଶିନୀ):** ପାର୍ବଣ ଆସୁଥିବା ବେଳେ କଟକ ସହରର ରାସ୍ତାଘାଟ ଖାଲଖମାରେ ଭରି ପଡିରହିଛି। ଏହାକୁ ନଜରରେ ରଖି ୱାର୍ଡ ନଂ-୨୬ର କର୍ପୋରେଟର ଗଗନ ଓଝା ସୋମବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଭୁବନେଶ୍ୱରସ୍ଥିତ ବାସଭବନରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ କଟକ ସହରରେ ଏବେ ରାସ୍ତା ଯେପରି ଦୁର୍ଘଟଣାକୁ ଡାକିବା ସାଙ୍ଗରେ ସମାନ ହୋଇଥିବା ଦେଖିବାକୁ ମିଳିଛି। ପାର୍ବଣ ପୂର୍ବରୁ ରାସ୍ତାଘାଟ ମରାମତି କରିବା ଦିଗରେ ଗୁରୁତ୍ୱ ଦେବାକୁ ଉଲ୍ଲେଖ କରାଯାଇଛି। ଦାବିପତ୍ରକୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଗ୍ରହଣ କରି ଏହି ଦିଗରେ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଗଗନ ସୂଚନା ଦେଇଛନ୍ତି।

### ମହିଳା କମିଶନରଙ୍କ ହସ୍ତକ୍ଷେପ ପରେ ଏସ୍‌ସିବିରେ ଲତିକାଙ୍କ ଚିକିତ୍ସା

**କଟକ,୧୮।୮(ଶିଳ୍ପା ପ୍ରିୟଦର୍ଶିନୀ):** ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ବିଷପିଇ ଗୁରୁତର ହୋଇଥିବା ନିଆଳି ଅଞ୍ଚଳର ମହିଳା ଲତିକା ସ୍ୱାଇଁ ଗୁରୁତର ଅବସ୍ଥାରେ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସୋମବାର ରାଜ୍ୟ ମହିଳା କମିଶନର ସଦସ୍ୟା ପ୍ରତିଭା ଶତପଥୀ ଏସ୍‌ସିବି ମେଡିକାଲରେ ପହଞ୍ଚି ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଆଇସିୟୁ ଯୋଗାଇଦେବା ପ୍ରତିଶ୍ରୁତି ମିଳିବା ପରେ ଲତିକାଙ୍କୁ ଘରୋଇ ଡାକ୍ତରଖାନାରୁ ସରକାରୀ ଡାକ୍ତରଖାନାକୁ ଅଣାଯାଇଥିଲା। ସୂଚନାଯୋଗ୍ୟ, ସ୍ୱାମୀ ସୁରେନ୍ଦ୍ର ସ୍ୱାଇଁଙ୍କ ମୃତ୍ୟୁ ଖବର ପାଇବା ପରେ ସ୍ତ୍ରୀ ଲତିକା ବିଷ ପିଇ ଦେଇଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରଥମେ କଟକ ବଡ ଡାକ୍ତରଖାନାକୁ ଅଣାଯାଇଥିଲା। ହେଲେ ଏଠାରେ ଆଇସିୟୁ ମିଳି ନ ଥିଲା, ତେଣୁ ତାଙ୍କୁ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଖର୍ଚ୍ଚ ଅଧିକ ହେବାରୁ ଦୀର୍ଘଦିନ ଚିକିତ୍ସା ଯୋଗାଇ ଦେବା ପରିବାର ପକ୍ଷେ ସମ୍ଭବ ହୋଇ ନ ଥିଲା। ଶେଷରେ ରାଜ୍ୟ ମହିଳା କମିଶନ ଉକ୍ତ ଘଟଣାରେ ହସ୍ତକ୍ଷେପ କରିବା ପରେ ମହିଳାଙ୍କ ଏସ୍‌ସିବିରେ ଚିକିତ୍ସା ଜାରି ରହିଛି।

## 'ଛାତ୍ର ଜୀବନର ମୂଲ୍ୟବାନ ସମୟର ସୁବିନିଯୋଗ କର'



ଡ୍ରିମ୍‌ସରେ ରାଗିଂ ନିରୋଧ ସପ୍ତାହ କାର୍ଯ୍ୟକ୍ରମରେ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ସମ୍ମାନିତ କରାଯାଉଛି।

କଟକ,୧୮।୮(କାର୍ତ୍ତିକ ସାହୁ)

**ଡ୍ରିମ୍‌ସରେ ରାଗିଂ ନିରୋଧ ସପ୍ତାହ**

ରାଗିଂ ଏକ ରୁଗ୍‌ଣ ମାନସିକତା। ଏହାଠୁ ଦୂରରେ ରହି ଛାତ୍ର ଜୀବନର ମୂଲ୍ୟବାନ ସମୟର ସୁବିନିଯୋଗ କର। ଜୀବନର ଲକ୍ଷ୍ୟ ହାସଲ ସହିତ ଜଣେ ସୁନାଗରିକ ହେବାକୁ ଚେଷ୍ଟା କରିବା ଉଚିତ ବୋଲି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ରାଗିଂ ନିରୋଧ ସପ୍ତାହ ପାଳନର ଉଦ୍‌ଯାପନୀରେ ମୁଖ୍ୟଅତିଥି କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ କହିଛନ୍ତି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି କଠିନ ପରିଶ୍ରମ, ଈଶ୍ୱରଙ୍କ ପ୍ରତି ଭକ୍ତି ଓ ପିତାମାତାଙ୍କ ଆଶୀର୍ବାଦ ରହିଲେ ଜୀବନରେ ସଫଳତା ଅବଶ୍ୟମ୍ଭାବୀ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ରାଗିଂ ଛାତ୍ର ସମାଜ ଓ ସମଗ୍ର ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ହାନି କରୁଛି ବୋଲି କହିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଡ୍ରିମ୍‌ସକୁ ରାଗିଂ ମୁକ୍ତ ଶିକ୍ଷାନୁଷ୍ଠାନ ଭାବେ ଅଭିହିତ କରିଥିଲେ। ସଂଯୋଜିକା ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ ସ୍ୱାଗତ ଭାଷଣ ଏବଂ ଓ ପ୍ରାଧ୍ୟାପିକା ଦେବଯାନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାଧ୍ୟାପିକା ଅନିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ

କଟକ,୧୮।୮(ଶିଳ୍ପା ପ୍ରିୟଦର୍ଶିନୀ)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସୁସ୍ଥତା କାମନା କରି କଟକ ଜିଲା ବିଜେଡି ପକ୍ଷରୁ ଗଡଗଡିଆସ୍ଥିତ ଗଡ଼ଗଡ଼େଶ୍ୱର ମହାଦେବ ମନ୍ଦିରରେ ସମୂହ ଦୀପଦାନ କରାଯାଇଥିଲା। କଟକ ଜିଲା ସଭାପତି ପ୍ରଫୁଲ୍ଲ ସିଂଙ୍କ ନେତୃତ୍ୱରେ ସମୂହ ଦୀପଦାନ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରଫୁଲ୍ଲ ବେହେରା, ପୂର୍ବତନ ମେୟର ଅନିତା ବେହେରା, ପୂର୍ଣ୍ଣିମା ସିଂ, କର୍ପୋରେଟର ମୋନାଲିସା ଦାସ, ଲକ୍ଷ୍ମୀପ୍ରିୟା ବେହେରା, ବସନ୍ତ ବେହେରା ଯୋଗଦେଇ ନବୀନଙ୍କ ସୁସ୍ଥତା କାମନା କରିଥିଲେ। କାର୍ଯ୍ୟକ୍ରମରେ ପୁଷ୍ପିତା ମହାନ୍ତି, ଜିଲା ପରିଷଦ ସଭ୍ୟ ଆଶିଷ ସାହୁ, ନନ୍ଦଲାଲ ସିଂ, ପୂର୍ବତନ କର୍ପୋରେଟର ଦୁର୍ଗା ଚରଣ ସାହୁ, ଅବଦୁଲ ମଲ୍ଲିକ, ରମଜାନ ଖାନ, ଦେବେନ୍ଦ୍ର କାହାଳି ପ୍ରମୁଖ ଉପସ୍ଥିତ ଥିଲେ ।

## ପଞ୍ଚାୟତ ଚାଲ ଅଭିଯାନରେ ଜନଶୁଣାଣି


ଜନଶୁଣାଣି ଶିବିରରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ।

କଟକ ସଦର,୧୮।୮(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ଭାଜପା ମଣ୍ଡଳ ପକ୍ଷରୁ ସୋମବାର ଆୟତପୁର ପଞ୍ଚାୟତର ଆୟତପୁର, ଆୟତପୁର ଶାସନ, ଦଣ୍ଡୁଆସିପଡା, କେଶପୁର, ଦାମୋଦରପୁର, ବ୍ରାହ୍ମଣବାଡ଼ ଆଦି ଗ୍ରାମରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କଠାରୁ ମୌଳିକ ସମସ୍ୟା ଶୁଣିବା ସହ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ପଞ୍ଚାଯତର ୧୦୦ ସ୍ୱୟଂ ସହାୟିକା ଗୋଷ୍ଠୀ ସଭାପତି ଓ ସମ୍ପାଦିକାଙ୍କ ସହ ବିପିଏମ୍ ସରୋଜିନୀ ମହାନ୍ତିଙ୍କ ଉପସ୍ଥିତିରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ପଞ୍ଚାୟତ ପ୍ରମୁଖ ଅରୁଣ କୁମାର ଲେଙ୍କା, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ଲକ୍ଷ୍ମୀଧର ଜେନା, ବଳରାମ ନାୟକ, ଜ୍ଞାନ ରଞ୍ଜନ ବେହେରା, ନିମାଇଁ ଚରଣ ମହାପାତ୍ର, ସଞ୍ଜୟ ସେଠୀ, ଲକ୍ଷ୍ମୀଧର ବେହେରା, ଶୁଭେନ୍ଦୁ ମହାପାତ୍ର, କାଞ୍ଚନ ମହାରଣା, ପ୍ରଶାନ୍ତ ସାହୁ, ଦିଲୀପ ସ୍ୱାଇଁ, ସେଖ ସାହାଜନ ମଣ୍ଡଳ ସାଧାରଣ ସମ୍ପାଦକ ବିନୋଦ ପତି ଓ ୫ ନଂ. ଜୋନ ଜିଲା ପରିଷଦ ପ୍ରଦୀପ୍ତ ମାହାଳି ଉପସ୍ଥିତି ଥିଲେ।

# ପୂଜା ପାଇବେ ୩୦ସେ.ମି. ଉଚ୍ଚତାର ଗଣେଶ ମୂର୍ତ୍ତି

**ମୂର୍ତ୍ତି ଗଢୁଛନ୍ତି କଟକର ଇଞ୍ଜିନିୟର ଯୁବତୀ ଅମ୍ରିତା**

କଟକ,୧୮।୮(ଶିଳ୍ପା ପ୍ରିୟଦର୍ଶିନୀ)

ପାଖେଇ ଆସୁଛି ଗଣେଶ ପୂଜା। ଦିନ କେଇଟା ପରେ ଧରାପୃଷ୍ଠକୁ ବିରାଜମାନ କରିବେ ବିଘ୍ନବିନାଶନ। ଏଥିପାଇଁ କଟକ ସହର ଚଳଚଞ୍ଚଳ ହୋଇ ଉଠିଲାଣି। ଏପରି କି ପୂଜା ମଣ୍ଡପ ଓ କ୍ଲବଗୁଡ଼ିକ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିମଧ୍ୟରେ କଟକ ବକ୍ସିବଜାରସ୍ଥିତ କେଶରପୁର ଅଞ୍ଚଳର ଆଲୋକ ମହାନ୍ତି ଓ ଇତିଶ୍ରୀ ମହାନ୍ତିଙ୍କ ଝିଅ ଅମ୍ରିତା ନିଜେ ତିଆରି କରିଛନ୍ତି ଗଣେଶ ମୂର୍ତ୍ତି। ଅମ୍ରିତା ପେସାରେ ଜଣେ ଇଞ୍ଜିନିୟର, ଏକ ଘରୋଇ ସଂସ୍ଥାରେ ସେ କାର୍ଯ୍ୟ କରୁଛନ୍ତି। ଗଣେଶ ପୂଜା ପାଇଁ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ନିଜ ହାତରେ ତିଆରି କରିଛନ୍ତି ମୂର୍ତ୍ତି। ଏଥିପାଇଁ ଅମ୍ରିତା କଟକ କାଠଗଡା ସାହିରୁ ମାଟି ଆଣି ଏହି ମୂର୍ତ୍ତି ତିଆରି କରିଛନ୍ତି ଏବଂ ଏହାର ଉଚ୍ଚତା ୩୦ ସେ.ମି. ରହିଛି। କେବଳ ଏତିକି ନୁହେଁ, ଗଣେଶ ମୂର୍ତ୍ତି ସହ ସମସ୍ତ ଅଳଙ୍କାର, ବସ୍ତ୍ର ଆଦି ନିଜେ ତିଆରି କରିଛନ୍ତି। ଅମ୍ରିତା ତିଆରି କରିଥିବା ମୂର୍ତ୍ତି ଘରେ ରଖି ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବେ। ଏହି ମୂର୍ତ୍ତି ଗଢ଼ିବାକୁ ଅମ୍ରିତାଙ୍କୁ ୧୦ ଦିନ ସମୟ ଲାଗିଥିବାବେଳେ ପ୍ରତ୍ୟେକ ଦିନ ୨ ଘଣ୍ଟା ମୂର୍ତ୍ତି ଗଢ଼ିବା ସହ ଅଳଙ୍କାର ଓ ବସ୍ତ୍ର ତିଆରି କରିବା ପାଇଁ ସମୟ ଦେଇଛନ୍ତି। ମୂର୍ତ୍ତି ଗଢ଼ିବା ପରେ ଏହାକୁ ବିଭିନ୍ନ ରଙ୍ଗରେ ରଙ୍ଗିନ କରି ରବିବାର ମୂର୍ତ୍ତିକୁ ଶେଷ ସ୍ପର୍ଶ ଦେଇଛନ୍ତି ସେ। ଏ ନେଇ ଅମ୍ରିତା କହିଛନ୍ତି, ଆଜକୁ ୯ ବର୍ଷ ହେବ ଏପରି ମୂର୍ତ୍ତି ନିଜେ ତିଆରି କରି ପୂଜା କରି ଆସିଥାଏ। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ଘରେ ଠାକୁରଙ୍କୁ ବିସର୍ଜନ କରିଥାଏ। ଜଳ ଦୂଷିତ ନ କରିବା ପାଇଁ ମୂର୍ତ୍ତି ଗଢ଼ିବାରେ କେବଳ ମାଟିର ବ୍ୟବହାର କରିଥାଏ। ସେହିପରି ଖଣ୍ଡୁଆ ପାଟରେ ଗଣେଶଙ୍କ ବସ୍ତ୍ର ତିଆରି କରିଛି ଏବଂ ଅଳଙ୍କାର ଓ ମୁକୁଟକୁ କାଠି, ଅଠା, ଭେଲଭେଟ ପେପର, ଚୁମ୍‌କି, ଲେସ ଇତ୍ୟାଦି ବ୍ୟବହାର କରି ତିଆରି କରିଛି। ଏଥିପାଇଁ ପ୍ରାୟ ୩ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ପ୍ରତ୍ୟେକବର୍ଷ ଭଳି ଆଗାମୀ ବର୍ଷରେ ଏଭଳି ପୂଜା ପାଇଁ ପ୍ରସ୍ତୁତି ଜାରି ରଖିବି ବୋଲି ସେ କହିଛନ୍ତି।


ଅମ୍ରିତା ଗଣେଶ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି।

## ଫଟୋ ରେ ଖବର


ଶିଶୁଭବନ ରିଙ୍ଗ୍ ରୋଡ୍ ଉଭୟ ପାର୍ଶ୍ୱରେ ଯାନବାହନଗୁଡ଼ିକୁ ରଖାଯିବା ଫଳରେ ରାସ୍ତା ସଂକୀର୍ଣ୍ଣ ହେବା ସହ ଟ୍ରାଫିକ ସମସ୍ୟା ଉପୁଜିଛି।


କଟକ ରିଟେଲ ଡିଲର୍ସ ଆସୋସିଏଶନ ପକ୍ଷରୁ ଖୁଚୁରା ବିକ୍ରେତାଙ୍କ ବିଭିନ୍ନ ସମସ୍ୟା ନେଇ ସୋମବାର ଯୋଜନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି।)




# ବିଧାନସଭାରେ ସୁରକ୍ଷା ମକ୍‌ଡ୍ରିଲ

**ଭୁବନେଶ୍ୱର,୧୮।୮(ସତ୍ୟଜିତ୍ ରାଉତ):** ବିଧାନସଭା ପରିସରରେ ସୋମବାର ସୁରକ୍ଷା ଓ ନିରାପତ୍ତା ଦିଗକୁ ନେଇ ମକ୍‌ଡ୍ରିଲ କରାଯାଇଛି। କୌଣସି ଆତଙ୍କବାଦ କିମ୍ବା ଅନ୍ୟ କୌଣସି ବିପତ୍ତି ସମୟରେ କେମିତି ତୁରନ୍ତ ତାହାକୁ ପ୍ରତିରୋଧ କରାଯାଇପାରିବ ସେନେଇ ପୂର୍ଣ୍ଣ ଅଭ୍ୟାସ କରାଯାଇଥିଲା। ଅପରାହ୍ନରୁ ହୋଇଥିବା ଏହି ମକ୍‌ଡ୍ରିଲରେ ସ୍ପେଶାଲ ଅପରେଶନ୍ ଗ୍ରୁପ(ଏସ୍‌ଓଜି), ନ୍ୟାଶନାଲ୍ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି), କମିଶନରେଟ୍ ପୋଲିସ ଓ ଅଗ୍ନିଶମ ବିଭାଗ ଭାଗ ନେଇଥିଲା। ବିଶେଷକରି ବିଧାନସଭାକୁ କୌଣସି ଆତଙ୍କବାଦ ଆକ୍ରମଣ ହେଲେ ସେହି ସମୟରେ କିପରି ଅପରେଶନ୍ କରାଯିବ ସେନେଇ ମକ୍‌ଡ୍ରିଲ ହୋଇଥିଲା। ମକ୍‌ଡ୍ରିଲବେଳେ ଏସ୍‌ଓଜି ଓ ଏନ୍‌ଏସ୍‌ଜି କମାଣ୍ଡୋମାନେ ବନ୍ଧୁକ ଧରି ଜଗିରହିବା ସହ ଅଭ୍ୟାସ କରିଥିଲେ। କୌଣସି ସମ୍ଭାବ୍ୟ ବିପତ୍ତି ସମୟରେ ବିଭିନ୍ନ ସୁରକ୍ଷା ଏଜେନ୍ସି ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଯେପରି କାମ କରିପାରିବେ ସେନେଇ ଗୁରୁତ୍ୱ ଦିଆଯାଇଥିଲା। ବିଧାନସଭା, ଏୟାରପୋର୍ଟ, ରେଳଷ୍ଟେଶନ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସମନ୍ୱୟ ଦୃଷ୍ଟିରୁ ଏଭଳି ମକ୍‌ଡ୍ରିଲ୍ କରାଯାଏ। କିଛିମାସର ବ୍ୟବଧାନରେ ଏଭଳି ମକ୍‌ଡ୍ରିଲ୍ କରାଯାଇ ଅଭ୍ୟାସ କରାଯିବାର ନଜର ରହିଛି।




## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୮।୨୦୨୫

| | |
|---|---|
| ୫,୩୬,୭୫୭ ଟଙ୍କା | |
| ସୁନା | ୪.୨୫୦ ଗ୍ରାମ୍ |
| ରୁପା | ୪୨ ଗ୍ରାମ୍ |

# ଉତ୍କଳ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ଗଠନ ପ୍ରକ୍ରିୟା ଆରମ୍ଭ

## ବସିଲା ପ୍ରଥମ ବୈଠକ

ଭୁବନେଶ୍ୱର,୧୮।୮(ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ସୋମବାର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଳପତି ନିଯୁକ୍ତି ପାଇଁ ସିଣ୍ଡିକେଟ୍ ସଦସ୍ୟ ମନୋନୀତ କରିବାକୁ ବ୍ୟାପକ ଆଲୋଚନା ହୋଇଛି। ଚୂଡ଼ାନ୍ତ ନାମ ଘୋଷଣା ହୋଇ ନ ଥିଲେ ମଧ୍ୟ ୨ଜଣ ବରିଷ୍ଠ ସଦସ୍ୟଙ୍କ ନାମ ଆଗରେ ରହିଛି। ଦୁଇ ଦିନ ମଧ୍ୟରେ ସିଣ୍ଡିକେଟ୍ ପ୍ରତିନିଧିଙ୍କ ନାମ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ବୈଠକରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କ ସମେତ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର, ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଜେଏନ୍‌ୟୁର ଅବସରପ୍ରାପ୍ତ ପ୍ରଫେସର ଅଜିତ୍ ମହାନ୍ତି, ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଅଧ୍ୟକ୍ଷ ଡ. ମିତାଲି ଚିନାରା, କଲେଜ ଉନ୍ନୟନ ପରିଷଦ(ସିଡିସି) ନିର୍ଦ୍ଦେଶକ ପ୍ରଫେସର କବୀର ସେଠୀ, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ (ଡିଏସ୍‌ଡବ୍ଲୁ) ଡ. ଶ୍ରୀରୂପ ଗୋସ୍ୱାମୀ, ଇଂରାଜୀ ବିଭାଗ ପ୍ରଫେସର ଅସୀମ ରଞ୍ଜନ ପରିହ, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଆପ୍ଲିକେଶନ ବିଭାଗର ପ୍ରଫେସର ମୃତ୍ୟୁଞ୍ଜୟ ପଣ୍ଡା, ରାଜଧାନୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜକାନ୍ତ ଚୌଧୁରୀ, ପଟିଆସ୍ଥିତ ରାଜା ମଧୁସୂଦନ ଦେବ ଡିଗ୍ରି କଲେଜର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ରାଉତ ଏବଂ ଅନ୍ୟ ସଦସ୍ୟଙ୍କ ସହ ସିଣ୍ଡିକେଟ୍ ସେକ୍ରେଟାରୀ ତଥା କୁଳସଚିବ ପ୍ରମୁଖ ଉପସ୍ଥିତ ଥିଲେ।

# ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନରେ ସ୍ୱାଗତ




ଭୁବନେଶ୍ୱର,୧୮।୮(ଅନୁରାଧା ମହାରଣା)

ଭୁବନେଶ୍ୱର ମଦନପୁରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନରେ ନବାଗତ ଏମ୍‌ବିଏ ଓ ଏମ୍‌ସିଏ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ସ୍ୱାଗତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋର ପୂର୍ବତନ ସିଏମ୍‌ଡି ଡ. ତପନ କୁମାର ଚାନ୍ଦ, ସମ୍ମାନିତ ଅତିଥି ଭାବେ ତତ୍ତ୍ୱ ଟେକ୍ନୋଲୋଜି ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ଅୟସକାନ୍ତ ମହାନ୍ତି ଓ ସାମ୍ବାଦିକ ଦିଲୀପ ବିଶୋଇ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନ ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ ଯୋଗଦେଇ ଉନ୍ନତମାନର ଶିକ୍ଷାଦାନ ସହିତ ନବାଗତ ଏମ୍‌ବିଏ ଓ ଏମସିଏର ଛାତ୍ରଛାତ୍ରୀଙ୍କୁ ସ୍ନାତକୋତର ଶିକ୍ଷା ଗ୍ରହଣ କରି କିପରି ଉଜ୍ଜଳ ଭବିଷ୍ୟତ ଗଠନ କରିପାରିବେ ସେନେଇ ଆହ୍ୱାନ ଦେଇଥିଲେ। ଉତ୍ସବରେ ଅନୁଷ୍ଠାନର ସହ ପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ଡେପୁଟି ଡାଇରେକ୍ଟର ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ଡ. ରାଜେସ ସ୍ୱାଇଁ, ଏମବିଏ ବିଭାଗୀୟ ମୁଖ୍ୟ ପ୍ରଫେସର ସ୍ଥିତପ୍ରଜ୍ଞ ଦେବଦତ୍ତ ସାମଲ ଓ ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ ପ୍ରମୁଖ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନର ନୀତି, ନିୟମ ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଦିଗ୍‌ଦର୍ଶନ ଦେଇଥିଲେ। ଏମ୍‌ସିଏ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଭାକର ମିଶ୍ର ଧନ୍ୟବାଦ ଅର୍ପଣ କରିବା ପରେ ବରିଷ୍ଠ ଅଧ୍ୟାପିକା ପ୍ରଫେସର ବିନିତା ଦେବଯାନୀ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନବାଗତ ଛାତ୍ରୀଛାତ୍ର ଶପଥ ଗ୍ରହଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୩ଜଣଙ୍କୁ 'ମଞ୍ଜୁଳ ସମ୍ମାନ ଓ ଆଦିନେତା ସମ୍ମାନ'

ଭୁବନେଶ୍ୱର, ୧୮।୮ (ସୌମ୍ୟରଞ୍ଜନ ରାଉତ)

ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ ଭୁବନେଶର ଆନୁକୂଲ୍ୟରେ କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁ ଓ ଆଦିନେତା ବିଚିତ୍ରାନନ୍ଦ ଦାସଙ୍କ ପୁଣ୍ୟତିଥି ଏବଂ ନାଟ୍ୟକାର କାମପାଳ ମିଶ୍ରଙ୍କ ଜୟନ୍ତୀ ଅବସରରେ ସୋମବାର ଆଲୋଚନାସଭା ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମାଜିକ କର୍ମୀ ନଟବର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ସାହିତ୍ୟିକ ଦାଶ ବେନହୁର, ପ୍ରଫେସର ବିଜୟ କୁମାର ଶତପଥୀ, ଡ.ମୃତ୍ୟୁଞ୍ଜୟ ରଥ ଯୋଗଦେଇଥିଲେ। କବି ମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ ଓ ନାଟ୍ୟକାର କାମପାଳ ମିଶ୍ରଙ୍କ ସାହିତ୍ୟ କୃତି ଓ ଉଚ୍ଚକୋଟୀର କାବ୍ୟରଚନା ସମ୍ପର୍କରେ ଆଲୋଚନା କରିଥିଲେ ପ୍ରଫେସର ବିଜୟ କୁମାର ଶତପଥୀ ଓ ଡ. ମୃତ୍ୟୁଞ୍ଜୟ ରଥ। ସାଧାରଣ ସମ୍ପାଦକ ନୀଳମଣି କର ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସମାଜସେବା ଓ ଚିକିତ୍ସା କ୍ଷେତ୍ରରେ ଅବଦାନ ଲାଗି ୩ଜଣ ବ୍ୟକ୍ତିତ୍ୱ ଡ. ନୃସିଂହ ଚରଣ ଷଡଙ୍ଗୀ, ଶିକ୍ଷାବିତ୍ ବସନ୍ତ ଦାସ ଗୀତିକବି ଓ ଡା.ଅକ୍ଷୟ କୁମାର ମିଶ୍ରଙ୍କୁ 'କବି ମଞ୍ଜୁଳ ସମ୍ମାନ ଓ ଆଦିନେତା ସମ୍ମାନ' ପ୍ରଦାନ କରାଯାଇଥିଲା। ଉପଦେଷ୍ଟା ମହେନ୍ଦ୍ର କୁମାର ମଲ୍ଲିକ ଅତିଥି ପରିଚୟ ଓ ଉପସଭାପତି ଆଶୁତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ବାଲେଶ୍ୱରରୁ ଭୁବନେଶ୍ୱର ପଦଯାତ୍ରା



ଭୁବନେଶ୍ୱର,୧୮।୮(ସୁଚିସ୍ମିତା ସାହୁ)

ସୌମ୍ୟାଶ୍ରୀଙ୍କ ନ୍ୟାୟ ଦାବିରେ ନବନିର୍ମାଣ ଯୁବଛାତ୍ର ସଂଗଠନ ବାଲେଶ୍ୱରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ୧୪ ଦିନିଆ ପଦଯାତ୍ରା ସୋମବାର ଲୋୟର ପିଏମ୍‌ଜିଠାରେ ବଡ଼ ସମାବେଶ ସହ ଉଦଯାପିତ ହୋଇଯାଇଛି। ମନଓ୍ୱର ଅଲ୍ଲୀଙ୍କ ସଂଯୋଜନାରେ ବାଣୀବିହାର କ୍ୟାମ୍ପସ ସାମ୍ନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହାପରେ ରାମ ମନ୍ଦିର ଛକରୁ ସମସ୍ତ ଜିଲାର ଛାତ୍ରୀଛାତ୍ର ଏକାଠି ହୋଇ ଲୋୟର ପିଏମଜି ଆଡ଼କୁ ପଦଯାତ୍ରାରେ ବାହାରିଥିଲେ। ବାଟରେ ସୌମ୍ୟାଶ୍ରୀଙ୍କ ପ୍ରତିମୂର୍ତ୍ତିକୁ ନବନିର୍ମାଣ ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର ମାଲ୍ୟାର୍ପଣ କରିଥିଲେ। ସମାବେଶରେ ଅକ୍ଷୟଙ୍କ ସମେତ ନବନିର୍ମାଣ କୃଷକ ସଂଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଯୁବଛାତ୍ର ସଭାପତି ମନଓ୍ୱର ଅଲ୍ଲୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ପୌରପାଳିକା ଅଧ୍ୟକ୍ଷା ଗୁଲମୁଖି, ରାଜ୍ୟ ସହସଂଯୋଜକ ଉମାକାନ୍ତ ଭାରତ, ଉପଦେଷ୍ଟା ଡା. କୁଳମଣୀ, ରାଜ୍ୟ କମିଟି ସଦସ୍ୟ ରଣଜିତ ପଟ୍ଟନାୟକ ପ୍ରମୁଖ ରାଜ୍ୟରେ ନାରୀ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଥିଲେ। ରାଜ୍ୟ କମିଟି ସଭ୍ୟ ଦେବୀପ୍ରସାଦ ମହାରଣା ଓ ସ୍ନେହାଂଶୁ ଜେନା ବୈପ୍ଳବିକ ସଙ୍ଗୀତ ଗାନ କରିଥିଲେ।

# ବିଆଇଆଇଟିଏମ୍‌ରେ 'ସ୍ପାର୍କ' ଉଦ୍‌ଘାଟିତ




ଭୁବନେଶ୍ୱର,୧୮।୮(ଅନୁରାଧା ମହାରଣା)

ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍)ରେ ଏମ୍‌ବିଏ ଇଣ୍ଡକ୍ସନ ଏବଂ ଓରିଏଣ୍ଟେଶନ କାର୍ଯ୍ୟକ୍ରମ 'ସ୍ପାର୍କ ୨୦୨୫' ଉଦ୍‌ଘାଟିତ ହୋଇଯାଇଛି। ପ୍ରିନ୍ସିପାଲ ପ୍ରଫେସର ଡ. ମିହିର ରଞ୍ଜନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଖୋଲା ମନରେ, ଆତ୍ମବିଶ୍ୱାସ ସହ ପରସ୍ପର ସହଯୋଗୀ ହୋଇ ଆହ୍ୱାନର ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଇଏମ୍‌ଜିଇଏନ୍‌ଏକ୍ସ ଇଣ୍ଡିଆ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ବି. ରବୀନ୍ଦ୍ରନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଷ୍ଠାର ସହ ଏମବିଏ ଅଧ୍ୟୟନ କରିବାକୁ ପରାମର୍ଶ ଦେବା ସହ ଭବିଷ୍ୟତରେ ନେତା, ସିଇଓ ଓ ନୀତି ନିର୍ମାତା ହେବାର ସ୍ୱପ୍ନ ଦେଖିବାକୁ ଉତ୍ସାହିତ କରିଥିଲେ। ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ କର୍ପୋରେଟ ଆଲୋଚନା, କର୍ମଶାଳା, ପୂର୍ବତନ ଛାତ୍ରଙ୍କ ସହ ଆଲୋଚନା ଏବଂ ବିଶେଷଜ୍ଞଙ୍କ ବକ୍ତୃତା ଆଦି ଅନ୍ତର୍ଭୁକ୍ତ ରହିଛି।

# ନବୀନଙ୍କ ଆରୋଗ୍ୟ ପାଇଁ ଦୀପଦାନ



ପୁରୁଣା ଭୁବନେଶ୍ୱର,୧୮।୮(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ସାଂଗଠନିକ ଜିଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଆଶୁଆରୋଗ୍ୟ କାମନା କରି ମହାପ୍ରଭୁ ଲିଙ୍ଗରାଜଙ୍କ ନିକଟରେ ସୋମବାର ଅଖଣ୍ଡ ଦୀପ ଜାଳି ପୂଜାର୍ଚ୍ଚନା କରାଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ବିଜେଡି ନେତା ମନ୍ମଥ ରାଉତରାୟ, କର୍ପୋରେଟର ଶିବ ପ୍ରସାଦ ବେହେରା, ଚନ୍ଦ୍ର ଶେଖର ମଲ୍ଲିଆ, ଭାରତୀ ସିଂ, ମହାମାୟା ସ୍ୱାଇଁ, ଶିବ ନାରାୟଣ ରାୟ, ଶ୍ରୀଧର ବେହେରା, ଅଜିତ୍ ବେହେରା, କିରଣ ମାଝୀ, ଅଶ୍ୱିନୀ ସୁନ୍ଦରାୟ, ମିହିର ରାଉତ, ସନ୍ତୋଷ ସିଂ, ରଞ୍ଜୁଲତା ରାୟ, ପୁଷ୍ପାଞ୍ଜଳି ସେଠୀ, ପଦ୍ମିନୀ ଜେନା, ସ୍ମୃତିରେଖା ବରିସଲ, ଡ. ସନ୍ତୋଷ ବେଜ, ଦାଶରଥି ଗରାବନ୍ଧୁ , ଆଲିଅଲି ମଲ୍ଲିକ, ହେମାଦ୍ରି ମହାପାତ୍ର, ଶିବପ୍ରସାଦ ମହାପାତ୍ର, ସସ୍ମିତା ଦାସ, ଦୁର୍ଗାଚରଣ ସାମନ୍ତରାୟ, ରାଜେଶ ପାତ୍ର ଏବଂ ଭୁବନେଶ୍ୱର ଆଇନଜୀବୀ ସାମ୍ମୁଖ୍ୟର ଡ. ସୁରେଶ ବାରିକଙ୍କ ସମେତ ବହୁ ଯୁବ ଛାତ୍ରନେତା ପ୍ରମୁଖ ଉପସ୍ଥିତ ଥିଲେ।

# ଚତୁର୍ମାସ୍ୟା ବ୍ରତ ଉଦ୍‌ଯାପିତ

ପୁରୁଣା ଭୁବନେଶ୍ୱର,୧୮।୮(ସୁବାସ ଚନ୍ଦ୍ର ପ୍ରଧାନ)



ହାଟସାହିସ୍ଥିତ ଶ୍ୟାମଶଙ୍କର ମଠ ପରିସରରେ ଏକମାସ ଧରି ଚାଲିଥିବା ଚତୁର୍ମାସ୍ୟା ବ୍ରତ ଶେଷ ହୋଇଯାଇଛି। ଏହି ଅବସରରେ କୋଲକତାର ମହାମିଳନ ମଠର ସାଧୁ ବ୍ରହ୍ମଚାରୀଙ୍କ ସମେତ ବିଭିନ୍ନ ଅଞ୍ଚଳର ବ୍ରତାଧାରୀମାନେ ଠାକୁର ସୀତାରାମ ଦାଶ, ଓଁକାର ନାଥଙ୍କ ସାନ୍ନିଧ ଲାଭ ନେଇ ଶାକାହାର ଗ୍ରହଣ କରି ବ୍ରତ କରିଥିଲେ। ଏଥିସହ ମାସ ତମାମ ଅହୋରାତ୍ର ନାମ ସଙ୍କୀର୍ତ୍ତନ କରିଥିଲେ। ମଠ ମୁଖ୍ୟ ପରିଚାଳକ ଅରୁଣ କୁମାର ଗାଙ୍ଗୁଲିଙ୍କ ସମେତ ସମ୍ପାଦକ ନୟନ ରଞ୍ଜନ ସାଧୁ, ମିହିର ନସ୍କର, ତପନ ଗୋସ୍ୱାମୀ, ନାଣ୍ଟୁ ଦାସ, ରତ୍ନା ଭଟ୍ଟାଚାର୍ଯ୍ୟ, ରୀନା ଗୋସ୍ୱାମୀ, ଗୋବିନ୍ଦ ବ୍ରହ୍ମଚାରୀ, ରୀତା ସାଧୁ, ଅନୁପମ ମୁଖାର୍ଜୀ, ଅଲ୍ପନା ବାନାର୍ଜୀ, ଚନ୍ଦନ ମିଶ୍ର, ଗୌରହରି ବେହେରା, ସୁଷମା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୃଜନୀର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୮।୮ (ସୌମ୍ୟରଞ୍ଜନ ରାଉତ)

ସୃଜନୀର ୩୯ତମ ବାର୍ଷିକୋତ୍ସବ ସୋମବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବରେ ପୂର୍ବତନ ସଂସ୍କୃତି ମନ୍ତ୍ରୀ ଭୂପିନ୍ଦର ସିଂ, ନାଟ୍ୟକାର ଧାର ମଲ୍ଲିକ, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍‌ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସୃଜନୀର କଳାକାରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। କୁନିକୁନି ଶିଶୁକଳାରଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା କରାଯାଇ ପୁରସ୍କାର ଦିଆଯାଇଥିଲା। ଅତିଥିମାନେ ସୃଜନୀର ପ୍ରତିଷ୍ଠାତା ସ୍ୱର୍ଗତଃ ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ଅଧିବକ୍ତା ସୂର୍ଯ୍ୟନାରାୟଣ ଦାସ ସୃଜନୀ ବିଷୟରେ ଅଭିଭାଷଣ ରଖିଥିବାବେଳେ ଉପସଭାପତି ମାନସ ରଞ୍ଜନ ରାୟମହାପାତ୍ର ଧନ୍ୟବାଦ ଦେଇଥିଲେ।

# 'ବର୍ତ୍ତମାନର ଯୁବପିଢ଼ି ଠିକ୍ ମାର୍ଗରେ ଚାଲନ୍ତୁ'

## ଯୁବ ରେଡକ୍ରସର ବାର୍ଷିକ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୧୮।୮(ସୁଚିସ୍ମିତା ସାହୁ)




ଯୁବ ରେଡକ୍ରସ ଭୁବନେଶ୍ୱର ଆଞ୍ଚଳିକ ଶାଖାର ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ସୋମବାର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରେଡକ୍ରସ ଓଡ଼ିଶା ଶାଖାର ଅବୈତନିକ ସଚିବ ଗଣେଶ ପାତ୍ର, ମୁଖ୍ୟବକ୍ତା ଭାବେ ସମାଜସେବୀ ରତ୍ନପର୍ଣ୍ଣା ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବ ରେଡକ୍ରସ ଅଧିକାରୀ ଡକ୍ଟର ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଝୁମକୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥିମାନେ ବର୍ତ୍ତମାନର ଯୁବପିଢ଼ି ଠିକ୍ ମାର୍ଗରେ ଚାଲନ୍ତୁ ବୋଲି କହିଥିଲେ। ଆଞ୍ଚଳିକ ଶାଖାର କନ୍‌ଭେନର ସେକ୍ରେଟେରୀ ଅଧ୍ୟାପିକା ଲେଖା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂଯୋଜକ ରେବତୀକାନ୍ତ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଶୃଙ୍ଖଳିତ ଭାବେ ଅଧ୍ୟୟନ କରିବାକୁ ପରାମର୍ଶ

## ଆସ୍ଥା ଅଭିଷେକ-୨୦୨୫

ବାଲିଅନ୍ତା,୧୮।୮(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ତଥା ଆସ୍ଥା ଅଭିଷେକ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଗୁଜରାଟ ଗଣପତି ବିଶ୍ୱବିଦ୍ୟାଳୟର ସିନିୟର ଡାଇରେକ୍ଟର ପ୍ରଫେସର ସୁବ୍ରତ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଭାବେ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ୨୦୨୫ - ୨୬ ଶିକ୍ଷା ବର୍ଷରେ ନାମ ଲେଖାଇ ଥିବା ନବାଗତ ଛାତ୍ରୀଛାତ୍ରଙ୍କୁ କ୍ୟାମ୍ପସ ପରିସର ସମ୍ମିଳନୀ କକ୍ଷରେ ସ୍ୱାଗତ ଓ ସମ୍ବର୍ଦ୍ଧିତ କରାଯାଇଥିଲା।

ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସମ୍ପାଦକ ଡ. ବଙ୍କିମ ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦେଇଥିବା ନୂତନ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ସ୍ୱାଗତ ଭାଷଣ ଦେଇ ଶୁଭେଚ୍ଛା ଜଣାଇଥିଲେ। ଅଧ୍ୟକ୍ଷା ପ୍ରଫେସର ଡ. ଶର୍ମିଳା ସୁବ୍ରମନ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତା ଭାବେ ଡ. ଅଶୋକ ମଙ୍ଗରାଜ ଯୋଗଦେଇ ଛାତ୍ରୀଛାତ୍ରମାନେ କିଭଳି ମ୍ୟାନେଜମେଣ୍ଟ କ୍ଷେତ୍ରରେ ନିଜକୁ ଗଢି ତୋଳି ଶ୍ରେଷ୍ଠତା ପ୍ରତିପାଦନ କରିପାରିବେ ତା'ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସେହିପରି ବିଶିଷ୍ଟ ଅତିଥି ଭାବେ ସ୍ୱାଭିମାନ ଫାଉଣ୍ଡେଶନର ପ୍ରତିଷ୍ଠାତା ଡ. ସ୍ମୃତି ମହାପାତ୍ର ଯୋଗଦେଇ ଥିଲେ। ଶ୍ରୀ ପଞ୍ଚମୁଖୀ ଏଜୁକେଶନାଲ ଚାରିଟେବୁଲ ଟ୍ରଷ୍ଟର ଚେୟାରମ୍ୟାନ ରୋଟାରିୟାନ ବିଜୟ କୁମାର ପାତ୍ର, ସମସ୍ତ ଅତିଥି ଓ ଅନ୍ୟ ଟ୍ରଷ୍ଟିମାନଙ୍କ ଦ୍ୱାରା ଆସ୍ଥା ଦର୍ପଣ -୨୦୨୫ ଓ ଶିକ୍ଷାନୁଷ୍ଠାନର ନ୍ୟୁଜ୍‌ଲେଟର 'ଆରୋମା'ର ଚତୁର୍ଥ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଶେଷରେ ଡାଇରେକ୍ଟର ତଥା ପ୍ରଫେସର ଅଶୋକ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ଅନନ୍ୟା ସ୍ୱାଇଁ ଓ ପ୍ରଫେସର ରତ୍ନପର୍ଣ୍ଣା ମିଶ୍ର ସଂଯୋଜନା କରିଥିବା ବେଳେ ପ୍ରଫେସର ଜିନାଶିଷ ମହାନ୍ତି ଓ ଅଶୋକ କୁମାର ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମଣ୍ଡପରେ ସିସିଟିଭି, ଅଗ୍ନିନିର୍ବାପକକୁ ଗୁରୁତ୍ୱ

ଜଟଣୀ,୧୮।୮(ରବୀନ୍ଦ୍ରନାଥ ମହାକୁଡ଼)

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଆୟୋଜନ ପାଇଁ ସୋମବାର ସ୍ଥାନୀୟ ଅଗ୍ରୱାଲ ଧର୍ମଶାଳା ପରିସରରେ କମିଶନରେଟ୍ ପୋଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏଡିସିପି ସଞ୍ଜୟ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଆମନ୍ତ୍ରିତ ବିଭିନ୍ନ ବ୍ୟବସାୟୀ ସଂଘ ପୂଜା କମିଟି ଏବଂ କ୍ଲବ କର୍ମକର୍ତ୍ତାମାନେ ଉପସ୍ଥିତ ରହି ୧୧ଦିନ ଧରି ହେବାକୁ ଥିବା ଜଟଣୀ ଗଣେଶ ମହୋତ୍ସବ ସମୟରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଚଳିତବର୍ଷ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ସମସ୍ତଙ୍କୁ ଜଟଣୀ ଥାନା ପକ୍ଷରୁ ପୂଜା ଓ ଭସାଣି ପାଇଁ ଅନୁମତିପତ୍ର ଦିଆଯିବ। ଡିଜେକୁ ଭସାଣି ଯାତ୍ରାରେ ବନ୍ଦ କରି ପାରମ୍ପରିକ ବାଦ୍ୟ ବଜାଇବା, ଭସାଣି ଶୋଭାଯାତ୍ରାରେ ନିଶାଦ୍ରବ୍ୟ ସେବନ ନ କରିବା, ସମସ୍ତ ପୂଜା ମଣ୍ଡପ ଓ ମିନାବଜାର ଆଦି ସ୍ଥାନରେ ସିସିଟିଭି ଲଗାଇବା, ପୂଜା ପେଣ୍ଡାଲରେ ଏଣ୍ଟ୍ରି ଏବଂ ଏକ୍ଜିଟ ପାଇଁ ପୃଥକ୍ ମାର୍ଗ ରଖିବା, ପୂଜା ଓ ଭସାଣି ପାଇଁ ସରକାରୀ ଅନୁମତି ନେବାକୁ କୁହାଯାଇଛି। ଗତବର୍ଷ ଭସାଣି ଯାତ୍ରାରେ ୪୦ଟି ମେଢ଼ ସାମିଲ ଥିବାବେଳେ ଚଳିତବର୍ଷ ୪୦ରୁ ଊର୍ଦ୍ଧ୍ୱ ମେଢ଼ ସାମିଲ ହେବ। ସେଥିପାଇଁ ବ୍ୟାପକ ବନ୍ଦୋବସ୍ତ କରାଯିବ। ପୂଜା ସମୟରେ କୌଣସି ଅଘଟଣକୁ ଏଡ଼ାଇବା ସହ ଶ୍ରଦ୍ଧାଳୁ ଓ ଦର୍ଶକଙ୍କୁ ଶୀଘ୍ର ପୋଲିସ ସହାୟତା ପ୍ରଦାନ ପାଇଁ ଥାନା ପରିସରରେ ଅସ୍ଥାୟୀ ପୋଲିସ କଣ୍ଟ୍ରୋଲ ରୁମ୍ ଖୋଲିବ। ସମସ୍ତ ବ୍ୟବସାୟୀ ସଂଘ ପୂଜା କମିଟି ପକ୍ଷରୁ ପୋଲିସକୁ ସହାୟତା ଓ ଲୋକଙ୍କ ସୁବିଧା ପାଇଁ ଭଲ୍ୟୁଣ୍ଟିୟର ଏବଂ ରାତିରେ ପେଣ୍ଡାଲ ସୁରକ୍ଷା ପାଇଁ ସିକ୍ୟୁରିଟି ଗାର୍ଡ ମୁତୟନ କରିବା, ସାଂସ୍କୃତିକ ତଥା ମନୋରଞ୍ଜନ କାର୍ଯ୍ୟକ୍ରମ ରାତି ୧୦ଟାରେ ସାରିବା ସହିତ ଜରୁରିକାଳୀନ ବ୍ୟବସ୍ଥା କରାଯିବା ନେଇ ଜଟଣୀ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ବୈଠକରେ ଜଟଣୀ ଭସାଣି କମିଟି ଅଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ ଭସାଣି ଶୋଭାଯାତ୍ରାରେ ଭିଡ଼ ଓ ସୀତାରାମ ଛକଠାରୁ ହରିଭାଇନା ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନିର୍ମାଣ ହେଉଥିବା ମଞ୍ଚ ବାନ୍ଧିବା ପାଇଁ ଅନୁମତି ନ ଦେବାକୁ ପ୍ରଶାସନ ନିକଟରେ ଦାବି କରିଥିଲେ। ଅନ୍ୟପକ୍ଷରେ ଥାନା ଛକ ବ୍ୟବସାୟୀ ସଂଘ ସମ୍ପାଦକ ଅନନ୍ତ ଶତପଥୀ କହିଥିଲେ, ଭସାଣି ସମୟରେ ମଞ୍ଚ ହେବା ଦ୍ୱାରା ଶ୍ରଦ୍ଧାଳୁ ଓ ପୂଜା କମିଟି ସଦସ୍ୟଙ୍କୁ ଖାଦ୍ୟ ଓ ପାନୀୟ ମିଳିଥାଏ। ସୀତାରାମ ଛକଠାରେ ଗାଡ଼ି ପାର୍କିଂ ପାଇଁ ରେଲୱେ ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ପୌର ପ୍ରଶାସନ ପକ୍ଷରୁ ଚଳିତବର୍ଷ ଶୃଙ୍ଖଳିତ ପୂଜା କମିଟିକୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ପୌରାଧ୍ୟକ୍ଷ ଅନନ୍ତ ବେହେରା ଘୋଷଣା କରିଛନ୍ତି। ଗଣେଶ ଚତୁର୍ଥୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପୋଲିସ ଫୋର୍ସ ଏବଂ ଅଧିକାରୀ ନିୟୋଜିତ ରହିବେ। ସମସ୍ତ ପୂଜା କମିଟି ଏବଂ ଜନସାଧାରଣଙ୍କ ସହଯୋଗ କାମନା କରି ପୂଜାକୁ ଶାନ୍ତିଶୃଙ୍ଖଳାରେ ସମାପ୍ତ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ନିବେଦନ କରାଯାଇଛି। ବୈଠକରେ ଜଟଣୀ ସହରର ବିଭିନ୍ନ ବ୍ୟବସାୟୀ ସଂଘ ପୂଜା କମିଟି ଏବଂ ସାହି ବସ୍ତି କ୍ଲବର ସଭାପତି, ସମ୍ପାଦକଙ୍କ ସହିତ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଜଟଣୀ ନଗରପାଳ ଅନନ୍ତ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ୟବସାୟୀ ମହାସଂଘ ସଭାପତି ସୁଦର୍ଶନ ସୁନ୍ଦରାୟ, ଜଟଣୀ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ଜୋନ୍-୩ ଏସିପି ତାପସ ପ୍ରଧାନ, ଜଟଣୀ ବିଡିଓ ପ୍ରମୁଖ ମଞ୍ଚାସୀନ ଥିଲେ। ଜଟଣୀର ପୂର୍ବତନ ନଗରପାଳ ତଥା ଭସାଣି କମିଟି ଅଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ, ଆର୍‌ଆଣ୍ଡବି ଏସ୍‌ଡିଓ, ରେଲୱେ ସୁରକ୍ଷାବଳ ଥାନା ଅଧିକାରୀ, ଜିଆର୍‌ପି, ବିଦ୍ୟୁତ୍, ଅଗ୍ନିଶମ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଜଟଣୀ ଥାନା ଅଧିକାରୀ ଷ୍ଟାଲିନ୍ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।



ପ୍ରସ୍ତୁତି ବୈଠକରେ ଭୁବନେଶ୍ୱର ଏଡିସିପି ସଞ୍ଜୟ ମହାପାତ୍ର ଏବଂ ଅନ୍ୟମାନେ।

**ଜଟଣୀ ଗଣେଶ ପୂଜା ପ୍ରସ୍ତୁତି ବୈଠକ**

- ରାତି ୧୦ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ
- ସିଙ୍ଗଲ ୱିଣ୍ଡୋରେ ମିଳିବ ପୂଜା ଓ ଭସାଣି ଅନୁମତିପତ୍ର
- ଶୃଙ୍ଖଳିତ ପୂଜା କମିଟିକୁ ଦିଆଯିବ ପୁରସ୍କାର

## ଟ୍ରକ୍ ଓଲଟି ଡ୍ରାଇଭର ମୃତ, ହେଲ୍‌ପର ଗୁରୁତର

ଟାଙ୍ଗୀ,୧୮।୮(ରଘୁନାଥ ସାହୁ)



ଖୋର୍ଦ୍ଧା ଜିଲା ୧୬ନମ୍ବର ଜାତୀୟ ରାଜପଥର ଟାଙ୍ଗୀ-ଚାନ୍ଦପୁର ବାଇପାସ୍ ଗୌରଚନ୍ଦ୍ରପୁର ନିକଟରେ ସୋମବାର ଏକ ପାଣି ପାଇପ ବୋଝେଇ ଟ୍ରକ ଓଲଟି ପଡ଼ିଛି। ଫଳରେ ଟ୍ରକରୁ ଅଲଗା ହୋଇଯାଇଥିବା କ୍ୟାବିନ ତଳେ ଚାପିହୋଇ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଛି। ହେଲପର ଜଣଙ୍କ ଗୁରୁତର ହୋଇଛନ୍ତି। ମୃତ ଟ୍ରକ ଚାଳକ ହେଲେ ପଶ୍ଚିମବଙ୍ଗର ମୁସ୍ତବାରୀ ମିଲନ (୪୦) ଓ ହେଲ୍‌ପରଙ୍କ ନାମ ଦେବବ୍ରତ ବାନାର୍ଜୀ (୩୫)। ଟ୍ରକ୍‌ଟି କୋଲକାତାରୁ ଚେନ୍ନାଇ ଯାଉଥିଲା। ଦୁର୍ଘଟଣା ଯୋଗୁ କିଛି ସମୟ ଧରି ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଟାଙ୍ଗୀ ଅଗ୍ନିଶମବାହିନୀ ଓ ଚାନ୍ଦପୁର ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ମୃତଦେହକୁ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ସଂରକ୍ଷିତ ରଖାଯାଇଥିବାବେଳେ ହେଲ୍‌ପରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଚାନ୍ଦପୁର ଥାନା ଏସ୍‌ଆଇ ସଞ୍ଜୟ କୁମାର ପରିଡ଼ା ମୃତଦେହ ଓ ଟ୍ରକକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି।

## ନିଶା ସେବନର କୁପ୍ରଭାବ ସଂକ୍ରାନ୍ତ ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ଟାଙ୍ଗୀ,୧୮।୮(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସାନକୁସୁମୀସ୍ଥିତ ସାମନ୍ତ ଗୋପିନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଶା ସେବନର କୁପ୍ରଭାବ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନା ଚକ୍ରରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଗୋପାଳ ଚନ୍ଦ୍ର ମହାରଣା ଯୋଗଦେଇ ନିଶା ସେବନର କୁପ୍ରଭାବ ସମ୍ପର୍କରେ ଆଲୋଚନା କରିବା ସହ ପରିବାର ସଦସ୍ୟମାନଙ୍କୁ ନିଶା ସେବନରୁ ନିବୃତ ରଖିବା ପାଇଁ ସମସ୍ତ ଛାତ୍ରୀଛାତ୍ର ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ରବିନ୍ଦ୍ର କୁମାର ବେହେରା, ଶିକ୍ଷୟିତ୍ରୀ ପ୍ରତିମା ମହାପାତ୍ର, ସୁନୀତା ବେହେରା, ସନ୍ଧ୍ୟାରାଣୀ ବେହେରା, ଦିଲିପ ମହାପାତ୍ର ପ୍ରମୁଖ ନିଶା ନିବାରଣ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ଜ୍ୟୋତିର୍ମୟୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ବିଶ୍ୱରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

## ୮ମ ଦିନରେ ରାଜସ୍ୱ ଅମଲା ସଂଘ ଆନ୍ଦୋଳନ

ଟାଙ୍ଗୀ,୧୮।୮(ରଘୁନାଥ ସାହୁ)

ରାଜ୍ୟ ରାଜସ୍ୱ ଅମଲା ସଂଘ ୧୦ ଦଫା ଦାବି ନେଇ ଗତ ୧୧ ତାରିଖରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛି। ଟାଙ୍ଗୀ ବ୍ଲକର ରାଜସ୍ୱ ଅମଲାମାନେ ଆନ୍ଦୋଳନରେ ସାମିଲ ହୋଇଥିବାରୁ ବ୍ଲକ ଓ ତହସିଲ ଅଫିସ କାର୍ଯ୍ୟ ଠପ୍ ହୋଇପଡ଼ିଛି। ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆନ୍ଦୋଳନରେ ସାମିଲ ଅମଲାମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସରକାର ଚେତବନୀ ଦେଇଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଡ଼ିବସିଛନ୍ତି। ସରକାରଙ୍କ ନିର୍ଦ୍ଦେଶକୁ ଅମଲା ମାନୁନାହାନ୍ତି। ସରକାର ଦାବି ମାନି ନିଅନ୍ତୁ ନଚେତ ବିକଳ୍ପ ବ୍ୟବସ୍ଥା କରନ୍ତୁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ସଂପୁର ନୂଆଖାଇ ପର୍ବ ପାଇଁ ଲଗ୍ନଧାର୍ଯ୍ୟ


ନୂଆଖାଇ ପର୍ବ ଲଗ୍ନ ସ୍ଥିର ପାଇଁ ବୈଠକରେ ଆଲୋଚନା କରାଯାଉଛି।

ବୋଲଗଡ଼,୧୮।୮(ଦେବବ୍ରତ ହୋତା)

ପଶ୍ଚିମ ଓଡ଼ିଶାର ଗଣପର୍ବକୁ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମରେ ଦୁଇଶତାବ୍ଦୀ ଧରି ପାଳିତ ହୋଇଆସୁଛି। ଏବେ ବିଗତ କିଛିବର୍ଷ ଧରି ଏହି ପର୍ବକୁ ଧୁମ୍‌ଧାମରେ ପାଳନ କରାଯିବା ସହିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି। ଚଳିତବର୍ଷ ନୂଆଖାଇ ପର୍ବ ଅଗଷ୍ଟ ୨୮ରେ ପଡୁଥିବାବେଳେ ଜ୍ୟୋତିଷ ଗଣନା କରାଯାଇ ଉକ୍ତ ଦିନ ସକାଳ ୯ଟା ୫୫ ମିନିଟ୍‌ରେ ପ୍ରସାଦ ଲାଗି କରାଯିବାକୁ ଲଗ୍ନଧାର୍ଯ୍ୟ ହୋଇଛି। ବିଧିପୂର୍ବକ ନୂତନ ଧାନ ସଂଗ୍ରହକରି ସେଥିରୁ ଚାଉଳ ଓ ନୂଆ ଚୁଡ଼ା ପ୍ରସ୍ତୁତି ସହ ଅନ୍ୟାନ୍ୟ କାର୍ଯ୍ୟ ପରିଚାଳନା ପାଇଁ ବୈଠକରେ ଗ୍ରାମବାସୀ ଆଲୋଚନା କରିଛନ୍ତି। ଏହି ପର୍ବ ଅବସରରେ ଆୟୋଜିତ ନୂଆଖାଇ ମହୋତ୍ସବରେ ଗ୍ରାମର କଳା ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଅପରାହ୍ନରେ ଗ୍ରାମ କଳାକାରଙ୍କ ଦ୍ୱାରା ବିଭିନ୍ନ ଲୋକନୃତ୍ୟ ପରିବେଷଣ ସହ ସନ୍ଧ୍ୟାରେ ଆଧୁନିକ ନୃତ୍ୟ, ଭଜନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ସ୍ଥିର ହୋଇଛି। ବିଭିନ୍ନ ବର୍ଗର ଅତିଥିମାନଙ୍କୁ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯିବ। ଏହି କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ବୈଠକରେ ବିଭିନ୍ନ ବିଭାଗ ଗଠିତ ହୋଇ ଦାୟିତ୍ୱ ବଣ୍ଟନ କରାଯାଇଛି। ଉଲ୍ଲେଖଯୋଗ୍ୟ, ସମ୍ବଲପୁର ରାଣୀ ମୁକ୍ତାଦେଈ ପାଞ୍ଚଗଡ଼(ସଂପୁର) ଶାସିକା ଥିବାବେଳେ ୧୮୧୭ ମସିହାଠାରୁ ଅଦ୍ୟାବଧି ୨୦୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ଗ୍ରାମବାସୀ ଏଠାରେ ନୂଆଖାଇ ପର୍ବ ପାଳନ କରିଆସୁଛନ୍ତି।

## ଅଠରାଙ୍ଗ ଗ୍ରାମରେ ରକ୍ତଦାନ ଶିବିର

ବେଗୁନିଆ,୧୮।୮(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଅଠରାଙ୍ଗ ଗ୍ରାମର ଶ୍ରୀରାଧାମୋହନ ଦେବଙ୍କ ପୀଠ ପରିସରରେ ସୋମବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସତ୍‌ଶିକ୍ଷା କେନ୍ଦ୍ର ଓ ସ୍ୱେଚ୍ଛାସେବୀ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ମୋଟ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ବେଗୁନିଆ ତହସିଲଦାର ତାପସ କୁମାର ବିଶି, ଉପନିବନ୍ଧକ ଅମିତ କୁମାର ସେଠୀ ଓ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ଦେବାଶିଷ ଆଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ସତ୍‌ଶିକ୍ଷା କେନ୍ଦ୍ରର ସଭାପତି ତଥା ନାଟ୍ୟକାର ଡ. ବନବିହାରୀ ମହାପାତ୍ର, ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ, ଜାଗୃତିର ସଭାପତି ଶ୍ରୀନିବାସ ବାଘସିଂହ, ସମ୍ପାଦକ ରମେଶ ଚନ୍ଦ୍ର ବଳିୟାରସିଂହ, ଶ୍ୟାମସୁନ୍ଦର ସାହୁ ଓ ଖବରଦାତା ତ୍ରିଲୋଚନ ବାଘସିଂହ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ବେଗୁନିଆ ଉପନିବନ୍ଧକ ଅମିତ କୁମାର ସେଠୀ ପ୍ରଥମେ ରକ୍ତଦାନ କରିଥିଲେ। ବୋତଲମା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିଷ୍ଣୁପ୍ରିୟା ସାହୁ, ଖୋର୍ଦ୍ଧା ବ୍ଲଡ଼ ବ୍ୟାଙ୍କ ନର୍ସିଂ ଅଧିକାରୀ ଝାସ୍ମିରାଣୀ ପାତ୍ର, କାଉନ୍‌ସେଲର ଲକ୍ଷ୍ମୀପ୍ରିୟା ପ୍ରଧାନ, ଲ୍ୟାବ ଟେକ୍ନିସିଆନ ଅରୁଣ କୁମାର ସାହୁ ଓ ଶ୍ରୀକାନ୍ତ କୁମାର ସାମନ୍ତସିଂହାର ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ବିଚିତ୍ରାନନ୍ଦ ସୁବୁଦ୍ଧି, ସର୍ବେଶ୍ୱର ପଣ୍ଡା, ନୀଳକଣ୍ଠ ବେହେରା, ଛାତ୍ରୀ ଶୁଭଶ୍ରୀ ବେହେରା, ପାୟଲ ପ୍ରିୟଦର୍ଶିନୀ ବେହେରା ଓ ରଶ୍ମିତା ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ବକ୍ତୃତା ପ୍ରତିଯୋଗିତା

ବାଘମାରି,୧୮।୮(ମିହିର ରଞ୍ଜନ ମହାପାତ୍ର)

ପୋଡାଡିହ ପଞ୍ଚାୟତ ଅନ୍ତର୍ଗତ ତଳଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଆମେ ଭାଗ୍ୟବାନ ସ୍ୱାଧୀନ ଭାରତ ସନ୍ତାନ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଜଗଦେବଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କନିଷ୍ଠ ବିଭାଗରେ ମୁକ୍ତିରଞ୍ଜନ ପରିଡ଼ା ପ୍ରଥମ, ଲକ୍ଷ୍ମୀପ୍ରିୟା ମହାପାତ୍ର ଦ୍ୱିତୀୟ, ପ୍ରଲିପ୍ତା ପ୍ରିୟଦର୍ଶିନୀ ଦାଶ ତୃତୀୟ ଏବଂ ବରିଷ୍ଠ ବିଭାଗରେ ଦିବ୍ୟାଜ୍ୟୋତି ରାଉତରାୟ ପ୍ରଥମ, ସୋମନାଥ ମହାରଣା ଦ୍ୱିତୀୟ, ସୌଭାଗ୍ୟ ରଞ୍ଜନ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟ ଅତିଥି ଶିକ୍ଷାବିତ୍ ରଙ୍କନିଧି ବଳିଆରସିଂହ, ଶିକ୍ଷକ ପ୍ରଭାକର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟନାୟକ, ଇପ୍ସିତା ପଣ୍ଡା ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସାଗରିକା ମାଝୀ ଧନ୍ୟବାଦ ଦେଇଥିଲେ।

## ଉତ୍କଳ କରାଟେ ସ୍କୁଲ ପକ୍ଷରୁ ବ୍ଲାକ୍‌ବେଲ୍ଟ ପରୀକ୍ଷା

ବାଲୁଗାଁ,୧୮।୮(ସଂଗ୍ରାମ ପାଇକରାୟ)

ଉତ୍କଳ କରାଟେ ସ୍କୁଲ ବାଲୁଗାଁ ଶାଖା ତରଫରୁ ସ୍ଥାନୀୟ ଅଶୋକ ନଗରସ୍ଥିତ ଉମା ମହେଶ୍ୱର ବଣିକ ସଂଘ ପରିସରରେ ରବିବାର ବ୍ଲାକ୍‌ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି।

ଏହି ପରୀକ୍ଷାରେ ବାଲୁଗାଁ, ବାଣପୁର ଓ ଚାନ୍ଦପୁର ଶାଖାରୁ ପ୍ରାୟ ୬୦ ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହାନ୍‌ସି ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ୟୋସି ଦୀପକ୍ କୁମାର ସାମନ୍ତରା (୭ମ ଡାନ୍ ବ୍ଲାକବେଲ୍ଟ) ଏହି ପରୀକ୍ଷାକୁ ପରିଚାଳନା କରିଥିଲେ। ସେନ୍‌ସେଇ ଏସ୍‌କେ ଏ.ହକ୍, ରଞ୍ଜନ କୁମାର ସାମନ୍ତରାୟ, ପ୍ରତାପ କେଶରୀ ଜେନା, ଦେବରାଜ ଡାଲି, ସଂଗ୍ରାମ ନାୟକ, ସଲୋନି ପାତ୍ର, ବୈକୁଣ୍ଠନାଥ ପ୍ରଧାନ ଓ ଚାନ୍ଦପୁର ଶାଖାର ସଂଯୋଜକ ଅବିନାଶ ଦାସ ପ୍ରମୁଖ ସହଯୋଗ କରିଥିଲେ। ପରୀକ୍ଷାରେ ବ୍ରାଉନ ବେଲ୍ଟରେ ୧୯, ବ୍ଲୁ ବେଲ୍ଟରେ ୮, ଗ୍ରୀନ୍ ବେଲ୍ଟରେ ୯, ଅରେଞ୍ଜ ବେଲ୍ଟରେ ୯ ଏବଂ ୟେଲୋ ବେଲ୍ଟରେ ୧୪ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ। ଅଭିଭାବକମାନେ ଉପସ୍ଥିତ ରହି କରାଟେକାମାନଙ୍କୁ ଉତ୍ସାହିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ।


ବ୍ଲାକ୍‌ବେଲ୍ଟ ପରୀକ୍ଷାରେ ଭାଗ ନେଇଥିବା ପିଲାଙ୍କ ସହ ଆୟୋଜକ।

# ଶରଧାପୁର ଫୁଟବଲ ଲିଗ୍ : ଠଣାପଲ୍ଲୀ ବିଜୟୀ

ଖୋର୍ଦ୍ଧା,୧୮।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ ଶରଧାପୁରରେ ଶରଧାପୁର ସ୍ପୋର୍ଟସ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୨ୟ ଫୁଟବଲ ଲିଗ୍ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଇଗତିଗିରିଆକୁ ହରାଇ ଠଣାପଲ୍ଲୀ ବିଜୟ ହାସଲ କରିଛି। ଆରମ୍ଭରୁ ମ୍ୟାଚ ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧ ଶେଷ ସମୟରେ ଠଣାପଲ୍ଲୀର କିଷନ ଦେହୁରି ଗୋଟିଏ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ସାଗିର ଅହମ୍ମଦ, ଅମଜାଦ୍ ଖାଁ, ସୈକତ ଅଲ୍ଲୀ ଖାଁ ମ୍ୟାଚ ରେଫରି ରହିଥିବାବେଳେ ଇଜାଜ୍ ହୁସେନ ୪ର୍ଥ ରେଫରି ଭାବେ ସହଯୋଗ କରିଥିଲେ। ଆସୋସିଏଶନ ସଭାପତି ଏମ୍‌ଡି. ଜମିରୁର ରେହମାନ, ମୀନକେତନ ବଡଜେନା, ଦୁଃଖିଶ୍ୟାମ ବେହେରା, ପ୍ରମୋଦ ଦେହୁରି, ଏସ୍‌କେ. ଏମ୍ ଅଲ୍ଲୀ, ଏମ୍‌ଡି ଆକବରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ମଙ୍ଗଳବାର କେରଙ୍ଗ ଓ ମର୍ନିଂ କ୍ଲବ ଖୋର୍ଦ୍ଧା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ବୃଦ୍ଧାଶ୍ରମରୁ ସ୍ୱଗୃହକୁ ବାହୁଡ଼ିଲେ ୨ ଅନ୍ତେବାସୀ

ବୋଲଗଡ଼,୧୮।୮(ଦେବବ୍ରତ ହୋତା)

**ଉଦ୍ୟମ ପାଇଁ ବିଡିଓଙ୍କୁ କୃତଜ୍ଞତା ଓ ସମ୍ବର୍ଦ୍ଧନା**

ବୋଲଗଡ଼ ବ୍ଲକ ଆରିକିମା ନିକଟସ୍ଥ ଏକ ବୃଦ୍ଧାଶ୍ରମରୁ ୨ ଅନ୍ତେବାସୀ ସ୍ୱଗୃହକୁ ବାହୁଡ଼ିଛନ୍ତି। ବୋଲଗଡ଼ ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ବିଜୟ କୁମାର ସେଠୀଙ୍କ ଉଦ୍ୟମ ଫଳରେ ସୋମବାର ୨ଜଣ ଅନ୍ତେବାସୀଙ୍କୁ ସେମାନଙ୍କ ପରିବାର ଲୋକ ଆପଣେଇ ନେଇଛନ୍ତି। ଅସରଳା ପଞ୍ଚାୟତ ମାଗୁରା ଗ୍ରାମର ଟିକି ବେୱାଙ୍କୁ ତାଙ୍କ ପରିବାର ଲୋକେ ଆଶ୍ରମରେ ପହଞ୍ଚି ଅନୁତାପ କରିବା ସହ ଘରକୁ ଫେରାଇ ନେଇଛନ୍ତି। ସେହିପରି ଭାପୁର ବ୍ଲକ ଅଞ୍ଚଳର ବୃଦ୍ଧ ପ୍ରହଲ୍ଲାଦ ସାହୁଙ୍କ ପରିବାର ଲୋକେ ଆସି ଦୁଃଖ ପ୍ରକାଶ କରି ତାଙ୍କୁ ଘରକୁ ନେଇଛନ୍ତି। ଏନେଇ ଉଭୟେ ସେଠୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟ ଅନ୍ତେବାସୀଙ୍କ ଘରବହୁଡ଼ା ପାଇଁ ପ୍ରୟତ୍ନ ଅବ୍ୟାହତ ରହିଥିବା ସେଠୀ ପ୍ରକାଶ କରିଛନ୍ତି। ସେଠୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିଲାବେଳେ ଅନେକ ଅନୁଷ୍ଠାନ, ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ସ୍ୱାଧୀନତା ଦିବସ ଅବସରରେ ବୋଲଗଡ଼ ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ବିଜୟ କୁମାର ସେଠୀ ଯାଇ ଅନ୍ତେବାସୀଙ୍କ ସହ ଭାବ ବିନିମୟ କରିଥିଲେ। ସେଠାକାର ବୃଦ୍ଧାବୃଦ୍ଧଙ୍କ ଅସହାୟ ଜୀବନ ବୃତ୍ତାନ୍ତ ଶୁଣି ସେ ମର୍ମାହତ ହେବା ସହ ଭାବପ୍ରବଣ ହୋଇ ଲୁହ ଝରାଇଥିଲେ। ସେମାନଙ୍କୁ ମଧ୍ୟରୁ ଅନେକ ଅନ୍ତେବାସୀ ନିଜ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବହୁ ତ୍ୟାଗ ସ୍ୱୀକାର କରିଥିବାବେଳେ ଚାକିରିଆ ପୁଅବୋହୂ, ପ୍ରତିଷ୍ଠିତ ବ୍ୟବସାୟୀ ଓ ଅନ୍ୟ ପିଲାମାନେ ତାଙ୍କୁ ହତାଦର କରିଥିବା ସେଠୀ ଜାଣିବାକୁ ପାଇଥିଲେ। ଏପରିକି ଅନେକ ବୃଦ୍ଧାବୃଦ୍ଧ ତାଙ୍କ ଜୀବନର ଶେଷ ସମୟ ଟିକକ ନିଜ ପରିବାର ସହ ବିତାଇବାକୁ ବ୍ୟାକୁଳ ଥିବା ଜାଣିବା ପରେ ସେଠୀ ଏନେଇ ସେମାନଙ୍କ ପରିବାର ସହ ପରାମର୍ଶ କରି ନଚେତ ଜିଲା ପ୍ରଶାସନ ସହ ଆଲୋଚନା କରି ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ।


ବିଡିଓ ବିଜୟ କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ପୁରସ୍କାର ବିତରଣ ଉତ୍ସବ

ଟାଙ୍ଗୀ,୧୮।୮(ରଘୁନାଥ ସାହୁ)

ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ମହେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟିର ପୂର୍ବତନ ସଭାପତି ରଘୁନାଥ ସାହୁ ଓ ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି ଯୋଗଦେଇ କୃତୀ ପ୍ରତିଯୋଗୀ ସ୍ନିଗ୍ଧାରାଣୀ ବିଶୋଇ, ସାର୍ଥକ ସାମନ୍ତରାୟ, ନିବେଦିତା ବେହେରା, ଦୀପକ କୁମାର ବେହେରା, ସ୍ନିଗ୍ଧା ସରିତା ପ୍ରଧାନଙ୍କୁ ପୁରସ୍କୃତ କରିଥିଲେ। ରେଡ୍‌କ୍ରସ୍ ପରାମର୍ଶଦାତା ରଞ୍ଜନ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଯୁବ ରେଡକ୍ରସ୍ ପାଣ୍ଠି ପକ୍ଷରୁ ଗରିବ ଶ୍ରେଣୀର ୩୦ ଜଣ ବୃଦ୍ଧାବୃଦ୍ଧଙ୍କୁ ଛତା ବଣ୍ଟନ କରାଯାଇଥିଲା। ଅଧ୍ୟାପକ ଶ୍ରୀକାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ଭବାନୀ ଶଙ୍କର ମିଶ୍ର, ଭବାନୀ ଶଙ୍କର ପଟ୍ଟନାୟକ, ଏସ୍. ଏସ୍. କଳାପାହାଡ଼, ଓମ୍‌ପ୍ରକାଶ ପରିଡ଼ା, ଚଣ୍ଡୀପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଯୌନ ନିର୍ଯାତନା ସଂକ୍ରାନ୍ତ ସଚେତନତା କର୍ମଶାଳା

କୃଷ୍ଣପ୍ରସାଦ, ୧୮।୮(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡ଼ାସ୍ଥିତ ପଞ୍ଚାୟତ ସ୍ନାତକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟରେ ସୋମବାର ଅଧ୍ୟକ୍ଷ ଡ. ପ୍ରକାଶ କୁମାର ଜେନାଙ୍କ ସଭାପତିତ୍ୱରେ ଯୌନ ନିର୍ଯାତନା ସଂକ୍ରାନ୍ତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମଗିରି ଥାନା ଅଧିକାରିଣୀ ପ୍ରଜ୍ଞା ମହାନ୍ତି, ଏସ୍‌ଆଇ ସାଗର ପ୍ରସାଦ ନାୟକ, ସାତପଡ଼ା ଫାଣ୍ଡି ଅଧିକାରୀ ଉମାଚରଣ ପ୍ରହରାଜ ପ୍ରମୁଖ ସମ୍ମାନିତ ଭାବେ ଯୋଗଦେଇଥିଲେ। ମହିଳାଙ୍କ ଯୌନ ନିର୍ଯାତନା ନିବାରଣ ପାଇଁ ଆଇନ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିଛି। ତେଣୁ ଛାତ୍ରୀଛାତ୍ରମାନେ ନିଜ ସୁରକ୍ଷା ପାଇଁ କଣ ସବୁ ପଦକ୍ଷେପ ନେବା ଉଚିତ ତାହା ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜେନା ଯୌନ ନିର୍ଯାତନା ପ୍ରତିରୋଧ, ସୁରକ୍ଷା ଓ ସମାଧାନ ଦିଗରେ ସଚେତନ କରାଇଥିଲେ। ଜାଗୃତି ଓ ପ୍ରଶିକ୍ଷଣ ମାଧ୍ୟମରେ ସୁରକ୍ଷିତ ସୁସ୍ଥ କର୍ମସ୍ଥଳ ସୃଷ୍ଟି କରିବା ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ ବୋଲି ଜେନା ମତ ପ୍ରଦାନ କରିଥିଲେ। ଏସ୍‌ଆଇ ନାୟକ ସାଇବର ଠକେଇ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। କର୍ମଶାଳାରେ ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅଧ୍ୟକ୍ଷା ତଥା ଅଧ୍ୟାପିକା ରୋଜାଲିନ୍ ଜେନା, ଅଧ୍ୟାପକ ପବିତ୍ର ମୋହନ ଦାସ, ପ୍ରସନ୍ନ ସାହୁ, ଦେବଦତ୍ତ ମିଶ୍ର, ସମର ନାୟକଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଆଭ୍ୟନ୍ତରୀଣ କମିଟି ସଦସ୍ୟ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦଳାଇ ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୮।୨୦୨୫

| | |
|---|---|
| ୫,୩୬,୭୫୭ ଟଙ୍କା | |
| ସୁନା | ୪.୨୫୦ ଗ୍ରାମ୍ |
| ରୁପା | ୪୨ ଗ୍ରାମ୍ |

### ସଂକ୍ଷେପରେ

## କରେଣ୍ଟ ଲାଗି ସରପଞ୍ଚଙ୍କ ସମେତ ୨ ଗୁରୁତର

- ପତାକା ଉତ୍ତୋଳନ ବେଳେ ପଞ୍ଚାୟତ ଅଫିସ୍‌ରେ ଅଘଟଣ

ନିମାପଡ଼ା,୧୮।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ରେଞ୍ଚଶାସନ ପଞ୍ଚାୟତ କାର୍ଯ୍ୟାଳୟଠାରେ ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ ବେଳେ ଏକ ଦୁଃଖଦ ଘଟଣା ଘଟିଛି। ସ୍ଥାନୀୟ ସରପଞ୍ଚ ପ୍ରସନ୍ନ କୁମାର ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କଲାବେଳେ ପତାକା ବନ୍ଧାଯାଇଥିବା ଲୁହାପାଇପ୍ ଉପରେ ଯାଇଥିବା ୧୧ କେଭି ତାର ସଂସ୍ପର୍ଶରେ ଆସିବାରୁ ସରପଞ୍ଚ ଓ ତାଙ୍କ ନିକଟରେ ଥିବା ଜିତେନ୍ଦ୍ର ଦାସ ନାମକ ଜଣେ ଯୁବକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପିପିଲି ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସରପଞ୍ଚ ସ୍ୱାଇଁଙ୍କର ବାମହାତର କିଛିଅଂଶ ପୋଡ଼ିଯାଇଥିବା ବେଳେ ଜିତେନ୍ଦ୍ର ଛିଟିକି ପଡ଼ି ଏକ କାନ୍ଥରେ ପିଟିହୋଇ ତାଙ୍କ ମୁଣ୍ଡ ଫାଟିଯାଇଥିବା ଜଣାପଡ଼ିଛି। ଏଭଳି ଏକ ଅଭାବନୀୟ ଘଟଣା ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ବହୁ ୱାର୍ଡସଭ୍ୟଙ୍କ ସମେତ ସ୍ଥାନୀୟ ଲୋକଙ୍କୁ ସ୍ତବ୍ଧ କରିଦେଇଥିଲା। ଏ ସମ୍ପର୍କରେ ସରପଞ୍ଚ ପ୍ରସନ୍ନ ସ୍ୱାଇଁ କହିଛନ୍ତି, ମୁଁ ଏକ ବଡ଼ ବିପଦରୁ ଅଳ୍ପକେ ବର୍ତ୍ତିଯାଇଛି। ଏହି ଦୁଃଖଦ ଘଟଣା ଜଣାପଡ଼ିବା ପରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତିଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ ଗଭୀର ଦୁଃଖ ପ୍ରକାଶ କରିଥିବା ବେଳେ ଆହତ ସରପଞ୍ଚ ସ୍ୱାଇଁଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଚିକିତ୍ସାଧୀନ ବୃଦ୍ଧଙ୍କ ମୃତ୍ୟୁ

- ଗାଁ ଦାଣ୍ଡରେ ବୃଦ୍ଧଙ୍କୁ ଷଣ୍ଢ ଆକ୍ରମଣ ଘଟଣା

ଗୋପ,୧୮।୮(ଭାରତୀ ଭୂଷଣ ଉପାଧ୍ୟାୟ)

ଗାଁ ଦାଣ୍ଡରେ ଷଣ୍ଢ ଆକ୍ରମଣରେ ଗୁରୁତର ହୋଇ ଚିକିତ୍ସାଧୀନ ବୃଦ୍ଧ ବେଣୁଧର ପ୍ରଧାନ (୭୫)ଙ୍କ ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ବୃଦ୍ଧଙ୍କ ପରିବାରକୁ ସରକାରୀସ୍ତରରେ ସାହାଯ୍ୟ ଯୋଗାଇଦେବାକୁ ଦାବି ହେଉଥିବା ବେଳେ ଦଶାହ କାର୍ଯ୍ୟ କିପରି ହେବ ସେନେଇ ପତ୍ନୀ ଚିନ୍ତାରେ ଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ଚଳିତ ମାସ ୯ ତାରିଖରେ ବେଣୁଧର ପ୍ରଧାନ ଗାଁ ଦାଣ୍ଡରେ ଯାଉଥିବା ବେଳେ ଏକ ଷଣ୍ଢ ଆକ୍ରମଣର ଶିକାର ହୋଇଥିଲେ। ବେଣୁଧରଙ୍କ ବେକକୁ ଷଣ୍ଢ ଭୁଷି ଦେଇଥିବାରୁ ବୃଦ୍ଧ ଜଣଙ୍କ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ପ୍ରଥମେ ଗୋପ ଓ ପରେ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ବୃଦ୍ଧ ଜଣଙ୍କ ଗୋଟିଏ ସପ୍ତାହ ଧରି ଚିକିତ୍ସା ହେଉଥିବା ବେଳେ ଗତ ଗୁରୁବାର ଡାକ୍ତର ବୃଦ୍ଧଙ୍କୁ ଘରକୁ ପଠାଇ ଦେଇଥିଲେ। ରବିବାର ବିଳମ୍ବିତ ରାତିରେ ବୃଦ୍ଧ ବେଣୁଧରଙ୍କ ମୃତ୍ୟୁ ଘଟିଛି। ବେଣୁଧର ପ୍ରଧାନଙ୍କ ତିନି ଝିଅ ବିବାହ କରିଥିବା ବେଳେ ତାଙ୍କର ପୁତ୍ର ନାହିଁ। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ବଡ଼ତରା ସରପଞ୍ଚ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ମିଶ୍ର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ଶ୍ରୀମନ୍ଦିରରେ ବଣଭୋଜି, କୋଳିବିକା ନୀତି ସମ୍ପନ୍ନ

### ଆଜି କାଳୀୟଦଳନ ବେଶ ଓ ନୀତି

ପୁରୀ,୧୮।୮(ଅଜିତ୍ କୁମାର ମହାନ୍ତି)



ସିଂହଦ୍ୱାର ସମ୍ମୁଖରେ କୃଷ୍ଣ ବଳରାମଙ୍କ ସମ୍ମୁଖରେ କୋଳିବିକା ନୀତି ସମ୍ପନ୍ନ କରାଯାଉଛି।



ମହାପ୍ରଭୁଙ୍କ ବଣଭୋଜି ବେଶ।

ପବିତ୍ର ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମ ସହ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣଲୀଳା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଭାଦ୍ରବ କୃଷ୍ଣପକ୍ଷ ଦଶମୀ ତିଥି ସୋମବାର ଅବସରରେ ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବଣଭୋଜି ବେଶ ଅନୁଷ୍ଠିତ ହୋଇଛି। ଏଥିସହ କୋଳିବିକା ନୀତି ସହ ବକାସୁର, ଅର୍ଘାସୁର ବଧ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ବଣଭୋଜି ବେଶ ପାଇଁ ବଡ଼ଠାକୁର ଏବଂ ଶ୍ରୀଜଗନ୍ନାଥଙ୍କୁ ଦୁଇଟି ଆଜ୍ଞାମାଳ ଲାଗି ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ବଡ଼ଠାକୁର ଏବଂ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳକୁ ଦକ୍ଷିଣୀ ଘରକୁ ବିଜେ କରାଯାଇଥିଲା। ଦକ୍ଷିଣୀ ଘରେ ରାମ ଓ କୃଷ୍ଣଙ୍କୁ ଏହି ଦୁଇ ଆଜ୍ଞାମାଳ ଲାଗି କରାଯାଇଥିଲା। ରାମକୃଷ୍ଣ ଏହି ଆଜ୍ଞାମାଳ ପାଇବା ପରେ ବଟଦ୍ୱାର ପାଖରେ ଥିବା ପାଲଙ୍କିରେ ଅଧିଷ୍ଠିତ ହୋଇଥିଲେ। ଏହି ପାଲିଙ୍କିକୁ ବିମାନବଡୁ ସେବକମାନେ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ନେଇ ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱ ବଡ଼ଛତା ମଠ ସମ୍ମୁଖରେ ସଜାଯାଇଥିବା କାଠ ସିଂହାସନରେ ବିଜେ କରାଇଥିଲେ। ସେଠାରେ ଠାକୁରଙ୍କ କୋଳିବିକା ନୀତି ହୋଇଥିଲା। କୋଳିବିକା ନୀତି ସରିବା ପରେ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରହମାନଙ୍କୁ ବଣଭୋଜି ବେଶରେ ଭୂଷିତ କରାଇଥିଲେ। ଏହି ବେଶରେ ମହାପ୍ରଭୁ ୧୮ ପ୍ରକାର ଅଳଙ୍କାର ଲାଗି ହୋଇଥିଲେ। ଶ୍ରୀବିଗ୍ରହଙ୍କୁ ସୋଲ, ବେତ, କନା, ଜରିରେ ନିର୍ମିତ ସ୍ୱର୍ଣ୍ଣକିଆ ଶ୍ରୀମସ୍ତକ ଚୂଳରେ ଖୋସା ଯାଇଥିଲା। ବେଶରେ ରତ୍ନସିଂହାସନ ଉପରେ ଦୁଇଟି ଲେଖାଏଁ ଗାଈ ବାଛୁରୀ (କାଷ୍ଠନିର୍ମିତ) ଦଣ୍ଡାୟମାନ ରହିଥିଲେ। ଏହି ବେଶ ପୁଷ୍ପାଳକ, ଭଣ୍ଡାର ମେକାପ ଓ ଖୁଣ୍ଟିଆ ଆଦି ସେବକଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ବେଶରେ ଠାକୁରମାନେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଖୁଆପେଡ଼ାର ମାଳି ଧାରଣ କରିଥିଲେ। ପାଟଯୋଶୀ ମହାପାତ୍ରଙ୍କ ଘରୁ ଏହି ଖୁଆପେଡ଼ା ଯୋଗାଇ ଦିଆଯାଇଥାଏ।

ପୁରାଣ ଓ ପରମ୍ପରା ମୁତାବକ ଶ୍ରୀକୃଷ୍ଣ ବଳରାମଙ୍କ ବାଲ୍ୟଲୀଳାରେ ଗାଈ ବାଛୁରୀ ନେଇ ବଣଭୋଜିକୁ ଯିବା ଘଟଣା ଆଧାରରେ ଶ୍ରୀମନ୍ଦିରରେ ଏହି ବଣଭୋଜି ବେଶ ପାଳନ ହେଉଥିବା ଲୋକବିଶ୍ୱାସ ରହିଛି। ଏହି ବେଶରେ ଠାକୁରମାନେ ବଣଭୋଜି ଉଦ୍ଦେଶ୍ୟରେ ଗମନ କରୁଥିବା ଦୃଶ୍ୟ ଏଥିରେ ପ୍ରକଟିତ ହୋଇଥାଏ। ସାହି ପରମ୍ପରାରେ ବାଲିସାହି ଯାଗା ଆଖଡ଼ା ପକ୍ଷରୁ ବକାସୁର ବାହାରି ନଗର ପରିକ୍ରମା କରି ଶ୍ରୀମନ୍ଦିର ପରିଦର୍ଶନ କରିବା ପରେ ସେଠାରେ ବକାସୁର ଓ ଅର୍ଘାସୁର ବଧନୀତି ସମ୍ପନ୍ନ ହୋଇଥିଲା। ମଙ୍ଗଳବାର ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହେବା ସହ ମାର୍କଣ୍ଡେୟ ପୁଷ୍କରିଣୀଠାରେ କାଳୀୟଦଳନ ନୀତି ସମ୍ପନ୍ନ ହେବ।

## ଛାତ୍ରଙ୍କୁ ଆକ୍ରମଣ, ଧରାହେଲେ ୫ ନାବାଳକ ଛାତ୍ର

ପୁରୀ,୧୮।୮(ଅଜିତ୍ କୁମାର ମହାନ୍ତି)

ପୁରୀ ନୀଳାଦ୍ରି ପାର୍କ ନିକଟରେ ଜଣେ ନାବାଳକଙ୍କୁ ରବିବାର ସନ୍ଧ୍ୟାରେ ବ୍ଲେଡ୍ ମାଡ଼ ହୋଇଥିବା ନେଇ ସମୁଦ୍ରକୂଳ ଥାନାରେ ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ କରି ସମୁଦ୍ରକୂଳ ଥାନା ପୋଲିସ ଆକ୍ରମଣରେ ସମ୍ପୃକ୍ତ ଥିବା ୫ ନାବାଳକ ଛାତ୍ରଙ୍କୁ ସ୍ୱଧାର ଗୃହକୁ ପଠାଇଛି। ଏନେଇ କେସ୍ ନଂ ୨୨୫/୨୫ ରୁଜୁ ହୋଇଛି। ଆହତ ନାବାଳକ ସଦର ଥାନା ଅନ୍ତର୍ଗତ ମୁକୁନ୍ଦମିଶ୍ରନଗର ଅଞ୍ଚଳର ଜଗଦୀଶ ବରାଳ (୧୭)। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ଜଣାପଡ଼ିଛି। ଆକ୍ରମଣରେ ନାବଳକଙ୍କ ବେକରେ ଆଘାତ ଲାଗିଛି।

ସୂଚନାଯୋଗ୍ୟ, ରବିବାର ସ୍କୁଲରେ ବ୍ୟାଡ୍‌ମିଣ୍ଟନ ଖେଳକୁ ନେଇ ଆହତ ନାବଳକ ଏବଂ ସ୍କୁଲର କିଛି ଜୁନିୟର ପିଲାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଜଗଦୀଶଙ୍କୁ ଭୁଲ ମାଗିବାକୁ ଆକ୍ରମଣରେ ସମ୍ପୃକ୍ତ ଥିବା ନାବାଳକମାନେ କହିଥିଲେ, ମାତ୍ର ସେ ଭୁଲ ମାଗି ନ ଥିଲେ। ପରେ ୧୫ ରୁ ୨୦ଜଣ ପିଲା ତାଙ୍କୁ ଘେରି ଯାଇ ଭୁଲ ମାଗିବାକୁ କହିଥିଲେ। ସେ ମନା କରିବାରୁ ବ୍ଲେଡ୍‌ରେ ପଛପଟୁ ତାଙ୍କୁ ଆକ୍ରମଣ କରିବା ସହ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଏନେଇ ଏସ୍‌ପି ପିନାକ ମିଶ୍ର ସୂଚନା ଦେଇ କହିଛନ୍ତି, ଘଟଣା ଅତି ସମ୍ବେଦନଶୀଳ। ଖେଳକୁ କେନ୍ଦ୍ର କରି ଏକ ସ୍କୁଲର ନାବଳକମାନଙ୍କ ମଧ୍ୟରେ ଆକ୍ରମଣ ହୋଇଛି। ଜଣେ ଛାତ୍ରକୁ ଅନ୍ୟମାନେ ଆକ୍ରମଣ କରିଛନ୍ତି। ଏହି ଘଟଣା ସମ୍ପର୍କରେ କିଛି ପିଲାଙ୍କୁ ପଚରାଉଚରା ଚାଲିଛି। ୨୦ରୁ ଅଧିକ ପିଲା ଥିବା ନେଇ ଅଭିଯୋଗ ହୋଇଛି। ଏନେଇ ସ୍କୁଲ୍ କର୍ତ୍ତୃପକ୍ଷ, ଅଭିଭାବକ ସମସ୍ତଙ୍କୁ ଡାକି କାଉନ୍‌ସିଲିଂ କରିବାକୁ ସିଟି ଡିଏସ୍‌ପି, ସଦର ଥାନାଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ପିଲାଙ୍କ ଭବିଷ୍ୟତକୁ ନଜରରେ ରଖି ପୋଲିସ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଏସ୍‌ପି ମିଶ୍ର କହିଛନ୍ତି।

## ମେଗା ରକ୍ତଦାନ ଶିବିର, ୩୦ ୟୁନିଟ୍ ସଂଗ୍ରହ



ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥିମାନେ।

ନିମାପଡ଼ା,୧୮।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପ୍ରେସ୍ କ୍ଲବ୍ ଓ ଏନ୍ଆଇସି କମ୍ପ୍ୟୁଟର ଏଜୁକେଶନ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ସ୍ଥାନୀୟ ଭାଗ୍ୟବତୀ କଲ୍ୟାଣମଣ୍ଡପଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତହସିଲ୍‌ଦାର ମନୋଜ ପ୍ରଧାନ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ, ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ ବେହେରା, ଏନ୍ଆଇସି କମ୍ପ୍ୟୁଟର ଏଜୁକେଶନର ପରିଚାଳନା ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଫାର୍ମାସିଷ୍ଟ ଆଇ. ତ୍ରିନାଥ ପାତ୍ର ପ୍ରମୁଖ ଯୋଗଦେଇଥିଲେ। କମ୍ପ୍ୟୁଟର ଏଜୁକେଶନର ୨୯ତମ ପ୍ରତିଷ୍ଠା ଦିବସ ସମାରୋହ ଅବସରରେ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଶିବିରରେ ମୋଟ୍ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଭୁବନେଶ୍ୱର ବିଏମ୍‌ସି ବ୍ଲଡ୍‌ବ୍ୟାଙ୍କର ଡାକ୍ତର ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ପ୍ରେସ୍ କ୍ଲବ୍ ଗଣମାଧ୍ୟମର ପ୍ରତିନିଧିମାନେ ଓ କମ୍ପ୍ୟୁଟର ଏଜୁକେଶନର ଶିକ୍ଷକ, କର୍ମଚାରୀମାନେ ଏହି ଶିବିରର ସଂଯୋଜନା ଓ ପରିଚାଳନା କରିଥିଲେ।

# ପୁରୀରୁ ନିଆଳିକୁ ଗଡ଼ିଲା ସ୍ୱତନ୍ତ୍ର ବସ୍

ପୁରୀ,୧୮।୮(ଅଜିତ୍ କୁମାର ମହାନ୍ତି)




ଶ୍ରୀକ୍ଷେତ୍ରରୁ ନିଆଳି ମାଧବାନନ୍ଦ ମନ୍ଦିରକୁ ବସ୍ ସେବାର ଶୁଭାରମ୍ଭ କରାଯାଉଛି।

ପୁରୀରୁ ନିଆଳିକୁ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ(ଏସି) ବସ୍ ସେବା ସୋମବାରଠାରୁ ଆରମ୍ଭ ହୋଇଛି। ଫଳରେ ଭକ୍ତଙ୍କ ପାଇଁ ମହାପ୍ରଭୁଙ୍କ ମାମୁଘର ଦର୍ଶନ ସହଜ ହେବ। ପୁରୀ ଶ୍ରୀମନ୍ଦିରରୁ ନିଆଳି ମାଧବାନନ୍ଦ ମନ୍ଦିରକୁ ଯୋଡ଼ିବ ଏହି ବସ୍‌ସେବା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କ୍ରୁଟ୍‌କୁ ପ୍ରଦାନ କରାଯାଇଥିବା ବସ୍ ମଧ୍ୟରୁ ୩ଟି ବସ୍ ପ୍ରାରମ୍ଭିକ ଭାବେ ରୁଟ୍ ନମ୍ବର ୭୨ ମାଧ୍ୟମରେ ପ୍ରତ୍ୟହ ସକାଳ ୭ଟା ୩୦ ମିନିଟ୍‌ରେ ମର୍ଚ୍ଚିକୋଟ ଛକରୁ ବାହାରି ଶରଧାବାଲି, ଛଇତନା, ଗୋପ ଦେଇ ମାଧବାନନ୍ଦ ମନ୍ଦିରରେ ପହଞ୍ଚିବ। ସେହିପରି ମାଧବାନନ୍ଦ ମନ୍ଦିର ନିକଟରୁ ସକାଳ ୯ଟା ୫୫ରେ ବାହାରି ଗୋପ, ଛଇତନା, ଶରଧାବାଲି ଦେଇ ମର୍ଚ୍ଚିକୋଟ ଛକରେ ପହଞ୍ଚିବ।

ଏହି ବସ୍ ସେବାକୁ ମାଧବାନନ୍ଦ ମନ୍ଦିର ଟ୍ରଷ୍ଟର ଉପଦେଷ୍ଟା ତଥା ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ରାମକୃଷ୍ଣ ମହାପାତ୍ର, ମାଧବାନନ୍ଦ ମନ୍ଦିର ସେବକ ଭାସ୍କର ପୁଷ୍ପାଳକ, ତ୍ରିଲୋଚନ ପୁଷ୍ପାଳକ, ସାମାଜିକ କର୍ମୀ ପୀତାମ୍ବର ରାଉତ, ସୁକାନ୍ତ କୁମାର ସାହୁ, ଚତୁର୍ଭୁଜ ପରିଡ଼ା ପ୍ରମୁଖ ମର୍ଚ୍ଚିକୋଟ ଛକରେ ପହଞ୍ଚି ବସ୍‌କୁ ସ୍ୱାଗତ କରିବା ସହିତ ଜିଲା ପ୍ରଶାସନ ଏବଂ କ୍ରୁଟ୍ ପକ୍ଷରୁ ନିଆଯାଇଥିବା ଏହି ସ୍ୱାଗତଯୋଗ୍ୟ ପଦକ୍ଷେପକୁ ପ୍ରଶଂସା କରିଥିଲେ।

## 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

ପିପିଲି,୧୮।୮(ପ୍ରଭାତ କୁମାର ମହାପାତ୍ର)

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ମନ୍ତ୍ରଣାଳୟ ଅନୁମୋଦିତ ମାଇଁ ଭାରତ ସଂଗଠନର ମେରା ଯୁବ ଭାରତ ଓ ଜାଗୃତି ସାଂସ୍କୃତିକ ଯୁବ ସଂଗଠନର ମିଳିତ ଉଦ୍ୟମରେ ''ମା' ପାଇଁ ଗଛଟିଏ'' କାର୍ଯ୍ୟକ୍ରମ ଗତ ୩ ତାରିଖରୁ ଆରମ୍ଭ ହୋଇଥିବାବେଳେ ସୋମବାର ପିପିଲି ଭାରତୀପୁର ପଞ୍ଚାୟତ ମା' ଯୋଗମାୟା ପୀଠ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ପିପିଲି ଥାନା ଆରକ୍ଷୀ ଅଧୀକ୍ଷକ ସୌମେନ୍ଦୁ ଶେଖର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ମନ୍ଦିର ପ୍ରାଙ୍ଗଣରେ ଚାରା ରୋପଣ କରିବା ସହିତ ପରିବେଶ ସୁରକ୍ଷା ପାଇଁ ଜାଗୃତି ସାଂସ୍କୃତିକ ଯୁବ ସଂଗଠନର ବିଭିନ୍ନ ସ୍ଥାନରେ ଚାରା ରୋପଣ ଓ ଜନସଚେତନତାର ଏଭଳି ପ୍ରୟାସକୁ ବହୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଜଗନ୍ନାଥ ନନ୍ଦ, ଅବସରପ୍ରାପ୍ତ ଡା. ଭିକାରୀ ଚରଣ ଦାସ, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ଷଡ଼ଙ୍ଗୀ, ସଂଗଠନ ଉପସଭାପତି ମନୋଜ ପ୍ରଧାନ, ମିଡିଆ ଆବାହକ ମନୋରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କଣାସ ଗାନ୍ଧୀ ବିଶ୍ୱନାଥ ପରିଡ଼ାଙ୍କ ଜୟନ୍ତୀ ପାଳନ

କଣାସ,୧୮।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ସିରେଇ ପଞ୍ଚାୟତ ସିରେଇ ଗ୍ରାମରେ ଜନ୍ମଗ୍ରହଣ କରିଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବ୍ରହ୍ମଗିରିର ପୂର୍ବତନ ବିଧାୟକ କଣାସ ଗାନ୍ଧୀ ବିଶ୍ୱନାଥ ପରିଡ଼ାଙ୍କ ୧୩୦ତମ ଜୟନ୍ତୀ ନିଜସ୍ୱ ଗ୍ରାମ ସିରେଇ ଓ ତାଙ୍କ ନାମରେ ପ୍ରତିଷ୍ଠିତ ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ, ମୁଖ୍ୟ ଅତିଥି ଭାବେ ଦେବଦତ୍ତ ପରିଡ଼ା ଯୋଗଦେଇ ଦିବଂଗତ ମହାମନୀଷୀଙ୍କ ଆଜୀବନ ଦେଶସେବା ଜୀବନୀର ସ୍ମୃତିଚାରଣ କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ଛାତ୍ରୀଛାତ୍ର ସମାଜସେବାରେ ବ୍ରତୀ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଧନ୍ୟବାଦ ଦେଇଥିଲେ।

## 'ଗଛ ବଞ୍ଚାଅ, ପ୍ରକୃତି ବଞ୍ଚାଅ' କାର୍ଯ୍ୟକ୍ରମ

ଅସ୍ତରଙ୍ଗ,୧୮।୮(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ନାଶିକେଶ୍ୱର ପଞ୍ଚାୟତରେ ଏମ୍ଏସ୍ଆର୍ଆଇ ସଂଗଠନ ପକ୍ଷରୁ 'ଗଛବଞ୍ଚାଅ, ପ୍ରକୃତିବଞ୍ଚାଅ' କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ପ୍ରାଚୀ ନଦୀପଠା ତଥା ଗ୍ରାମର ଚାରିପାଖରେ ଶତାଧିକ ଚାରା ରୋପଣ କରାଯାଇଥିଲା। ଗ୍ରାମ ଓ ଆଖପାଖ ଅଞ୍ଚଳର ଲୋକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ କାଳୀପ୍ରସାଦ ସ୍ୱାଇଁ, ଆଇନଜୀବୀ ଉମାକାନ୍ତ ମିଶ୍ର, ଅନୁଷ୍ଠାନ ସଭାପତି ବିକ୍ରମ କର, ସମ୍ପାଦିକା କ୍ଷେତ୍ରବାସିନୀ ତ୍ରିପାଠୀ, କୋଷାଧ୍ୟକ୍ଷ ଅରବିନ୍ଦ ରାଉତ, ସଭ୍ୟାସଭ୍ୟ ବୀଣାପାଣି ଦାଶ, ପୁଷ୍ପାଞ୍ଜଳି ପାଣିଗ୍ରାହୀ, ଶିବଚରଣ ମଲ୍ଲିକ, ସବିତା କର, ଅନୁପମା କର, ଚନ୍ଦ୍ରଶେଖର କର, ଧୀରେନ୍ଦ୍ର ରଥ, ରୁବିନା କର, ଧୋବେଇ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ପତି ପ୍ରମୁଖ ଉପସ୍ଥିତ ଥିଲେ।

## ୬୪ ଅଭିଯୋଗ ତ୍ୱରିତ ସମାଧାନ କରିବାକୁ ପରାମର୍ଶ



ଜନଶୁଣାଣି ଶିବିରରେ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି ।

### ସତ୍ୟବାଦୀରେ ବ୍ଲକ୍‌ସ୍ତରୀୟ ଜନଶୁଣାଣି

ସାକ୍ଷୀଗୋପାଳ,୧୮।୮(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ବ୍ଲକ୍‌ର ସଦ୍‌ଭାବନା ଗୃହ ପରିସରରେ ସୋମବାର ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ବିଭାଗରୁ ଆସିଥିବା ୬୪ଟି ଅଭିଯୋଗର ତ୍ୱରିତ ସମାଧାନ ପାଇଁ ବରିଷ୍ଠ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରା ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସତ୍ୟବାଦୀ ଥାନାଧିକାରୀଙ୍କ ସମେତ ଜିଲା ଓ ବ୍ଲକର ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଗ୍ରିଭାନ୍ସ ଅଧିକାରୀ ପଞ୍ଚାନନ ପରିଜା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟତଃ ଆବାସ ଯୋଜନା, ଭତ୍ତା, ବିଦ୍ୟୁତ୍, ଶିକ୍ଷା, ଉଦ୍ୟାନ ବିଭାଗ, କୃଷି ବିଭାଗ, ଯୋଗାଣ ବିଭାଗ, ପାନୀୟ ଜଳଯୋଗାଣ ଓ ରାସ୍ତା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା।

# ମୁଖ୍ୟ ରାସ୍ତାରେ ଗର୍ତ୍ତ, ପର୍ଯ୍ୟଟକ ହନ୍ତସନ୍ତ

ଗୋପ,୧୮।୮(ଭାରତୀ ଭୂଷଣ ଉପାଧ୍ୟାୟ)



ଗୋପ-କୋଣାର୍କ ରାସ୍ତା ମଝିରେ ବିରାଟ ଗର୍ତ୍ତ ।

ଗୋପ-କୋଣାର୍କ ରାସ୍ତାର ଗୋପ ବଜାର ଛକଠାରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଦୈନନ୍ଦିନ ଏହି ଗର୍ତ୍ତ ଯୋଗୁ ଦୁର୍ଘଟଣା ଘଟୁଥିବା ବେଳେ ପର୍ଯ୍ୟଟକଙ୍କ ସହିତ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, କୋଣାର୍କ ସୂର୍ଯ୍ୟମନ୍ଦିର ବୁଲି ଦେଖିବାକୁ ଦୈନନ୍ଦିନ ଦେଶ ବିଦେଶର ହଜାର ହଜାର ପର୍ଯ୍ୟଟକ ଓ ଯାତ୍ରୀ ଆସିଥାନ୍ତି। କିନ୍ତୁ କିଛିଦିନ ହେବ ଏହି ରାସ୍ତାର ଅନେକ ସ୍ଥାନରେ ସାମାନ୍ୟ ବର୍ଷାରେ ପାଣି ଜମି ରହୁଥିବା ବେଳେ ଖାଲଖମା ରହିଛି। ବିଶେଷକରି ଗୋପ ବଜାର ଛକଠାରେ ଏକ ବଡ଼ ଗର୍ତ୍ତ ହୋଇଛି। ଫଳରେ ଏହି ରାସ୍ତା ଦେଇ କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଜିଲା ସହିତ ଅନ୍ୟ କେତେକ ଜିଲାର ଯାତ୍ରୀମାନେ ପୁରୀ ଓ କୋଣାର୍କ ଯାଇଥାନ୍ତି। ସେହିପରି ପ୍ରତ୍ୟେକ ଦିନ ଦେଶ ବିଦେଶର ପର୍ଯ୍ୟଟକଙ୍କ ସହିତ ରାଜ୍ୟର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ କୋଣାର୍କ ବୁଲି ଆସିଥାନ୍ତି। ଏହି ଗର୍ତ୍ତ ସୃଷ୍ଟିହେବା ଫଳରେ ପର୍ଯ୍ୟଟକମାନଙ୍କ ଗାଡ଼ି ଯା'ଆସ କ୍ଷେତ୍ରରେ ଅସୁବିଧା ହେଉଥିବା ବେଳେ ବାଇକ୍ ଆରୋହୀମାନେ ଅସୁବିଧା ଭୋଗ କରୁଛନ୍ତି। ଗର୍ତ୍ତ ଭିତରେ ବର୍ଷାଜଳ ଭର୍ତ୍ତି ହୋଇ ରହିବା ଯୋଗୁ ବାଇକ୍ ଆରୋହୀମାନେ ନ ଜାଣିପାରିବା ଫଳରେ ଦୁର୍ଘଟଣା ଘଟୁଛି। ପ୍ରତ୍ୟେକ ଦିନ ବାଇକ୍ ଆରୋହୀ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଉଥିବା ଭଳି ଅଭିଯୋଗ ରହିଛି। ଗୋପ ପୂର୍ତ୍ତ ବିଭାଗ ପକ୍ଷରୁ ୨ ମାସ ପୂର୍ବରୁ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ରାସ୍ତା ନବୀକରଣ କରାଯାଇଥିବା ବେଳେ ଅନେକ ସ୍ଥାନରେ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା ଖରାପ ହୋଇଗଲାଣି। ଏହି ରାସ୍ତା ନବୀକରଣ ନିର୍ମାଣ ମଧ୍ୟରେ ଥିବା ଆଉ କେତେକ ରାସ୍ତା କାର୍ଯ୍ୟ ନ କରାଯାଇ ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରତ୍ୟେକ ମାସରେ ଗୋପ-କୋଣାର୍କ, ଗୋପ-ନିମାପଡ଼ା ରାସ୍ତା ମରାମତି ନାମରେ ଲକ୍ଷାଧିକ ଟଙ୍କାର ମିଥ୍ୟା ବିଲ୍ କରାଯାଇ ଅର୍ଥ ନିଆଯାଉଥିବା ଭଳି ଅଭିଯୋଗ ହୋଇଛି। ତୁରନ୍ତ ଏହି ରାସ୍ତାରେ ଥିବା ଗର୍ତ୍ତକୁ ମରାମତି କରାଯିବା ପାଇଁ ଦାବି କରାଯାଇଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଉପରେ ଗୋପ ପୂର୍ତ୍ତ ବିଭାଗ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦଣ୍ଡପତିଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଗର୍ତ୍ତ ମରାମତି କରାଯିବ ବୋଲି କହିଛନ୍ତି।

### ଖୁବ୍‌ଶୀଘ୍ର ରାସ୍ତା ମରାମତି ହେବ: ଯନ୍ତ୍ରୀ

## ଫଟୋରେ ଖବର



ବାଲିସାହିରୁ ବକାସୁର ଶ୍ରୀମନ୍ଦିରକୁ ନୀତି ପାଇଁ ନିଆଯାଉଛି।



ହରଚଣ୍ଡୀ ସାହିରୁ ଅର୍ଘାସୁର ଶ୍ରୀମନ୍ଦିରକୁ ନିଆଯାଉଛି।



ପୁରୀ ଜଗନ୍ନାଥ ଷ୍ଟାଡ଼ିୟମ ପରିସରରେ ଆସନ୍ତା ମାସରେ ହେବାକୁ ଥିବା ଟି-୧୦ ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ଚୟନ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ୧ରୁ ଆରମ୍ଭ ହେବ ପାଇକ ସ୍ମାରକୀ ନିର୍ମାଣ

## ପୂର୍ବ ସରକାରଙ୍କ ଷଡ଼ଯନ୍ତ୍ର ଯୋଗୁ କାମ ଅଟକିଥିଲା: ହରିଚନ୍ଦନ



ଖୋର୍ଦ୍ଧା,୧୮।୮(ପ୍ରଭାତ ପାଣିଗ୍ରାହୀ)

ବରୁଣେଇ ପାହାଡ଼ ପାଦଦେଶରେ ବହୁ ପ୍ରତୀକ୍ଷିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ଆସନ୍ତା ସେପ୍ଟେମ୍ବର ୧ରୁ ଆରମ୍ଭ ହେବ। ଦୁଇବର୍ଷ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମଙ୍କୁ ସୂଚନା ଦେଇଛନ୍ତି। ମନ୍ତ୍ରୀ ହରିଚନ୍ଦନ କହିଛନ୍ତି ଯେ, ପାଇକ ସ୍ମାରକୀ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ହେବ। ପାଇକ ବୀରଙ୍କ ବଳିଦାନ, ତ୍ୟାଗ, ଶୌର୍ଯ୍ୟ, ବୀରତ୍ୱର ଗାଥା ଏଥିରେ ସ୍ଥାନ ପାଇବ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତତ୍କାଳୀନ ରାଷ୍ଟ୍ରପତି ଏହାର ଶିଳାନ୍ୟାସ କରିଥିଲେ। ତେବେ ଷଡ଼ଯନ୍ତ୍ର ପୂର୍ବକ ପୂର୍ବ ସରକାର ବିଦେଶୀ ପ୍ରେମ କାରଣରୁ ଓଡ଼ିଶାର ଐତିହ୍ୟ ସଂସ୍କୃତି ପ୍ରଚାର ପ୍ରସାର ନ ହେଉ ଉଦ୍ଦେଶ୍ୟରେ ଏହାକୁ ବନ୍ଦ ରଖିଥିଲେ। ସେତେବେଳେ ରାଜସ୍ୱ ଏବଂ ଜଙ୍ଗଲ ବିଭାଗ ଏହାକୁ ଉକ୍ତ ସ୍ଥାନ କ୍ଲିୟରାନ୍ସ ନ ଦେବା ପାଇଁ ଅଲିଖିତ ନିର୍ଦ୍ଦେଶ ଦିଆଯାଇଥିଲା, ଯାହା ଭାଜପା ସରକାରକୁ ଆସିବା ପରେ ଜାଣିବାକୁ ମିଳିଲା। ବିଭିନ୍ନ ପ୍ରସଙ୍ଗ ଆଳ ଦେଖାଇ ଏହାକୁ ସ୍ଥଗିତ ରଖାଯାଇଥିଲା। ଏହାର ସମାଧାନ କରାଯାଇଛି। ଗତ ସପ୍ତାହରେ ଏ ନେଇ ସମୀକ୍ଷା ହୋଇଛି। ସଂସ୍କୃତି ବିଭାଗ ଓ ଜଙ୍ଗଲ ବିଭାଗର ଅଧିକାରୀ, ଜିଲାପାଳ ଏବଂ ନିର୍ମାଣ ଦାୟିତ୍ୱରେ ଥିବା ଇଣ୍ଡିଆନ ଅଏଲ ଫାଉଣ୍ଡେସନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି। କାମ ତ୍ୱରାନ୍ୱିତ ପାଇଁ ଇଣ୍ଡିଆନ ଅଏଲ ଫାଉଣ୍ଡେସନକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨ବର୍ଷ ମଧ୍ୟରେ କାମ ସାରିବାକୁ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ନିର୍ମାଣ କାର୍ଯ୍ୟ ଯେପରି ଖୁବଶୀଘ୍ର ସରିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ ସହ ନିୟମିତ ବ୍ୟବଧାନରେ ସମୀକ୍ଷା କରାଯିବ। ପାଇକ ସ୍ମାରକୀ ସ୍ୱାଭିମାନୀ ପାଇକଙ୍କ ବୀରତ୍ୱ ଗାଥାର ପ୍ରତୀକ ସାଜିବ, ଯାହା ପରବର୍ତ୍ତୀ ପିଢ଼ିଙ୍କୁ ପ୍ରେରଣା ଦେବ। ରାଜ୍ୟ ସରକାର ମଧ୍ୟ ପାଇକ ସଂସ୍କୃତିର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ।

### ପାଚେରି ନିର୍ମାଣରେ ଅଟକିଛି

୨୦୧୯ ଡିସେମ୍ବର ୮ରେ ପାଇକ ସ୍ମାରକୀ ନିର୍ମାଣ ଶିଳାନ୍ୟାସ ସତ୍ତ୍ୱେ ଜମିଜମା ବିବାଦ ଯୋଗୁ ଏହି କାର୍ଯ୍ୟ ଆଗେଇ ପାରୁନାହିଁ। ପାଇକ ବିଦ୍ରୋହର ଦ୍ୱିଶତ ବାର୍ଷିକୀ ଅବସରରେ କେନ୍ଦ୍ର ବିଜ୍ଞାନ ଭବନରେ ତତ୍କାଳୀନ ରାଷ୍ଟ୍ରପତିଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା। ଏକବର୍ଷ ବ୍ୟାପୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ସ୍ଥାନରେ ବିଭିନ୍ନ ସଭା, ସମିତି, କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମେ ପ୍ରସ୍ତାବିତ ଜମି ଜବରଦଖଲ ଓ ପରେ ଜମି ହସ୍ତାନ୍ତରକୁ ନେଇ ଦୀର୍ଘବର୍ଷ ଧରି ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ବିଭାଗ ମଧ୍ୟରେ ଲାଗି ରହିଥିବା ବିବାଦ ତୁଟିଛି। ତତ୍କାଳୀନ ରାଜ୍ୟ ସରକାର ଏହାର ଫ୍ରି ପ୍ରିମିୟମରେ ଜମି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ହସ୍ତାନ୍ତର କରିଛନ୍ତି। ପ୍ରସ୍ତାବିତ ଜମିରୁ ୭୫୪ ଗଛ ଏବଂ ୧୧ କେଭି ବିଦ୍ୟୁତଖୁଣ୍ଟ ଅନ୍ୟତ୍ର ଅପସାରଣ ପରେ ଚାରିପଟେ ପାଚେରି ନିର୍ମାଣ କରାଯାଇଛି। ତେବେ କୌଣସି କାରଣକୁ ନେଇ ସ୍ମାରକୀ ନିର୍ମାଣ କାର୍ଯ୍ୟ ଅଟକି ରହିଛି।

# ସଫେଇ କର୍ମଚାରୀ ନେତାଙ୍କୁ ମୁକ୍ତ କରିବା ଦାବିରେ ପ୍ରତିବାଦ

ଭୁବନେଶ୍ୱର, ୧୮।୮ (ବନ୍ଦନା ସେଠୀ)

ଚେନ୍ନାଇ ମହାନଗର ନିଗମରେ କାର୍ଯ୍ୟରତ ସଫେଇ କର୍ମଚାରୀ ନେତା ଭାରତୀଙ୍କୁ ରବିବାର ମଧ୍ୟରାତ୍ରରେ ଚେନ୍ନାଇ ପୋଲିସ ଗିରଫ କରିଛି। ତାଙ୍କୁ ପୋଲିସ ତୁରନ୍ତ ମୁକ୍ତ କରିବା ଓ ପୋଲିସ ଜୁଲମ୍ ପ୍ରତିବାଦରେ ସୋମବାର ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏହି କ୍ରମରେ ଏଆଇସିସିଟିୟୁ ଓ ଏଆଇଏମ୍‌ଏସ୍‌ଡବ୍ଲ୍ୟୁଏଫ୍ ପକ୍ଷରୁ ସୋମବାର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତା ନାମରେ ସଫେଇ କର୍ମଚାରୀଙ୍କୁ ଶୋଷଣ କରିବା ଓ କମ୍ ଦରମାରେ କାମ କରାଇବା ମାନବ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ସଫେଇ କର୍ମଚାରୀଙ୍କ ମାସିକ ଦରମା ୨୬ହଜାର ଟଙ୍କାକୁ ବୃଦ୍ଧି କରିବା, ଛଟେଇ ବନ୍ଦ କରିବା ଓ ଦେଶରେ ଆଉଟ୍‌ସୋର୍ସିଂକୁ ବନ୍ଦ କରିବା ଦାବିରେ ଏହି ପ୍ରତିବାଦ କରାଯାଇଥିବା ଏଆଇସିସିଟିୟୁ ଓ ଏଆଇଏମ୍‌ଏସ୍‌ଡବ୍ଲ୍ୟୁଏଫ୍‌ର ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା କହିଛନ୍ତି। ଅଆଇସିସିଟିୟ ଉପସଭାପତି ବଂଶୀଧର ପରିଡ଼ା, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ବାସୁଦେବ ସ୍ୱାଇଁ, ସଫେଇ କର୍ମଚାରୀ ନେତା ହେମନ୍ତ ପ୍ରଧାନ, ଉପେନ୍ଦ୍ର ସାହୁ ଅଂଶଗ୍ରହଣ କରିଥିଲେ।

# ଓୟୁଏଟି ସିପିଜିଏସ୍‌ର ୧୩ତମ ବାର୍ଷିକ ଉତ୍ସବ




ଭୁବନେଶ୍ୱର,୧୮।୮(ସୁଚିସ୍ମିତା ସାହୁ)

ଓୟୁଏଟି ଅଧୀନ ସେଣ୍ଟର ଫର ପୋଷ୍ଟ ଗ୍ରାଜୁଏଟ ଷ୍ଟଡିଜ୍(ସିପିଜିଏସ)ର ୧୩ତମ ବାର୍ଷିକ ଉତ୍ସବ 'ସତ୍ତ୍ୱା' କୃଷି କଲେଜ ହଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡିନ ପ୍ରଫେସର ଚନ୍ଦ୍ରମଣି ଖଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏହା ପରେ ଛାତ୍ର କମିଟି ସଦସ୍ୟ ରାହୁଲ ଅଭିଜିତ କର ବାର୍ଷିକ ରିପୋର୍ଟ ପାଠ କରିଥିଲେ। ଡବ୍ଲ୍ୟୁଇଓ ଉପ-ସଭାପତି ଅଶୋକ ବାସା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିପିୟୁଟି କୁଳପତି ଅମୀୟ କୁମାର ରଥ ଓ ଓୟୁଏଟି କୁଳପତି ପ୍ରଭାତ କୁମାର ରାଉଳ ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ର କମିଟି ଉପଦେଷ୍ଟା ଜ୍ୟୋତି ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିବା ବେଳେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶ କରିଥିବା ବୈଜ୍ଞାନିକ ଡ. ଦେବ ପ୍ରସାଦ ମଲ୍ଲିକ ସୂଚନା ଦେଇଛନ୍ତି।

# ଚନ୍ଦ୍ରଶେଖରପୁର ମୌଜାରୁ ହଟିଲା ଜବରଦଖଲ



ଭୁବନେଶ୍ୱର, ୧୮।୮(ବନ୍ଦନା ସେଠୀ)

ଚନ୍ଦ୍ରଶେଖରପୁର ମୌଜା ଅନ୍ତର୍ଗତ ପ୍ଲଟ ନଂ.୩୨୧ରେ ହୋଇଥିବା ଜବରଦଖଲକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ସୋମବାର ଉଚ୍ଛେଦ କରାଯାଇଛି। ସମ୍ପୃକ୍ତ ଅଞ୍ଚଳର ପ୍ରାୟ ୩୪୧ ଡିସିମିଲ ଜମିକୁ କେତେଜଣ ଜବରଦଖଲକାରୀ କବ୍‌ଜା କରି ଘର ତିଆରି କରିଥିଲେ। ଏପରିକି କିଛି ଘରକୁ ଭଡାରେ ମଧ୍ୟ ଲଗାଯାଇଥିଲା। ସାଧାରଣ ପ୍ରଶାସନ ବିଭାଗ(ଜିଏ) ଅତିରିକ୍ତ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବଙ୍କ ରିକ୍ୟୁଜିଶନ୍ କ୍ରମେ ବିଡିଏ ଉଚ୍ଛେଦକାରୀ ଦଳ ୧, ୨, ୩, ୪, ୫ ଓ ୬ ଉକ୍ତ ଜମିରେ ହୋଇଥିବା ବେଆଇନ ନିର୍ମାଣ ମାଟିରେ ମିଶାଇ ଦେଇଛି। ପ୍ରାୟ ୩୨୭ ଡିସିମିଲ ଜମିକୁ ଜବରଦଖଲମୁକ୍ତ କରାଯାଇଥିବାବେଳେ ଉଚ୍ଛେଦରେ ୪ଟି ଛାତଘର, ୩ଟି ଲୁହା ଗେଟ, ଦୁଇଟି ଶୌଚାଳୟ, ଦୁଇଟି ଅର୍ଦ୍ଧନିର୍ମିତ ଘର, ଦୁଇଟି ପାଣି ଟାଙ୍କି ସହିତ ୧୦୦ଫୁଟ ଲମ୍ବର ବାଡ଼ ଭଙ୍ଗା ଯାଇଛି। ଏଥିରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ସାଧାରଣ ପ୍ରଶାସନ ବିଭାଗ(ଜିଏ)ର ସହକାରୀ ନିର୍ଦ୍ଦେଶକ ସର୍ଭେ ଓ ଏନ୍‌ଫୋର୍ସମେଣ୍ଟ ଅମିୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୭୩ ମଇଁଷି ମୃତ୍ୟୁ: କ୍ଷତିପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର, ୧୮।୮(ବନ୍ଦନା ସେଠୀ)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅନ୍ତର୍ଗତ ଏକମାଣିଆ ଗ୍ରାମର ତିନି ପରିବାରର ୭୩ଟି ମଇଁଷିଙ୍କର ରବିବାର ମୃତ୍ୟୁ ଘଟିଛି। ବିଷମିଶା ନାଳି ପାଣି ପିଇ ମଇଁଷି ମରିଥିବା ସନ୍ଦେହ କରାଯାଉଛି। ମଇଁଷିଙ୍କ ମୃତ୍ୟୁ ଏସବୁ ପରିବାର ଲୋକେ ଜୀବିକା ହରାଇ ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ତେଣୁ ମଇଁଷି ପିଛା ୧ଲକ୍ଷ ଟଙ୍କା ଭାବେ ୭୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଚିଠି ଲେଖାଯାଇଛି। ନଈ, ନାଳ, ଗାଁ ପୋଖରୀ ଏବଂ ଜୋର ଆଦିରେ ବେଆଇନ ବିଷ ପକାଇ ମାଛ ମରାଯାଉଛି। ମାରିବା ମାଫିଆମାନଙ୍କର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି। ଫଳରେ ଜୀବଜନ୍ତୁ ବିପଦରେ ପଡ଼ିବା ସହ ମୃତ୍ୟୁବରଣ କରୁଛନ୍ତି। ତେଣୁ ଏହି ବେଦନାଦାୟକ ଘଟଣାରେ ସମ୍ପୃକ୍ତ ଚିଙ୍ଗୁଡ଼ି ମାଫିଆଙ୍କ ବିରୋଧରେ ତୁରନ୍ତ ତଦନ୍ତ କରାଯାଇ ସେମାନଙ୍କୁ ଗିରଫ କରିବାକୁ ମହାସଂଘ ଅଧ୍ୟକ୍ଷ ରବି ବେହେରା ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିସହ ନଈ, ନାଳରେ ବିଷ ମିଶାଇ ପରିବେଶ ପ୍ରଦୂଷଣ କରୁଥିବା ଓ ଜୀବଜନ୍ତୁଙ୍କ ମୃତ୍ୟୁର କାରଣ ହେଉଥିବା ମାଫିଆଙ୍କ ବିରୋଧରେ ସ୍ୱତନ୍ତ୍ର ଆଇନ୍ ଆଣିବାକୁ ମହାସଂଘ ଦାବି କରିଛି।




ସ୍ଥାୟୀ ନିଯୁକ୍ତି ଦାବିରେ ନିଖିଳ ଓଡ଼ିଶା ପୌର ଏମ୍‌ଆଇଏସ୍ କମ୍ପ୍ୟୁଟର ପ୍ରୋଗ୍ରାମର, କମ୍ୟୁନିଟି ଅର୍ଗାନାଇଜର ଓ ଆକାଉଣ୍ଟାଣ୍ଟମାନେ ସୋମାବାର ଲୋୟର ପିଏମ୍‌ଜିରେ ଅନିର୍ଦ୍ଦିଷ୍ଟ କାଳ ପ୍ରର୍ଯ୍ୟନ୍ତ ଧାରଣା ଦେଇଛନ୍ତି।

# ଚିକେନ୍ ବ୍ୟବସାୟୀଙ୍କୁ ଆକ୍ରମଣ

## ବିଲ୍‌ଡର, ପୂର୍ବତନ ବିଧାୟକଙ୍କ ନାମରେ ଅଭିଯୋଗ

ଭୁବନେଶ୍ୱର,୧୮।୮(ସତ୍ୟଜିତ୍ ରାଉତ)

ଡମଣା ଛକ ନିକଟରେ ଥିବା ଏକ ଚିକେନ ଦୋକାନୀଙ୍କୁ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି। ଆହତ ବ୍ୟବସାୟୀ ହେଲେ ସୁଦର୍ଶନ ସାହୁ। ସୁଦର୍ଶନଙ୍କୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଏହି ଆକ୍ରମଣରେ ଦୋକାନରେ କାମ କରୁଥିବା ୩ଜଣ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଏନେଇ ସୁଦର୍ଶନଙ୍କ ଭାଇବୋହୂ ମନ୍ଦାକିନୀ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେବାପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ଉକ୍ତ ଚିକେନ୍ ଦୋକାନ (ମନୋଜ ବ୍ରଏଲର୍ ସେଣ୍ଟର) ଜାଗାକୁ ନେଇ ଥିବା ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଜଣେ ପୂର୍ବତନ ବିଧାୟକ, ବିଲ୍‌ଡର ଓ ଅନ୍ୟ କେତେଜଣଙ୍କ ନାଁ ନେଇ ମନ୍ଦାକିନୀ ଅଭିଯୋଗ କରିଛନ୍ତି।

ଉକ୍ତ ବ୍ୟକ୍ତିମାନେ ଗୁଣ୍ଡା ପଠାଇ ଏହି ଘଟଣା ଘଟାଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ରବିବାର ବିଳମ୍ବିତ ରାତିରେ ଦୋକାନ ନିକଟରେ କାର୍‌ରେ ସୁଦର୍ଶନ ଥିବାବେଳେ ୮ରୁ ଊର୍ଦ୍ଧ୍ୱ ଯୁବକ ମାରଣାସ୍ତ୍ର ଧରି ଆସିଥିଲେ। ସେମାନେ କାର୍ କାଚକୁ ଭାଙ୍ଗି ଆକ୍ରମଣ କରିଥିଲେ। ମନ୍ଦାକିନୀଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ତାଙ୍କ ସ୍ୱାମୀ ମନୋଜ ସାହୁ ଓ ଦେଢ଼ଶୁର ସୁଦର୍ଶନଙ୍କୁ ଗୁଣ୍ଡା ପଠାଯାଇ ଧମକ୍ ଦିଆଯାଇଥିଲା। ଏପରି କି ଚିକେନ୍ ଦୋକାନ ଖାଲି କରିବାକୁ କୁହାଯାଇଥିଲା। ନ ହେଲେ ଜୀବନରୁ ମାରିଦେବେ ବୋଲି ସେମାନେ କହିଥିଲେ। ସୁଦର୍ଶନଙ୍କୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଥାନାଧିକାରୀ ତୁଷାରକାନ୍ତ ସେଠୀ କହିଛନ୍ତି, ସୁଦର୍ଶନ କାରରେ ଥିବାବେଳେ ଠେଙ୍ଗା ଓ ମାରଣାସ୍ତ୍ର ଆଦିରେ ତାଙ୍କୁ ଆକ୍ରମଣ ହୋଇଛି। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରାଯାଇ ବିଭିନ୍ନ ଦିଗକୁ ନେଇ ତଦନ୍ତ ହେଉଛି। ଏଯାଏ କୌଣସି ଅଭିଯୁକ୍ତଙ୍କୁ ଧରାଯାଇନାହିଁ। ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ପ୍ରୟାସ ଚାଲିଥିବା ଥାନାଧିକାରୀ ସେଠୀ କହିଛନ୍ତି।

# ୱାର୍ଡ ବୁଲି ପରିମଳ ତଦାରଖ କରିବେ ବିଏମ୍‌ସି ଅଧିକାରୀ

ଭୁବନେଶ୍ୱର, ୧୮।୮ (ବନ୍ଦନା ସେଠୀ)

କ୍ଷେତ୍ର ପରିଦର୍ଶନ କରି ପରିମଳ ତଦାରଖ କରିବେ ବିଏମ୍‌ସି ଅଧିକାରୀ। ସହରରେ ପରିମଳକୁ ସୁଦୃଢ଼ କରିବା ସହିତ ବିକାଶ କାର୍ଯ୍ୟର ନିୟମିତ ତଦାରଖ ପାଇଁ ବିଏମ୍‌ସି କମିଶନର ଚଞ୍ଚଳ ରାଣା ଏନେଇ ନିର୍ଦ୍ଦେଶ ଜାରି କରିଛନ୍ତି। ଏଣିକି ପ୍ରତ୍ୟେକ ଅଧିକାରୀ ସପ୍ତାହକୁ ୩ଦିନ କ୍ଷେତ୍ର ପରିଦର୍ଶନ କରିବେ। ଏଥିପାଇଁ ୩୨ଜଣ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବା ସହିତ ଅଞ୍ଚଳ ବଣ୍ଟା ଯାଇଛି। ଏହି ଅଧିକାରୀମାନେ ପରିମଳ ସମ୍ପର୍କରେ ଟିକିନିଖି ନିରୀକ୍ଷଣ କରିବା ସହ ଭୁବନେଶରକୁ ଆଉଟିକେ ଆଗକୁ ନେବାର ପ୍ରୟାସ କରିବେ ଏବଂ ଆନୁସଙ୍ଗିକ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ। ସେହିପରି ଏପରି ଅଭ୍ୟାସରେ ଗୋଷ୍ଠୀ ଭାଗିଦାରିତା ବଢ଼ିବ ଏବଂ ସହଭାଗୀତା ମାଧ୍ୟମରେ ପ୍ରଗତି ଚରିତାର୍ଥ ହେବ ବୋଲି କମିଶନର ଆଶାବ୍ୟକ୍ତ କରିଛନ୍ତି।

# ଓୟୋ ହୋଟେଲରୁ ଛାତ୍ରଙ୍କ ମୃତଦେହ ଜବତ

ଭୁବନେଶ୍ୱର,୧୮।୮(ସତ୍ୟଜିତ୍ ରାଉତ)

ତମାଣ୍ଡୋ ଥାନା ଅନ୍ତର୍ଗତ ଭଗବାନପୁର ଅଞ୍ଚଳରେ ଥିବା ଏକ ଓୟୋ ହୋଟେଲରୁ ସୋମବାର ଜଣେ ଛାତ୍ରଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ଛାତ୍ର ଜଣକ ହେଲେ ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳର ସିପୁନ ମୁରାରି (୨୫)। ଫ୍ୟାନ୍‌ରେ ଗାମୁଛା ଦ୍ୱାରା ଝୁଲୁଥିବା ଅବସ୍ଥାରେ ପୋଲିସ ତାଙ୍କ ମୃତଦେହ ଜବତ କରିଥିଲା। ଏନେଇ ତମାଣ୍ଡୋ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ସିପୁନ ଭୁବନେଶ୍ୱରର ଏକ କଲେଜରେ ବିଫାର୍ମ ପଢୁଥିଲେ। ଗତ ମାସେ ହେବ ସିପୁନ ଉକ୍ତ ଓୟୋ ହୋଟେଲରେ ରହୁଥିଲେ। ସିପୁନଙ୍କ ମୃତଦେହ ଝୁଲୁଥିବାନେଇ ହୋଟେଲ କର୍ମଚାରୀ ପୋଲିସକୁ ଖବର ଦେଇଥିଲେ। ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ବସନ୍ତ କୁମାର ଦଳେଇ କହିଛନ୍ତି।


**ODISHA CONSTRUCTION CORPORATION LIMITED, BHUBANESWAR, ODISHA**
PIN:751012, Tel.No. (0674) 2562020, e-Mail:theoccltd@odishaconstruction.com
GSTIN- 21AAACO2571K2ZM
"e- Procurement Notice No-35/OCCL/2025-26 (Online)
**No.CAD-1439:** On-line percentage rate tender is invited for the following work.

| Sl. No. | Name of Work | Bid Identification No. | Approx. value of work | Bid Security (in Rs.) | Period of Completion (in Months) | Availability & Submission of tender of Tender (online) |
|---|---|---|---|---|---|---|
| 1 | **Development of Hirakud Dam Museum-** for "Integrated Master Plan of Hirakud Reservoir" | OCCL_ SMP/13/ 2025-26 | Rs.20.58 Crore | Rs.20,59,000/- | **12 Calendar Months** | From 18/08/2025 03.30 Hrs to 08/09/2025, 05.30 Hrs |

Procurement Officer : Managing Director, OCCL
Date of Opening of the Tender: **09.09.2025, 15.30 Hrs. onwards**
Further details can be seen from the e-procurement portal: https://www.tendersodisha.gov.in, https://odishaconstruction.com
OIPR-34120/11/0063/2526 **Sd./- Managing Director**

**OFFICE OF THE REMUNA NAC, BALASORE**
No.1257 Date : 16.08.2025
**E-Procurement Notice**
**Bid Identification No. RN_03_2025-26**
## OFFICE OF THE SUPERINTENDING ENGINEER BALASORE (ROADS & BUILDINGS) DIVISION-II

No.B-414

AT/PO - BHASKARGANJ, BALASORE
CONTACT NO. : 06782-263149, E MAIL ID : eepwdbls2@gmail.com

**SHORT TENDER CALL NOTICE**
**BID INVITATION NO. SE (R AND B) BLS-II-15 / 2025-26**
**No.5254 dt.16.08.2025**

| | | |
|---|---|---|
| 1 | The Superintending Engineer, Balasore (R&B) Division-II, Balasore on behalf of the Governor of Odisha invites percentage rate bids to be received in ONLINE MODE only for Roads & Buildings works. | |
| 2 | No. of Work | : 1 No. |
| 3 | Nature of work | : Building Work |
| 4 | Class of Contractor | : **"B" Class of Contractor** |
| 5 | Approx. value of work | : Rs.87.72 Lakhs |
| 6 | Tender Cost | : Rs.10000.00 per work |
| 7 | Availability of Bid Documents in the website | : From 10.00 AM of 20.08.2025 to 4.00 PM of 06.09.2025 |
| 8 | Date of Opening of Bid | : Dt.06.09.2025 at 4.30 PM |
| 9 | Other details can be seen in the Bidding documents from the website : https://tendersorissa.gov.in. | |

Sd./- Superintending Engineer
Balasore (R&B) Division-II
OIPR-34155/11/0025/2526

## ସର୍ବସାଧାରଣ ନୋଟିସ

No.XXXIII-19:ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଖୋର୍ଦ୍ଧା ଜଳସେଚନ ବିଭାଗ ଦ୍ୱାରା "Rajua Diversion Weir" ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ଉପବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଖୋର୍ଦ୍ଧାରେ ହୋଇଥିବା ନିମ୍ନଲିଖିତ ଜମି ଅଧିଗ୍ରହଣ ମକଦ୍ଦମାଗୁଡିକୁ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ନିର୍ଦ୍ଦେଶକ୍ରମେ ବାତିଲ କରାଗଲା ।

| ମୌଜାର ନାମ | ମକଦ୍ଦମା ସଂଖ୍ୟା | ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଜମି ଅଧିଗ୍ରହଣ ଘୋଷଣା ସଂଖ୍ୟା/ତାରିଖ | ସ୍ଥିତି |
|---|---|---|---|
| ନରଣଗଡ଼ | ୧୧/୨୦୦୬ | ୪୭୬୬୮/୦୩.୧୨.୨୦୦୭ | ବାତିଲ |
| ଗ୍ରାମେଶ୍ୱରପୁର | ୦୩/୨୦୦୬ | ୪୧୫୮୨/୧୭.୧୦.୨୦୦୭ | ବାତିଲ |
| ଗ୍ରାମେଶ୍ୱରପୁର | ୧୦/୨୦୦୬ | ୪୭୬୯୮/୦୩.୧୨.୨୦୦୭ | ବାତିଲ |
| ଗ୍ରାମେଶ୍ୱରପୁର | ୧୨/୨୦୦୬ | ୪୭୬୯୨/୦୩.୧୨.୨୦୦୭ | ବାତିଲ |
| ସଢ଼େଇଗଡ଼ | ୦୮/୨୦୦୬ | ୪୭୭୦୪/୦୩.୧୨.୨୦୦୭ | ବାତିଲ |
| ସଢ଼େଇଗଡ଼ | ୦୭/୨୦୦୬ | ୪୭୬୬୨/୦୩.୧୨.୨୦୦୭ | ବାତିଲ |
| ଡିହଖଳା | ୦୫/୨୦୦୭ | ୩୫୯୫୪/୧୯.୦୮.୨୦୦୮ | ବାତିଲ |
| ବ୍ରଜମୋହନପୁର | ୦୪/୨୦୦୬ | ୪୧୫୮୮/୧୭.୧୦.୨୦୦୭ | ବାତିଲ |
| ମେଦିନୀ | ୦୧/୨୦୦୬ | ୪୧୫୭୪/୧୭.୧୦.୨୦୦୭ | ବାତିଲ |
| ଧବଳପୁର | ୦୯/୨୦୦୬ | ୪୭୬୮୬/୦୩.୧୨.୨୦୦୭ | ବାତିଲ |
| ସରଧାପୁର | ୦୨/୨୦୦୬ | ୪୧୫୯୫/୧୭.୧୦.୨୦୦୭ | ବାତିଲ |
| କୁରୁମପଡ଼ା | ୦୬/୨୦୦୬ | ୪୭୬୭୪/୦୩.୧୨.୨୦୦୭ | ବାତିଲ |
| କୁରୁମପଡ଼ା | ୦୫/୨୦୦୬ | ୪୭୬୮୦/୦୩.୧୨.୨୦୦୭ | ବାତିଲ |

ଜିଲ୍ଲାପାଳ ଖୋର୍ଦ୍ଧାଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./-
ଭୂଅର୍ଜନ ଅଧିକାରୀ, ଖୋର୍ଦ୍ଧା
OIPR-24381/14/0008/2526

See Career Appointment on every Wednesday & Saturday

## ସଂକ୍ଷେପରେ

### ଓୟୋ ହୋଟେଲରୁ ଛାତ୍ରଙ୍କ ମୃତଦେହ ଜବତ

ଭୁବନେଶ୍ୱର/ଅସ୍ତରଙ୍ଗ,୧୮।୮ (ସର୍ବଜିତ୍ ରାଉତ/ପ୍ରଦୀପ କୁମାର ଦିକ୍ଷିତ)

ତମାଣ୍ଡୋ ଥାନା ଅନ୍ତର୍ଗତ ଭଗବାନପୁର ଅଞ୍ଚଳରେ ଥିବା ଏକ ଓୟୋ ହୋଟେଲରୁ ସୋମବାର ଜଣେ ଛାତ୍ରଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ଛାତ୍ର ଜଣକ ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ସିପୁନ ମୁରାରି (୨୫)। ଫ୍ୟାନ୍‌ରେ ଗାମୁଛା ଦ୍ୱାରା ଝୁଲୁଥିବା ଅବସ୍ଥାରେ ପୋଲିସ ତାଙ୍କ ମୃତଦେହକୁ ଜବତ କରିଥିଲା। ଏନେଇ ତମାଣ୍ଡୋ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ସିପୁନ ଭୁବନେଶ୍ୱରର ଏକ କଲେଜରେ ବିଫାର୍ମ ପଢୁଥିଲେ। ଗତ ମାସେ ହେବ ସିପୁନ ଉକ୍ତ ଓୟୋ ହୋଟେଲରେ ରହୁଥିଲେ। ସିପୁନଙ୍କ ମୃତଦେହ ଝୁଲୁଥିବାନେଇ ହୋଟେଲ କର୍ମଚାରୀ ପୋଲିସକୁ ଖବର ଦେଇଥିଲେ। ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ବସନ୍ତ କୁମାର ଦଳେଇ କହିଛନ୍ତି।

### ଗୁରୁଦିବସ ସମାରୋହ ପାଇଁ ବିଭିନ୍ନ ପ୍ରତିଯୋଗିତା

ପୁରୀ,୧୮।୮ (ଅଜିତ୍ କୁମାର ମହାନ୍ତି)

ଛାତ୍ର, ଶିକ୍ଷକ, ଅଭିଭାବକ ସମନ୍ୱୟ ସମିତି ପକ୍ଷରୁ ଗୁରୁଦିବସ ସମାରୋହ ଉପଲକ୍ଷେ ସୋମବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ରଚନା, ଶ୍ରୁତଲିଖନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆଦି ଓଡ଼ିଶା ସଂଗୀତ ପରିଷଦଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଚକ୍ରଧର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ କବି ତଥା ସାଂସ୍କୃତିକ ସଂଗଠକ ଶିବସୁନ୍ଦର ମିଶ୍ର, ସମ୍ମାନିତ ଅତିଥି ଭାବେ ଅର୍ଜୁନ ପରମ୍‌ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଅନାମ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସୁକାନ୍ତ ପଣ୍ଡା, ପୁଲକ ମିଶ୍ର, ବିଜୟ କୁମାର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଚଳିତବର୍ଷ ଗୁରୁଦିବସ ସମାରୋହ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହେବ। ଚଳିତବର୍ଷ ମଧ୍ୟ 'ଗୁରୁ ଗୌରବ ସମ୍ମାନ' ପ୍ରଦାନ କରାଯିବ। ବିଶ୍ୱବିଦ୍ୟାଳୟସ୍ତରରେ ଡ. ନରେଶ ଚନ୍ଦ୍ର ଦାଶ, ଉଚ୍ଚ ବିଦ୍ୟାଳୟସ୍ତରରେ ଅର୍ଜୁନ ପରମ୍‌ଗୁରୁ, ପ୍ରାଥମିକ ବିଦ୍ୟାଳୟସ୍ତରରେ ଅନିମା ଦାଶ, କଳା ସଂସ୍କୃତି କ୍ଷେତ୍ରରେ ଡ. ଦୁର୍ଗାପ୍ରସାଦ କର, କ୍ରୀଡ଼ାକ୍ଷେତ୍ରରେ ଭଗବାନ ସୁଆରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ଗୁରୁଶିଷ୍ୟ ସମ୍ପର୍କିତ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର ବିବରଣୀ ପାଠ କରିଥିଲେ।

# ଅସ୍ତରଙ୍ଗର ୬ରୁ ଊର୍ଦ୍ଧ୍ୱ କ୍ଲଷ୍ଟରରେ ନାହାନ୍ତି ସିଆର୍‌ସିସି

ଅସ୍ତରଙ୍ଗ,୧୮।୮ (ପ୍ରଦୀପ କୁମାର ଦିକ୍ଷିତ)



ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ୧୩ଟି କ୍ଲଷ୍ଟର ମଧ୍ୟରୁ ୬ଟିରେ ସିଆରସିସିଙ୍କ କାର୍ଯ୍ୟକାଳ ବର୍ଷକରୁ ଅଧିକ ହେବ ପୂରିଯାଇଛି। ଅବଶିଷ୍ଟ ୭ଟି ମଧ୍ୟରୁ ଖାଡ଼ଲିଙ୍ଗ କ୍ଲଷ୍ଟର ଦାୟିତ୍ୱରେ ଥିବା ଶିକ୍ଷକଙ୍କ ମୃତ୍ୟୁ ଘଟିବା ପରେ ପଦ ଖାଲିପଡ଼ିଥିବା ବେଳେ ଅନ୍ୟ ୩ଟି କ୍ଲଷ୍ଟର ସିଆରସିସି କାର୍ଯ୍ୟକାଳ ଖୁବ୍‌ଶୀଘ୍ର ଶେଷହେବ ବୋଲି ଜଣାପଡ଼ିଛି। ଏହା ସହ ୩ଟି କ୍ଲଷ୍ଟର ଦାୟିତ୍ୱରେ ଥିବା ସିଆରସିସି କାର୍ଯ୍ୟକାଳ ୩ ବର୍ଷ ହୋଇଛି। ଏଭଳି ସ୍ଥିତିରେ ସିଆର୍‌ସିସି ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ ହେଉ ନ ଥିବାରୁ ବ୍ଲକରେ ଶିକ୍ଷା ବ୍ୟବସ୍ଥା ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ, ସର୍ବଶିକ୍ଷା ଅଭିଯାନରୁ ସମଗ୍ର ଶିକ୍ଷା ଅଭିଯାନକୁ ପରିବର୍ତ୍ତିତ ହୋଇଥିବା ଶିକ୍ଷା ବ୍ୟବସ୍ଥାରେ କ୍ଲଷ୍ଟରରେ ସିଆରସିସି, ଏବିଇଓ, ବିଇଓ ପଦବୀ ରହିଥିଲା ବେଳେ ଜିଲ୍ଲାସ୍ତରରେ ଡିଇଓ ପଦ ରହିଛି। ତୃଣମୂଳସ୍ତରରୁ ସିଆର୍‌ସିସିମାନେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ବିଇଓ କାର୍ଯ୍ୟାଳୟ ସହ ଯୋଗାଯୋଗ ରକ୍ଷାକରି ଶିକ୍ଷା ବ୍ୟବସ୍ଥାରେ ପ୍ରମୁଖ ଭୂମିକା ନେଉଛନ୍ତି। ବିଭିନ୍ନ ସମୟରେ ସରକାରଙ୍କ ନୂତନ ଶିକ୍ଷାନୀତି ସମ୍ପର୍କରେ ସେମାନେ ସୂଚନା ଦେବା ସହ ଏହାର କାର୍ଯ୍ୟକାରିତା ତଥା ଅଗ୍ରଗତି ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛନ୍ତି। ବିଇଓ ଅଫିସ୍ ଓ ସ୍କୁଲ ସହ ଯୋଗାଯୋଗର ସେତୁ ପରି କାର୍ଯ୍ୟ କରୁଥିବା ସିଆର୍‌ସିସିଙ୍କର କାର୍ଯ୍ୟକାଳ ୫ ବର୍ଷ ରହିଛି। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନ ୧୩ କ୍ଲଷ୍ଟର ମଧ୍ୟରେ ପଡ଼ିୟାରୀ, ଡେରୁଣିଆ, ଅସନ, ବାଲିପନ୍ତାଳ, ଅସ୍ତରଙ୍ଗ, ଖାଡ଼ଲିଙ୍ଗ, ନାଗପୁର, ବଳଭଦ୍ରପୁର, ମାଣ୍ଡୁକି, ସରିପୁର, ଉଦୟପୁର, ଶିଖିଆ ଓ ରାଇବେରୁଆଁ ରହିଥିବା ବେଳେ ସେଥିମଧ୍ୟରୁ ୬ ସିଆରସିସିଙ୍କ କାର୍ଯ୍ୟକାଳ ଦୀର୍ଘଦିନ ହେବ ସରିଯାଇଛି। ସେମାନଙ୍କ ସ୍ଥାନରେ ନୂଆ ସିଆରସିସି ନିଯୁକ୍ତି ପାଇଁ ପ୍ରକ୍ରିୟା ଏଯାଏ ଆରମ୍ଭ ହୋଇପାରିନାହିଁ। ଡିଇଓ ତଥା ଡିପିସି ଏ ନେଇ ପରୀକ୍ଷା କରାଇ କାର୍ଯ୍ୟକାଳ ପୂରିଯାଇଥିବା ସିଆରସିସିଙ୍କ ସ୍ଥାନରେ ନୂଆ ସିଆରସିସି ନିଯୁକ୍ତି ଦେବାକୁ ସଚେଷ୍ଟ ହେଉନାହାନ୍ତି। ସେହିପରି ରୁହେଁ, ଜଣଙ୍କର ମୃତ୍ୟୁ ଓ ୩ ସିଆରସିସିଙ୍କ କାର୍ଯ୍ୟକାଳ ପୂରିବାକୁ ଆଉ କମ୍ ଦିନ ରହିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି କରାଯାଇଛି।

# ବଗଳା ଧର୍ମଶାଳାରେ ବେନିୟମ ନିର୍ମାଣକୁ ବିରୋଧ



ବେନିୟମ ନିର୍ମାଣ କାର୍ଯ୍ୟକୁ ବିରୋଧକରି ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ପୁରୀ,୧୮।୮ (ଅଜିତ୍ କୁମାର ମହାନ୍ତି)

ବଗଳା ଧର୍ମଶାଳା ପରିସରରେ ବେନିୟମ ନିର୍ମାଣ କାର୍ଯ୍ୟକୁ ବିରୋଧକରି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପୁରୀ ଶାଖା ପକ୍ଷରୁ ସୋମବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଏଏପି ପକ୍ଷରୁ ଦର୍ଶାଯାଇଛି, ବଗଳା ଧର୍ମଶାଳା ଗରିବଙ୍କ ପାଇଁ ସମର୍ପିତ ହୋଇଥିଲା। ପୂର୍ବ ସରକାରଙ୍କ ସମୟରେ ୬ ଜଣଙ୍କୁ ବଗଳା ଜମି ଆବଣ୍ଟନ ହୋଇଥିଲା। ଏହାକୁ ଭାଜପା ବିରୋଧ କରିବା ସହ ବର୍ତ୍ତମାନର ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ଏନେଇ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। କୋର୍ଟ ଏହା ଉପରେ ରହିତାଦେଶ ଲଗାଇଥିଲେ। ତେବେ ବଗଳାରେ ଜଣେ ସେବାୟତ ତାଙ୍କର ଗୃହ ନିର୍ମାଣ କରୁଛନ୍ତି, ଯାହା ବେଆଇନ। ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ କେମିତି କୋର୍ଟଙ୍କ ରାୟକୁ ଅବମାନନା କରି ନିର୍ମାଣ କାର୍ଯ୍ୟ ହେଉଛି ତାହାକୁ ନେଇ ଏଏପି ପ୍ରଶ୍ନ ଉଠାଇଛି। ସବୁ ଜାଣି ମଧ୍ୟ ଜିଲା ପ୍ରଶାସନ ରୋକ୍ ଲଗାଉନାହିଁ। ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ମଧ୍ୟ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଯଦି ପ୍ରଶାସନ ଓ ସରକାର ବଗଳାଠାରେ ଚାଲିଥିବା ବେଆଇନ ନିର୍ମାଣକୁ ବନ୍ଦ ନ କରନ୍ତି, ତେବେ ଆଗାମୀ ଦିନରେ ଏଏପି ପକ୍ଷରୁ ଆମରଣ ଅନଶନ କରାଯିବ ବୋଲି କୁହାଯାଇଛି। ଏହି ବିକ୍ଷୋଭ ପ୍ରଦର୍ଶନୀରେ ଏଏପିର ସଞ୍ଜୀବ ମହାନ୍ତି, ତପସ୍ୱିନୀ ଜଗଦ୍ଦେବ, ସନ୍ଧ୍ୟା ଦାସ, ସମିନା ନାୟକ, ରମାକାନ୍ତ ସ୍ୱାଇଁ, ରବୀନ୍ଦ୍ର ସାହୁ, ଦେବ ପ୍ରଧାନ, ଅନିଲ ସେନାପତି, ଜନ୍ମେଜୟ ସ୍ୱାଇଁ, ଯୁଧିଷ୍ଠିର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଗଷ୍ଟକ୍ରାନ୍ତି ସ୍ମାରକୀ ରଥକୁ ଶହୀଦ ପୀଠରେ ସ୍ୱାଗତ

ନିମାପଡ଼ା,୧୮।୮ (ବିଚିତ୍ରାନନ୍ଦ ସାହୁ)

ଅଗଷ୍ଟକ୍ରାନ୍ତି ସ୍ମାରକ ରଥ ଅଗଷ୍ଟ ୧୭ରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ମାଥିଲି ଠାରୁ ବାହାରି ସୋମବାର ନିମାପଡ଼ାର ଶହୀଦ ଉଛବ ମଲିକଙ୍କ ପୀଠରେ ପହଞ୍ଚିଥିଲା। ଏହି ରଥରେ ଶହୀଦ ତୀର୍ଥଯାତ୍ରାର ସଭାପତି ତ୍ରୈଲୋଚନ ଜେନା ଓ ସ୍ତ୍ରୀ ବନଲତା ଜେନାଙ୍କ ସମେତ ୫ଜଣ ଶହୀଦ ତୀର୍ଥଯାତ୍ରୀ ନିମାପଡ଼ା ଶହୀଦ ସ୍ମୃତିସ୍ତମ୍ଭ ନିକଟରେ ପହଞ୍ଚି ଉଛବ ମଲିକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ନିମାପଡ଼ା ଶହୀଦ ପୀଠରୁ ମାଟି ନେଇ କଳସ ସହ ବ୍ରହ୍ମପୁର ଅଭିମୁଖେ ଯାତ୍ରା କରିଥିଲେ। ନିମାପଡ଼ା ଠାରେ ଶହୀଦ ତୀର୍ଥ ଯାତ୍ରୀଙ୍କୁ ଅଗଷ୍ଟକ୍ରାନ୍ତି ସ୍ମାରକୀ ରଥକୁ ନିମାପଡ଼ା ଶହୀଦ ସ୍ମୃତି ସଂସଦର ସମ୍ପାଦକ ବେଣୁଧର ସେନାପତି, କୋଷାଧ୍ୟକ୍ଷ ଦୟାନିଧି ସାହୁ, ସଦସ୍ୟ ଜୀବନାନନ୍ଦ ମହାପାତ୍ର, ସ୍ୱାଧୀନତା ସଂଗ୍ରାମୀ ଦାୟାଦ ସଂଘର ସଭାପତି ଆର୍ତ୍ତବନ୍ଧୁ ସେନାପତି, ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଉପାଧ୍ୟକ୍ଷ ସନ୍ତୋଷ ଦାସ, ପୂର୍ବତନ ଅଧ୍ୟକ୍ଷ ସନାତନ ପ୍ରଧାନ, ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷା ମିନତୀ ସେନାପତି, ରୁଚିକା ସମାଜ ମଙ୍ଗଳ ସଂଗଠନର ଭାଗ୍ୟଶ୍ରୀ ପରିଜା, ଶ୍ରଦ୍ଧାଞ୍ଜଳି ଲାଲା, ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ସମେତ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଭବ୍ୟ ସ୍ୱାଗତ ଜଣାଇଥିଲେ। ଶହୀଦ ପରିବାରବର୍ଗଙ୍କୁ ଉପଯୁକ୍ତ ମାନ୍ୟତା ପ୍ରଦାନ କରାଯିବା, ଶହୀଦ ଦିବସରେ ଶହୀଦ ପରିବାର ଓ ଦାୟାଦମାନଙ୍କୁ ସମ୍ବର୍ଦ୍ଧିତ କରାଯିବା, ଦେଶ ସମ୍ବିଧାନର ସୁରକ୍ଷା ଏହି ଯାତ୍ରାର ମୂଳମନ୍ତ୍ର ବୋଲି ଶହୀଦ ତୀର୍ଥଯାତ୍ରାର ସଭାପତି ଜେନା ଓ ନିମାପଡ଼ା ଶହୀଦ ସ୍ମୃତି ସଂସଦର ସମ୍ପାଦକ ଡ. ବେଣୁଧର ସେନାପତି କହିଛନ୍ତି।



ଶହୀଦ ତୀର୍ଥଯାତ୍ରାର ସଭାପତିଙ୍କ ସମେତ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ଶହୀଦ ଉଛବ ମଲିକଙ୍କ ସ୍ମୃତି ସ୍ତମ୍ଭ ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ସରସ୍ୱତୀ ଶିଶୁମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ

ଯୋଗେଶ୍ୱରପୁର, ୧୮।୮ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଓ ୭୯ତମ ସ୍ୱାଧୀନତା ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ତଥା ବିଦ୍ୟାଳୟ ପ୍ରଥମ ପରିଚାଳନା କମିଟିର ସଭାପତି ପ୍ରଭାତ ରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଦେଶ ପାଇଁ ଜଣେ ଛାତ୍ରର କର୍ତ୍ତବ୍ୟ କିପରି ହେବା ଆବଶ୍ୟକ ତାହା ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ପ୍ରସନ୍ନ କୁମାର ସ୍ୱାଇଁ, ସମ୍ପାଦକ ମାନସ କୁମାର ସାହୁ, ଯୁଗ୍ମ ସମ୍ପାଦିକା ବିଷ୍ଣୁପ୍ରିୟା ନାୟକ, କୋଷାଧ୍ୟକ୍ଷ ବିମଳକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଭୀମସେନ ରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଗୁରୁଜୀ ତ୍ରିଲୋଚନ ମିଶ୍ର ଧନ୍ୟବାଦ ଦେଇଥିଲେ। ଜନ୍ମାଷ୍ଟମୀ ଅବସରରେ ଶ୍ରୀକୃଷ୍ଣ ବେଶ ପ୍ରତିଯୋଗିତାରେ ୩୨ଜଣ ଶିଶୁ ଭାଗ ନେଇଥିଲେ। ପ୍ରଭାତଫେରିରେ ଶିଶୁମାନେ ନିକଟସ୍ଥ ଯୋଗେଶ୍ୱରପୁରଠାରୁ ନୟାହାଟ ବଜାର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗୁରୁମା', ଗୁରୁଜୀ ସହଯୋଗ କରିଥିଲେ।

# କଣାସରେ ଗଣେଶ ପୂଜା ପ୍ରସ୍ତୁତି ବୈଠକ

କଣାସ,୧୮।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବଜାର ଓ ଆଖପାଖ ଗ୍ରାମରେ ପ୍ରତିବର୍ଷ ପରି ଏବର୍ଷ କରାଯାଉଥିବା ଗଣେଶ ପୂଜା ଓ ଭସାଣି ଉତ୍ସବ କିପରି ସରସ ସୁନ୍ଦର ହେବ ଓ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ସେଥିପାଇଁ ସାମାଜିକ କର୍ମୀ ତପନ ସୁନ୍ଦରାୟଙ୍କ ଉଦ୍ୟମରେ ଦୋକନ୍ଦା ପଞ୍ଚାୟତ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁକାନ୍ତ କିଶୋର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କଣାସ ଥାନା ଆଇଆଇସି ପ୍ରସନ୍ନ ନାୟକ ଯୋଗ ଦେଇଥିବା ବେଳେ କଣାସ ସରପଞ୍ଚ ଭଗବାନ୍ ସୁବୁଦ୍ଧି, ଦୋକନ୍ଦା ସରପଞ୍ଚ ଈଶ୍ୱର ହରିଚନ୍ଦନ, ସିରେଇ ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ପରିଡ଼ା, ବରିଷ୍ଠ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ସମୀର କେଶରୀ ବଳିୟାରସିଂହ, ଶ୍ରୀକାନ୍ତ ପାଇଯୋଷୀ ଏବଂ କଣାସ କୁଞ୍ଜେଶ୍ୱରୀ ବଜାର, କଣାସ ଗ୍ରାମ, କଣାସ ବସ୍‌ଷ୍ଟାଣ୍ଡ, କଣାସ ଗୋଲାବଜାର, ବାଲିପାଟଣା, ନୂଆଦୋକନ୍ଦା, କଦଳୀଦଣ୍ଡା, ଭାଟପଡ଼ା, ପୋତାଘର, ଚାନ୍ଦପଡ଼ା, ବାଲିଘାଇ ଛକ, ବ୍ଲକ ଛକ, ଜଳିଆପଡ଼ା, ଗାଣ୍ଡାପଡ଼ା, ବିଶ୍ୱାଳିପଡ଼ା ଏବଂ ଡିମିରି ଗ୍ରାମରେ ଅନୁଷ୍ଠିତ ହେଉଥିବା ୨୦ଟି ସ୍ଥାନର ମଣ୍ଡପର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ଥିଲେ। କଣାସ ଥାନାଧିକାରୀ ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହିତ କଣାସରେ କିପରି ଗଣେଶ ଭସାଣି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ସେନେଇ ବିଭିନ୍ନ ସୂଚନା ଦେଇଥିଲେ। ପ୍ରତ୍ୟେକ ପୂଜା କମିଟିର କର୍ମକର୍ତ୍ତାମାନେ ପୋଲିସକୁ ପୂର୍ଣ୍ଣ ସହଯୋଗ କରିବା ପାଇଁ ସେ ଅନୁରୋଧ କରିଥିଲେ। ଆସନ୍ତା ୨ ତାରିଖ ମଙ୍ଗଳବାର ଭସାଣି ଉତ୍ସବ ଅନୁଷ୍ଠିତ ହେବା ପାଇଁ ସଭାରେ ସ୍ଥିର କରାଯାଇଥିଲା। ମଝିରେ ଆଉ ଏକ ବୈଠକ ତହସିଲ୍‌ଦାର, ବିଡିଓ, ବିଦ୍ୟୁତ୍ ବିଭାଗ ଅଧିକାରୀ, ଥାନାଧିକାରୀ ଏବଂ ପୂଜା ପରିଚାଳନା କମିଟି ମଧ୍ୟରେ ହେବା ପାଇଁ ସ୍ଥିର ହୋଇଛି।

# ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସାଧାରଣ ବୈଠକ

ପୁରୀ,୧୮।୮ (ଅଜିତ୍ କୁମାର ମହାନ୍ତି)

ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ନବକଳେବରରୋଡ୍‌ସ୍ଥିତ ମା' ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଗଠନର ବାର୍ଷିକ ଉତ୍ସବ ଓ ଗୁରୁ ଦିବସ ସମାରୋହ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ସୂଚନା ଦେଇ କହିଛନ୍ତି, ସଂଗଠନର ବାର୍ଷିକ ଉତ୍ସବ ଓ ଗୁରୁଦିବସ ସମାରୋହ ଆସନ୍ତା ୫ ତାରିଖ(ଶୁକ୍ରବାର) ୟୁଥ୍ ହଷ୍ଟେଲ ସଭାଗୃହରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ୯ଜଣ କୃତୀ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହିତ ଜିଲାର ୧୧ ବ୍ଲକରେ ୨୦୨୫ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୧୭ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଛାତ୍ର ଗୌରବ ସମ୍ମାନରେ ସମ୍ମାନିତ ହେବାକୁ ଥିବା ୧୭ ମେଧାବୀ ଛାତ୍ରୀଛାତ୍ରଙ୍କ ପ୍ରଧାନଶିକ୍ଷକ ଓ ସେମାନଙ୍କ ଅଭିଭାବକଙ୍କୁ ଜଣାଇ ଦିଆଯାଇଛି ବୋଲି ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ସୂଚନା ଦେଇଥିଲେ। ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ଲକ୍ଷ୍ମୀଧର ମିଶ୍ର, ଚନ୍ଦ୍ରଶେଖର ମିଶ୍ର, ପ୍ୟାରୀମୋହନ ପଟ୍ଟନାୟକ, ବ୍ରହ୍ମାନନ୍ଦ ଦାସ, ସୁରେନ୍ଦ୍ର ଜେନା, ବ୍ରହ୍ମାନନ୍ଦ ସାହୁ, ରମେଶ ଚନ୍ଦ୍ର ପଣ୍ଡା, ଆଶାଲତା ପ୍ରଧାନ, ମିନତି ଓତା, ଅଞ୍ଜଳି ରଥ ଓ ବିଜୟ କୁମାର ପଣ୍ଡା, ବାଇଧର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ରମେଶ ଚନ୍ଦ୍ର ବଳିୟାରସିଂ ଧନ୍ୟବାଦ ଦେଇଥିଲେ।


## ODISHA CONSTRUCTION CORPORATION LIMITED, BHUBANESWAR, ODISHA

PIN:751012, Tel.No. (0674) 2562020, e-Mail:theoccltd@odishaconstruction.com
GSTIN- 21AAACO2571K2ZM

"e- Procurement Notice No-35/OCCL/2025-26 (Online)

No.CAD-1439: On-line percentage rate tender is invited for the following work.

| Sl. No. | Name of Work | Bid Identification No. | Approx. value of work | Bid Security (in Rs.) | Period of Completion (in Months) | Availability & Submission of tender of Tender (online) |
|---|---|---|---|---|---|---|
| 1 | **Development of Hirakud Dam Museum-** for "Integrated Master Plan of Hirakud Reservoir" | OCCL_ SMP/13/ 2025-26 | Rs.20.58 Crore | Rs.20,59,000/- | **12 Calendar Months** | From 18/08/2025 03.30 Hrs to 08/09/2025, 05.30 Hrs |

Procurement Officer : Managing Director, OCCL
Date of Opening of the Tender: **09.09.2025, 15.30 Hrs. onwards**
Further details can be seen from the e-procurement portal: https://www.tendersodisha.gov.in, https://odishaconstruction.com

OIPR-34120/11/0063/2526 **Sd./- Managing Director**

## OFFICE OF THE REMUNA NAC, BALASORE

No.1257 Date : 16.08.2025

**E-Procurement Notice**

**Bid Identification No. RN_03_2025-26**

**No.C-906** : Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

01. Name of the Work : Civil works as mentioned in DTCN
02. No. of works : 48 Nos.
03. Estimated Cost : As per Work List
04. Period of Completion : As per DTCN
05. Date and Time of Bidding : 18.08.2025, 11 AM to 06.09.2025, 5 PM
06. Last date and time for receipt : 06.09.2025 up to 5.00 P.M.
07. Bids received online shall be opened on : 08.09.2025 from 11.00 A.M. onwards
08. Name and address of the Officer Inviting Bid : Executive Officer, Remuna NAC

Further details can be seen from the e-procurement portal i.e.https://tendersodisha.gov.in/nicgep/app.

Sd./- Executive Officer
Remuna NSC

OIPR-13204/11/0020/2526

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER MINOR IRRIGATION DIVISION, SAMBALPUR

Phone No.(0663)-2412791, E-mail:eemisbp@yahoo.co.in

**e-Procurement Notice**

**1st Corrigendum to BID REFERENCE No.SEMIDSBP/02/2025-26**

No.A-515: Due to unavoidable circumstances the following changes are made to BID REFERENCE No. SEMIDSBP/02/2025-26.

1. The date & time of availability of Bid document in the portal from dt.22.08.2025 at 11.00 AM to dt.06.09.2025 upto 5.30 PM instead of dt.13.08.2025 at 11.00 AM to dt.29.08.2025 upto 5.30 PM.
2. Period of receipt of bid through online from dt.22.08.2025 at 11.00 AM to dt.06.09.2025 upto 5.30 PM instead of dt.13.08.2025 at 11.00 AM to dt.29.08.2025 upto 5.30 PM.
3. Date of opening of bid documents on dt.08.09.2025 at 10.00 AM onwards. All other terms & conditions remain unaltered.

Sd./- Superintending Engineer
M.I.Division, Sambalpur

OIPR-32036/11/0022/2526

## GOVERNMENT OF ODISHA
## BLOCK DEVELOPMENT OFFICER, PANCHAYAT SAMITI, KASHIPUR

No.i-282

E-mail : ori-kashipur@nic.in

**INVITATIONS FOR BIDS (I.F.B.)**

**e-Procurement Notice**

**IDENTIFICATION NO. KSP-01/2025-26, DT.20.08.2025**

Letter No.2627/2025 Date : 18.08.2025

1) The **Block Development Officer, Panchayat Samiti, Kashipur, Dist. : Rayagada** on behalf of Govt. of Odisha invites **Percentage Rate** bid in **Single** Cover System in **ONLINE MODE** for the construction of **Building works (Civil)** as detailed in the **Detailed Tender Call Notice (D.T.C.N.)** from the eligible class of contractors.
2) No. of works : **13 (Thirteen) Nos.**
3) Cost of Tender Paper : **Rs.6,000/- (Rupees Six Thousand) only**
4) Class of contractor : **"D" & "C" Class**
   1) Date & time of available in website & receipt online : **11:00 Hrs. of 22.08.2025 to 17:00 Hrs. of 08.09.2025**
   2) Date of opening of Technical Bid : **11:00 Hrs. of 09.09.2025**
   The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
5) Any corrigendum / Addendum will be displayed in the website https://tendersodisha.gov.in only.

By order of BDO, KASHIPUR
Sd./- Block Development Officer
Panchayat Samiti, Kashipur

OIPR-19448/11/0001/2526

## ODISHA COMPUTER APPLICATION CENTRE
## REQUEST FOR PROPOSAL

OCAC

Enq.No.:-OCAC-SEGP-INFRA-0012-2025-25082

**No.U-28:** Odisha Computer Application Centre (OCAC) invites Request for Proposal (RFP) for Selection of Agency for Procurement, Supply & Installation of Digital Smart TVs for PMSHRI School, Odisha. For details please visit websites www.ocac.in & www.odisha.gov.in.

The bid shall be submitted in electronic mode only in the portal https://enivida.odisha.gov.in latest by **20.09.2025, by 2:00 PM**. OCAC reserves the right to accept or reject any or all tender without assigning any reason thereof.

**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295

OIPR-16003/11/0112/2526

## ସର୍ବସାଧାରଣ ନୋଟିସ

No.XXXIII–19:ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଖୋର୍ଦ୍ଧା ଜଳସେଚନ ବିଭାଗ ଦ୍ୱାରା "Rajua Diversion Weir" ପ୍ରକଳ୍ପ ନିମନ୍ତେ ଭୂ–ଅର୍ଜନ ଉପବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଖୋର୍ଦ୍ଧାରେ ହୋଇଥିବା ନିମ୍ନଲିଖିତ ଜମି ଅଧିଗ୍ରହଣ ମକଦ୍ଦମାଗୁଡ଼ିକୁ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ନିର୍ଦ୍ଦେଶକ୍ରମେ ବାତିଲ କରାଗଲା ।

| ମୌଜାର ନାମ | ମକଦ୍ଦମା ସଂଖ୍ୟା | ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଜମି ଅଧିଗ୍ରହଣ ଘୋଷଣା ସଂଖ୍ୟା/ତାରିଖ | ସ୍ଥିତି |
|---|---|---|---|
| ନରଣଗଡ଼ | ୧୧/୨୦୦୬ | ୪୭୬୬୮/୦୩.୧୨.୨୦୦୭ | ବାତିଲ |
| ଗ୍ରାମେଶ୍ୱରପୁର | ୦୩/୨୦୦୬ | ୪୧୫୮୨/୧୭.୧୦.୨୦୦୭ | ବାତିଲ |
| ଗ୍ରାମେଶ୍ୱରପୁର | ୧୦/୨୦୦୬ | ୪୭୬୯୮/୦୩.୧୨.୨୦୦୭ | ବାତିଲ |
| ଗ୍ରାମେଶ୍ୱରପୁର | ୧୨/୨୦୦୬ | ୪୭୬୯୨/୦୩.୧୨.୨୦୦୭ | ବାତିଲ |
| ସଢ଼େଇଗଡ଼ | ୦୮/୨୦୦୬ | ୪୭୭୦୪/୦୩.୧୨.୨୦୦୭ | ବାତିଲ |
| ସଢ଼େଇଗଡ଼ | ୦୭/୨୦୦୬ | ୪୭୬୬୨/୦୩.୧୨.୨୦୦୭ | ବାତିଲ |
| ଡିହଖଳା | ୦୫/୨୦୦୭ | ୩୫୯୫୪/୧୯.୦୮.୨୦୦୮ | ବାତିଲ |
| ବ୍ରଜମୋହନପୁର | ୦୪/୨୦୦୬ | ୪୧୫୮୮/୧୭.୧୦.୨୦୦୭ | ବାତିଲ |
| ମେଦିନୀ | ୦୧/୨୦୦୬ | ୪୧୫୭୪/୧୭.୧୦.୨୦୦୭ | ବାତିଲ |
| ଧବଳପୁର | ୦୯/୨୦୦୬ | ୪୭୬୮୬/୦୩.୧୨.୨୦୦୭ | ବାତିଲ |
| ସରଧାପୁର | ୦୨/୨୦୦୬ | ୪୧୫୯୫/୧୭.୧୦.୨୦୦୭ | ବାତିଲ |
| କୁରୁମପଡ଼ା | ୦୬/୨୦୦୬ | ୪୭୬୭୪/୦୩.୧୨.୨୦୦୭ | ବାତିଲ |
| କୁରୁମପଡ଼ା | ୦୫/୨୦୦୬ | ୪୭୬୮୦/୦୩.୧୨.୨୦୦୭ | ବାତିଲ |

ଜିଲ୍ଲାପାଳ ଖୋର୍ଦ୍ଧାଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./–
ଭୂଅର୍ଜନ ଅଧିକାରୀ, ଖୋର୍ଦ୍ଧା

OIPR-24381/14/0008/2526

## DIRECTORATE OF TEACHER EDUCATION AND SCERT : ODISHA: BHUBANESWAR

**TENDER CALL NOTICE OF NMMS EXAMINATION FOR THE YEAR 2025-26**

**NOTICE**

No.5079 Date : 18.08.2025

**No.n-125** : Tenders are invited from reputed agencies for conduct of Offline OMR based NMMS Examination for the year, 2025-2026. The prospective bidders must meet the qualifying criteria mentioned in the technical qualification of the tender. They should have capacity to prepare question paper, conduct of examination, publication of result and other related works as prescribed in the tender document relating to NMMS Examination, 2025-2026 for the Directorate of TE and SCERT, Odisha.

1. Date of release of Tender : **20.08.2025**
2. Last date of submission of Tender : **09.09.2025 (05.00 P.M.)**
3. Pre-Bid Meeting : **30.08.2025**

After Pre-bid meeting, the corrected RFP shall be published in the SCERT website on 01.09.2025. Objections, if any, may be sent to the Directorate through official e-mail.

Detailed terms, condition, schedules and Tender Documents can be seen/ downloaded from the SCERT website i.e., www.scertodisha.nic.in E-mail ID: tescertodisha@gmail.com.

Sd./- Director, TE and SCERT,
Odisha, Bhubaneswar

OIPR-27006/11/0020/2526

## ପୌରପାଳିକା, ନବରଙ୍ଗପୁର
## OFFICE OF THE MUNICIPALITY, NABARANGPUR NABARANGPUR (ODISHA), PIN-764059

TEL / FAX NO. - 06858-222031, E-mail : municipalityngpr@gmail.com

**Quotation Call Notice**

No.3489 Date : 18.08.2025

No.C-912 : Nabarangpur Municipality is seeking sealed quotations from reputable suppliers/ dealers/firms for the supply and installation of various materials, **Mahatma Gandhi Statue, Vertical Garden Pots, Plants, Automatic Irrigation system, Acrylic letter,3D acrylic or stainless-steel letters with lights, Wire, Light and Barbed Wire etc..** All details are listed in the quotation document. The quotations must be submitted to the Office of the Executive Officer of Nabarangpur Municipality during office hours on all working days until **29.08.2025 at 1:00 PM** from the date of publication. Any quotations received after the due date will not be considered. The quotations will be opened on **29.08.2025 at 4:00 PM** in the presence of the quoters or their authorized agents. A refundable **Earnest Money Deposit** (EMD) of **Rs. 10,000/-** in the form of a Bank Draft or Banker's Cheque made out to the **Executive Officer, Nabarangpur Municipality** must be submitted along with the quotations. Quotations lacking valid documentation are subject to rejection.

The quotation/tender document contains essential bid Technical and Financial information, along with terms and conditions for the procurement of **Mahatma Gandhi Statue, Vertical Garden Pots, Plants, Automatic Irrigation system, Acrylic letter, 3D acrylic or stainless-steel letters with lights, Wire, Light and Barbed Wire**. All the necessary details are outlined in the quotation document, which will be available for purchase on any working day during office hours (10 AM to 4 PM) from **August 19, 2025 to August 29, 2025**, at Nabarangpur Municipality. The cost of the document is **Rs. 5,000.00**.

The authority reserves the right to accept or reject any or all the Tender without assigning any reason thereof.

Sd./- Executive Officer
Nabarangpur Municipality

OIPR-13065/11/0023/2526

## OFFICE OF THE SUPERINTENDING ENGINEER BALASORE (ROADS & BUILDINGS) DIVISION-II

No.B-414

AT/PO - BHASKARGANJ, BALASORE
CONTACT NO. : 06782-263149, E MAIL ID : eepwdbls2@gmail.com

**SHORT TENDER CALL NOTICE**

**BID INVITATION NO. SE (R AND B) BLS-II-15 / 2025-26**
**No.5254 dt.16.08.2025**

| | | |
|---|---|---|
| 1 | The Superintending Engineer, Balasore (R&B) Division-II, Balasore on behalf of the Governor of Odisha invites percentage rate bids to be received in ONLINE MODE only for Roads & Buildings works. | |
| 2 | No. of Work | 1 No. |
| 3 | Nature of work | Building Work |
| 4 | Class of Contractor | **"B" Class of Contractor** |
| 5 | Approx. value of work | Rs.87.72 Lakhs |
| 6 | Tender Cost | Rs.10000.00 per work |
| 7 | Availability of Bid Documents in the website | From 10.00 AM of 20.08.2025 to 4.00 PM of 06.09.2025 |
| 8 | Date of Opening of Bid | Dt.06.09.2025 at 4.30 PM |
| 9 | Other details can be seen in the Bidding documents from the website : https://tendersorissa.gov.in. | |

Sd./- Superintending Engineer
Balasore (R&B) Division-II

OIPR-34155/11/0025/2526

See Career Appointment on every Wednesday & Saturday

# ଏସ୍‌ସିବିରେ ପୁଣି କାର୍ଯ୍ୟକ୍ଷମ ହେବ ଯକୃତ ପ୍ରତିରୋପଣ ବ୍ୟବସ୍ଥା

କଟକ,୧୮।୮(ଶିଳ୍ପା ପ୍ରିୟଦର୍ଶିନୀ)

■ସ୍ୱାସ୍ଥ୍ୟ ସଚିବଙ୍କ ସହ ଏଆଇଜି କର୍ତ୍ତୃପକ୍ଷଙ୍କ ଆଲୋଚନା
■ ଗତ ସପ୍ତାହରେ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ

ଏସ୍‌ସିବି ମେଡିକାଲରେ ଯକୃତ ପ୍ରତିରୋପଣ ଜାରି ରଖିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଚେଷ୍ଟା ଆରମ୍ଭ କରାଯାଇଛି। ସୋମବାର ସନ୍ଧ୍ୟାରେ ଭୁବନେଶ୍ୱର ଡିଏମ୍‌ଇଟି କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟସଚିବ ଏସ.ଅଶ୍ୱସ୍ତି ହାଇଦ୍ରାବାଦର ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଏଆଇଜି)ର ବରିଷ୍ଠ ଉପସଭାପତି ସନ୍ତୋଷ କୁମାର ସାହୁଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଛନ୍ତି। ଏଆଇଜି ସହ ଆଉ ଥରେ ଏମ୍‌ଓୟୁ ସ୍ୱାକ୍ଷର କରାଯିବ। ପୁଣି ଥରେ ରୋଗୀଙ୍କ ସ୍କ୍ରିନିଂ ହେବା ସହ ପ୍ରତିରୋପଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଏବଂ ସ୍ଥାୟୀ ଓ ଅଭିଜ୍ଞ ଡାକ୍ତରୀ ଦଳର ଆବଶ୍ୟକତା ପୂରଣ କରିବା ବାବଦରେ ପୁଙ୍ଖାନୁପୁଙ୍ଖ ବୈଠକରେ ଆଲୋଚନା କରାଯାଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଗତ ଗୁରୁବାର କଟକ ସହର ସମସ୍ୟାକୁ ନେଇ ହାଇକୋର୍ଟରେ ଶୁଣାଣି ବେଳେ ଏସ୍‌ସିବି ମେଡିକାଲରେ ଖୁବ୍‌ଶୀଘ୍ର ଯକୃତ ପ୍ରତିରୋପଣ ବ୍ୟବସ୍ଥା ଆରମ୍ଭ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ବିଚାରପତି ସଙ୍ଗମ କୁମାର ସାହୁ ଏବଂ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି ସମୟରେ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ଶୁଣାଣିରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଓ ଏସ୍‌ସିବି ଅଧୀକ୍ଷକ ଆଭାସି ଯୋଗେ ହାଜର ହୋଇ ଅଦାଲତରେ ସତ୍ୟପାଠ ଦାଖଲ କରିଥିଲେ। ସ୍ୱାସ୍ଥ୍ୟ ସଚିବ ତାଙ୍କ ସତ୍ୟପାଠରେ ଦର୍ଶାଇଥିଲେ ଯେ, ୨୦୨୩ରେ ହାଇଦ୍ରାବାଦର ଏଆଇଜି ଏବଂ ବେଙ୍ଗାଲୁରୁ ଆଷ୍ଟର ସିଏମ୍‌ଆଇ ଟେଣ୍ଡର ଜରିଆରେ ଚୟନ ହୋଇଥିଲେ। ସେମାନଙ୍କ ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଗୋଟିଏ ବର୍ଷ ମଧ୍ୟରେ ଦୁଇଟି ଯକୃତ ପ୍ରତିରୋପଣ କରାଯାଇଛି। ଏମ୍‌ଓୟୁର ମିଆଦ ଶେଷ ହେବା ପରେ ସେମାନଙ୍କ ସେବା ଜାରି ରଖିବାକୁ ଆଲୋଚନା ପାଇଁ ଚିଠି ହୋଇଛି। ଏଆଇଜି ତରଫରୁ ଏନେଇ ଉତ୍ତର ମିଳିଛି ଓ ଚଳିତ ସପ୍ତାହ ଶେଷରେ ବୈଠକ ଅନୁଷ୍ଠିତ ହେବ। ଏମ୍‌ଜିଏମ୍ ଚେନ୍ନାଇ ଏସ୍‌ସିବିରେ ଯକୃତ ଏବଂ ଅସ୍ଥିମଜ୍ଜା ସମେତ ଅନ୍ୟାନ୍ୟ ପ୍ରତିରୋପଣ ମଧ୍ୟ ମାଗଣାରେ କରିବାକୁ ଆଗ୍ରହ ପ୍ରକାଶ କରିଛି। ସେହିପରି ହେମାଟୋଲୋଜି ବିଭାଗରେ ଅସ୍ଥିମଜ୍ଜା ପ୍ରତିରୋପଣ ପାଇଁ ଦକ୍ଷ ଡାକ୍ତରଙ୍କୁ ନିୟୋଜିତ କରାଯାଇଛି ବୋଲି ସ୍ୱାସ୍ଥ୍ୟ ସଚିବ କହିଥିଲେ। ଅପରପକ୍ଷରେ ଏସ୍‌ସିବି ମେଡିକାଲର ୩ ହଜାର ରୋଗୀ ଶଯ୍ୟା ରହିଥିବା ବେଳେ ରିଡେଭଲପମେଣ୍ଟ ଯୋଜନାରେ ପ୍ରାୟ ଦୁଇ ହଜାର ଅତିରିକ୍ତ ଶଯ୍ୟା ବୃଦ୍ଧି ପାଇବ, ଯାହା ଭବିଷ୍ୟତରେ ଶଯ୍ୟାର ଆବଶ୍ୟକତାକୁ ପର୍ଯ୍ୟାପ୍ତ ଭାବରେ ପୂରଣ କରିବ। ସେହିଭଳି ଏହି ଯୋଜନାରେ ହେମାଟୋଲୋଜି ବିଭାଗରେ ବର୍ତ୍ତମାନର ୨୦ ଶଯ୍ୟା ସଂଖ୍ୟାକୁ ୬୦କୁ ବୃଦ୍ଧି କରାଯିବାର ଯୋଜନା ରହିଛି ବୋଲି ସ୍ୱାସ୍ଥ୍ୟ ସଚିବ ସତ୍ୟପାଠରେ ଦର୍ଶାଇଥିଲେ। ସୂଚନାଥାଉ କି, ଗତବର୍ଷ ସେପ୍ଟେମ୍ବରରେ ଏସ୍‌ସିବି ମେଡିକାଲରେ ଶେଷଥର ଯକୃତ ପ୍ରତିରୋପଣ କରାଯାଇଥିଲା। ଏହା ପରଠାରୁ ପ୍ରତିରୋପଣ ୟୁନିଟ୍ ଏକ ପ୍ରକାର ଅଚଳ ହୋଇପଡ଼ିଥିଲା। ପ୍ରତିରୋପଣ ଆଶାରେ ରଖି କେତେଜଣ ରୋଗୀଙ୍କ ମଧ୍ୟ ଇତିମଧ୍ୟରେ ମୃତ୍ୟୁ ଘଟିଛି।

# ଭୁଟାନ ବୌଦ୍ଧ ଶିକ୍ଷକ ପ୍ରତିନିଧିମଣ୍ଡଳୀର କିଟ୍, କିସ୍ ପରିଦର୍ଶନ



ବୌଦ୍ଧ ପ୍ରତିନିଧିମଣ୍ଡଳୀ ସହ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

ଭୁବନେଶ୍ୱର,୧୮।୮(ଅନୁରାଧା ମହାରଣା)

ଶିକ୍ଷା ସହ ସଂସ୍କାର ଏକାନ୍ତ ଅପରିହାର୍ଯ୍ୟ: ଅଚ୍ୟୁତ ସାମନ୍ତ

ଭୁଟାନ ସରକାରଙ୍କ ପକ୍ଷରୁ ଆସିଥିବା ୩୧ ଜଣିଆ ବୌଦ୍ଧ ଶିକ୍ଷକ ପ୍ରତିନିଧିମଣ୍ଡଳୀ ସୋମବାର କିଟ୍ ଓ କିସ୍ ପରିଦର୍ଶନ କରିଛି। ପରେ ସେମାନେ ଏକ ଆଧ୍ୟାତ୍ମିକ ଶିକ୍ଷଣ ଅଧିବେଶନରେ ଯୋଗ ଦେଇଥିଲେ। ଏହି ଅଧିବେଶନରେ କିଟ୍ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ଶିକ୍ଷା ଓ ସଂସ୍କାର, କର୍ମ ଓ ପ୍ରାରବ୍ଧ ଏବଂ ଆର୍ଟ ଅଫ୍ ଗିଭିଂ ବିଷୟରେ ବୁଝାଇଥିଲେ। ସାମନ୍ତ କହିଲେ, ବର୍ତ୍ତମାନ ସମୟରେ ଶିକ୍ଷା ସହ ସଂସ୍କାର ଏକାନ୍ତ ଅପରିହାର୍ଯ୍ୟ। ମଣିଷ ଯାହା କରେ ତା'ର ଫଳ ଅବଶ୍ୟ ତାକୁ ପ୍ରାପ୍ତ ହୋଇଥାଏ। ଗୀତା, ରାମାୟଣ ଓ ମହାଭାରତ ଜରିଆରେ ସାମନ୍ତ ବୁଝାଇ କହିଲେ, ଅନ୍ୟକୁ ଦୁଃଖ ଦେଇ ନିଜେ ସୁଖ ପାଇବା କ୍ଷଣିକ, ମାତ୍ର ଏହାର ପରିଣାମ ପରବର୍ତ୍ତୀ ସମୟରେ ନିଶ୍ଚିତ ଭାବେ ପ୍ରାପ୍ତ ହୋଇଥାଏ। ସେହିପରି ଆର୍ଟ ଅଫ ଗିଭିଂ ହେଉଛି ଏକ ଜୀବନ ଦର୍ଶନ। ଦେବାରେ ଆନନ୍ଦ ଥାଏ। ତେଣୁ କୌଣସି ଉପାୟରେ ଅନ୍ୟକୁ ସାହାଯ୍ୟ କରିପାରିଲେ ଜୀବନ ସୁଖମୟ ହୋଇଥାଏ ବୋଲି ସେ କହିଥିଲେ। ଏହି ୫ ଦିନିଆ ଭାବବିନିମୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ଆଧ୍ୟାତ୍ମିକତା, ଆର୍ଟ ଅଫ ଗିଭିଂ, କରୁଣା ଏବଂ ମୂଲ୍ୟଭିତ୍ତିକ ଶିକ୍ଷା ବିଷୟରେ ଜାଣିବା ସହ ଶିକ୍ଷାରେ ସଚେତନତା, କିଶୋର ଭାବପ୍ରବଣତା, ସାମାଜିକ ବିକାଶ, ବ୍ୟକ୍ତିଗତ ଏବଂ ସାମୂହିକ କଲ୍ୟାଣ ପାଇଁ ସାମଗ୍ରିକ ଦୃଷ୍ଟିକୋଣ ଭଳି ବିଷୟବସ୍ତୁ ଉପରେ ଜ୍ଞାନ ଆହରଣ କରିବେ।

# ଆଜି ରଥଯାତ୍ରା ପରବର୍ତ୍ତୀ ସମୀକ୍ଷା ବୈଠକ

ପୁରୀ,୧୮।୮(ଅଜିତ୍ କୁମାର ମହାନ୍ତି)

ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ହେବ

ରଥଯାତ୍ରା ପରବର୍ତ୍ତୀ ସମୀକ୍ଷା ବୈଠକ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ବୈଠକରେ ପୋଲିସ ଡିଜି, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି ଏବଂ ବିଭିନ୍ନ ସେବାୟତ ନିଯୋଗର ପ୍ରତିନିଧିମାନେ ଯୋଗଦେବେ। ଚଳିତବର୍ଷ ରଥଯାତ୍ରାରେ ହୋଇଥିବା ତ୍ରୁଟିବିଚ୍ୟୁତି ଓ ବିଭ୍ରାଟ ସମ୍ପର୍କରେ ଉକ୍ତ ବୈଠକରେ ସମୀକ୍ଷା କରାଯିବ। ଆଗାମୀ ରଥଯାତ୍ରାରେ ଯେଭଳି ଏହାର ପୁନରାବୃତ୍ତି ନ ଘଟେ, ସେନେଇ ବୈଠକରେ ଆଲୋଚନା କରାଯିବ। ସେହିପରି ଆଗାମୀ ଦିନରେ ରଥଯାତ୍ରାକୁ ଶୃଙ୍ଖଳିତ କରାଯିବା ନେଇ ନକ୍ସା ପ୍ରସ୍ତୁତ ହେବ। ବିଭିନ୍ନ ମତାମତ ଆଧାରରେ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରାଯିବ। ସମୀକ୍ଷା ବୈଠକ ସମ୍ପର୍କରେ ଏସପି ପିନାକ ମିଶ୍ର ସୂଚନା ଦେଇ କହିଛନ୍ତି, ମଙ୍ଗଳବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ବୈଠକରେ ରଥଯାତ୍ରା ସମ୍ପର୍କିତ ସମସ୍ତ ନୀତି, ପର୍ବପର୍ବାଣି, ଯାନିଯାତ୍ରାକୁ ଯେପରି ଶୃଙ୍ଖଳିତ କରାଯାଇପାରିବ ସେ ସଂକ୍ରାନ୍ତରେ ଆଲୋଚନା କରାଯିବ। ଦୈନନ୍ଦିନ ଭକ୍ତମାନେ ଯେପରି ମହାପ୍ରଭୁଙ୍କୁ ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେନେଇ ମଧ୍ୟ ବୈଠକରେ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ଆଗାମୀ ଏକ ସପ୍ତାହ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୂର୍ବରୁ ସୂଚନା ଦେଇଥିଲେ। ତେଣୁ ପରିଚାଳନା କମିଟି ଗଠନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇପାରେ ବୋଲି ଆଶା କରାଯାଉଛି।

# ଏମ୍‌ସରେ ଚିକିତ୍ସିତ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ

ପିପିଲି,୧୮।୮(ଦୁର୍ଗା ମାଧବ ମିଶ୍ର/ପ୍ରଭାତ ମହାପାତ୍ର)

ଦେହରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ ଘଟଣା

ପିପିଲି ଜୟପୁର ଛକ ନିକଟରେ ଗତ ୧୩ତାରିଖ ସନ୍ଧ୍ୟାରେ ଏକ ଭଡ଼ା ଘରେ ଆତ୍ମହତ୍ୟା ଉଦ୍ୟମ କରି ଏମ୍‌ସରେ ଚିକିତ୍ସିତ ହେଉଥିବା ଅର୍ଚ୍ଚନା ଦାଶ(୩୫)ଙ୍କ ସୋମବାର ସକାଳେ ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ମୃତଦେହ ପିପିଲିରେ ପହଞ୍ଚି ଥିଲା। ସେଠାରୁ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ପିପିଲି ପୌରାଞ୍ଚଳର ଜୟପୁର ଛକ ନିକଟରେ ଥିବା ଏକ ଘରେ ଅର୍ଚ୍ଚନା ଏବଂ ତାଙ୍କ ସ୍ୱାମୀ ନରେଶ ଦାଶ ରୁହନ୍ତି। ଗତ ୧୩ତାରିଖ ସନ୍ଧ୍ୟାରେ ଉକ୍ତ ଭଡ଼ାଘରେ ଅର୍ଚ୍ଚନାଙ୍କ ଶରୀରରେ ନିଆଁ ଲାଗି ଜଳୁଥିବା ପଡ଼ୋଶୀ ଦେଖିବାକୁ ପାଇଥିଲେ। ପଡ଼ୋଶୀମାନେ ଅର୍ଚ୍ଚନାଙ୍କୁ ତୁରନ୍ତ ଉଦ୍ଧାର କରି ତାଙ୍କୁ ପିପିଲି ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ପରେ ସେଠାରୁ ଏମ୍‌ସକୁ ସ୍ଥାନାନ୍ତରିତ କରାଯାଇଥିଲା। ପିପିଲି ଓ ପୁରୀ ଜିଲା ପୋଲିସ ଅଧିକାରୀ, ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସେଠାରୁ ଏକ ସୁଇସାଇଡ୍ ନୋଟ, କିରୋସିନ ବୋତଲ ଜବତ କରିଥିଲେ। ଅତ୍ୟଧିକ ଋଣ ଚାପରେ ରହି ଅର୍ଚ୍ଚନା ଆତ୍ମହତ୍ୟା ଉଦ୍ୟମ କରିଥିବା ନେଇ ପୁରୀ ଅତିରିକ୍ତ ଏସ୍‌ପି ସଚ୍ଚିନ ପଟେଲ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

# ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଲେ ଦର୍ଶ

କଟକ,୧୮।୮(ଶିଳ୍ପା ପ୍ରିୟଦର୍ଶିନୀ)



ମାନପତ୍ର ଓ ମେଡାଲ ସହ ଦର୍ଶ ଦୀକ୍ଷିତ।

ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଲେ କଟକର ସାଢ଼େ ୩ ବର୍ଷର ଶିଶୁ ଦର୍ଶ ଦୀକ୍ଷିତ। ୫୦ ରୁ ୧ ପର୍ଯ୍ୟନ୍ତ ମାତ୍ର ୩୯ ସେକେଣ୍ଡରେ ପଛୁଆ ଗଣିବା ସହ ୧୦ରୁ ୧୨ଟି ସଂସ୍କୃତ ଶ୍ଳୋକ ଓ ଜଗନ୍ନାଥ ଭଜନ ସ୍ପଷ୍ଟତାର ସହ ପାଠ କରି ଏହି ରେକର୍ଡରେ ସାମିଲ ହୋଇଥିଲେ। ଗତ ଦୁଇଦିନ ପୂର୍ବେ ଦର୍ଶଙ୍କୁ ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡ ପକ୍ଷରୁ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇଛି। ଗଞ୍ଜାମର ମୂଳ ବାସିନ୍ଦା ହେଲେ କଟକ ସିଡିଏ ସେକ୍ଟର-୧୦ରେ ବାସ କରୁଥିବା ଡା. ଦେବୀ ପ୍ରସନ୍ନ ଓ ଦୀପ୍ତି ତ୍ରିପାଠୀଙ୍କ ପୁଅ ଦର୍ଶ। ୟୁରୋକେଟ୍ ପ୍ଲେ ସ୍କୁଲରେ ଅଧ୍ୟୟନ କରୁଛନ୍ତି। ଦର୍ଶଙ୍କ ମା' ଦୀପ୍ତିଙ୍କ କହିବା ମୁତାବକ, ଦର୍ଶ ପିଲାବେଳୁ ଗଣିତ ପ୍ରତି ରୁଚି ରଖୁଥିବା ଜାଣିବାକୁ ପାଇଥିଲେ। ପ୍ରତ୍ୟେକ ଦିନ ଦର୍ଶଙ୍କୁ ସେ ବିଭିନ୍ନ ବିଷୟରେ ପାଠ ପଢାଇଥାନ୍ତି। ପୁଅର ଏଭଳି କଳାକୁ ଦେଖି ଦୀପ୍ତି ଗତ ୩ ମାସ ପୂର୍ବେ ଏହି ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡରେ ଦର୍ଶଙ୍କ ନାମ ପଞ୍ଜୀକରଣ କରିଥିଲେ। ପରେ ସେମାନଙ୍କ ପକ୍ଷରୁ ଦର୍ଶଙ୍କ ଭିଡିଓ ପଠାଇବାକୁ କୁହାଯାଇଥିଲା। ୩୯ ସେକେଣ୍ଡରେ ଦର୍ଶ ୫୦-୧ ଯାଏ ପଛୁଆ ଗଣତି କରିବାରୁ ତାଙ୍କୁ ରେକର୍ଡ ହୋଲଡର କାଟାଗୋରିରେ ଚୟନ କରାଯାଇଥିଲା। ଏହାସହ ଅନ୍ୟାନ୍ୟ ସମସ୍ତ କଳା ନେଇ ପୁରସ୍କୃତ କରାଯାଇଛି। ଦର୍ଶଙ୍କୁ ଭଲ ମଣିଷ ଭାବେ ଗଢି ତୋଳିବା ସହ ଏଭଳି ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଉତ୍ସାହିତ କରିବେ ବୋଲି ମା' ଦୀପ୍ତି କହିଛନ୍ତି।

# ଡବଲ୍ ସ୍ୱର୍ଣ୍ଣ ହାସଲକଲା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ

ତ୍ରିଶୂଳିଆ, ୧୮।୮ (ତୁଷାର କାନ୍ତ ବେହେରା)

ଆନ୍ତଃ ମହାବିଦ୍ୟାଳୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍

କଟକ ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ୨ଦିନ ଧରି ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍-୨୦୨୫ରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ମହିଳା ଓ ପୁରୁଷ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବିଜୁ ପଟ୍ଟନାୟକ ଇନଡୋର୍ ଷ୍ଟାଡିୟମରେ ଚାଲିଥିବା ଏହି ମ୍ୟାଚ୍‌ରେ ବିଶ୍ୱବିଦ୍ୟାଳୟର ପ୍ରତିଭାବାନ ଖେଳାଳି ଅରିଜିତ ସାହୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ର ଓମକାର ପଟେଲଙ୍କ ସହ ମିଶି ପୁରୁଷ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ ମହିଳା ଡବଲ୍ସରେ ବିଶ୍ୱବିଦ୍ୟାଳୟ ଛାତ୍ରୀ ରିଦ୍ଧିମା ବନୱାଲେ ଓ ଶ୍ରେୟା ପଟେଲ ସ୍ୱର୍ଣ୍ଣପଦକ ଜିତି ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ବିଶ୍ୱବିଦ୍ୟାଳୟ ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ ଶର୍ମା, ଛାତ୍ରକଲ୍ୟାଣ ବିଭାଗର ଡିନ ପ୍ରଫେସର ଜୟପ୍ରକାଶ ଭଞ୍ଜ, ଡେପୁଟି ଡାଇରେକ୍ଟର (ଆଡମିଶନ) ଡ. ମଳୟ ମଲ୍ଲ ଏବଂ ଡେପୁଟି ଡାଇରେକ୍ଟର (ମାନବସମ୍ବଳ) ଜ୍ୟୋତିରଞ୍ଜନ ଗଡ଼ନାୟକ ପ୍ରମୁଖ ବିଜୟୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଶ୍ୱବିଦ୍ୟାଳୟ ଏହି ସଫଳତା ବଜାୟ ରଖିବ ବୋଲି ଆଶା ପ୍ରକଟ କରିଛନ୍ତି।

# କଂସାରୀ ନଈରେ ବୁଡ଼ି ଯୁବକ ନିଖୋଜ

ବାଲୁଗାଁ,୧୮।୮ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଧୀନ ବାଙ୍କିଆପଲ୍ଲୀ ଗ୍ରାମ ପାର୍ଶ୍ୱ ଦେଇ ପ୍ରବାହିତ କଂସାରୀ ନଈରେ ବୁଡ଼ି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ଉକ୍ତ ବାଙ୍କିଆପଲ୍ଲୀ ଗ୍ରାମର ସ୍ୱର୍ଗତ ବାବୁଲା ବେହେରାଙ୍କ ପୁତ୍ର ଆଶୀର୍ବାଦ ବେହେରା (୨୦)। ଖବର ନେବାରେ ଜଣାପଡ଼ିଛି ଯେ, ସୋମବାର ସକାଳେ ଆଶୀର୍ବାଦ ସାଙ୍ଗମାନଙ୍କ ସହିତ କଂସାରୀ ନଈକୁ ଗାଧୋଇବା ପାଇଁ ଯାଇଥିଲେ। ଲଘୁଚାପଜନିତ ବର୍ଷା ଯୋଗୁ ନଈରେ ପାଣିର ସ୍ରୋତ ଅଧିକ ରହିଥିବାବେଳେ ଅସାବଧାନତାବଶତଃ ଆଶୀର୍ବାଦ ଗଭୀର ଜଳରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ସେ ବୁଡ଼ିଯିବା ଦେଖି ସାଙ୍ଗମାନେ ବହୁ ଖୋଜାଖୋଜି କରି କୌଣସି ସନ୍ଧାନ ପାଇ ନ ଥିଲେ। ଖବର ପାଇ ଗ୍ରାମବାସୀ ପହଞ୍ଚି ଡଙ୍ଗା ସାହାଯ୍ୟରେ ଖୋଜାଖୋଜି କରି ମଧ୍ୟ ବିଫଳ ହୋଇଥିଲେ। ପରେ ବାଲୁଗାଁ ପୋଲିସ, ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ନଈର ପ୍ରଖର ସ୍ରୋତରେ ଆଶୀର୍ବାଦ ଚିଲିକାକୁ ଭାସିଯାଇଥିବା ଅନୁମାନ କରାଯାଉଛି।

# ଖଣି କମ୍ପାନୀ ସହ ମାଓବାଦୀ ଲିଙ୍କ୍

୧୦ ଟନ୍ ବିସ୍ଫୋରକ ଜବତ ସହ ୩ ଗିରଫ ଘଟଣା

ଭୁବନେଶ୍ୱର,୧୮।୮(ସତ୍ୟଜିତ୍ ରାଉତ)

କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ପୋଲିସ ୧୦ ଟନ୍ ବିସ୍ଫୋରକ ଜବତ ସହ ୩ ଜଣଙ୍କୁ ଗିରଫ ଘଟଣାରେ ବଡ଼ତଥ୍ୟ ସାମ୍ନାକୁ ଆସିଛି। ବେଆଇନ ଖଣି କମ୍ପାନୀ ସହ ମାଓବାଦୀଙ୍କ ଲିଙ୍କ୍ ରହିଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ଏ ଦିଗରେ ରାଜ୍ୟ ପୋଲିସ ତଦନ୍ତକୁ ଜୋର୍‌ଦାର କରିଛି। ଗଞ୍ଜାମରୁ ଜବତ ବିସ୍ଫୋରକ ଏବଂ ଗତ ଜୁଲାଇ ୧୭ରେ କନ୍ଧମାଳ କୁମ୍ଭା ଜଙ୍ଗଲରେ ମାଓବାଦୀ ଡମ୍ପରୁ ଜବତ ବିସ୍ଫୋରକ ସାମଗ୍ରୀ(୬୬ଟି ଡିଟୋନେଟର) ଗୋଟିଏ କମ୍ପାନୀର ରହିଛି। ବିସ୍ଫୋରକର ନାମ ଆପେକ୍ସ ବୁଷ୍ଟ ରହିଥିବା ବେଳେ କମ୍ପାନୀର ନାମ ଏପି ଏକ୍ସପ୍ଲୋସିଭ୍‌ସ ପ୍ରାଇଭେଟ୍ ଲିଃ ରହିଛି। ତେଣୁ ବେଆଇନ ଖଣି ବ୍ୟବସାୟୀମାନେ ବିସ୍ଫୋରକ ସାମଗ୍ରୀ ଆଣି ମାଓବାଦୀଙ୍କୁ ଯୋଗାଉଥିବା ଜଣାପଡ଼ିଛି। ତୁମୁଡ଼ିବନ୍ଧ ପୋଲିସ ଗିରଫ କରିଥିବା ୩ ଜଣଙ୍କୁ ଗୋଇନ୍ଦା ବିଭାଗ ମଧ୍ୟ ଏନେଇ ଜେରା କରିବ ବୋଲି ସୂଚନା ମିଳିଛି। ତେବେ ପଥର ଖଣିକୁ ଆସୁଥିବା ବିସ୍ଫୋରକ ମାଓବାଦୀ ସଂଗଠନକୁ ଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏନେଇ ସୋମବାର ଆଣ୍ଟି ନକ୍ସଲ ଅପରେଶନ୍ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି, ମାଓବାଦୀଙ୍କୁ ବିସ୍ଫୋରକ ଚାଲାଣ ଦିଗରେ ଆମେ ଅଧିକ ତଦନ୍ତ କରିବୁ। ବିସ୍ଫୋରକ ରହୁଥିବା ସ୍ଥାନରେ ଯାଞ୍ଚ କଡ଼ାକଡ଼ି କରାଯାଉଛି। ଯେଉଁମାନେ ବେଆଇନ ଭାବେ ବିସ୍ଫୋରକ ରଖୁଛନ୍ତି, ସେମାନଙ୍କ ଉପରେ ନଜର ରଖିଛୁ। ମାଓବାଦୀ ଅଞ୍ଚଳରେ ତଦନ୍ତକୁ ଜୋର୍‌ଦାର କରୁଛୁ ବୋଲି ଏଡିଜି ପଣ୍ଡା କହିଛନ୍ତି।

ଅନ୍ୟପକ୍ଷରେ ତୁମୁଡ଼ିବନ୍ଧ ପୋଲିସର ଜବତ ଘଟଣାରେ ଏକାଧିକ ମାଷ୍ଟରମାଇଣ୍ଡ ରହିଥିବା ପୋଲିସ ଜାଣିବାକୁ ପାଇଛି। ମାଓବାଦୀଙ୍କୁ ବିସ୍ଫୋରକ ଯୋଗାଣ ନେଇ ଆନ୍ଧ୍ରପ୍ରଦେଶରୁ ଗଞ୍ଜାମକୁ ଚେର ଲମ୍ବିଥିବା ବେଳେ ପୋଲିସ ଏହାକୁ ଗୁରୁତ୍ୱର ସହ ନେଇଛି। ତେବେ ଖଣି ଉତ୍ତୋଳନକାରୀ ମାଲିକଙ୍କ ଉପରେ ସନ୍ଦେହ ବଢୁଥିବାରୁ ରାଜ୍ୟରେ ଥିବା ମାଇନିଂ କମ୍ପାନୀର ଯାଞ୍ଚ ପାଇଁ ପୋଲିସ ଯୋଜନା କରୁଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ ତୁମୁଡ଼ିବନ୍ଧ ପୋଲିସ ଆମ୍ବେଡ୍‌କର ଛକଠାରେ ଯାଞ୍ଚ କରିବା ବେଳେ ଏକ ପିକ୍‌ଅପ୍‌ରୁ ୨.୫ ଟନ୍ ବିସ୍ଫୋରକ ମିଳିଥିଲା। ଗାଡ଼ି ଚାଳକଙ୍କୁ ଜେରା ପରେ ସେ ଚମାଖଣ୍ଡି ଥାନା ଜଗନ୍ନାଥପୁର ଗ୍ରାମରୁ ବିସ୍ଫୋରକ ଆଣିଥିବା କହିଥିଲେ। ତୁମୁଡ଼ିବନ୍ଧ ପୋଲିସ ଶନିବାର ରାତିରେ ଜଗନ୍ନାଥପୁରରେ ଜଣଙ୍କ ଗୁହାଳଘରେ ଚଢ଼ାଉକରି ପଥର ବ୍ଲାଷ୍ଟ ପାଇଁ ଉଦ୍ଦିଷ୍ଟ ୮ ଟନ୍ ଡିଟୋନେଟର ଜବତ କରିଥିଲା। ଉକ୍ତ ଗୁହାଳକୁ ଜଣେ ଅଭିଯୁକ୍ତ କୁକୁଡ଼ା ଦାନା ରଖିବା ପାଇଁ ଦେଢ଼ ବର୍ଷ ହେଲା ଭଡ଼ାରେ ନେଇ ଏହି କାରବାର ଚଳାଇଥିଲେ। ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରମିଳା



@ ସତ୍ୟଜିତ୍



@ ସୁଦୀପ୍ତ



@ ସାନ୍‌ଭି



@ ସୁଶୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି ବିଶ୍ୱ ଫଟୋଗ୍ରାଫି ଦିବସ



ଗଞ୍ଜାମ ଜିଲା ଆସ୍କା ଭେଟନଇ ଗାଁର ଲୋକେ କୃଷ୍ଣସାର ମୃଗକୁ ନିଜ ଗୃହପାଳିତ ପ୍ରାଣୀ ଭଳି ସୁରକ୍ଷା ଦେଉଥିବାରୁ ଏହି ନିରୀହ ବନ୍ୟପ୍ରାଣୀ ଏବେ ଗାଁଦାଣ୍ଡ ଓ ବିଲ ବାଡ଼ିରେ ନିର୍ଭୟରେ ବିଚରଣ କରିବା ସହ ଖେଳକୁଦ କରୁଛନ୍ତି। ଫଟୋ ଗ୍ରାଫର ଶ୍ରୀଧର ବାରିକ ଉକ୍ତ ଗାଁକୁ ବୁଲିବାକୁ ଯାଇଥିବାବେଳେ ୨୦୨୫ ଜୁଲାଇ ୩୧ରେ ତାଙ୍କ କ୍ୟାମେରା ଫ୍ରେମ୍‌ରେ କଏଦ ହୋଇଥିବା ଏକ କୃଷ୍ଣସାର ମୃଗ ଦଳ।

# ଗାଡ଼ିଧୂଆଁ ଘରେ ପଶିବାରୁ ଛୁରି ଭୁସିଦେଲି

## ଯୁକ୍ତିତର୍କରୁ ବୃଦ୍ଧଙ୍କୁ ଛୁରାମାଡ଼ ଘଟଣା, ଜଙ୍ଗଲରୁ ଅଭିଯୁକ୍ତ ଗିରଫ

ଶେରଗଡ଼,୧୮।୮ (ସୂର୍ଯ୍ୟନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ମେଡିକାଲ ରୋଡ୍‌ରେ ଥିବା ସାହିରେ ସାମାନ୍ୟ ଯୁକ୍ତିତର୍କକୁ ନେଇ ନୀଳାଚଳ ମିଶ୍ର(୬୦)ଙ୍କୁ ଛୁରି ଭୁସି ହତ୍ୟା ଘଟଣାରେ ଫେରାର ଅଭିଯୁକ୍ତ ରଞ୍ଜନ ପଣ୍ଡାଙ୍କୁ ସୋମବାର ଶେରଗଡ଼ ପୋଲିସ ନିକଟସ୍ଥ ଜଙ୍ଗଲରୁ ଗିରଫ କରିଛି। ପୋଲିସ ଏନେଇ ବିଏନ୍‌ଏସ୍ ଦଫା. ୧୦୩(୧)(ହତ୍ୟା)ରେ ଏକ ମାମଲା(ନଂ.୩୪୮/୨୫) ରୁଜୁ କରି ଅଭିଯୁକ୍ତ ରଞ୍ଜନଙ୍କୁ କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆସିକା ଜେଲ୍ ହାଜତକୁ ପଠାଯାଇଛି। ପୋଲିସ ପଚରାଉଚରା କରିବାବେଳେ ଗାଡ଼ିଧୂଆଁ ଘରେ ପଶିବାରୁ ନୀଳାଚଳଙ୍କୁ ଛୁରି ଭୁସିଦେଲେ ବୋଲି ରଞ୍ଜନ କହିଛନ୍ତି। ଉଭୟ ପରିବାର ମଧ୍ୟରେ ସବୁବେଳେ ତିକ୍ତତା ଲାଗିରହି ଏପରି ଘଟଣା ଘଟିଛି ବୋଲି ଥାନା ଅଧିକାରୀ ବରେନ୍ଦ୍ର ଶିଅଳ କହିଛନ୍ତି।

ମିଳିଥିବା ସୂଚନାନୁସାରେ, ଅଭିଯୁକ୍ତ ରଞ୍ଜନ ଏବଂ ମୃତକ ନୀଳାଚଳ ଦୁଇ ପଡ଼ୋଶୀ। ରଞ୍ଜନଙ୍କ ୨ଟି ଘର। ଗୋଟିଏ ଘରେ ସେ ଏକୁଟିଆ ରହୁଥିବାବେଳେ ଆଉ ଗୋଟିଏ ଘର ଜଣେ ମହିଳାଙ୍କୁ ଭଡ଼ା ଦେଇଛନ୍ତି। ସମ୍ପୃକ୍ତ ମହିଳା ତାଙ୍କ ସ୍କୁଟି ରଞ୍ଜନଙ୍କ ପିଣ୍ଡାରେ ରଖିଥିଲେ। ଦୀର୍ଘଦିନ ଧରି ଗାଡ଼ିଟି ସେଠାରେ ରହିବା ଯୋଗୁ ରବିବାର ଏହା ଷ୍ଟାର୍ଟ ହୋଇ ନ ଥିଲା। ପରେ ମହିଳା ଜଣକ ପଡ଼ୋଶୀ ନୀଳାଚଳଙ୍କ ପୁଅ ଆଲୋକଙ୍କୁ ଗାଡ଼ିଟି ଷ୍ଟାର୍ଟ କରିଦେବାକୁ ଡାକିଥିଲେ। ଆଲୋକ ଗାଡ଼ି ଷ୍ଟାର୍ଟ କରି କିଛି ସମୟ ରଖିଥିଲେ। ଫଳରେ ଗାଡ଼ିର ଧୂଆଁ ରଞ୍ଜନଙ୍କ ଘର ଭିତରେ ପଶିଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ରଞ୍ଜନ ପିଣ୍ଡାକୁ ଆସି ଆଲୋକଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପାଟି ଶୁଣି ଆଲୋକଙ୍କ ବାପା ନୀଳାଚଳ ଘଟଣାସ୍ଥଳକୁ ଆସିଥିଲେ। ପରେ ରଞ୍ଜନ ଓ ନୀଳାଚଳଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରଞ୍ଜନ ଘର ଭିତରୁ ଏକ ଛୁରି ଆଣି ନୀଳାଚଳଙ୍କ ପେଟକୁ ଭୁସି ଦେଇଥିଲେ। ନୀଳାଚଳଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ପ୍ରଥମେ ଶେରଗଡ଼ ଡାକ୍ତରଖାନା ପରେ ବ୍ରହ୍ମପୁର ବଡ଼ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ରଞ୍ଜନ ଘର ଚାବି ପକାଇ ଫେରାର ହୋଇଯାଇଥିଲେ। ନୀଳାଚଳଙ୍କ ପରିବାର ଲୋକଙ୍କ ଏତେଲାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ସୋମବାର ରଞ୍ଜନ ତାଙ୍କ ଘର ନିକଟ ଜଙ୍ଗଲରେ ଲୁଚିଥିବା ସୂଚନା ପାଇ ପୋଲିସ ତାଙ୍କୁ ସେଠାରୁ ଗିରଫ କରିଥିଲା।



ଅଭିଯୁକ୍ତ ରଞ୍ଜନ ପଣ୍ଡାଙ୍କୁ ପୋଲିସ ନେଉଛି।

# ଭିଜିଲାନ୍ସ ଜାଲରେ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ

ଭୁବନେଶ୍ୱର,୧୮।୮ (ସତ୍ୟଜିତ୍ ରାଉତ)

## ୨ ବହୁତଳ କୋଠା, ୨ ଫ୍ଲାଟ୍, ୪ ବହୁମୂଲ୍ୟ ପ୍ଲଟ୍ ଠାବ

- ନଗଦ ୧.୨୫ ଲକ୍ଷ ଜବତ, ବ୍ୟାଙ୍କ ଓ ପୋଷ୍ଟାଲ ଜମା ୫୧.୯୭ ଲକ୍ଷ
- ଘନିଷ୍ଠ ସହଯୋଗୀଙ୍କ ନାଁରେ ଥିବା ଲକରକୁ ଚଳାଉଛନ୍ତି ସୁରେନ୍ଦ୍ର



ସୁରେନ୍ଦ୍ର ବେହେରା

ଅନୁଗୋଳ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ସୋମବାର ସୁରେନ୍ଦ୍ରଙ୍କ ଭୁବନେଶ୍ୱର, ସୁନ୍ଦରଗଡ଼, ରାଉରକେଲା, ଅନୁଗୋଳ ଓ ଗଞ୍ଜାମର ୮ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଯାଞ୍ଚ ସ୍ଥାନ ମଧ୍ୟରେ ସୁରେନ୍ଦ୍ରଙ୍କ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ରାମ୍ପାଲି ଗ୍ରାମସ୍ଥିତ ପୈତୃକ ଘର, ଅଲଡି ଗାଁସ୍ଥିତ ଶ୍ୱଶୁର ଘର, ଅନୁଗୋଳସ୍ଥିତ ଅଫିସ ଚାମ୍ବର ଆଦି ରହିଛି। ଯାଞ୍ଚବେଳେ ତାଙ୍କ ଘରୁ ଲକ୍ଷାଧିକ ଟଙ୍କା ଜବତ କରାଯାଇଥିବାବେଳେ ବହୁମୂଲ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ାଉ ଚାଲିଛି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ସୁରେନ୍ଦ୍ରଙ୍କ ସୁନ୍ଦରଗଡ଼ ଟାଉନସ୍ଥିତ ୪୨୦୦ ବର୍ଗଫୁଟରେ ଏକ ଦୁଇ ମହଲା କୋଠା ଓ ରାଉରକେଲା ଗୋପବନ୍ଧୁ ନଗରସ୍ଥିତ ଏମ୍/୨୦ ଛେଷ୍ଟରେ ୩୧୫୦୦ ବର୍ଗଫୁଟରେ ଗୋଟିଏ ଦୁଇ ମହଲା କୋଠା ଠାବ ହୋଇଛି। ସେହିପରି ତାଙ୍କର ଭୁବନେଶ୍ୱର



ଠାବ ହୋଇଥିବା ସୁନ୍ଦରଗଡ଼ ଟାଉନସ୍ଥିତ ଏକ କୋଠା।

ଘାଟିକିଆସ୍ଥିତ ଆପାର୍ଟମେଣ୍ଟରେ ଗୋଟିଏ ୩ ବିଏଚ୍‌କେ ଫ୍ଲାଟ୍ ଓ ଆଉ ଏକ ୨ ବିଏଚ୍‌କେ ଫ୍ଲାଟ୍ ଥିବା ଜଣାପଡ଼ିଛି। ଏଥିସହ ସୁରେନ୍ଦ୍ରଙ୍କ ୪ଟି ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଥିବା ବେଳେ ଏଥିମଧ୍ୟରୁ ଗଞ୍ଜାମ ପୁରୁଷୋତ୍ତମପୁରରେ ୨ଟି ଓ ସୁନ୍ଦରଗଡ଼ ଏବଂ ରାଉରକେଲାରେ ଗୋଟିଏ ଲେଖାଏ ପ୍ଲଟ୍ ରହିଛି। ଭିଜିଲାନ୍ସ ଟେକ୍ନିକାଲ ୱିଙ୍ଗ୍ ଫ୍ଲଟ୍, କୋଠା ଓ ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ପ୍ରୟାସ କରୁଛି। ସେହିପରି ସୁରେନ୍ଦ୍ରଙ୍କ ଘରୁ ନଗଦ ୧.୨୫ ଲକ୍ଷ ଟଙ୍କା ମିଳିଥିବା ବେଳେ ତାଙ୍କର ବ୍ୟାଙ୍କ ଓ ପୋଷ୍ଟାଲ ଜମା ୫୧ ଲକ୍ଷ ୯୭ ହଜାର ୩୪୦ ଟଙ୍କା ରହିଥିବା ଜଣାପଡ଼ିଛି। ଏଥିସହ ଦୁଇଟି ଚାରିଚକିଆ ଯାନ ଓ ୧୭.୪୩ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ମଧ୍ୟ ଠାବ ହୋଇଛି। ତେବେ ଭୁବନେଶ୍ୱର ଘାଟିକିଆସ୍ଥିତ ଆକ୍ସିସ୍ ବ୍ୟାଙ୍କ ଶାଖାରେ ସୁରେନ୍ଦ୍ର ଏକ ଲକର୍ ଚଳାଉଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି। ଏହି ଲକରଟି ସୁରେନ୍ଦ୍ରଙ୍କ ଜଣେ ଘନିଷ୍ଠ ସମ୍ପର୍କୀୟଙ୍କ ନାଁରେ ଥିବା ବେଳେ ଏହାକୁ ଖୋଲାଯିବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ଯାଞ୍ଚ ଜାରି ରହିଥିବା ବେଳେ ସୁରେନ୍ଦ୍ରଙ୍କୁ ଭିଜିଲାନ୍ସ ଅଟକ ରଖି ପଚରାଉଚରା କରୁଛି।

# ସମୀରଙ୍କ ଜାମିନ ଆବେଦନ ପୁଣି ଖାରଜ

## ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

## ୩ଦିନିଆ ରିମାଣ୍ଡରେ ନେଲା କ୍ରାଇମ୍‌ବ୍ରାଞ୍ଚ

ବାଲେଶ୍ୱର,୧୮।୮ (ବାଞ୍ଛାନିଧି ଦେ)



ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ ଗିରଫ ହୋଇ ଜେଲରେ ଥିବା ମୁଖ୍ୟ ଅଭିଯୁକ୍ତ ଏଚ୍‌ଓଡି ସମୀର ସାହୁଙ୍କ ଜାମିନ ପୁଣି ଖାରଜ ହୋଇଛି। ବାଲେଶ୍ୱର ଜିଲା ଓ ଦୌରାଜଜ୍ ସୋମବାର ଜାମିନ ଆବେଦନର ଶୁଣାଣି କରି ଏହାକୁ ଖାରଜ କରିଛନ୍ତି। ଅପରପକ୍ଷରେ ସମୀରଙ୍କୁ ରିମାଣ୍ଡରେ ନେବା ପାଇଁ କ୍ରାଇମବ୍ରାଞ୍ଚ ସିଏସ୍‌ଆଇ ଆଣ୍ଡ ସିଡବ୍ଲୁ ଡିଏସ୍‌ପି ତଥା ମାମଲାର ତଦନ୍ତକାରୀ ଅଧିକାରୀ ଇମାନ୍ କଲ୍ୟାଣ ନାୟକ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଏହି ଆବେଦନକୁ ମଞ୍ଜୁର କରିବା ସହ ସମୀରଙ୍କୁ ସୋମବାରଠାରୁ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ୩ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଅଧିକାରୀ ଅଭିଯୁକ୍ତ ସମୀରଙ୍କୁ ରିମାଣ୍ଡରେ ନେଇ ପଚରାଉଚରା ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, ଛାତ୍ରୀ ସୌମ୍ୟାଶ୍ରୀ ଏଚ୍‌ଓଡି ସମୀର ସାହୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ। ନ୍ୟାୟ ନ ପାଇ ଗତ ଜୁଲାଇ ୧୨ତାରିଖରେ ସେ ଆତ୍ମାହୁତି ଉଦ୍ୟମ କରିଥିଲେ। ଏଚ୍‌ଓଡି ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏସଡିଜେଏମ୍‌ଙ୍କ କୋର୍ଟରେ ଜାମିନ ଆବେଦନ ଖାରଜ ହେବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ପରେ ସମୀରଙ୍କ ଓକିଲ ଶ୍ରୀବତ୍ସ ନାୟକ ଗତ ୧ ତାରିଖରେ ବାଲେଶ୍ୱର ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ପୁଣି ଜାମିନ ଆବେଦନ କରିଥିଲେ। ଏହାର ଶୁଣାଣି ୧୨ ତାରିଖକୁ ରହିଥିଲା। କିନ୍ତୁ କୋର୍ଟରେ କେସ୍ ରେକର୍ଡ ସ୍ଥାନାନ୍ତର ହୋଇ ନ ଥିବା ଓ ପୋଲିସ ସିଡି ଦାଖଲ କରି ନ ଥିବା କାରଣରୁ ଜାମିନ ଆବେଦନର ଶୁଣାଣି ହୋଇ ନ ପାରି ୧୮ ତାରିଖକୁ ଧାର୍ଯ୍ୟ ହୋଇଥିଲା।

# ଝିଅଙ୍କୁ ସାବତ ବାପାଙ୍କ ବଳାତ୍କାର ଅଭିଯୋଗ

ପାଲଲହଡ଼ା,୧୮।୮ (ଦିବ୍ୟଜ୍ୟୋତି ଦାଶ)

୧୨ ବର୍ଷୀୟା ନାବାଳିକା ଝିଅକୁ ସାବତ ବାପା ବଳାତ୍କାର କରିଥିବା ସୋମବାର ଅନୁଗୋଳ ଜିଲା ପାଲଲହଡ଼ା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଦେବଗଡ଼ ଜିଲାର ଜଣେ ମହିଳା ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଦ୍ୱିତୀୟ ବିବାହ କରିଥିବାବେଳେ ପୂର୍ବରୁ ମହିଳାଙ୍କର ଗୋଟିଏ ଝିଅ ରହିଛି। ତେବେ ଦ୍ୱିତୀୟ ବିବାହ ପରେ ସମ୍ପୃକ୍ତ ନାବାଳିକାକୁ ପାଲଲହଡ଼ା ଉପଖଣ୍ଡର ଏକ କନ୍ୟାଶ୍ରମରେ ପଢ଼ିବା ପାଇଁ ଛଡ଼ାଯାଇଥିଲା। ଗତ ୧୫ ତାରିଖରେ ସାବତ ବାପା ଉକ୍ତ କନ୍ୟାଶ୍ରମରେ ପହଞ୍ଚି ଅାଇଙ୍କ ଦେହ ଖରାପ କହି ସାବତ ଝିଅକୁ ସାଙ୍ଗରେ ନେଇଯିବା ସହ ଘରେ ବଳାତ୍କାର କରିଥିଲେ। ୧୭ ତାରିଖରେ ଝିଅକୁ ଆଣି ସ୍କୁଲରେ ଛାଡ଼ି ଦେଇଥିଲେ। ତେବେ ସୋମବାର ମା' ସହ ସାବତ ବାପା କନ୍ୟାଶ୍ରମରେ ପହଞ୍ଚି ଝିଅକୁ ନେବା ପାଇଁ ଉଦ୍ୟମ କରିବା ବେଳେ ଝିଅ ସମସ୍ତ ଘଟଣା ମା'ଙ୍କୁ ଜଣାଇଥିଲେ। ଏହାପରେ ନାବାଳିକାଙ୍କ ମାମୁ ଘର ପକ୍ଷରୁ ପାଲଲହଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ସାବତ ବାପାଙ୍କୁ ଅଟକ ରଖି ପଚରା ଉଚୁରା କରୁଛି। ଘଟଣା ଲହୁଣିପଡ଼ା ଥାନା ଅଞ୍ଚଳରେ ଘଟିଥିବାରୁ ପାଲଲହଡ଼ା ଥାନାରେ ଶୂନ୍ୟ ଏତେଲା ରୁଜୁ କରାଯାଇ ସମ୍ପୃକ୍ତ ଥାନାକୁ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରାଯିବ ବୋଲି ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି।

# ଡାକବଙ୍ଗଳା ଚୌକିଦାରଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

## ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ



ରାଜଗାଙ୍ଗପୁର,୧୮।୮ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଡାକବଙ୍ଗଳାରେ କାର୍ଯ୍ୟରତ ଜଣେ ଚୌକିଦାରଙ୍କୁ ସୋମବାର ଦିନ ଦ୍ୱିପ୍ରହରରେ ଗଳାକାଟି ହତ୍ୟା କରାଯାଇଛି। ଏହି ଘଟଣାରେ ରାଜଗାଙ୍ଗପୁର ପୋଲିସ ଅଭିଯୁକ୍ତ ସୁଖରାମ ଓରାମ(୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଘର ଝାଡ଼ଖଣ୍ଡ ଜିଲା ଲୋହରଡେଗାର ଟୋଟୋ ଗ୍ରାମରେ ବୋଲି ଜଣାପଡ଼ିଛି। ହତ୍ୟାକାଣ୍ଡରେ ବ୍ୟବହୃତ କୁରୁଡ଼ିକୁ ପୋଲିସ ଜବତ କରିଛି। ଏନେଇ ପୋଲିସ ଏକ ହତ୍ୟା ମାମଲା ୪୩୧/୨୫ ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ବିଜୟ ଦାସ ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି।

ପୋଲିସ ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ୧୧ଟାରେ ବଡ଼ଗାଁ କଣ୍ଟାପୁରା ଗ୍ରାମର ଚୌକିଦାର ମଙ୍ଗଲୁ କିଷାନ ଡାକବଙ୍ଗଳା ପଛପଟେ ଥିବାବେଳେ ସୁଖରାମ ସେଠାରେ ପହଞ୍ଚିଥିଲେ। ହଠାତ୍ ଏକ କୁରୁଡ଼ି ସାହାଯ୍ୟରେ ତାଙ୍କ ବେକ, ମୁଣ୍ଡ ଓ ହାତକୁ ଚୋଟ ମାରିଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ନାଟକୀୟ ଢଙ୍ଗରେ ସୁଖରାମ ହାତରେ କୁରୁଡ଼ି ଧରି ଘଟଣା ସ୍ଥଳରେ ବୁଲିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରି ତାଙ୍କ ହାତରୁ କୁରୁଡ଼ି ନେଇ କାବୁ କରିଥିଲା। ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST/OT/AMC/VEHICLE/KUR/489, ଠା.11.08.2025ରିଖ

କାର୍ଯ୍ୟର ନାମ: 33 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ ଏବଂ ଦୂରସଂଚାର ପରିସମ୍ପତ୍ତି (Assets)ଗୁଡ଼ିକର ରକ୍ଷଣାବେକ୍ଷଣ, ବ୍ରେକଡାଉନ୍ ସ୍ଥଳରେ ଉପସ୍ଥିତି (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (En-route Detention) ଦୂର କରିବା ନିମନ୍ତେ ... TATA 207-DI ...

ଟେଣ୍ଡର ମୂଲ୍ୟ: ₹ 58,41,000.00, EMD: ₹ 1,16,800/-, ଟେଣ୍ଡର ଦଲିଲର ମୂଲ୍ୟ: ₹ 5,900/-

ଟେଣ୍ଡର ଦାଖଲ ହେବା ତାରିଖ: ତା.19.08.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.02.09.2025ରିଖ 1100 ଘଟିକା।

... www.ireps.gov.in ...

PR-486/Q/25-26 ଖୋର୍ଦ୍ଧା ରୋଡ୍

**କାନାରା ବ୍ୟାଙ୍କ Canara Bank** କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ

**ସଂଶୋଧନ ପତ୍ର**

ତା.୧୭.୦୮.୨୦୨୫ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମର "ଷଷ୍ଠ ସୂଚନା ଅଳଙ୍କାରଗୁଡ଼ିକର ଇ-ନିଲାମ ବିଜ୍ଞପ୍ତି"ରେ ଦର୍ଶିତ ଇ-ନିଲାମ ତାରିଖ "୦୧.୦୯.୨୦୨୫" ପରିବର୍ତ୍ତେ "୨୭.୦୮.୨୦୨୫" ଏବଂ ଆମାନତ ଜମା ଦାଖଲ କରିବାର ଅନ୍ତିମ ତାରିଖ ଓ ସୁନା ଅଳଙ୍କାର ଯାଞ୍ଚ କରିବାର ତାରିଖ "୨୯.୦୮.୨୦୨୫" ପରିବର୍ତ୍ତେ "୨୫.୦୮.୨୦୨୫" ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।

ତା.୧୮.୦୮.୨୦୨୫ | କ୍ଷମତାପ୍ରାପ୍ତ ଅଧିକାରୀ

**ଚକ୍ରଧରପୁର ଡିଭିଜନରେ ବିଜ୍ଞାପନ ପରିସମ୍ପତ୍ତିଗୁଡ଼ିକ ପାଇଁ ଇ-ନିଲାମ ବିଜ୍ଞପ୍ତି**

ନଂ. ସିଏମ୍/୧୮/ଏଡ୍‌ଏଫ୍‌ଆର/ଇ-ଅକ୍ସନ କାଟାଲଗ୍/ଅଗଷ୍ଟ/୨୫ ତାରିଖ: ୧୮।୦୮।୨୦୨୫

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ମଣ୍ଡଳରେ ବିଜ୍ଞାପନ ପରିସମ୍ପତ୍ତି ବଣ୍ଟନଗୁଡ଼ିକ ଲାଗି ଇ-ନିଲାମ ଆହ୍ୱାନ କରୁଛନ୍ତି। ଏ ବାବଦୀୟ ଇ-ନିଲାମ ବିଜ୍ଞପ୍ତିର ଠିଠା ସଂଲଗ୍ନ କରାଯାଇଛି। ଇ-ନିଲାମ ବିବରଣୀ ନିମ୍ନ ଅନୁଯାୟୀ ଅଟେ: ● କ୍ର.ସଂ.: ୧; ବର୍ଗ: ବିଜ୍ଞାପନ; କାଟାଲଗ୍ ନଂ.: ଏଡିଭିଟି-ସିକେପି-ଏୟୁଜି-୨୫; ନିଲାମ ତାରିଖ: ୩୦।୦୮।୨୦୨୫; ନିଲାମ ଆରମ୍ଭ ସମୟ: ୧୨.୦୦ ଘଟିକା; ନିଲାମ ବନ୍ଦ ହେବା ସମୟ: ୧୩.୦୦ ଘଟିକା। ଆଗ୍ରହୀ ପକ୍ଷମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ସାଇଟ୍‌ର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତିତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ। କୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। ଏ ବାବଦୀୟ ଇ-ନିଲାମ ବିଜ୍ଞପ୍ତିର ଠିଠା ସଂଲଗ୍ନ କରାଯାଇଛି। ଯାହା https://www.ireps.gov.in/websiteରେ ଉପଲବ୍ଧ ହୋଇଛି।

(PR-533) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ/ଚକ୍ରଧରପୁର

**ଦକ୍ଷିଣ ପୂର୍ବ ରେଳପଥ** ହର୍ଷର ସହ ଆମେ ସେବାରତ

**FAKIR MOHAN UNIVERSITY**
Vyasa Vihar, Balasore, Odisha-756089
Website : www.fmuniversity.nic.in

No.FMU/OHEPEE/CoE/01/2025/6287 Date : 18.08.2025

**Advertisement for the Post of Research Associate (01)**

Applications are invited in the prescribed format from eligible candidates for one number of Research Associate under project mode for the Centre of Excellence for "Bioresource Management and Energy Conservation Material Development" of FM University under Odisha State Higher Education Council, BBSR. The application completed in all respect with necessary documents should reach to the Registrar, FM University, Vyasa Vihar, Balasore-756089 on or before 01.09.2025 (5.00 PM). For details please visit the University website www.fmuniversity.nic.in.

Sd./- (Registrar)

**Corrigendum Notice**
**OFFICE OF THE DG & IG OF POLICE, DHURWA, RANCHI-834004**

With reference to advertisement ID- 348095 under PR No. - 358730 / (Police) 2025-26 regarding Poly Carbonate Lathi – 450 Nos. Tender No – 11 / 2025-26 by Police Headquarters following modification have been made:-

1. The last date for submission of Tender Document is amended as 25.08.2025 by 16:00 hrs.
2. Opening of the tender paper is amended as 29.08.2025 by 12:00 hrs.
3. Other terms and conditions remain unchanged.

I.G. of Police (Provision), Jharkhand, Ranchi.

PR 359766 Police (25-26)_D

**BIRMAHARAJPUR COLLEGE, BIRMAHARAJPUR DIST. : SUBARNAPUR**

**QUOTATION CALL NOTICE**

Notice No. : 104 Date : 18.08.2025

Sealed tender/quotations are invited from intending registered manufacturers/Firms/Suppliers having PAN/GST registration with IT clearance for supply of Desktop, UPS, MFM Printer, LED TV (65 inch), Wireless Mice & Camera with MIC for virtual meeting and internet facilities through Regd. Post/Speed Post or by hand to the office on or before 26.8.2025 by 5 P.M. The suppliers are required to be in readiness to supply the materials within a short notice. The undersigned reserves the right to cancel part or whole of the tender/quotations without assigning any reason thereof. For detailed list and specification of the items and conditions visit our website www.bmpurcollege.ac.in

Sd./- Principal-cum-Secretary
Birmaharajpur College, Dist-Subarnapur

**TP SOUTHERN ODISHA DISTRIBUTION LIMITED** TPSODL
(Procurement Department)
BPR North Star Building, 2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 18.08.2025

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for Supply & Installation of Air Conditioner and their accessories across PAN TPSODL locations. | TPSODL/OT/2025-26/2500001043 | 50,000/- | 5,000 | 29.08.2025; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

**National Dairy Development Board**
PB No. 40, Anand, Gujarat - 388001, Tel: 02692-260 148/149/160 Fax: 02692-260 159
Website : http://www.nddb.coop, Email : purchase@nddb.coop
INVITATION FOR BIDS (IFB)/LOCAL COMPETITIVE BIDDING (LCB)

Bids are invited on behalf of Service Recipients/NDDB from eligible bidders for the works listed below:

| Sl. No. | Description of works/ Bid Reference | Estd. Cost (₹) incl GST/Duration | Event Start/ Close Date | Bid submission/ opening date & time |
|---|---|---|---|---|
| A | Civil, Structural, Water Supply, Sanitary & Other Misc. works including Internal Electrification works for: | | | |
| I | Renovation, Repairs and Civil & Electrical Works at NDDB Office and Quarters, Salt Lake, Kolkata, West Bengal NDDB/HO/Purchase/45/25-26/ET/45 [CIVIL-KOLKATA] | 700 Lakh/ 11 Months | 22.08.25 12.09.25 | 12.09.25 15:00 hrs. 12.09.25 15:30 hrs. |
| B | Design, Supply, Installation, Testing and Commissioning of the following: | | | |
| I | 11/0.433 KV sub-station at OBPI-Berhampur, Odisha NDDB/HO/Purchase/46/25-26/ET/46 [SUBSTATION-OBPI] | 167 Lakh/ 06 Months | 19.08.25 09.09.25 | 09.09.25 15:00 hrs. 09.09.25 15:30 hrs. |
| II | 1 No. X 2 TPH HSD fired boiler with accessories at OBPI-Berhampur, Odisha NDDB/HO/Purchase/47/25-26/ET/47 [BOILER-OBPI] | 148 Lakh/ 06 Months | 20.08.25 10.09.25 | 10.09.25 15:00 hrs. 10.09.25 15:30 hrs. |
| III | Milking Parlour, TMR, Headlock & allied Dairy Farm Equipment at CoE-BBBRC, Bhildi, Banaskantha, Gujarat NDDB/HO/Purchase/48/25-26/ET/48 [MILKING-BANAS] | 900 Lakh/ 05 Months | 20.08.25 10.09.25 | 10.09.25 15:00 hrs. 10.09.25 15:30 hrs. |
| IV | Landscaping Works at CoE-BBBRC, Bhildi, Banaskantha, Gujarat NDDB/HO/Purchase/49/25-26/ET/49 [LANDSCAPE-BANAS] | 200 Lakh/ 04 Months | 21.08.25 11.09.25 | 11.09.25 15:00 hrs. 11.09.25 15:30 hrs. |
| V | Modular Partitions and Allied MEP works for Main QC lab at Mohali Dairy, Punjab NDDB/HO/Purchase/50/25-26/ET/50 [LAB-MOHALI] | 180 Lakh/ 04 Months | 22.08.25 12.09.25 | 12.09.25 15:00 hrs. 12.09.25 15:30 hrs. |

For further details pertaining to IFB and for downloading the bid document, please visit these websites: www.nddb.coop and www.mstcecommerce.com/eprocn. For any clarification please contact Group Head (Purchase), NDDB, Anand-388001.
NB: Any corrigendum/modification etc. will be posted only on these websites.

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

T.No.TPWODL/SD/O/SITC/2500001048 Date. 19.08.2025

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

Rate Contract for Supply & Installation of Office Furniture under Various Circles of TPWODL.

Interested bidders are to submit Tender Participation Fee and Authorization Letter through email on or before 28th August 2025, 15:00Hrs, after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of www.tpwesternodisha.com. All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- Head-Contracts & Procurement

**JHARIA REHABILITATION AND DEVELOPMENT AUTHORITY, DHANBAD**
e-Procurement Notice
Tender Reference No: JRDA/CIVIL/25-26/10/514
Date: 24.07.2025

| | | |
|---|---|---|
| 1. | Name of Work | Strengthening of road and Laying Pavers Blocks at Phase 1 at Belgoria, Dhanbad |
| 2. | Estimated Cost | Rs. 3,32,55,276.00 |
| 3. | EMD | Rs. 3,32,600.00 |
| 4. | Tender Document Cost | Rs. 10,000.00 |
| 5. | Time of Completion | 04 months |
| 6. | Date/Time from which bid is available for online bidding | 14.08.2025 at 03:00 PM |
| 7. | Last Date/Time for on-line submission of bids | 06.09.2025 at 5:00 PM |
| 8. | Date and Time of Bid Opening | 08.09.2025 at 11:30 AM |
| 9. | Name and Address of Officer inviting tender | Head of Department (Civil), JRDA, Dhanbad Hatia More,Golf Ground Road, Hirapur, Dhanbad -826001 Jharkhand, India Email: infojrda.dhn@gmail.com |

Note : 1. Only e-tenders will be accepted.
2. Further details can be seen on website – https://jharkhand tenders.gov.in

PR 359711 Rural Development(25-26).D
Head of Department (Civil), JRDA, Dhanbad

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. DRM/Engg/KUR/25-26/E-Tender/57, ଠା.11.08.2025ରିଖ

(1) ଟେଣ୍ଡର ସଂ. e-TenderNorthKUR-205-2025, ଠା.08.08.2025ରିଖ
ବିବରଣୀ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/କେନ୍ଦୁଝରଗଡ଼ ଅଧୀନସ୍ଥ ... କି.ମି. 16.295 ଠାରୁ 90.350 ପର୍ଯ୍ୟନ୍ତ 30/9/2026 ପର୍ଯ୍ୟନ୍ତ ... P.Way ଜୋନାଲ (Zonal) ...
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 153.06 ଲକ୍ଷ, EMD: ₹ 2,26,500/-

(2) ଟେଣ୍ଡର ସଂ. e-TenderNorthKUR-203-2025, ଠା.08.08.2025ରିଖ
ବିବରଣୀ: ... କି.ମି. 334.74 ଠାରୁ 353.80 ପର୍ଯ୍ୟନ୍ତ ଏବଂ J-D ଲାଇନରେ କି.ମି. 180.00 ଠାରୁ 147.00 ପର୍ଯ୍ୟନ୍ତ 30/9/2026 ପର୍ଯ୍ୟନ୍ତ ...
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 169.95 ଲକ୍ଷ, EMD: ₹ 2,35,000/-

(3) ଟେଣ୍ଡର ସଂ. e-TenderNorthKUR-202-2025, ଠା.08.08.2025ରିଖ
ବିବରଣୀ: ... କି.ମି. 287.47 ଠାରୁ 334.74 ପର୍ଯ୍ୟନ୍ତ 30/9/2026 ପର୍ଯ୍ୟନ୍ତ ...
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 190.51 ଲକ୍ଷ, EMD: ₹ 2,45,300/-

(4) ଟେଣ୍ଡର ସଂ. e-TenderNorthKUR-204-2025, ଠା.08.08.2025ରିଖ
ବିବରଣୀ: ... କି.ମି. 90.350 ଠାରୁ 151.200 ପର୍ଯ୍ୟନ୍ତ 30/9/2026 ପର୍ଯ୍ୟନ୍ତ ...
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 122.78 ଲକ୍ଷ, EMD: ₹ 2,11,400/-

(5) ଟେଣ୍ଡର ସଂ. eTender-hq-kur-201-2025, ଠା.07.08.2025ରିଖ
ବିବରଣୀ: ଖୋର୍ଦ୍ଧା ରୋଡ୍ ରେ ଗୋଟିଏ ନୂଆ ସାମ୍ପ୍ରିତ (Combined) କ୍ରୁ ଲବି ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 347.68 ଲକ୍ଷ, EMD: ₹ 3,23,900/-
କାର୍ଯ୍ୟ ଶେଷ ହେବା ଅବଧି: 12 (ବାର) ମାସ (ସମସ୍ତ କ୍ରମ ସଂ. ନିମନ୍ତେ)

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.29.08.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)

... www.ireps.gov.in ...

PR-484/Q/25-26 ଖୋର୍ଦ୍ଧା ରୋଡ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉତ୍ପାଦନ-ବିକ୍ରୟ ବୃଦ୍ଧି ଉପରେ ଗୁରୁତ୍ୱାରୋପ

## ଓଏମ୍‌ସି ଏମ୍‌ଡିଙ୍କ ଦ୍ୱାରା କ୍ରୋମ୍ ଜୋନ୍ ଖଣି ଅଞ୍ଚଳ ପରିଦର୍ଶନ ଏବଂ ସମୀକ୍ଷା

ଭୁବନେଶ୍ୱର,୧୮।୮ (ଅଭୟ ଦାଶ)



ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ସୁଧାଂଶୁ ମୋହନ ସାମଲ ସୋମବାର ଯାଜପୁର ଜିଲାସ୍ଥିତ ସୁକିନ୍ଦା ଅଞ୍ଚଳରେ ଥିବା ଓଏମ୍‌ସିର କ୍ରୋମ୍ ଖଣି ଅଞ୍ଚଳ ପରିଦର୍ଶନ କରିବା ସହିତ ଖଣି କ୍ଷେତ୍ରର ବ୍ୟାପକ ସମୀକ୍ଷା କରିଛନ୍ତି। ଏହି ଅବସରରେ ସାମଲ ଓଏମ୍‌ସିର ସାଉଥ୍ କାଳିଆପାଣି ଖଣି ପରିଦର୍ଶନ କରିବା ସହ ଏହାର ପ୍ରମୁଖ କାର୍ଯ୍ୟକ୍ଷମ ସ୍ଥାନଗୁଡ଼ିକ ଯଥା ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଇଟିପି), କ୍ୱାରି ଡି ଆଣ୍ଡ ଏଫ୍, ଷ୍ଟକ୍‌ୟାର୍ଡ, କ୍ରୋମ୍ ଓର୍ ବେନିଫିସିଏଶନ୍ ପ୍ଲାଣ୍ଟ (ସିଓବିପି) ଏବଂ କାରଖାନାର ବର୍ଜ୍ୟବସ୍ତୁ ସଂଗ୍ରାହକ ଭାବେ ବ୍ୟବହୃତ ଟିଲିଙ୍ଗ୍ ପୋଖରୀ, ସୁକରଙ୍ଗି ଖଣି ଅଞ୍ଚଳ ଏବଂ କାଳିଆପାଣି ଖଣି ପରିସରକୁ ପରିଦର୍ଶନ କରିଥିଲେ। ଏଥିସହିତ ବିକ୍ରୟ ଏବଂ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଓଏମ୍‌ସିରୁ ଉତ୍ପନ୍ନ ହେଉଥିବା ଖଣିଜ ପଦାର୍ଥଗୁଡ଼ିକ କିଭଳି ନିଜର ଠିକ୍ ଗୁଣବତ୍ତାକୁ ବଜାୟ ରଖିବ ତାହା ଉପରେ ମଧ୍ୟ ସାମଲ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବିକ୍ରୟ ବ୍ୟବସ୍ଥାକୁ ସୁପରିଚାଳିତ ଓ ସ୍ୱଚ୍ଛ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ଦିଗରେ ମଧ୍ୟ କାର୍ଯ୍ୟ କରିବା ପାଇଁ ସେ ଉପସ୍ଥିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କାର୍ଯ୍ୟାନ୍ୱୟନରେ ନିଜସ୍ୱ ନେତୃତ୍ୱ ନେବା ଏବଂ ବ୍ୟବସାୟିକ ଲକ୍ଷ୍ୟ ହାସଲ କରିବା ପାଇଁ ମିଳିତ ଭାବେ କାମ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ଏପରିକି ଓଏମ୍‌ସିର ବ୍ୟବସାୟିକ କାର୍ଯ୍ୟକ୍ଷମ ଉତ୍କର୍ଷତା ସୁନିଶ୍ଚିତ କରିବା ପାଇଁ ସମସ୍ତ ବୈଧାନିକ ଅନୁପାଳନ ଏବଂ ଆଇନଗତ କାର୍ଯ୍ୟକୁ ଗୁରୁତ୍ୱର ସହକାରେ ପାଳନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ସାମଲ ଓଏମ୍‌ସିର ଫେରୋ-କ୍ରୋମ୍ ପ୍ଲାଣ୍ଟର କାର୍ଯ୍ୟ ସମୀକ୍ଷା କରିବା ସହିତ ଏହାର ବ୍ୟବସାୟକୁ ବୃଦ୍ଧି କରିବା ନିମନ୍ତେ ଠିକ୍ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ବିଶେଷକରି ସୌରଶକ୍ତି ଭଳି ନବୀକରଣୀୟ ଶକ୍ତିକୁ ବହୁଳ ବ୍ୟବହାର ଏବଂ ସ୍ଥାନୀୟ ଖଣି ଅଞ୍ଚଳର ପରିବେଶଗତ ସନ୍ତୁଳନକୁ ସୁଦୃଢ଼ କରିବା ପାଇଁ ବୃକ୍ଷରୋପଣ ଅଭିଯାନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ଅବସରରେ ଓଏମ୍‌ସିର ନିର୍ଦ୍ଦେଶକ(ଅପରେଶନ) ସବ୍ୟସାଚୀ ମହାନ୍ତି, ନିର୍ଦ୍ଦେଶକ(ମାନବ ସମ୍ବଳ) ଆଲୋକ କୁମାର ପାଳ ଏବଂ ନିର୍ଦ୍ଦେଶକ(ଅର୍ଥ) ବନ ବିହାରୀ ପାଣିଙ୍କ ସମେତ ଖଣି ଅଞ୍ଚଳର ବହୁ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପତଞ୍ଜଳିକୁ ଏଇଓ ଟାୟାର-୨ ପ୍ରମାଣପତ୍ର



ଭୁବନେଶ୍ୱର,୧୮।୮(ଅନୁରାଧା ମହାରଣା)

ପତଞ୍ଜଳି ଫୁଡ୍ସ ଲିମିଟେଡ୍ ବ୍ୟବସାୟିକ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ବିଶ୍ୱ କଷ୍ଟମ୍ସ ଅର୍ଗାନାଇଜେଶନ(ଡବ୍ଲୁସିଓ) ଏବଂ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଭାରତୀୟ କଷ୍ଟମ୍ସ ବିଭାଗ ପତଞ୍ଜଳିକୁ ସ୍ୱୀକୃତିପ୍ରାପ୍ତ ଅର୍ଥନୈତିକ(ଏଇଓ) ଟାୟାର-୨ ପ୍ରମାଣପତ୍ର ପ୍ରଦାନ କରିଛି। ଏହି ପ୍ରମାଣପତ୍ର ବୈଶ୍ୱିକ ବ୍ୟବସାୟରେ ସଚ୍ଚୋଟତା, ପାରଦର୍ଶିତା ଏବଂ ଯୋଗାଣ ସୁରକ୍ଷାର ଉଚ୍ଚତମ ମାନଦଣ୍ଡର ପ୍ରତୀକ। ଭାରତର ଶୀର୍ଷସ୍ଥାନରେ ଥିବା କମ୍ପାନୀଗୁଡ଼ିକ ମଧ୍ୟରେ କେବଳ ମୁଷ୍ଟିମେୟ କମ୍ପାନୀ ଏହି ମାନ୍ୟତା ହାସଲ କରିଛନ୍ତି, ଏବଂ ଏଫ୍‌ଏମ୍‌ସିଜି କ୍ଷେତ୍ରରେ ଏହା ଏକ ବିରଳ ସମ୍ମାନ। ଏହି ପ୍ରମାଣପତ୍ର ପତଞ୍ଜଳିକୁ ଡ୍ୟୁଟି ଡିଫର୍ଡ ପେମେଣ୍ଟ, ବ୍ୟାଙ୍କ ଗ୍ୟାରେଣ୍ଟି ଛାଡ଼, ଡାଇରେକ୍ଟ ପୋର୍ଟ ଡେଲିଭରି(ଡିପିଡି), ୨୪x୭ କ୍ଲିୟରାନ୍ସ ସୁବିଧା ସମେତ ୨୮ରୁ ଅଧିକ ଅନ୍ତର୍ଜାତୀୟ ବ୍ୟବସାୟିକ ଲାଭ ପ୍ରଦାନ କରିବ। ଏହି ଅବସରରେ ଯୋଗଗୁରୁ ରାମଦେବ କହିଛନ୍ତି, ପତଞ୍ଜଳି ବିଶ୍ୱସନୀୟତା, ପ୍ରାମାଣିକତା, ଗୁଣବତ୍ତା ଏବଂ ପ୍ରତିଯୋଗିତା କ୍ଷେତ୍ରରେ ପ୍ରତିଦିନ ନୂଆ ଇତିହାସ ରଚୁଛି। ଏହି ପ୍ରମାଣପତ୍ର ଆମର ରାଷ୍ଟ୍ର ନିର୍ମାଣର ସଂକଳ୍ପକୁ ଆହୁରି ମଜଭୁତ କରୁଛି। ଏହା ଆମର ତପସ୍ୟା, ଗୁଣବତ୍ତା ଓ ସଚ୍ଚୋଟତାର ପରିଚୟ। ଆମେ ପ୍ରତିଜ୍ଞା କରୁଛୁ ଯେ 'ସ୍ୱଦେଶୀରୁ ସ୍ୱାଭିମାନ'ର ଏହି ପଥରେ ଆହୁରି ଦ୍ରୁତଗତିରେ ଆଗେଇ ଚାଲିବୁ ଏବଂ 'ମେକ୍ ଇନ୍ ଇଣ୍ଡିଆ'କୁ ବୈଶ୍ୱିକ ଶୀର୍ଷସ୍ଥାନରେ ପହଞ୍ଚାଇବୁ। ଅନ୍ୟପଟେ ଆଚାର୍ଯ୍ୟ ବାଲ୍‌କୃଷ୍ଣ କହିଛନ୍ତି, ଏହି ସମ୍ମାନ ଭାରତୀୟ ସଂସ୍କୃତି, ଆୟୁର୍ବେଦ ଓ ସ୍ୱଦେଶୀ ଉତ୍ପାଦଗୁଡ଼ିକୁ ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚାଇବାରେ ସହାୟକ ହେବ। ଆମେ ସଂକଳ୍ପ ନେଉଛୁ ଯେ ପତଞ୍ଜଳିକୁ ବିଶ୍ୱର ଶୀର୍ଷ ଏଫ୍‌ଏମ୍‌ସିଜି ବ୍ରାଣ୍ଡ ମଧ୍ୟରେ ପ୍ରତିଷ୍ଠା କରିବୁ ଏବଂ ଭାରତର ରପ୍ତାନିକୁ ଶିଖରରେ ପହଞ୍ଚାଇବୁ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ଅବସରରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୮।୮

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (କେଆଇଏସ୍‌ଏସ୍)ର ୨୨ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଲେଜ ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଅତିଥି ସ୍ୱାମୀ ସଦାନନ୍ଦ ସରସ୍ୱତୀ ନିଜ ଅଭିଭାଷଣ କ୍ରମରେ ଯୁବପିଢିଙ୍କ ଚାରିତ୍ରିକ ସ୍ଖଳନକୁ ରୋକିବା ନିମନ୍ତେ ପରାମର୍ଶ ପ୍ରଦାନ କରିବା ସହ ଯଦି ଉପରକୁ ଯାଇ ତଳକୁ ନ ଖସିବାକୁ ଚାହୁଁଛ, ତେବେ ପ୍ରଥମେ ନିଜର ଅହଙ୍କାରକୁ ପରିତ୍ୟାଗ କର ବୋଲି ପରାମର୍ଶ ଦେଇଥିଲେ। ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ନେଇ ନିଜସ୍ୱ ସେବାର ଅଭିଜ୍ଞତା ବଖାଣିବା ସହ ସ୍ୱାସ୍ଥ୍ୟ ସହ ଆଧ୍ୟାତ୍ମିକତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା କିଟ୍‌ର ପ୍ରତିଷ୍ଠାତା ସଦସ୍ୟ ଡ. ଚିତ୍ତରଞ୍ଜନ ମିଶ୍ର ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କ କାର୍ଯ୍ୟକଳାପ, ଶୀତତାପ ନିୟନ୍ତ୍ରିତ ଶ୍ରେଣୀଗୃହ ଏବଂ ଅଭିଜ୍ଞ ଅଧ୍ୟାପନା ମଣ୍ଡଳୀଙ୍କ ମାର୍ଗଦର୍ଶନକୁ ପାଥେୟକରି ଲକ୍ଷ୍ୟପଥରେ ଆଗେଇଯିବାର ସ୍ୱପ୍ନ ଦେଖିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଉପାଧ୍ୟକ୍ଷ ଡ. ରୁଦ୍ର ମୋହନ ନନ୍ଦ ଧନ୍ୟବାଦ ପ୍ରଦାନ କରିବା ସହ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ 'ଆପ୍ ଆଏ ବାହାର ଆଏ' କାର୍ଯ୍ୟକ୍ରମ ପରିବେଷଣ ପରେ ସଭା ସାଙ୍ଗ ହୋଇଥିଲା।

# ବିର୍ଲା ଓପସର ନୂତନ ଅଭିଯାନ

ଭୁବନେଶ୍ୱର,୧୮।୮

ବିର୍ଲା ଓପସ ପେଣ୍ଟ୍ସର ନୂତନ ଅଭିଯାନ(କ୍ୟାମ୍ପେନ୍) 'ବିର୍‌ଲା ଓପସ ଆସ୍ୟୁରାନ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ବ୍ରାଣ୍ଡର ଏହି ନୂଆ ଟେଲିଭିଜନ କମର୍ସିଆଲ(ଟିଭିସି) ଏକ ନିୟୋଜିତ ଶୈଳୀରେ ସ୍ୱତନ୍ତ୍ର 'ବିର୍ଲା ଓପସ ଆସ୍ୟୁରାନ୍ସ' ପ୍ରସ୍ତାବକୁ ଆଲୋକପାତ କରିଛି, ଯେଉଁଠାରେ ବିର୍ଲା ଓପସ ପେଣ୍ଟ୍ସ ସମ୍ପୂର୍ଣ୍ଣ ମାଗଣାରେ ପୁନର୍ବାର ପେଣ୍ଟିଂ କରିବାର ପ୍ରତିଶ୍ରୁତି ଦେଉଛି। ଏହାର ୧ ବର୍ଷର ରି-ପେଂଟିଙ୍ଗ୍ ୱାରେଣ୍ଟିକୁ ସମସ୍ତ ପ୍ରକାରର ସମ୍ଭାବ୍ୟ ଜଳବାୟୁ ସ୍ଥିତିକୁ କଭର କରିବା ପାଇଁ ଚିନ୍ତାଶୀଳ ଭାବେ ଡିଜାଇନ କରାଯାଇଛି। ସେହିଭଳି କମ୍ପାନୀର ଏହି ବିଜ୍ଞାପନ କ୍ୟାମ୍ପେନ୍‌ରେ ବ୍ରାଣ୍ଡ ଆମ୍ବାସାଡର ବିକି କୌଶଲ ଓ ରଶ୍ମିକା ମନ୍ଦାନା ଅଭିନୟ କରିଛନ୍ତି। ଏହି ଟିଭିସି କ୍ୟାମ୍ପେନ୍‌ରେ ରଣବୀର ସୋରେ, ମୁରଲୀ ଶର୍ମା, ସୀମା ପାୱା ଓ ଜାବେଦ ଜାଫ୍‌ରିଙ୍କ ଭଳି ପ୍ରତିଭାବାନ୍ କଳାକାରମାନେ ଭିନ୍ନ ଭିନ୍ନ ଫିଲ୍ମରେ ଅଭିନୟ କରିଛନ୍ତି। ଏହି କ୍ୟାମ୍ପେନ୍ ମାଧ୍ୟମରେ ବିର୍ଲା ଓପସ ପେଂଟ୍‌ସ ଆଡ୍‌ଭାନ୍ସଡ ପ୍ରଡକ୍ଟଗୁଡିକ ସହ ଏକ ବିଶ୍ୱସନୀୟ ବ୍ରାଣ୍ଡ ଭାବେ ନିଜକୁ ସ୍ଥାପିତ କରିବା ପାଇଁ ଲକ୍ଷ୍ୟ ରଖିଛି।
ଏ ସମ୍ପର୍କରେ ବିର୍ଲା ଓପସ ପେଣ୍ଟ୍ସର ସିଇଓ ରକ୍ଷିତ ହରଗଭେ କହିଛନ୍ତି, ଆମର ବିର୍ଲା ଓପସ ଆସ୍ୟୁରାନ୍ସ ପଦକ୍ଷେପ ଆମ ଉତ୍ପାଦଗୁଡିକର କାର୍ଯ୍ୟଦକ୍ଷତା ଓ ଚମତ୍କାର ଗୁଣବତ୍ତା ସହ ଗଭୀର ଭାବେ ଜଡ଼ିତ ଆମର ବିଶ୍ୱାସକୁ ପ୍ରତିଫଳନ କରୁଛି।
ବିର୍ଲା ଓପସ ଆସ୍ୟୁରାନ୍ସ ହେଉଛି ସେମାନଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବାର ଆମର ଏକ ମାଧ୍ୟମ। ଏହା ପ୍ରକୃତରେ ଏକ ଉପଭୋକ୍ତା-କେନ୍ଦ୍ରିତ ବ୍ରାଣ୍ଡରେ ପରିଣତ ହେବା ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତାକୁ ସୁଦୃଢ଼ କରିଛି।
ସେହିଭଳି ବିର୍ଲା ଓପସ ପେଂଟ୍‌ସର ମାର୍କେଟିଂ ହେଡ୍ ଇନ୍ଦରପ୍ରୀତ ସିଂହ କହିଛନ୍ତି, ଏହି ଫିଲ୍ମ ହାସ୍ୟରସ ଓ ନିଶ୍ଚିତତା ମଧ୍ୟମରେ ଏକ ଉପଯୁକ୍ତ ସନ୍ତୁଳନ ସୃଷ୍ଟି କରିଥିବା ବେଳେ ବିକି ଓ ରଶ୍ମିକା ଭିନ୍ନ ଭିନ୍ନ ଲୁକ୍ ଓ ପରିସ୍ଥିତିରେ ସେମାନଙ୍କ ଆକର୍ଷଣକୁ ସାମିଲ କରିଛନ୍ତି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୮।୮

କ୍ରମାଗତ ଭାବେ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୬୭୬(୬୭୬.୦୯) ପଏଣ୍ଟ ବୃଦ୍ଧି ଘଟି ୮୧,୨୭୪ (୮୧,୨୭୩.୭୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୪୬ (୨୪୫.୬୫) ପଏଣ୍ଟ ବଢ଼ି ୨୪,୮୭୭ (୨୪,୮୭୬.୯୫) ଅଙ୍କରେ କାରବାର ଶେଷ ହୋଇଥିଲା।

# କେ୧୩ ଟର୍ବୋ ସିରିଜ୍

ଭୁବନେଶ୍ୱର,୧୮।୮

ଓପୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'କେ୧୩ ଟର୍ବୋ ସିରିଜ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଓପୋ କେ୧୩ ଟର୍ବୋ ପ୍ରୋ ୫ଜି ଓ ଓପୋ କେ୧୩ ଟର୍ବୋ ୫ଜି ଅନ୍ତର୍ଭୁକ୍ତ ରହିଛି। ଏହା ଏକ ବିଲ୍ଟ-ଇନ୍ କୁଲିଂ ଫ୍ୟାନ୍ ଥିବା ଭାରତର ପ୍ରଥମ ସ୍ମାର୍ଟଫୋନ୍, ଯାହା ସ୍ମାର୍ଟଫୋନ୍ ଥର୍ମାଲ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି। ସେହିଭଳି ଏହା ଏକ ଆଡ୍‌ଭାନ୍ସଡ ଆକ୍ଟିଭ ଓ ପାସିଭ ଥର୍ମାଲ ଡିଜାଇନ, ଶକ୍ତିଶାଳୀ ପ୍ରୋସେସର, ୮୦ ୱାଟ୍ ସୁପରଭିଓଓସି ଫାଷ୍ଟ ଚାର୍ଜିଙ୍ଗ୍ ସହ ଏକ ବୃହତ୍ ୭୦୦୦ ମେଗା ଆମ୍ପିୟର ବ୍ୟାଟେରି, ୧୨୦ଏଚ୍‌ଜେଡ୍‌ଆଇ-ଫ୍ରେଣ୍ଡ୍‌ଲି ଇ-ସ୍ପୋର୍ଟସ ଲେଭଲ ଫ୍ଲାଟ ସ୍କ୍ରିନ ସହ ସୁସଜ୍ଜିତ କେ୧୩ ଟର୍ବୋ ସିରିଜ୍ ସବୁଠାରୁ ଚାହିଦାପୂର୍ଣ୍ଣ ସ୍ଥିତିରେ ମଧ୍ୟ ସ୍ଥାୟୀ, ଉଚ୍ଚ-କାର୍ଯ୍ୟଦକ୍ଷତା ଅନୁଭୂତି ପ୍ରଦାନ କରିଥାଏ, ଯାହା ଏହାକୁ ଆଜିର ଗତିଶୀଳ ଓ କାର୍ଯ୍ୟଦକ୍ଷତା-ଚାଳିତ ଯୁବପିଢିଙ୍କ ପାଇଁ ଉପଯୁକ୍ତ ପସନ୍ଦରେ ପରିଣତ କରୁଛି। ଏ ସମ୍ପର୍କରେ ଓପୋ ଇଣ୍ଡିଆର ପ୍ରଡକ୍ଟ କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ ସାଭିଓ ଡିସୁଜା କହିଛନ୍ତି, ନିଜର ଆଡ୍‌ଭାନ୍ସଡ ଥର୍ମାଲ ଡିଜାଇନ, ଉଚ୍ଚ କାର୍ଯ୍ୟଦକ୍ଷତାସମ୍ପନ୍ନ ଚିପ୍‌ସେଟ୍, ଉନ୍ନତ ହାଇ-ରିଫ୍ରେଶ୍ ଡିସ୍‌ପ୍ଲେ ଓ ବୃହତ୍ କ୍ଷମତାର ବ୍ୟାଟେରିଗୁଡିକ ସହିତ କେ୧୩ ଟର୍ବୋ ସିରିଜ୍‌ର ଉଭୟ ମଡେଲ ଆମେ କହିବାକୁ ପସନ୍ଦ କରୁଥିବା 'ଓଭରପାୱାର୍ଡ' ପରଫର୍ମାନ୍ସପ୍ରଦାନକରୁଛନ୍ତି।


# Classified Everyday
0674-2580101, 9692975378


REAL ESTATE
SALE

A gharabari corner plot at Brahmanjharilo near Phulnakhara Cuttack 1560sqft. 20 lakhs including registration & compoundwall. 7809525452. D-76482

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492. D-1376

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଚ୍ଚାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Sum Hospital-2 ଏବଂ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-1622

Duplex sale with gated Society near Allms Hospital, Bhubaneswar- 9777433701. D-1614




Newly open health benefits SPA by expert therapist Contact 9114559830. D-1661

Newly open Jyoti Spa positively heath benefits (Expert therapist). Contact- 8458067955. D-76933

AFFIDAVIT

By virtue of an affidavit sworn before Executive Magistrate, Cuttack Sadar, dated 14th August 2025, I, Sasanka Sekhar Singh, Address: Village- Panchakahania, P.O.- Mangalpur, P.S.- Sadar, Dist.- Dhenkanal, PIN- 759015 declare that I have changed the name of my daughter from Saesha Shreeyali Singh to Saesha Shreeyali. Henceforth, she shall be known as Saesha Shreeyali for all purposes.
Sasanka Sekhar Singh
D-1685

I, Vishal Agrawal, aged about 29 years, S/o- Umesh Chandra Agrawal (Father), Geeta Devi Agrawal (Mother), resident of Chetani Bhawan Niladri Vihar, near Jeewan Dhara Nursing Home, P.O.- Nayabazar, P.S.- Chauliaganj, Dist.- Cuttack- 753004, Odisha declare by this affidavit No.- 1851, dtd. 18.08.2025, that now onwards I shall be known as VISHAL AGARWAL and my father onwards shall be known as Umesh Chandra Agarwal and my mother onwards shall be known as Geeta Devi Agarwal for all future purposes. D-1686

By virtue of an affidavit sworn before the Executive Magistrate, Golamunda, date 24.06.25, I Alekha Tandi, R/o. Village/ P.O.- Sanchergaon, P.S.- Kegaon, Dist.- Kalahandi declare that I have changed my son's name from Kapileswar Tandi to Amlan Tandi. Henceforth, he shall be known as Amlan Tandi for all purpose.
Alekha Tandi
D-1681

By virtue of an affidavit sworn before the Executive Magistrate, Boudh, No.- 1137, date 12.08.25, I, Chittaranjan Samal, R/o. Village/ P.O.- Sarasara, P.S./ Dist.- Boudh, Odisha, PIN- 762026 declare that I have changed my daughter's name from Pragyna Samal to Prangya Samal. Henceforth, she shall be known as Prangya Samal for all purpose.
Chittaranjan Samal
D-1682

By virtue of an affidavit sworn before Executive Magistrate, Kanas, dated- 12.08.2025, I Titikshya Baliyarsingh D/o- Swapna Rani Baliyarsingh, Vill.- Dochhian, P.O.- Adal, P.S.- Gadisagoda, Dist.- Puri, Odisha, PIN- 752019, declare that i have changed my name from Diptikshya Baliyarsingh to Titikshya Baliyarsingh. Henceforth, i shall be known as Titikshya Baliyarsingh for all purposes.
Titikshya Baliyarsingh.
D-1687

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LEGAL NOTICE

Letter No.- 1641, dt 18.08.2025
ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ. ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍.କେସ୍ ନମ୍ବର ୧୦୮୦/୨୦୨୩
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଧନେଶ୍ୱର ପାତ୍ର .... ବାଦୀ
ବନାମ
ଲଳିତ ମୋହନ ପାତ୍ର ଓରଫ ମହାପାତ୍ର ଓ ଅନ୍ୟମାନେ ...ପ୍ରତିବାଦୀ
ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୧. ଲଳିତ ମୋହନ ପାତ୍ର ଓରଫ ମହାପାତ୍ର, ପିତା-ସ୍ୱର୍ଗତ କୁଞ୍ଜ ବିହାରୀ ପାତ୍ର, ୨. କନକ ପାତ୍ର, ସ୍ୱାମୀ-ସ୍ୱର୍ଗତ କୁଞ୍ଜ ବିହାରୀ ପାତ୍ର, ୩. ପ୍ରଫୁଲ୍ଲ କୁମାର ଛୋଟରାୟ, ପିତା- ମଦନ ମୋହନ ଛୋଟରାୟ, ୪. ଭାସ୍କର ଜେନା, ପିତା- ବାଞ୍ଛାନିଧି ଜେନା, ୫. ଛବି ଡିଆଁବାଘ, ପିତା- କୁଳମଣି ଡିଆଁବାଘ, ୬. ରମେଶ ଚନ୍ଦ୍ର ସାହୁ, ୭. ସୁରେଶ ସାହୁ, ୮. ସୁବାଷ ସାହୁ, ୯. ସନ୍ତୋଷ ସାହୁ, ୧୦. ପ୍ରଭାସିନୀ ସାହୁ, ୧୧. ଲଳିତା ସାହୁ, କ୍ରମିକ ସଂଖ୍ୟା ୬ ରୁ ୧୧ ପିତା- ସ୍ୱର୍ଗତ ସୁବଳ ସାହୁ, ୧୨. ଅହଲିକ୍ ସାହୁ, ସ୍ୱାମୀ- ସ୍ୱର୍ଗତ ସୁବଳ ସାହୁ, ୧୩. ହରେକୃଷ୍ଣ ସାହୁ, ପିତା- ଅପର୍ତ୍ତି ସାହୁ, ୧୪. ପୁଷ୍ପଲତା ରଥ, ପିତା- ରବୀନ୍ଦ୍ର ରଥ
ପ୍ରତିବାଦୀ ନଂ.- ୧ ରୁ ୧୪ଙ୍କ ଠିକଣା ଗ୍ରାମ/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୦।୧୦।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।
ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଭାଲୁଙ୍କା
ସାବକ
ଖାତା ନମ୍ବର-୯, ପ୍ଲଟ୍ ନମ୍ବର- ୩୩, କିସମ- ଶାରଦ-୩, ରକବା- ଏ୦.୨୪୫ଡେସିମିଲରୁ ଏ୦.୦୩୫ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ପ୍ଲଟ୍ ନମ୍ବର- ୩୨, ରକବା- ଏ୦.୫୫୦ଡେସିମିଲରୁ ଏ୦.୦୫୭ଡେସିମିଲ
ହାଲ୍
ଖାତା ନମ୍ବର- ୨୧୧, ପ୍ଲଟ୍ ନମ୍ବର- ୩୭, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୧.୨୩୯୦ଡେସିମିଲରୁ ଏ.୦.୦୯୨ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍
ପୂର୍ବ-ଉପ ପ୍ଲଟ୍ ନମ୍ବର ୨୧୫, ପଶ୍ଚିମ- ଉପ ପ୍ଲଟ୍ ନମ୍ବର ୨୧୮, ଉତ୍ତର- ରାସ୍ତା, ଦକ୍ଷିଣ- ଉପ ପ୍ଲଟ୍ ନମ୍ବର ୨୧୦ ଏବଂ ୨୧୧।
ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୬୮୩

ଫ୍ୟାଶନ

# ଆକର୍ଷଣୀୟ ପେଣ୍ଡେଣ୍ଟ

ମହିଳାମାନେ ନିଜର ସୁନ୍ଦରତା ବଢ଼ାଇବା ପାଇଁ କେତେ କ'ଣ ଚେଷ୍ଟା କରିଥାନ୍ତି । ଏମିତିରେ ଯଦି ଆପଣ ଡେଲି ୱେରରେ ପେଣ୍ଡେଣ୍ଟ ପିନ୍ଧିବା ପାଇଁ ଚାହୁଁଥାନ୍ତି, ତେବେ ଆପଣଙ୍କୁ ଚିନ୍ତାକରିବାର ନାହିଁ । ଆଜି ଆପଣଙ୍କୁ କିଛି ଏପରି ଲକେଟ୍ ଡିଜାଇନ ବିଷୟରେ ସୂଚନା ଦେବୁ ଯାହା ଡେଲିୱେରରେ ସାମିଲ ମଧ କରିପାରିବେ...



**ଫିଲିଂ ଷ୍ଟାର ଡାଇମଣ୍ଡ ପେଣ୍ଡେଣ୍ଟ**
ଯଦି ଆପଣ ଡେଲି ୱେରରେ ପିନ୍ଧିବା ପାଇଁ ପେଣ୍ଡେଣ୍ଟ ଖୋଜୁଛନ୍ତି ତେବେ ଆପଣଙ୍କ ଚିନ୍ତା କରିବାର ଆବଶ୍ୟକତା ନାହିଁ । ଆପଣ ଏହି ଫିଲିଂ ଷ୍ଟାର ଡାଇମଣ୍ଡ ପେଣ୍ଡେଣ୍ଟକୁ ଟ୍ରାଏ କରିପାରିବେ । ଏହିପରି ପେଣ୍ଡେଣ୍ଟ ଆପଣଙ୍କ ବେକକୁ ସୁନ୍ଦର ଦେଖାଯିବ । ଏହା ଆପଣଙ୍କ ଲୁକ୍‌କୁ ଡିଫରେଣ୍ଟ ଏଲିଗାଣ୍ଟ ଟଚ୍ ଦେବାରେ ସାହାଯ୍ୟ କରିଥାଏ ।

**ଲିଫ୍ ଡିଜାଇନ ପେଣ୍ଡେଣ୍ଟ**
ନିଜର ସୁନ୍ଦରତାକୁ ବଢ଼ାଇବାରେ ଲିଫ୍ ଡିଜାଇନ୍‌ର ପେଣ୍ଡେଣ୍ଟ ସବୁ ଆଉଟ୍ ଫିଟ୍ ସହିତ ଭଲ ମାନିଥାଏ । ଏହି ପେଣ୍ଡେଣ୍ଟ ଆପଣଙ୍କୁ ରୟାଲ ଲୁକ୍ ଦେବାରେ ସାହାଯ୍ୟ କରିଥାଏ । ଏହାକୁ ଆପଣ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ବି କିଣିପାରିବେ ।

**ନଟେଡ୍ ଗ୍ରେସ୍ ଡାଇମଣ୍ଡ ପେଣ୍ଡେଣ୍ଟ**
ଯଦି ଆପଣ କର୍ମଜୀବୀ କିମ୍ବା କଲେଜରେ ପଢ଼ୁଥିବା ଝିଅ ହୋଇଥିବେ, ତେବେ ପ୍ରତିଦିନ କ'ଣ ପିନ୍ଧିବେ ସେଥିପାଇଁ ଚିନ୍ତା ନ କରି ନଟେଡ୍ ଗ୍ରେସ୍ ଡାଇମଣ୍ଡ ପେଣ୍ଡେଣ୍ଟ ପିନ୍ଧିପାରିବେ । ଏହାକୁ ଆପଣ କୌଣସି ବି ଆଉଟ୍‌ଫିଟ୍ ସହ ମଧ ପିନ୍ଧିପାରିବେ । ଏପରି ପେଣ୍ଡେଣ୍ଟ ଆପଣଙ୍କ ସୁନ୍ଦରତାକୁ ଆହୁରି ବଢ଼ାଇ ଦେବା ସହ ରୟାଲ ଲୁକ୍ ମଧ ଦେଇଥାଏ ।

**ଏଲ୍‌ଡର ରୁଟ୍ ଡାଇମଣ୍ଡ ପେଣ୍ଡେଣ୍ଟ**
ଆପଣ ଚାହିଁଲେ ନିଜ ସୁନ୍ଦରତା ବଢ଼ାଇବାକୁ ଡେଲି ୱେରରେ ଏହିପରି ସୁନ୍ଦର ରୁଟ୍ ଡାଇମଣ୍ଡ ପେଣ୍ଡେଣ୍ଟକୁ ଟ୍ରାଏ କରିପାରିବେ । ଏହି ପେଣ୍ଡେଣ୍ଟ୍ ଆପଣଙ୍କୁ ଷ୍ଟାଇଲିଶ୍ ଏବଂ ଗର୍ଜିୟସ୍ ଲୁକ୍ ଦେବାରେ ସାହାଯ୍ୟ କରିଥାଏ । ଏହାକୁ ଆପଣ କୌଣସି ବି ଆଉଟ ଫିଟ୍ ସହ ମଧ ପିନ୍ଧିପାରିବେ ।

# ଝିଟିପିଟି କବଳରୁ କିପରି ରକ୍ଷା ପାଇବେ



**ପୁଦିନା**
ପୁଦିନାର ବାସ୍ନା କେବଳ ଆପଣଙ୍କ ବଗିଚାକୁ ମହକାଇବା ସହ ଘରକୁ ମଧ କରିଥାଏ । ପୁଦିନାରେ ଥିବା ମିଣ୍ଟ ଫ୍ଲେବର ଝିଟିପିଟିଙ୍କୁ ଆକର୍ଷିତ କରି ନ ଥାଏ । ଯଦି ଆପଣ ଆକୁ ବାଲ୍‌କୋନିରେ ଲଗାଇ ଦେଉଛନ୍ତି ତେବେ ଏମାନଙ୍କୁ ଘର ପାଖାପାଖି ଦେଖିବାକୁ ମିଳିବେ ନାହିଁ ।

**ତୁଳସୀ**
ତୁଳସୀ ପତ୍ରରେ ଥିବା ମିଥାଇଲ୍ ସିନାମେଟ୍ ଏବଂ ଲିନାଲୁଲ ଭଳି ଝିଟିପିଟି ଦୂରେଇ ରଖିବାରେ ସାହାଯ୍ୟ କରିଥାଏ । ଏହାର କଡ଼ା ବାସ୍ନା ଝିଟିପିଟିଙ୍କୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ ।

**ଲାଭେଣ୍ଡର**
ଲାଭେଣ୍ଡର ବୃକ୍ଷ ନିଜର ସୁଗନ୍ଧ ପାଇଁ ବେଶ୍ ଜଣାଶୁଣା । ଏହାର ବାସ୍ନା ଝିଟିପିଟିଙ୍କୁ ଦୂରେଇ ରଖିବାରେ ସାହାଯ୍ୟ କରେ । ଏହା ସୁନ୍ଦର ବାଇଗଣୀ ରଙ୍ଗର ଫୁଲ ଆଣ୍ଟିସେପ୍ଟିକ୍ ସୁଗନ୍ଧ ତାଙ୍କୁ ଜମା ବି ପସନ୍ଦ ଆସେନାହିଁ ।

**ଲେମନ ଗ୍ରାସ୍**
ଲେମନ ଗ୍ରାସ୍ ଏକ ବିଶେଷ ପ୍ରକାର ବୃକ୍ଷ । ଯାହାକୁ ଆପଣ ଘର ଭିତରେ ଏବଂ ବାହାରେ ବି ରଖିପାରିବେ । ଏହାର ଖଟାମିଠା ବାସ୍ନା ଝିଟିପିଟିଙ୍କୁ ଜମା ବି ପସନ୍ଦ ଆସେନାହିଁ । ଏହାକୁ ଘର ଭିତରେ କିମ୍ବା ବାଲ୍‌କୋନିରେ ଲଗାଇବା ଦ୍ୱାରା ଝିଟିପିଟିଙ୍କୁ ଦୂରକରିବାରେ ସାହାଯ୍ୟ କରେ ।

**ଗେଣ୍ଡୁ ଫୁଲ**
ଗେଣ୍ଡୁ ଫୁଲ ଏବଂ ପତ୍ରର କଡ଼ା ବାସ୍ନା ଦ୍ୱାରା ଝିଟିପିଟି ତା' ଆଖପାଖକୁ ଆସି ନ ଥାଏ । ଗେଣ୍ଡୁ ଫୁଲର ବାସ୍ନାରେ ଝିଟିପିଟି ପାଖ ମାଡ଼ି ନ ଥାଏ ।

# ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ



ଷ୍ଟ୍ରେସ୍ ବା ଚାପ ଏପରି ଏକ ସାଇଲେଣ୍ଟ କିଲର, ଯାହା କେତେବେଳେ ଆମ ଶରୀରରେ ପ୍ରବେଶ କରିଥାଏ, ତାହା ଆମକୁ ସହଜରେ ଜଣାପଡ଼ି ନ ଥାଏ । ଏହା ଧୀରେ ଧୀରେ କେବଳ ଆମ ଶରୀରକୁ ନୁହେଁ ଜୀବନଶୈଳୀକୁ ବି ପ୍ରଭାବିତ କରିଥାଏ । ଏଥିପାଇଁ ସମୟ ଥାଉ ଥାଉ ସଚେତନ ହେବା ନିହାତି ଆବଶ୍ୟକ...

**ବୁଝନ୍ତୁ ଷ୍ଟ୍ରେସ୍‌କୁ :** ଆଜିର ବ୍ୟସ୍ତବହୁଳ ଜୀବନରେ ଷ୍ଟ୍ରେସ୍ ହେବା ସାମାନ୍ୟ କଥା । କିନ୍ତୁ ଏହି ଅନୁଭବ ସେତେବେଳେ ହୁଏ ଯେତେବେଳେ ଆମେ କୌଣସି ପରିସ୍ଥିତିରେ ସହଜରେ ବାହାରିପାରି ନ ଥାଉ । ଧୀରେ ଧୀରେ ଏହି ପରିସ୍ଥିତି ବୋଝ ପରି ମନେହୁଏ ଏବଂ ପରିସ୍ଥିତି ମଧ ଏପରି ହୋଇଯାଏ ଯେ ସେଥିରୁ ବାହାରି ମଧ ହୁଏନାହିଁ । ଏପରି ପରିସ୍ଥିତିରେ ଏଡ୍ରୋନାଲାଇନ ନାମକ ହର୍‌ମୋନ ସମ୍ପୂର୍ଣ୍ଣ ଶରୀରରେ ପ୍ରବେଶକରି ଦୌଡ଼ିବାକୁ ଲାଗିଥାଏ । ପରିମାଣ ସ୍ୱରୂପ ହୃତ୍‌ପିଣ୍ଡର ସ୍ପନ୍ଦନ ବଢ଼ିଯାଇଥାଏ । ଝାଳ ବୋହିବାକୁ ଲାଗିଥାଏ, ସମ୍ପୂର୍ଣ୍ଣ ଶରୀରରେ ଲୋମ ଟାଙ୍କୁରି ଉଠେ । ଆମ ଭାଷାରେ କହିବାକୁ ହେଲେ ଷ୍ଟ୍ରେସ୍ ଏକ ମାନସିକ ବିକାର । ଯେତେବେଳେ କୌଣସି ନକାରାତ୍ମକ ବିଚାର ଆମ ମନ ଭିତରେ ଘର କରି ବସେ ଏହା ଆମର ମାନସିକ ସ୍ଥିତି ଉପରେ ଖରାପ ପ୍ରଭାବ ପକାଇଥାଏ । ଫଳରେ ଆମ ମସ୍ତିଷ୍କ ଠିକ୍ ଭାବେ କାମ କରିବା ସ୍ଥିତିରେ ରହି ନ ଥାଏ । ପୁଣି କୌଣସି ଖୁସି ମାହୋଲ ଭିତରେ ରହିଲେ ସୁଦ୍ଧା ଖୁସି ଲାଗେନାହିଁ । ଏହି ସ୍ଥିତିକୁ ଷ୍ଟ୍ରେସ୍ କୁହାଯାଏ । କେତେକେ କିଛି କଥାକୁ ନେଇ ଚିନ୍ତାଗ୍ରସ୍ତ ହୋଇ ରହିଯାଆନ୍ତି ।

**ଷ୍ଟ୍ରେସ୍‌ର କାରଣ:** ପାର୍ଟନରଠାରୁ ବ୍ରେକ୍‌ଅପ୍, ପାର୍ଟନରଙ୍କ ନିଧନ ହେବା, ଏକୁଟିଆପଣ, ଚାକିରି କାରଣ ଏବଂ ଚାକିରି ବଦଳାଇବା କାରଣରୁ, ବେରୋଜଗାର ଏବଂ ଫାଇନାନ୍ସିଆଲ ସମସ୍ୟା, ପରିବାରଠାରୁ ଦୂରରେ ରହିବା, ପିଲା ପାଠପଢ଼ା ପାଇଁ ଘରେ ରହୁ ନ ଥିଲେ, ଛାଡ଼ପତ୍ର କାରଣରୁ ପରିବାର ଭାଙ୍ଗିଯାଏ । ସ୍ୱାସ୍ଥ୍ୟ ସମସ୍ୟା, ଖରାପ ଅଭ୍ୟାସର ଶିକାର ହେବା, ଯେମିତିକି ନିଶାଦ୍ରବ୍ୟର ସେବନ କରିବା, ହିଂସା ଏବଂ ଖରାପ ବ୍ୟବହାରର ଶିକାର ହେବା । ଚିନ୍ତାଗ୍ରସ୍ତ ରହିବା ଦ୍ୱାରା ମାଂଶପେଶୀରେ ଯନ୍ତ୍ରଣା ଅନୁଭୂତ ହୋଇଥାଏ । ଝାଡ଼ା ଏବଂ କୋଷ୍ଠକାଠିନ୍ୟ ସମସ୍ୟା, ମୁଣ୍ଡ ବୁଲାଇଦେବା, କେବେକେବେ ବିଳିବିଳି ହେବା, ଚିନ୍ତା ଏବଂ ଚିଡ଼୍‌ଚିଡ଼ି ହେବା, ଅଧିକ ଥକ୍କା ଅନୁଭବ କରିବା, ଅଧିକ ନିଦ ଲାଗିବା କିମ୍ବା ନିଦ ନ ହେବା, ଆତ୍ମବିଶ୍ୱାସ କମ୍ ହେବା, ଏକାଗ୍ରତା କମ୍ ଅନୁଭବ କରିବା, ନିଜ ପସନ୍ଦର ଜିନିଷରୁ ଦୂରେଇ ରହିବା, ସ୍ମରଣଶକ୍ତି କମିଯିବା, ଭୁଲିଯିବାର ସମସ୍ୟା, କମ୍ କଥା ହେବା ଏବଂ ଅଧିକାଂଶ ସମୟ ଚୁପ୍ ରହିବା, ବ୍ୟବହାରରେ ପରିବର୍ତ୍ତନ ଆସିବା, ଯେମିତି ଖୁସି ହେବା କଥାରେ ରାଗ ଆସିବା ଆଦି ।







## ନିଜକୁ ଷ୍ଟ୍ରେସ୍‌ରୁ ଦୂରେଇ ରଖିବାକୁ ହେଲେ...

**ପର୍ଯ୍ୟାପ୍ତ ପରିମାଣରେ ଶୁଅନ୍ତୁ:** ଉତ୍ତମ ସ୍ୱାସ୍ଥ୍ୟ ଏବଂ ମାନସିକ ଶାନ୍ତି ପାଇଁ ଅତିକମ୍‌ରେ ୭-୮ ଘଣ୍ଟା ନିହାତି ଶୋଇବା ଆବଶ୍ୟକ । ଯଦି ରାତିରେ ୭-୮ ଘଣ୍ଟା ନିଦ୍ରାରେ ଶୋଉନାହାନ୍ତି ତେବେ ଆପଣ କୌଣସି କଥାକୁ ନେଇ ଷ୍ଟ୍ରେସ୍‌ରେ ଅଛନ୍ତି । କମ୍ ନିଦ୍ରା ଆପଣଙ୍କ ମୁଡ୍, ମେଣ୍ଟାଲ ହେଲ୍‌ଥ, ଏନର୍ଜି ଲେଭଲ ଏବଂ ଫିଜିକାଲ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ । ଯଦି ଆପଣ ଷ୍ଟ୍ରେସ୍‌ରୁ ରକ୍ଷା ପାଇବାକୁ ଚାହାନ୍ତି ତେବେ ପର୍ଯ୍ୟାପ୍ତ ମାତ୍ରାରେ ଶୁଅନ୍ତୁ ।

**ରିଲାକ୍ସିଂ ଟେକ୍‌ନିକ୍ ଶିଖନ୍ତୁ:** ନିଜ ଡେଲି ରୁଟିନ୍‌ରେ ଧ୍ୟାନ, ଯୋଗ, ପ୍ରୋଗ୍ରେସିଭ୍ ମସଲ୍ସ ରିଲାକ୍‌ସେସନ, ଏକ୍ସରସାଇଜ୍‌କୁ ଗୁରୁତ୍ୱ ଦିଅନ୍ତୁ । ନିଜର ଧ୍ୟାନ ଭଲ ଜିନିଷରେ ଦିଅନ୍ତୁ । ୟାଡୁସାଡୁ ବେକାର ଜିନିଷରେ ମନ ଆଦୌ ଦିଅନ୍ତୁ ନାହିଁ । ବେକାର ଜିନିଷରେ ମନ ନ ଦେଇ କିଛି ନୂଆ ଶିଖନ୍ତୁ, ରିଲାକ୍‌ସେସନ କରନ୍ତୁ । ନିଜ ସ୍କିଲ୍ ଉପରେ କାମ କରନ୍ତୁ । ଯେତେବେଳେ ଆପଣ ନିଜ ପସନ୍ଦର କାମ କରୁଛନ୍ତି ନିଜକୁ ଆକ୍ଟିଭ୍ ଏବଂ ମନକୁ ଶାନ୍ତ ରଖନ୍ତୁ, ଫଳରେ ଚିନ୍ତା କମ୍ ଆସିଥାଏ ।

**ଡାଏଟ୍ ବଦଳାନ୍ତୁ:** ଆମର ଖାଦ୍ୟ ଖାଇବା, ପିଇବା ଏବଂ ମସ୍ତିଷ୍କର ଆପସ ମଧରେ ବହୁତ ଭଲ ସମ୍ବନ୍ଧ ରହିଛି । ଆମେ ଯେତେବେଳେ ଜଙ୍କ୍ ଏବଂ ପ୍ୟାକେଜ୍ ଫୁଡ୍ ଖାଇଥାଉ, ତା'ର ସିଧାସଳଖ ପ୍ରଭାବ ମସ୍ତିଷ୍କ ଉପରେ ପକାଇଥାଏ । ମସ୍ତିଷ୍କର ସକ୍ରିୟତା କମ୍ ହେବାକୁ ଲାଗିଥାଏ । ଏଥିପାଇଁ ଶରୀର ସହ ସକ୍ରିୟତା କମ୍ ଦେଖିବାକୁ ମିଳିଥାଏ । ଏଥିପାଇଁ ଶରୀର ସହ ମସ୍ତିଷ୍କକୁ ଆକ୍ଟିଭ୍ ରଖିବାକୁ ହେଲେ ଶୁଦ୍ଧ, ସନ୍ତୁଳିତ ଖାଦ୍ୟ ଖାଆନ୍ତୁ । ଡାଏଟ୍‌ରେ ସବୁଜ ପନିପରିବା, ପ୍ରତିଦିନ ସିଜନ୍ ଅନୁଯାୟୀ ଫଳ ଖାଆନ୍ତୁ । ଫଳରେ ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିପାରିବେ ।

ଅନ୍ୟଠାରୁ ସାହାଯ୍ୟ ନେବାକୁ ଲାଜ କରନ୍ତୁ ନାହିଁ । ହୀନଭାବନା କାରଣରୁ କେତେକେ ସାହାଯ୍ୟ ନେବାକୁ କୁଣ୍ଠାବୋଧ କରିଥାନ୍ତି । ସେ କାହା ସହ ନିଜର ଭାବନାକୁ ଶେୟାର କରନ୍ତି ନାହିଁ । କିନ୍ତୁ ଯଦି କୌଣସି ସମସ୍ୟା ଅଛି ନିଜ ସାଙ୍ଗସାଥୀ, ପାର୍ଟନର ଏବଂ ପରିବାର ଲୋକଙ୍କ ସହ ଶେୟାର କରନ୍ତୁ । ଫଳରେ ଆପଣଙ୍କ ଚିନ୍ତା କିଛି ମାତ୍ରାରେ କମିଯିବ । ନିମ୍ନୋକ୍ତ କେତୋଟି ଉପାୟ ଦ୍ୱାରା ଆପଣ ନିଜକୁ ଚିନ୍ତାମୁକ୍ତ କରିପାରିବେ ।

★ଦିନରେ ୧୦ମିନିଟ୍ ଏକାନ୍ତ ରୁହନ୍ତୁ ଏବଂ ବିଚାର ମନ୍ଥନ କରନ୍ତୁ । ରିଲାକ୍ସ କରୁଥିବା ଗୀତ ଶୁଣନ୍ତୁ । ଫନି ଫିଲ୍ମ ଦେଖନ୍ତୁ, ୱାକ୍, ଯୋଗ କ୍ଲାସ୍, ସାଲ୍‌ସା କ୍ଲାସ୍ ଏବଂ ଜିମ୍ ଯାନ୍ତୁ । ପସନ୍ଦର ବହି ପଢ଼ନ୍ତୁ, ଆବଶ୍ୟକସ୍ଥଳେ କାହାକୁ ସାହାଯ୍ୟ କରନ୍ତୁ, ନିଜ ଲୋକଙ୍କ ଲାଗି କିଛି ଫିଲିଂ ଲେଖି ତାଙ୍କୁ ପଠାନ୍ତୁ ।
★ଡ୍ରଇଁ ଏବଂ ପେଣ୍ଟିଂ କରନ୍ତୁ, କବିତା କିମ୍ବା ଗପ ଲେଖନ୍ତୁ । ମୋବାଇଲ ସୁଇଚ୍ ଅଫ୍ କରି ଦିଅନ୍ତୁ ଏବଂ ନିଜ ପାଇଁ କିଛି ସମୟ ବାହାର କରନ୍ତୁ । ଫ୍ରେଣ୍ଡ୍ସ ଏବଂ ଫ୍ୟାମିଲି ସହ ସିନେମା ଦେଖିବାକୁ ଯାଆନ୍ତୁ ।
★ନିଜ ରୁମ୍‌ରେ ଲାଉଡ୍ ମ୍ୟୁଜିକ୍‌ରେ ଚଲାଇ ଡ୍ୟାନ୍ସ କରନ୍ତୁ ।
★ପାହାଡ଼, ବିଚ୍ ଆଦି ସ୍ଥାନକୁ ସାଙ୍ଗମାନଙ୍କ ସହ ବୁଲିବାକୁ ଯାଆନ୍ତୁ । ନିଜ ଲୋକଙ୍କ ସହିତ ଲଞ୍ଚରେ ଯାଆନ୍ତୁ, ତାଙ୍କ ପାଇଁ ଛୁଟିଦିନରେ ଲଞ୍ଚ ହୋଷ୍ଟ କରନ୍ତୁ ।
★ଗାର୍ଡେନିଂ, ସାଇକେଲିଂ ବାଇକ୍ ରାଇଡିଂ, ସୁଇମିଂ କିମ୍ବା କୌଣସି ବି ସ୍ପୋର୍ଟ୍ସ ଖେଳନ୍ତୁ ।
★ଉଇଣ୍ଡୋ ଶପିଂ କରନ୍ତୁ, ଚିହ୍ନାଜଣା ଲୋକଙ୍କୁ ଫୋନ୍‌କରି କଥାବାର୍ତ୍ତା ହୁଅନ୍ତୁ ।
★ରୋଷେଇ କରନ୍ତୁ, ଅସଜଡ଼ା ହୋଇଥିବା ଆଲମିରାକୁ ସାଇଜ୍ କରି ଜିନିଷ ରଖନ୍ତୁ । କେବଳ ୧୦ ମିନିଟ୍ ଷ୍ଟ୍ରେଚିଂ କରନ୍ତୁ ।
★ ଆପଣଙ୍କ ପୁରୁଣା ଆଲବମ୍ ଏବଂ ଫଟୋକୁ ଦେଖି ନିଜର ସ୍ମୃତିକୁ ସାଉଣ୍ଟନ୍ତୁ ।

ସୌନ୍ଦର୍ଯ୍ୟ

# ଢିଲା ସ୍କିନ୍‌କୁ ଟାଇଟ୍ କରିବାକୁ ହେଲେ...

ଢିଲା ହୋଇଯାଇଥିବା ସ୍କିନ୍‌କୁ ଟାଇଟ୍ କରିବା ସହ ସ୍କିନ୍ ୟଙ୍ଗ୍ ଏବଂ ଆକର୍ଷକ ଦେଖାଯିବା ବି ଆବଶ୍ୟକ। ନଡ଼ିଆତେଲ, ବାଦାମ ତେଲ ଏବଂ ଆଲୋଭେରା ଜେଲ୍ ଭଳି ପ୍ରାକୃତିକ ଉତ୍ପାଦ ତ୍ୱଚାକୁ ମଶ୍ଚରାଇଜ୍ ଏବଂ ଟାଇଟ୍ କରିବାରେ ସାହାଯ୍ୟ କରେ। ମୁଲତାନୀ ମାଟି ଏବଂ ଗୋଲାପ ଜଳ, ଆଲୋଭେରା ଜେଲ୍ ଭଳି ପ୍ରାକୃତିକ ଉତ୍ପାଦ ତ୍ୱଚାକୁ ମଶ୍ଚରାଇଜ୍ କରିବା ସହ ଟାଇଟ୍ କରିବାରେ ମଧ ସାହାଯ୍ୟ କରିଥାଏ। ଜାଣନ୍ତୁ ଏ ସମ୍ପର୍କରେ ଟିପ୍ସ...



**ମୁଲତାନୀ ମାଟି ଏବଂ ଗୋଲାପ ଜଳର ଫେସ୍‌ପ୍ୟାକ୍**
ମୁଲତାନୀ ମାଟି ଏବଂ ଗୋଲାପ ଜଳର ଫେସ୍‌ପ୍ୟାକ୍ ତ୍ୱଚାକୁ ଟାଇଟ୍ ଏବଂ ଗ୍ଲୋଇଂ କରିବାରେ ସାହାଯ୍ୟକରେ । ମୁଲତାନୀ ମାଟି ତ୍ୱଚାର ଭିତରୁ ସଫାକରିଥାଏ ଏବଂ ଗୋଲାପ ଜଳ ତ୍ୱଚାକୁ ମଶ୍ଚରାଇଜ୍ କରିଥାଏ । ଏହି ଫେସ୍‌ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ମୁଲତାନୀ ମାଟିରେ ଗୋଲାପ ଜଳ ମିଶାଇ ଏକ ପେଷ୍ଟ ବନାନ୍ତୁ ଏବଂ ଏହାକୁ ମୁହଁରେ ଲଗାନ୍ତୁ । ୧୫-୨୦ ମିନିଟ୍ ପରେ ଥଣ୍ଡା ପାଣିରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ । ଏହାକୁ ନିୟମିତ ବ୍ୟବହାର କରିବା ଦ୍ୱାରା ତ୍ୱଚା ଟାଇଟ୍ ଏବଂ ଚମକଦାର ହୋଇଥାଏ ।

**ଦହି ଏବଂ ମହୁ ଫେସ୍‌ପ୍ୟାକ୍**
ଦହି ଏବଂ ମହୁ ଫେସ୍‌ପ୍ୟାକ୍ ତ୍ୱଚାକୁ ଟାଇଟ୍ ଏବଂ ମଶ୍ଚରାଇଜ୍ କରିବାରେ ସାହାଯ୍ୟ କରେ । ଦହିରେ ଲାକ୍‌ଟିକ୍ ଏସିଡ୍ ରହିଛି ଯାହା ତ୍ୱଚାକୁ ଏକ୍ସଫୋଲିଏଟ୍ କରିଥାଏ । ମହୁ ତ୍ୱଚାକୁ ମଶ୍ଚରାଇଜ୍ କରିଥାଏ । ଏହି ଫେସ୍‌ପ୍ୟାକ୍‌କୁ ପ୍ରସ୍ତୁତ କରିବାକୁ ହେଲେ ଦହି ଏବଂ ମହୁକୁ ଭଲ ଭାବେ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ଲଗାନ୍ତୁ । ଏହା ଶୁଖିଗଲା ପରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ । ଫଳରେ ଆପଣଙ୍କ ତ୍ୱଚା ସଫା ଦେଖାଯିବା ସହ ଟାଇଟ୍ ମଧ ହୋଇଥାଏ ।

**ଆଳୁ ଫେସ୍‌ପ୍ୟାକ୍**
ଆଳୁର ଫେସ୍‌ପ୍ୟାକ୍ ତ୍ୱଚାକୁ ଟାଇଟ୍ କରିବାରେ ସାହାଯ୍ୟ କରିଥାଏ । ଆଳୁରେ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ତ୍ୱଚାକୁ ଟାଇଟ୍ ଏବଂ ଚମକଦାର କରିଥାଏ । ଏହି ଫେସ୍‌ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଆଳୁକୁ ଚକଟି ଚକଟି ମୁହଁରେ ଲଗାନ୍ତୁ । ୧୫ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ମୁହଁକୁ ଥଣ୍ଡାପାଣିରେ ଧୋଇଦିଅନ୍ତୁ ।

**ବେସନ ଏବଂ ଦହି**
ବେସନ ଏବଂ ଦହି ଫେସ୍‌ପ୍ୟାକ୍ ତ୍ୱଚାକୁ ଟାଇଟ୍ ଏବଂ ଏକ୍ସଫୋଲିଏଟ୍ କରିବାରେ ସାହାଯ୍ୟ କରିଥାଏ । ବେସନ ତ୍ୱଚାକୁ ଭିତରୁ ସଫା କରିଥାଏ ଏବଂ ଦହି ତ୍ୱଚାକୁ ମଶ୍ଚରାଇଜ୍ କରିଥାଏ । ଏହି ଫେସ୍‌ପ୍ୟାକ୍‌କୁ ପ୍ରସ୍ତୁତ କରିବାକୁ ହେଲେ ବେସନ ଏବଂ ଦହି ମିଶାଇ ପେଷ୍ଟକରି ମୁହଁରେ ଲଗାନ୍ତୁ । ଏହା ଶୁଖିଗଲା ପରେ ଥଣ୍ଡାପାଣିରେ ମୁହଁକୁ ଧୋଇଦିଅନ୍ତୁ । ଏହାକୁ ନିୟମିତ ବ୍ୟବହାର କରିବା ଦ୍ୱାରା ତ୍ୱଚା ଟାଇଟ୍ ଏବଂ ଚମକଦାର ହୋଇଥାଏ ।



ଖାଦ୍ୟରୁଚି

# ସୁଜି ପଟାଟୋ ସ୍ନାକ୍ସ



**ଆବଶ୍ୟକ ସାମଗ୍ରୀ**
ଚିଲି ଫ୍ଲେକ୍ସ ୧ ଚାମଚ, ଧନିଆପତ୍ର ୨ ଚାମଚ, ସୁଜି, କର୍ନଫ୍ଲୋର, କଦୁକସ୍ ହୋଇଥିବା ଆଳୁ ୨ଟି, ଆବଶ୍ୟକ ଅନୁଯାୟୀ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ**
ପ୍ରଥମେ କଡ଼େଇରେ କିଛି ପାଣି ନେଇ ବସାନ୍ତୁ । ଏହି ପାଣିରେ ଚିଲି ଫ୍ଲେକ୍ସ ଏବଂ ଧନିଆପତ୍ର ପକାନ୍ତୁ ,ଏହାପରେ ସେଥିରେ ସୁଜି ପକାନ୍ତୁ । ସୁଜି ପକାଇ ତାକୁ ଭଲଭାବେ ଗୋଳାନ୍ତୁ । ଏହାର ପାଣି ଅଂଶ କମିଗଲା ପରେ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ । ସୁଜି ଥଣ୍ଡା ହୋଇଗଲା ପରେ ଏଥିରେ କଦୁକସ୍ ହୋଇଥିବା ଆଳୁ ଏବଂ କର୍ନଫ୍ଲୋର ପକାଇ ଭଲଭାବେ ଚକଟି ରଖନ୍ତୁ । ଏବେ ଏହି ଚକଟାକୁ ଲମ୍ବା ଆକାରରେ ରଖି ତାକୁ ଛୁରୀ ସାହାଯ୍ୟରେ ଛୋଟ ଛୋଟ କାଟି ଦିଅନ୍ତୁ । ଏବେ ଏହାକୁ ଟିକେ ହାତରେ ଚାପି ସ୍କୋୟାର ସେପ୍ ଦେଇ ଏବଂ କଣ୍ଟା ଚାମଚ (ଫର୍କ୍ )
ପକାଇ ଏକ ସେପ୍ ଦିଅନ୍ତୁ । ବର୍ତ୍ତମାନ ଗରମ ହୋଇଥିବା ତେଲରେ ଏହାକୁ ଛାଣନ୍ତୁ । ଏବେ ଏହାକୁ ଟମାଟୋ ସସ୍‌ରେ ଲଗାଇ ଖାଆନ୍ତୁ ।

# ଏନ୍ଏସ୍ଏଫ୍ ନେତୃତ୍ୱ ଲାଗି ଯୋଗ୍ୟତା ନିୟମରେ କୋହଳ

## ନୂଆ ସ୍ପୋର୍ଟ୍ସ ବିଲ୍‌ରେ ସଂଶୋଧନ

ନୂଆଦିଲ୍ଲୀ,୧୮।୮(ପି.ଟି.)

ଜାତୀୟ ଫେଡେରେଶନରେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀ ଲାଗି ଆଶାୟୀଙ୍କୁ ଏକ୍‌ଜିକ୍ୟୁଟିଭ କମିଟିରେ ଅତିକମ୍‌ରେ ଥରେ କାର୍ଯ୍ୟକାଳ ପୂରଣ କରିଥିବା ଦରକାର। ପୂର୍ବରୁ ଏହି ମୁଖ୍ୟ ୩ ପଦବୀ ଲାଗି ଯୋଗ୍ୟ ହେବା ପାଇଁ ଦୁଇ ଥର ଏକ୍‌ଜିକ୍ୟୁଟିଭ କମିଟିର ସଦସ୍ୟ ଭାବେ କାର୍ଯ୍ୟକାଳ ପୂରଣ କରିବା ବାଧ୍ୟତାମୂଳକ ଥିଲା। ଯୁବ ପ୍ରଶାସକ ଓ ଆଥ୍‌ଲେଟ୍ ନେତାଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏହି ପରିବର୍ତ୍ତନ କରାଯାଇଛି।

ଗତ ସପ୍ତାହରେ ସଂସଦରେ ପାରିତ ହୋଇଥିବା ଜାତୀୟ କ୍ରୀଡ଼ା ଶାସନ ବିଲ୍ ଏବେ ରାଷ୍ଟ୍ରପତିଙ୍କ ମଞ୍ଜୁରୀର ଅପେକ୍ଷାରେ ରହିଛି। ଏହାପରେ ଆନୁଷ୍ଠାନିକ ଭାବେ ଏହା ଆଇନରେ ପରିଣତ ହେବ। ଏଥିରେ ଯେକୌଣସି ଜାତୀୟ କ୍ରୀଡ଼ା ଫେଡେରେଶନ (ଏନ୍ଏସ୍ଏଫ୍ଏସ୍)ର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀ ଲାଗି ନିର୍ବାଚନରେ ଆଶାୟୀ ହେବା ପାଇଁ ପୂର୍ବରୁ ଦିଆଯାଇଥିବା ମାନଦଣ୍ଡରେ ସଂଶୋଧନ ଦ୍ୱାରା କୋହଳ କରାଯାଇଛି। ଫେଡେରେଶନର ମୁଖ୍ୟ ୩ ପଦବୀ ପାଇଁ ଆଶାୟୀ ହେବା ଲାଗି ଏକ୍‌ଜିକ୍ୟୁଟିଭ କମିଟିର ସଦସ୍ୟ ଭାବେ ଦୁଇ ଥର କାର୍ଯ୍ୟକାଳ ପୂରଣ କରିବା ବାଧ୍ୟତାମୂଳକ ଥିଲା। ବିଭାଗୀୟ ଅଂଶୀଦାରଙ୍କ ସହ ଆଲୋଚନା ପରେ ସଂଶୋଧନ ମାଧ୍ୟମରେ ମାନଦଣ୍ଡକୁ ହ୍ରାସ କରାଯାଇ ଅତିକମ୍‌ରେ ଥରେ କାର୍ଯ୍ୟକାଳରେ ସୀମିତ ରଖାଯାଇଛି। ଏ ସମ୍ପର୍କରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି ଯେ, ଯୋଗ୍ୟ ଓ ଦକ୍ଷ ପ୍ରାର୍ଥୀଙ୍କ ସଂଖ୍ୟା ବୃଦ୍ଧି କରିବା ନିମନ୍ତେ ଫେଡେରେଶନର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସର୍ବନିମ୍ନ କାର୍ଯ୍ୟକାଳକୁ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଥ୍‌ଲେଟ୍‌ଙ୍କ ପ୍ରତିନିଧି ଓ ଛୋଟ ଫେଡେରେଶନ୍ସ ସମେତ ଅନେକ ଅଂଶୀଦାରଙ୍କ ସହ ଆଲୋଚନା ପରେ ପୂର୍ବରୁ ଥିବା ମାନଦଣ୍ଡ ଯୁବ ପ୍ରଶାସକଙ୍କ ସୁଯୋଗକୁ ସୀମିତ କରୁଥିବା ଜଣାପଡ଼ିଥିଲା। କିଛି ଘଟଣାରେ ପ୍ରତିଭାବାନ ପ୍ରଶାସକ ଓ ପୂର୍ବତନ ଆଥ୍‌ଲେଟ୍‌ଙ୍କ ନିକଟରେ ପ୍ରଶାସନିକ ଦକ୍ଷତା ଥିବା ସତ୍ତ୍ୱେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରୁ ନ ଥିଲେ। କାରଣ ସେମାନେ ଏକ୍‌ଜିକ୍ୟୁଟିଭ କମିଟିରେ ଥରେ ହେଲେ ବି କାର୍ଯ୍ୟକାଳ ପୂରଣ କରି ନ ଥିଲେ। କିନ୍ତୁ ଏହି ସଂଶୋଧନ ଯୋଗୁ ଯୁବ ପ୍ରଶାସକ ଓ ଆଥ୍‌ଲେଟ୍ ଲିଡରଙ୍କୁ ଅଧିକ ସୁଯୋଗ ମିଳିବ।

**ଓଡ଼ିଶା ପ୍ରୋ ଟି୨୦ ଲିଗ୍**

## ମହାପାତ୍ର ୟୁନିଭର୍ସାଲ ଫ୍ରାଞ୍ଚାଇଜ୍ ମାଲିକ

**ଭୁବନେଶ୍ୱର, ୧୮।୮(ବିଜୟ ରଣା):** ବହୁ ପ୍ରତୀକ୍ଷିତ ଓଡ଼ିଶା ପ୍ରୋ ଟି୨୦ ଲିଗ୍ କଟକସ୍ଥିତ ବାରବାଟୀ ଷ୍ଟାଡିୟମରେ ସେପ୍ଟେମ୍ବର ୧୫ରୁ ୨୪ ପର୍ଯ୍ୟନ୍ତ ଖେଳାଯିବ। ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ମହାପାତ୍ର ୟୁନିଭର୍ସାଲ ଲିମିଟେଡ୍‌କୁ ଏକ ଫ୍ରାଞ୍ଚାଇଜ ମାଲିକ ଭାବେ ଘୋଷଣା କରିଛି। ଆରିଭା ସ୍ପୋର୍ଟ୍ସ ପ୍ରାଇଭେଟ ଲିମିଟେଡ୍ ଏହି ଟୁର୍ନାମେଣ୍ଟର ପରିଚାଳନା ଦାୟିତ୍ୱରେ ରହିଛି। ଓଡ଼ିଶା କ୍ରିକେଟ ପାଇଁ ଏକ ନୂତନ ଯୁଗର ସୂତ୍ରପାତ ହେବାକୁ ଯାଉଛି। ଏହି ଟୁର୍ନାମେଣ୍ଟ ରାଜ୍ୟ ଓ ରାଜ୍ୟ ବାହାର ଦର୍ଶକଙ୍କୁ ଆକୃଷ୍ଟ କରିବ ଏବଂ ରୋମାଞ୍ଚ ସୃଷ୍ଟି କରିବ। ଏହି ଅବସରରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି ଯେ, ଓଡ଼ିଶା ପ୍ରୋ-ଟି୨୦ ଲିଗ୍ କେବଳ ଏକ ଟୁର୍ନାମେଣ୍ଟ ନୁହେଁ, ରାଜ୍ୟରେ କ୍ରିକେଟ ପ୍ରତିଭା ସୃଷ୍ଟି କରିବା ଏବଂ ଓଡ଼ିଶା କ୍ରିକେଟକୁ ଉଚ୍ଚସ୍ତରରେ ପହଞ୍ଚାଇବାରେ ସହାୟକ ହେବ ମଧ୍ୟ। ମହାପାତ୍ର ୟୁନିଭର୍ସାଲ ଲିମିଟେଡ୍‌ର ଚେୟାରପର୍ସନ ପ୍ରୀତି ମହାପାତ୍ର କହିଛନ୍ତି ଯେ, ତାଙ୍କ ଫ୍ରାଞ୍ଚାଇଜ ଏକ ଶକ୍ତିଶାଳୀ ଦଳ ଗଠନ କରିବ, ଯାହାର ଖେଳାଳିମାନେ ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିପାରିବେ। ଆରିଭା ସ୍ପୋର୍ଟ୍ସ ପ୍ରାଇଭେଟ ଲିମିଟେଡ୍‌ର ସହପ୍ରତିଷ୍ଠାତା ରଜନୀଶ ଚୋପ୍ରା କହିଛନ୍ତି, ଉଦୀୟମାନ ପ୍ରତିଭାଙ୍କ ଲାଗି ସୁଯୋଗ ସୃଷ୍ଟି କରିବା ଆମର ପ୍ରଧାନ ଲକ୍ଷ୍ୟ।



ଜାତୀୟ ସବ୍ ଜୁନିୟର ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ବିଜୟ ପରେ ପଟିଆଲାସ୍ଥିତ ନ୍ୟାଶନାଲ ସେଣ୍ଟର୍ସ ଅଫ୍ ଏକ୍ସିଲେନ୍ସି (ଏନ୍‌ସିଓଇ)ରେ ଆଡଭାନ୍ସଡ ଟ୍ରେନିଂ ପାଇଁ ସୁଯୋଗ ପାଇଛନ୍ତି ଓଡ଼ିଶାର ଲିଖିତ କୁମାର ବିଶ୍ୱାଳ।

## ବିଜେଇଏମ୍, କିସ୍ ସ୍କୁଲ ବିଜୟୀ

**ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ):** ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ୩୪ତମ ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ୨ଟି ମ୍ୟାଚରେ ବିଜେଇଏମ୍ ଏବଂ କିସ୍ ସ୍କୁଲ ବିଜୟୀ ହୋଇଛି। ସଂଘର୍ଷପୂର୍ଣ୍ଣ ପ୍ରଥମ ମ୍ୟାଚରେ ବିଜେଇଏମ୍ ୪-୩ ଗୋଲରେ ଖଣ୍ଡଗିରି ବିକାଶ ସ୍କୁଲକୁ ପରାସ୍ତ କରିଛି। ବିଜେଇଏମ୍ ପକ୍ଷରୁ ଜ୍ଞାନ ରଞ୍ଜନ ମହାନ୍ତି ୩ଟି ଓ ପ୍ରୟାସ ପ୍ରକାଶ ସାହୁ ଗୋଟିଏ ଗୋଲ ଦେଇଥିଲେ। ଜ୍ଞାନ ରଞ୍ଜନ ମହାନ୍ତିଙ୍କୁ ଅତିଥି ନୀହାରକାନ୍ତ ପଟ୍ଟନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟଏକ ସମ୍ପୂର୍ଣ୍ଣ ଏକପାଖିଆ ମ୍ୟାଚରେ କିସ୍ ୧୩-୦ରେ ପଳାଶୁଣି ସ୍କୁଲକୁ ହରାଇ ଦେଇଛି। ଦଳ ପକ୍ଷରୁ ବଚନ ପୂର୍ତ୍ତି ୪ଟି, ସୁନାରାମ ସୋରେନ ୩ଟି, ଉପେନ୍ଦ୍ର ଅମର୍ତ୍ତି ୨ଟି ଏବଂ ଜଶନ ଡେଗି, କାନୁ ମାରାଡି, ମହେଶ୍ୱର ମୁର୍ମୁ ଓ ରାଧେ ହାଁସଦା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବଚନ ପୂର୍ତ୍ତିଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ଅତିଥି ପ୍ରଦୀପ ରାଉତରାୟ।

# ଦ୍ୱିତୀୟ ବିଜୟ ସହ କ୍ୱାର୍ଟରରେ ଓଡ଼ିଶା

**ଜାତୀୟ ଜୁନିୟର ହକି**

ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)

ପଞ୍ଜାବର ଜଲନ୍ଧରଠାରେ ଚାଲିଥିବା ୧୫ଶ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଡିଭିଜନ-ଏ'ରେ ପୂର୍ବଦିନ କର୍ଣ୍ଣାଟକକୁ ୨-୧ରେ ହରାଇଥିବା ଓଡ଼ିଶା ସୋମବାର ଆନ୍ଧ୍ର ପ୍ରଦେଶକୁ ୧୦-୦ ଗୋଲରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ପକ୍ଷରୁ ପ୍ରଦୀପ ମଣ୍ଡଳ ୧୨ ଓ ୪୪, ବିଲକନ ଓରାମ ୨୪ ଓ ୩୫, ଦୀପକ ପ୍ରଧାନ ୨୭ ଓ ୫୭, କରନ ଲାକ୍ରା ୫୬ ଓ ୫୯ତମ ମିନିଟରେ ୨ଟି ଲେଖାଏ ଏବଂ ପ୍ରତାପ ଟପ୍ପୋ ଓ ୟୋଜିନ ମିଞ୍ଜ ୬୦ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଡିଭିଜନ୍-ଏ'ର ଅନ୍ୟ ମ୍ୟାଚଗୁଡ଼ିକରେ ମଣିପୁର ୫-୧ରେ ଦାଦ୍ରା ଆଣ୍ଡ ନଗର ହାଭେଲି ଆଣ୍ଡ ଡାମନ ଡିୟୁକୁ, ଝାଡ଼ଖଣ୍ଡ ୫-୩ରେ ମହାରାଷ୍ଟ୍ରକୁ ହରାଇଥିବାବେଳେ ମଧ୍ୟ ପ୍ରଦେଶ ଓ ତାମିଲନାଡୁ ମ୍ୟାଚ ୩-୩ ଗୋଲରେ ଡ୍ର ରହିଛି। ଏଥିସହ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ସ୍ପଷ୍ଟ ହୋଇଯାଇଛି। ଓଡ଼ିଶା ସମେତ ପଞ୍ଜାବ, ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ହରିୟାଣା, ମଣିପୁର ଓ କର୍ଣ୍ଣାଟକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୨୦ ତାରିଖରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।



ଆନ୍ଧ୍ର ପ୍ରଦେଶ ବିପକ୍ଷ ମ୍ୟାଚ ପୂର୍ବରୁ ଓଡ଼ିଶା ଦଳ।

# ଈଶ୍ୱରନ ପୂର୍ବାଞ୍ଚଳ ଅଧିନାୟକ

**ଦୁଲିପ ଟ୍ରଫି**

■ ଆକାଶ ଦୀପ୍, ଇଶାନ କିଶନ ଖେଳିବେନି

କୋଲକାତା, ୧୮।୮ (ପି.ଟି.)

ଭାରତ ପେସ୍ ବୋଲର ଆକାଶ ଦୀପ୍ ଓ ପୂର୍ବାଞ୍ଚଳ ଅଧିନାୟକ ତଥା ଉଇକେଟକିପର ବ୍ୟାଟର ଇଶନ କିଶନ ଉତ୍ତରାଞ୍ଚଳ ବିପକ୍ଷ ଦୁଲିପ ଟ୍ରଫି କ୍ରିକେଟ ମ୍ୟାଚ ଖେଳିବେନି। କିଶନଙ୍କ ଅନୁପସ୍ଥିତିରେ ବେଙ୍ଗଲର ଟପ୍ ଅର୍ଡର ବ୍ୟାଟର ଅଭିମନ୍ୟୁ ଈଶ୍ୱରନଙ୍କୁ ପୂର୍ବାଞ୍ଚଳ ଦଳର ଅଧିନାୟକ ଏବଂ ଆସାମ ଅଲରାଉଣ୍ଡର ରିୟାନ ପରାଗଙ୍କୁ ତାଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି। ସିଜନ ଆରମ୍ଭ ଦୁଲିପ ଟ୍ରଫି ମ୍ୟାଚଗୁଡ଼ିକ ଅଗଷ୍ଟ ୨୮ରୁ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ ଗ୍ରାଉଣ୍ଡରେ ଖେଳାଯିବ। ଆକାଶ ଏପର୍ଯ୍ୟନ୍ତ ପିଠି ଇଞ୍ଜୁରିରୁ ମୁକ୍ତ ହୋଇ ନାହାନ୍ତି। ଏହି କାରଣରୁ ସେ ନିକଟରେ ଇଂଲଣ୍ଡ ଟୁର୍ ବେଳେ ଦୁଇଟି ଟେଷ୍ଟ ମ୍ୟାଚ ଖେଳି ନ ଥିଲେ। ଏହି ୨୮ ବର୍ଷୀୟ ଖେଳାଳିଙ୍କ ସ୍ଥାନରେ ପୂର୍ବାଞ୍ଚଳ ଦଳରେ ବିହାରର ମୁକ୍ତାର ହୁସେନଙ୍କୁ ନିଆଯାଇଛି। ବେଙ୍ଗଲ ପେସ୍ ବୋଲର ଆକାଶ ଇଂଲଣ୍ଡ ବିପକ୍ଷ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରି ୧୩ ଉଇକେଟ ନେଇଥିଲେ। ତନ୍ମଧ୍ୟରେ ବର୍ମିଂହାମ୍‌ରେ ତାଙ୍କ ୧୦ ଉଇକେଟ ସଫଳତା ଅନ୍ୟତମ। ଓଭାଲଠାରେ ସେ ଆହୁରି ମଧ୍ୟ ତାଙ୍କ ପ୍ରଥମ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଛନ୍ତି। ଡାକ୍ତରୀ ପରାମର୍ଶ ଯୋଗୁ ସେ ଉପଲବ୍ଧ ହେବେ ନାହିଁ।


ଅଭିମନ୍ୟୁ ଈଶ୍ୱରନ

**ସାଫ୍ ଚାମ୍ପିୟନଶିପ୍**

## ଭାରତୀୟ ଦଳରେ ଓଡ଼ିଶାର ରିତୁ ବଡେକ

**ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ):** ଭୁଟାନରେ ଚଳିତ ମାସ ୨୦ ତାରିଖରୁ ୧୭ ବର୍ଷରୁ କମ୍ ମହିଳା ସାଫ୍ ଫୁଟବଲ ଚାମ୍ପିୟନଶିପ୍ ଆରମ୍ଭ ହେବ। ଏଥିପାଇଁ ଘୋଷିତ ୨୩ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ରିତୁ ବଡେକ ସ୍ଥାନ ପାଇଛନ୍ତି। ଭାରତ ୨୦ରେ ନେପାଳ, ୨୨ରେ ବାଂଲାଦେଶ, ୨୪ରେ ଭୁଟାନ, ୨୭ରେ ଭୁଟାନ, ୨୯ରେ ନେପାଳ ଓ ୩୧ରେ ବାଂଲାଦେଶକୁ ଭେଟିବ। ରିତୁଙ୍କୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶା ଖେଳାଳିଙ୍କୁ ୧ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ


ପଦକ ସହ ଦୀପ ରଞ୍ଜନ ବିଷୋୟୀ ଓ ଶୁଭ୍ରଜିତ ମହାରଣା।

**ପେରୁ ପାରା ବ୍ୟାଡ୍‌ମିଣ୍ଟନ**

ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)

ପେରୁର ଲିମାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ (ଲେଭଲ-୨) ପାରା ବାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶା ପ୍ରତିଯୋଗୀଙ୍କୁ ୧ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ପଦକ ମିଳିଛି। ମନୋଜ ସରକାରଙ୍କୁ ସାଥିକରି ଦୀପ ରଞ୍ଜନ ବିଷୋୟୀ ପୁରୁଷ ଡବଲ୍ସ ଏସଏଲ୍୩-ଏସୟୁ୪ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲରେ ଏହି ଯୋଡ଼ି ପର୍ତ୍ତୁଗାଲର ଡିଓଗୋ ଡାନିଏଲ ଓ ଫ୍ରାନ୍ସର ମାଥ୍ୟୁ ଥୋମାସଙ୍କୁ ୨୨-୨୦, ୨୧-୧୧ରେ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ଏସଏଲ୪ରେ ଦୀପ୍ ରଞ୍ଜନ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେମିଫାଇନାଲରେ ସେ ବ୍ରାଜିଲର ଆର. ଓଲିଭିଆଙ୍କଠାରୁ ୪-୨୧, ୨୩-୨୧ ଓ ୧୫-୨୧ରେ ପରାସ୍ତ ହୋଇଛନ୍ତି। ସେହିପରି ଶୁଭ୍ରଜିତ ମହାରଣା ଅନ୍ୟତମ ଭାରତୀୟ ଖେଳାଳି ଅରୱାଜ ଅନସାରିଙ୍କୁ ପାର୍ଟନର କରି ପୁରୁଷ ଡବଲ୍ସ ଏସଏଲ୩-ଏସଏଲ୪ରେ ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ଯୋଡ଼ି ସେମିଫାଇନାଲରେ ପର୍ତ୍ତୁଗାଲର ଡିଓଗୋ ଡାନିଏଲ ଓ ଫ୍ରାନ୍ସର ମାଥ୍ୟୁ ଥୋମାସଙ୍କଠାରୁ ୧୪-୨୧, ୧୩-୨୧ରେ ହାରି ଯାଇଛନ୍ତି।

# ଡୋପ୍ ଜାଲରେ ଟ୍ରିପଲ ଜମ୍ପର ଶିନା ଭାର୍କେ

ନୂଆଦିଲ୍ଲୀ, ୧୮।୮ (ପି.ଟି.)

ଡୋପ୍ ଟେଷ୍ଟରେ ଧରାପଡ଼ିବା ପରେ ନ୍ୟାଶନାଲ ଆଣ୍ଟି-ଡୋପିଂ ଏଜେନ୍ସି(ନାଡା) ଟ୍ରିପଲ ଜମ୍ପର ଶିନା ଭାର୍କେଙ୍କୁ ସସ୍‌ପେଣ୍ଡ କରିଛି। ଶିନା ଜାତୀୟସ୍ତରରେ ଅନେକ ପଦକ ଜିତିଛନ୍ତି। ଅନ୍ତର୍ଜାତୀୟସ୍ତରରେ ମଧ୍ୟ ସେ ଦେଶ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ୩୨ବର୍ଷୀୟା ଆଥ୍‌ଲେଟ ୨୦୨୩ ହାଙ୍ଗଝୋ ଏସିଆନ ଗେମ୍ସରେ ମଧ୍ୟ ଭାଗ ନେଇଛନ୍ତି। କେରଳର ଭାର୍କେ ଚଳିତବର୍ଷ ଉତ୍ତରାଖଣ୍ଡ ନ୍ୟାଶନାଲ ଗେମ୍ସରେ ଏକ ରୌପ୍ୟ ପଦକ ଏବଂ ଏହାପରେ ଫେଡେରେଶନ କପ୍‌ରେ ଏକ ବ୍ରୋଞ୍ଜ ପଦକ ପାଇଥିଲେ। ୨୦୧୮ରେ ସେ ଏସିଆନ ଇନ୍‌ଡୋର ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ଜିତିଥିଲେ। ଏଥିରୁ ସୂଚିତ ହେଉଛି ଯେ, ଆଥଲେଟିକ୍ସରେ ଡୋପିଙ୍ଗ ବ୍ୟାଧିକୁ ନିୟନ୍ତ୍ରଣ କରାଯାଇପାରି ନାହିଁ। ଅଗଷ୍ଟ ୧୧ରେ ବିଭିନ୍ନ କ୍ରୀଡ଼ାର କେତେଜଣ ଆଥ୍‌ଲେଟଙ୍କୁ ନାଡା ୩ବର୍ଷ ଲେଖାଏଁ ବାସନ୍ଦ ଦଣ୍ଡରେ ଦଣ୍ଡିତ କରିଛି। ସେମାନଙ୍କ ମଧ୍ୟରେ ଜାତୀୟ କ୍ରୀଡ଼ା ଡିସ୍‌କସ୍ ଥ୍ରୋୟର ଗଗନଦୀପ ସିଂ ଅନ୍ୟତମ ଥିଲେ। ଏମାନେ ସମସ୍ତେ ସେମାନଙ୍କ ବିରୋଧରେ ଆଗତ ଅଭିଯୋଗକୁ ୨୦ଦିନ ମଧ୍ୟରେ ମାନି ନେଇଥିଲେ। ସର୍ଭିସେସ୍‌ରୁ ପ୍ରତିନିଧିତ୍ୱ କରିଥିବା ଗଗନଦୀପ ଫେବ୍ରୁଆରୀ ୧୨ରେ ଉତ୍ତରାଖଣ୍ଡ ନ୍ୟାଶନାଲ ଗେମ୍ସରେ ଏକ ଶ୍ରେଷ୍ଠ ଥ୍ରୋ ୫୫.୦୧ ମିଟର ସହ ପୁରୁଷ ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ପରେ ଅନୁଷ୍ଠିତ ଡୋପ୍ ଟେଷ୍ଟରେ ଟେଷ୍ଟୋଷ୍ଟେରନ ମେଟାବଲିଟିଜ ପାଇଁ ତାଙ୍କର ପଜିଟିଭ ଆସିବାରୁ ତାଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୱାଡା) ଦ୍ୱାରା ପ୍ରକାଶିତ ୨୦୨୩ ବର୍ଷର ଟେଷ୍ଟିଂ ଫିଗର ଅନୁସାରେ ନିଷିଦ୍ଧ ପଦାର୍ଥ ପାଇଁ ୫୬୦୬ ସାମ୍ପଲରୁ ପ୍ରତିକୂଳ ବିଶ୍ଳେଷଣାତ୍ମକ ଫଳାଫଳ ସଂଖ୍ୟା ହେଉଛି ୨୧୪। ତନ୍ମଧ୍ୟରେ ଭାରତର ପଜିଟିଭ ହାର ହେଉଛି ୩.୮ ପ୍ରତିଶତ। ଭାରତର ପଜିଟିଭ ହାର ଚାଇନା, ୟୁଏସ୍ଏ, ଫ୍ରାନ୍ସ, ଜର୍ମାନୀ ଓ ରୁଷିଆଠାରୁ ଯଥେଷ୍ଟ ଅଧିକ। ଏହି ସବୁ ଦେଶଗୁଡ଼ିକରେ ପଜିଟିଭ ହାର ଏକ ପ୍ରତିଶତ କିମ୍ବା ତା'ଠାରୁ କମ୍। ୱାଡା ପାଖରେ ରହିଥିବା ତଥ୍ୟ ଅନୁସାରେ ଭାରତରେ ୧୨୨୩ ସାମ୍ପଲ ମଧ୍ୟରେ ପଜିଟିଭଙ୍କ ସଂଖ୍ୟା ୬୧ ରହିଛି।


ଶିନା ଭାର୍କେ

# ଅଶୋକ ପଟ୍ଟନାୟକ ସ୍ମାରକୀ ବନ୍ଧୁକଚାଳନା, ବାହୁକୁସ୍ତି

ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟସ ଆସୋସିଏଶନ (ଓସ୍‌ଜା) ଓ ଉତ୍କଳ କରାଟେ ସ୍କୁଲ୍ ମିଳିତ ଆନୁକୂଲ୍ୟରେ ସୋମବାର ଅଶୋକ ପଟ୍ଟନାୟକ ସ୍ମାରକୀ ବନ୍ଧୁକଚାଳନା ଓ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓସ୍‌ଜା ପକ୍ଷରୁ ପ୍ରତିବର୍ଷ ପାଳନ କରାଯାଇ ଆସୁଥିବା କ୍ରୀଡ଼ା ଖବରଦାତା ଅଶୋକ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀରେ ସଦସ୍ୟମାନେ ଶ୍ରଦ୍ଧାସୁମନ ଜଣାଇବା ସହ ସ୍ମୃତି ଚାରଣ କରିଥିଲେ। ଏହାପରେ କ୍ରୀଡ଼ା ଖବରଦାତାଙ୍କ ମଧ୍ୟରେ ସୌଖୀନ ବନ୍ଧୁକଚାଳନା ଓ ବାହୁକୁସ୍ତି ପ୍ରତିଯୋଗିତା ହୋଇଥିଲା। ବନ୍ଧୁକଚାଳନାର ୪୫ ବର୍ଷରୁ କମ୍ ବର୍ଗରେ ଦେବୀ ପାଣିଗ୍ରାହୀ, ଚକ୍ରଧର ମାଝୀ, ତୁଷାର ସେନାପତି, ୪୫ରୁ ୫୫ ବର୍ଷ ବର୍ଗରେ ସର୍ବେଶ୍ୱର ମହାନ୍ତି, ତପନ ସ୍ୱାଇଁ, ରଞ୍ଜନ ରାୟ ଏବଂ ୫୫ ବର୍ଷରୁ ଉର୍ଦ୍ଧ୍ୱ ବୟସ ବର୍ଗରେ ସୁଜିତ ଦାସ, ସୁରେଶ ସ୍ୱାଇଁ, ରଜନୀକାନ୍ତ ଶତ୍ରୁସଲ୍ୟ କ୍ରମାନ୍ୱୟରେ ସ୍ୱର୍ଣ୍ଣ, ରୌପ୍ୟ, ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି ବାହୁକୁସ୍ତିର ୭୫ କେଜିରୁ କମ୍ ଓଜନ ବର୍ଗରେ ତୁଷାର ସେନାପତି, ଶକ୍ତି ପ୍ରସାଦ ନନ୍ଦ, ରଞ୍ଜନ ରାୟ ଏବଂ ୭୫ କେଜିରୁ ଉର୍ଦ୍ଧ୍ୱ ଓଜନ ବର୍ଗରେ ସନ୍ଦୀପ ମିଶ୍ର, ଅନାଦି କର, ସଞ୍ଜୀବ ବିଶ୍ୱାଳ ପ୍ରଥମରୁ ତୃତୀୟ ସ୍ଥାନରେ ରହି ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ଉଭୟ ପ୍ରତିଯୋଗିତାର ମହିଳା ବର୍ଗରେ ମନ୍ଦାକିନୀ ମିଶ୍ରଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯାଇଥିଲା। ପଦକ ବିଜେତାଙ୍କ ବ୍ୟତୀତ ଓସ୍‌ଜା ପକ୍ଷରୁ ସମୀକ୍ଷା ପଟ୍ଟନାୟକ, ବେଣୁଧର ଦାସ, ବିମଳ ରାଉଳ, ମନୋରଞ୍ଜନ ଦାସ, ଅନିରୁଦ୍ଧ ମିଶ୍ର, ପ୍ରଫୁଲ୍ଲ କିଶୋର ସାହୁ, ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ କରାଟେ ସ୍କୁଲର ମୁଖ୍ୟ ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୀୟୂଷ ମହାନ୍ତି, ବଳଭଦ୍ର ଦାସ, ସାଗର ନାୟକ, କୁନୁ ମୁଖୀ, ହିମାଂଶୁ ଶେଖର ଦାସ, ସତ୍ୟଜିତ ପ୍ରଧାନ, ରାକେଶ ମହାନ୍ତି, ଶ୍ରୀଜିତା ବରାଳ, ଭବିଷ୍ୟା ପତି, ଅନୁପମା ସ୍ୱାଇଁ, ସନ୍ଦୀପ ଦାସ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଓସ୍‌ଜାର ସଦସ୍ୟବୃନ୍ଦ।

## ଏଆଇଏଫ୍ଏଫ୍-ଏଫ୍ଏସ୍‌ଡିଏଲ୍ ବିବାଦର ଶୁଣାଣି ହେବ

**ନୂଆଦିଲ୍ଲୀ,୧୮।୮(ପି.ଟି.):** ଆସନ୍ତା ୨୨ ତାରିଖରେ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ଓ ଏଫ୍ଏସ୍‌ଡିଏଲ୍ ମଧ୍ୟରେ ଚାଲିଥିବା ବିବାଦର ସମ୍ପର୍କୀତ ମାମଲାର ଶୁଣାଣି କରିବା ପାଇଁ ସୁପ୍ରିମକୋର୍ଟ ସୋମବାର ରାଜି ହୋଇଛନ୍ତି। ମାଷ୍ଟର ରାଇଟ୍ସ ଏଗ୍ରିମେଣ୍ଟ (ଏମ୍ଆର୍ଏ)କୁ ନେଇ ଲାଗି ରହିଥିବା ବିବାଦ କାରଣରୁ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ୧୧ କ୍ଲବର ଚୁକ୍ତିର ରିନେୱାଲ କରାଯାଇ ନାହିଁ। ପୂର୍ବରୁ ଉକ୍ତ ୧୧ ଆଇଏସ୍ଏଲ୍ କ୍ଲବଗୁଡ଼ିକ ଏଆଇଏଫ୍ଏଫ୍‌କୁ ଚେତାବନୀ ଦେଇଥିଲେ ଯେ, ଯଦି ଶୀର୍ଷ ସ୍ତରୀୟ ଘରୋଇ ପ୍ରତିଯୋଗିତାକୁ ନେଇ ଲାଗି ରହିଥିବା ବିବାଦର ଶୀଘ୍ର ସମାଧାନ କରା ନ ଯାଏ, ତେବେ ସେମାନେ ସମ୍ପୂର୍ଣ୍ଣ ଅଚଳ ହୋଇପାରନ୍ତି।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ